# ପ୍ରସ୍ତାବନା

ପ୍ରାଚୀନ ଭାରତ ବର୍ଷର ରାଜନୈତିକ ଏବଂ ସାଂସ୍କୃତିକ ଇତିହାସରେ କଳିଙ୍ଗର ସ୍ଥାନ ଅତୀବ ମହତ୍ୱପୂର୍ଣ୍ଣ । ଧର୍ମ, ଦର୍ଶନ, କଳା, ସ୍ଥାପତ୍ୟ, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଏହାର ଉଲ୍ଲେଖନୀୟ ଭୂମିକାକୁ କୌଣସିମତେ ଅସ୍ୱୀକାର କରାଯାଇ ନପାରେ । ପ୍ରାଚୀନ କଳିଙ୍ଗର ଇତିହାସରେ ଜୈନଧର୍ମୀ ମହାରାଜା ଖାରବେଳଙ୍କ ରାଜତ୍ୱ କାଳ (ଖ୍ରୀ.ପୂ ପ୍ରଥମ ଶତାବ୍ଦୀ) ଏକ ସ୍ୱର୍ଣ୍ଣିମ ଅଧ୍ୟାୟ । ଆଧୁନିକ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ନିକଟସ୍ଥ ଉଦୟଗିରି - ଖଣ୍ଡଗିରିଠାରେ ଉତ୍କୀର୍ଣ୍ଣ ଖାରବେଳକାଳୀନ ଶିଳାଲେଖ ଏବଂ ଶିଳାଙ୍କନ ଐତିହାସିକ, ସାଂସ୍କୃତିକ ତଥା ଧର୍ମୀୟ ଦୃଷ୍ଟିକୋଣରୁ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ।

ଏଠାରେ ଥିବା ଅଭିଲେଖ ଗୁଡ଼ିକ ମଧ୍ୟରେ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖ ସର୍ବବୃହତ୍ ଏବଂ ଲିପି, ଭାଷା ତଥା ଐତିହାସିକ ଦୃଷ୍ଟିକୋଣରୁ ଅତୀବ ଗୁରୁତ୍ୱପୂର୍ଣ୍ଣ । ତେବେ, ଇଂରେଜମାନଙ୍କ ଆଗମନ ପୂର୍ବରୁ ଏହା ଅଜ୍ଞାତ, ଅଗୋଚର ହୋଇ ରହିଥିଲା । ସର୍ବପ୍ରଥମେ ଜେମ୍‌ସ୍ ପ୍ରିନ୍‌ସେପ୍ ଖ୍ରୀ. ୧୮୩୭ ରେ ଏହାର ପାଠୋଧାର କରିବାରୁ କଳିଙ୍ଗର ପ୍ରାଚୀନ ଇତିହାସରେ ଏକ ନୂତନ ଗୌରବମୟ ଅଧ୍ୟାୟ ସୃଷ୍ଟିହେଲା । ଏହାପରେ ବହୁ ବିଦ୍ୱାନ ବହୁଶ୍ରମ ସ୍ୱୀକାର କରି ବିଭିନ୍ନ ଐତିହାସିକ ଗବେଷଣାତ୍ମକ ପତ୍ର-ପତ୍ରିକା ଏବଂ ପୁସ୍ତକ ମାଧ୍ୟମରେ ମୂଲ୍ୟବାନ ତଥ୍ୟମାନ ପରବେଷଣ କରିଛନ୍ତି । ଖ୍ୟାତାନାମା ଐତିହାସିକ ଡ଼. ନବୀନ କୁମାର ସାହୁଙ୍କ ଦ୍ୱାରା ରଚିତ ଏବଂ ରାଜ୍ୟ ସଂଗ୍ରହାଳୟ ଦ୍ୱାରା ପ୍ରକାଶିତ ଇଂରାଜୀ ପୁସ୍ତକ 'ଖାରବେଳ' (ଖ୍ରୀ. ୧୯୮୪) ଆମେ ଜାଣିବାରେ ଏଦିଗରେ ସର୍ବଶେଷ ଉଦ୍ୟମ । ଏହିସବୁ ପତ୍ର-ପତ୍ରିକା ତଥା ପୁସ୍ତକାଦି ସାଧାରଣ ପାଠକ ପକ୍ଷରେ ଦୁର୍ଲଭ ଏବଂ ବହୁ କ୍ଷେତ୍ରରେ ବୋଧଗମ୍ୟ ନୁହେଁ । ଏଣୁ ଆତ୍ମପ୍ରକାଶନୀର ସଭାପତି ତଥା ପ୍ରଖ୍ୟାତ କବି ଶ୍ରୀନିବାସ ଉଦ୍‌ଗାତା ମୋତେ ଖାରବେଳଙ୍କ ସମ୍ବନ୍ଧରେ ଏକ ସରଳ ତଥା ସଂକ୍ଷିପ୍ତ ପୁସ୍ତକ ରଚନା କରିବାକୁ ପରାମର୍ଶ ଦେଇଥିଲେ । ମୁଁ ମୋର ଇଂରାଜୀ ପୁସ୍ତ "Orissa Palaeography" ପାଇଁ ଅନେକ ଦିନରୁ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେକର ଅଧ୍ୟୟନ କରୁଥିବା ସେ ଜାଣିଥିଲେ । ମୋର ସମସ୍ତ କୃତିରେ ସେ ହେଉଛନ୍ତି ପ୍ରେରଣାଦାତା ଏବଂ ଦିଗ୍‌ଦର୍ଶକ । ମୋର ଶକ୍ତିମତେ ଏ କାମରେ ହାତ ଦେଲି ।

କଟକର ପ୍ରଫେସର ଜଗଦୀଶ ପ୍ରସାଦ ଏବଂ ଶ୍ରୀ ବିନୋଦକୁମାର ଟିବେର୍‌ୱାଲ ଏହିକଥା ଜାଣି ଅତିଶୟ ଆନନ୍ଦିତ ହେଲେ ଏବଂ କଟକ ଦିଗମ୍ବର ଜୈନ କମିଟିର କର୍ମକର୍ତ୍ତା ଶ୍ରୀ ଶାନ୍ତି କୁମାରଜୀଙ୍କୁ ଏହାର ପ୍ରକାଶନ ପାଇଁ ଅନୁରୋଧ କଲେ । ଏମାନେ ମୋର ପରମହିତକାଂକ୍ଷୀ ଏବଂ ଏମାନଙ୍କ ଆଶାତୀତ ପରିଶ୍ରମ ଏବଂ ଆତ୍ମୀୟ ଅନୁରାଗ ଦ୍ୱାରା 'ଖାରବେଳ'ର ହିନ୍ଦୀ

ଏବଂ ଓଡ଼ିଆ ସଂସ୍କରଣ ପ୍ରକାଶିତ ହେଉଛି । ଏଥିପାଇଁ ତାଙ୍କ ନିକଟରେ କୃତଜ୍ଞତା ଜଣାଇବା ପାଇଁ ମୁଁ ଭାଷା ମଧ ପାଉନି । ସେଇମାନଙ୍କର ଶ୍ରଧା ତଥା ଆଶୀର୍ବାଦ ଅତୁଟ ରହୁ ଏହାହିଁ ଈଶ୍ୱରଙ୍କ ଠାରେ ପ୍ରାର୍ଥନା । ଭୈୟା ରାଜେନ୍ଦ୍ର ପ୍ରସାଦ ଅଗ୍ରୱାଲା ପୁସ୍ତକର ପ୍ରକାଶନ ନିମନ୍ତେ ଅକ୍ଲାନ୍ତ ପରିଶ୍ରମ କରିଛନ୍ତି ।

ପଣ୍ଡିତ ଶ୍ରୀ ଅର୍ଜୁନହୋତାଙ୍କ ଆଶୀର୍ବାଦ ମୋତେ ସର୍ବଦା ଆତ୍ମବଳ ପ୍ରଦାନ କରି ଆସୁଛି । ଏହି ଗ୍ରନ୍ଥ ପାଇଁ ଡ଼ା. ଶ୍ରୀମତୀ ଜ୍ୟୋସ୍ନାମୟୀ ମହାପାତ୍ର, ମର୍ମଜ୍ଞ ବିଦ୍ୱାନ ଶ୍ରୀ ବିଘ୍ନରାଜ ପଟେଲ ତଥା ଶ୍ରୀ ଅଇଁଠୁ ସାହୁ, ଐତିହାସିକ ପ୍ରଫେସର କରୁଣାସାଗର ବେହେରା, ଡ଼. ଯଜ୍ଞକୁମାର ସାହୁ, ପ୍ରଫେସର ରାଜକିଶୋର ମିଶ୍ର, ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ, ଡ଼, ହରିଶ୍ଚନ୍ଦ୍ର ଦାସ୍, ପ୍ରଫେସର ନାରାୟଣ ପୃଷ୍ଟେଠ୍, ପ୍ରଫେସର ଯୁଗୋଳ କିଶୋର ବହିଦାର୍, ପଣ୍ଡିତ ଶ୍ରୀ ଗୌରୀ ଶଙ୍କର ପାଣିଗ୍ରାହୀ, ଭେଷଜ ବିଶେଷଜ୍ଞ ଡ଼. ରାମନାରାୟଣ ନନ୍ଦ, ଅଗ୍ରଜ ଜଗଦାନନ୍ଦ ଛୁରିଆ, ମୋର ଭୈୟା ଶ୍ରୀ ଶଙ୍କର ପ୍ରସାଦ ଝାଂଝରିଆ ଏବଂ ଭାଭୀଜୀ ଶ୍ରୀମତୀ ସୁମିତ୍ରା ଦେବୀ ଆଦି ବିଦ୍ୱାନ୍‌ମାନଙ୍କର ଅକୁଣ୍ଠ ସହଯୋଗ ଓ ପ୍ରେରଣା ଲାଭକରି ମୁଁ ନିଜକୁ ଧନ୍ୟ ମନେ କରୁଛି ।

ପ୍ରଖ୍ୟାତ ଚିତ୍ରଶିଳ୍ପୀ ଏବଂ ପରମ ସୁହୃଦ ଶ୍ରୀ ଅସିତ ମୁଖର୍ଜୀ ଏହାର ପ୍ରଚ୍ଛଦ ପ୍ରସ୍ତୁତି ଏବଂ ପ୍ରଫେସର ରାଜକିଶୋର ମିଶ୍ର (ସଂପାଦକ ଓରିଶା ରିଭ୍ୟୁ) ମୁଦ୍ରଣ କାର୍ଯ୍ୟ ପରିଚାଳନା ଦିଗରେ ଆଶାତୀତ ସାହାଯ୍ୟ କରିଛନ୍ତି । ଏମାନେ କାହିଁକି ଯେ ମୋର ସମସ୍ତ ପ୍ରକାଶନକୁ ଆପଣାାର ଭାବିଥାନ୍ତି । ଏମାନଙ୍କର ସ୍ନେହ ତଥା ସହଯୋଗକୁ କଳନା କରିବାର ସାମର୍ଥ୍ୟ ମଧ ମୋର ନାହିଁ ।

ଏହି ଗ୍ରନ୍ଥରେ ସନ୍ନିବେଶିତ ସମସ୍ତ ଲିପି-ପତ୍ର ମୋ ଦ୍ୱାରା ପ୍ରସ୍ତୁତ । ଆଜି ପର୍ଯ୍ୟନ୍ତ କୌଣସି ସ୍ଥାନରେ ମଧ ଏ ସବୁର ସ୍ୱଚ୍ଛ ପ୍ରତିଛବି ପ୍ରକାଶିତ ହୋଇଥିବାର ମୁଁ ଜାଣି ନାହିଁ । ଏଣୁ ପାଠକ ମାନଙ୍କ ଅବଗତି ନିମନ୍ତେ ସ୍ୱ ହସ୍ତରେ ପ୍ରସ୍ତୁତ ଲିପିପତ୍ର ମାନ ପ୍ରଦାନ କରିଛି, ଏହାଦ୍ୱାରା ସେମାନେ ତତ୍କାଳୀନ ଲିପି ସମ୍ବନ୍ଧରେ ଏକ ଧାରଣା ପାଇ ପାରିବେ । ଅଗ୍ରଜ ଡ଼. ଗିରୀଶଚନ୍ଦ୍ର ମିଶ୍ର ଏବଂ ଭାଉଜ ଶ୍ରୀମତୀ ଦୀପ୍ତିପ୍ରଭା ମିଶ୍ରଙ୍କ ଆତ୍ମୀୟ ଅନୁରାଗ ଦ୍ୱାରା ହିଁ ପୁସ୍ତକଟି ଖୁବ୍ କମ୍ ସମୟ ମଧରେ ସୁଦୃଶ୍ୟଭାବେ ପ୍ରକାଶିତ ହୋଇ ପାରିଲା ।

ପାଣ୍ଡୁଲିପି ପ୍ରସ୍ତୁତି ଦିଗରେ ମୋର ଭଣଜା ଶ୍ରୀସୁନିଲ୍ କେଡ଼ିଆ ଏବଂ ଆଦରଣୀୟ ସୌରୀନ୍ଦ୍ର ଉଦ୍‌ଗୀତା ଏ ଗ୍ରନ୍ଥର ଅଳଂକରଣ ଦିଗରେ ସହଯୋଗ କରିଥିବାରୁ ତାଙ୍କର ଉତରୋତର ଉନ୍ନତିପାଇଁ ଭଗବାନ୍‌ଙ୍କଠାରେ ପ୍ରାର୍ଥନା କରୁଛି ।

ଭଗବାନ୍ ମହାବୀରଙ୍କ ଅନନ୍ତ କୃପାରୁ ପୁସ୍ତକଟି ପ୍ରକାଶିତ ହେଉଛି । ମୋର ଶିକ୍ଷା ତଥା ଗବେଷଣାର ପରିସର ଅତୀବ ସୀମିତ । ପାଠକମାନଙ୍କ ଦ୍ୱାରା କିଛି ପରିମାଣରେ ମନଘେନା ହେଲେ ଶ୍ରମ ସାର୍ଥକ ହେଲା ବୋଲି ଭାବିବି ।

କାର୍ତ୍ତିକ ପୂର୍ଣ୍ଣିମା — ବିନୀତ

ମେଣ୍ଡା-ଜି-ବଲାଙ୍ଗୀର — ସଦାନନ୍ଦ ଅଗ୍ରୱାଲା

# ଆତ୍ମକଥନ

ସ୍ୱପ୍ନ ସାକାର ହୋଇଛି, ଏହି ଅନୁଭବ ଜାଗରିତ ହେବା ମାତ୍ରକେ ଯେଉଁ ଅପୂର୍ବ ଆନନ୍ଦ ମିଳେ ତାହା ଅନିର୍ବଚନୀୟ । 'ଖାରବେଳ' ଗ୍ରନ୍ଥର ପ୍ରକାଶନ ଅବସରରେ ସେହିଭଳି ଏକ ହର୍ଷାନୁଭୂତିର ଦିବ୍ୟତା ଅନୁଭୂତ ହେଉଛି ।

ସ୍ୱ.ପୂଜନୀୟ ପିତୃଦେବ ଶ୍ରୀ ନିହାଲ ଚନ୍ଦଜୀ ଅଗ୍ରୱାଲ ଜୈନ ଥିଲେ । ସେ ଶ୍ରୀ ଖଣ୍ଡଗିରୀ-ଶ୍ରୀ ଉଦୟଗିରି ସିଧ କ୍ଷେତ୍ର ତଥା ଶ୍ରୀ କଟକ ଦିଗମ୍ବର ଜୈନ ମନ୍ଦିରର କ୍ଷେତ୍ର-ମନ୍ତ୍ରୀ ଥିଲେ । ଦୀର୍ଘକାଳ ପର୍ଯ୍ୟନ୍ତ ସେ କ୍ଷେତ୍ରରେ ସେବା କରିଛନ୍ତି । ଆପଣାର ଶାରରୀକ ଅସମର୍ଥତା ହେତୁ ପ୍ରତ୍ୟକ୍ଷ ଦାୟିତ୍ୱରୁ ମୁକ୍ତ ହେବାପାଇଁ ଶ୍ରୀ ବଙ୍ଗାଲ, ବିହାର, ଓଡ଼ିଶା ଦିଗମ୍ବର ଜୈନ ତୀର୍ଥକ୍ଷେତ୍ର କମିଟୀ ସମକ୍ଷରେ ଇଛା ବ୍ୟକ୍ତ କରିବାରୁ କମିଟୀ ସେହି ଭାର ମୋ ଉପରେ ନ୍ୟସ୍ତ କଲେ । କ୍ଷେତ୍ର ସହି ସଂପର୍କ-ସୂତ୍ର ନିବିଡ଼ ହେଲା, ଜିଜ୍ଞାସା ବଢ଼ିଲା । ସେତେବେଳେ ଚକ୍ରବର୍ତୀ କଳିଙ୍ଗ ସମ୍ରାଟ ଖାରବେଳଙ୍କ ସମ୍ବନ୍ଧରେ ଜାଣିବାର ସୌଭାଗ୍ୟ ମିଳିଲା । ତାଙ୍କର ଶାସନ କାଳରେ କଳିଙ୍ଗ ଜୈନ ଧର୍ମର ଉର୍ବର ଭୂମି ଥିଲା । ସେ ମଗଧ ବିଜୟ କରି ମଗଧରୁ କାଳିଙ୍ଗଜିନ ପ୍ରତିମା ଫେରାଇ ଆଣି କଳିଙ୍ଗରେ ପୁନଃ ପ୍ରତିଷ୍ଠା କରିଥିଲେ । ତାଙ୍କର ଦିଗ୍‌ବିଜୟର ଉଦ୍ଦେଶ୍ୟ ରାଜ୍ୟବିସ୍ତାର ନଥିଲା, ବରଂ ଧାର୍ମିକ ସଂରକ୍ଷଣର ଭାବନାପ୍ରତି ସମର୍ପିତ ଥିଲା । ମହାରାଣୀ ମଧ ସେହି ଭଳି ଥିଲେ । ସାଂସାରିକ ଭୋଗବିଳାସ ବଦଳରେ ଆତ୍ମକଲ୍ୟାଣ ପ୍ରତି ତାଙ୍କର ଅନୁରକ୍ତି ଅଧିକ ଥିଲା । ସମ୍ରାଟ ଓ ସାମ୍ରାଜ୍ଞୀ ଉଭୟେ ଜୈନଧର୍ମ-ଦୀକ୍ଷିତ ହେଲେ । ସାଧୁ ଓ ସାଧ୍ୱୀମାନଙ୍କର ଏକା ସାଙ୍ଗରେ ଜପ ସାଧନାରେ ଅସୁବିଧା ହୃଦଙ୍ଗମ କରି ମୁନିରାଜ ମହାରାଜଙ୍କୁ କହିବା ମାତ୍ରକେ ସେ ରାଣୀଗୁମ୍ଫା ଖନନର ଯୋଜନା କଲେ, ଆଦି ଆଦି ଶୁଣି ବେଶ ଶାନ୍ତି ମିଳିଥିଲା । ଆଉ ସେତେବେଳୁ ଏ ପର୍ଯ୍ୟନ୍ତ ମନ ମଧରେ ଇଛା ଦିନୁଦିନ ବଳବତୀ ହେବାକୁ ଲାଗିଲା । ହୃଦୟରେ ସେଇ ଭାବନା

ଦୃଢ଼ତର ହେଉଥାଏ ଯେ, କେହି ଇତିହାସଜ୍ଞ ମିଳନ୍ତେ ଏବଂ ଜୈନଧର୍ମ ତଥା ଖାରବେଳଙ୍କ ସମ୍ବନ୍ଧରେ ଏକ ଗ୍ରନ୍ଥ ରଚନା କରି ଦିଅନ୍ତେ ଯଦି, ସେ ଶାନ୍ତି ପ୍ରଶାନ୍ତ ହୋଇ ଯାଆନ୍ତା ।

ସେତେବେଳେ ସେଇ ସୁଅବସର ଆସିଲା । ଭାର ଜଗଦୀଶ ପ୍ରସାଦଜୀ ଶ୍ରୀସଦାନନ୍ଦ ଅଗ୍ରୱାଲାଙ୍କ ବିଷୟରେ ଜାଣିବାକୁ ପାଇଲେ । ସେ ପର୍ଯ୍ୟନ୍ତ ଶ୍ରୀ ଅଗ୍ରୱାଲାଙ୍କ "ସୋନପୁର ଇତିହାସ" ଦୁଇ ଭାଗରେ ପ୍ରକାଶିତ ହୋଇ ସାରିଥାଏ ଏବଂ ଉଣା ଅଧିକେ ତାଙ୍କର ବିଦ୍ୱତାର ପରିଚୟ ଆମେ ପାଇ ସାରିଥାଉଁ । ପତ୍ର-ବିନିମୟ ହେଲା । ଆମର ଇଚ୍ଛା ଓ ଯୋଜନା ସମ୍ବନ୍ଧରେ ଜାଣି ଶ୍ରୀ ଅଗ୍ରୱାଲା ଆନନ୍ଦିତ ହେଲେ ଏବଂ ସେ ଭଳି ଏକ ଗ୍ରନ୍ଥ ରଚନାପାଇଁ ସମ୍ମତ ହେଲେ ।

ଏକ ବୃହତର କ୍ଷେତ୍ରରେ ଗ୍ରନ୍ଥଟି ପ୍ରଚାରିତ ପ୍ରସାରିତ ହେବା ସଂଭବ ହେବ ଏବଂ ଅହିମାଦ୍ରୀ-କୁମାରିକା ବିସ୍ତୃତ କ୍ଷେତ୍ରରେ ବିଶାଳ ପାଠକ ବର୍ଗ ଲାଭାନ୍ୱିତ ହେବ ବୋଲି ଆମେ ଗ୍ରନ୍ଥଟିକୁ ହିନ୍ଦୀରେ ପ୍ରକାଶିତ କରିବାର ଇଚ୍ଛା ପ୍ରକାଶ କଲୁଁ । ସେତେବେଳେ ଶ୍ରୀ ଅଗ୍ରୱାଲ ବିନୟ ସହକାରେ ତାଙ୍କ ଦ୍ୱାରା ହିନ୍ଦୀରେ ଗ୍ରନ୍ଥ ରଚନା ସଂଭବ ହେବ ନାହିଁ ବୋଲି ସ୍ୱୀକାର କରିବା ସହିତ ଓଡ଼ିଆ ଭାଷାର ଲବ୍ଧ ପ୍ରତିଷ୍ଠିତ କବି - କଥାକାର, ଭାବାତ୍ମକ ଏକାତ୍ମତାର ପ୍ରତିଷ୍ଠା ଉଦ୍ଦେଶ୍ୟରେ ସମଗ୍ର ଭାରତୀୟ ବାଙ୍ଗ୍‌ମୟର ସେତୁ ସଦୃଶ୍ୟ ରଚନାଶୀଳ ସାହିତ୍ୟିକ ତଥା ଗତ ହିନ୍ଦୀ ଦିବସ ଅବସରରେ ଉତର ପ୍ରଦେଶ ହିନ୍ଦୀ ସଂସ୍ଥାନ, ଲକ୍ଷ୍ନୌ ଦ୍ୱାରା ଭାରତ ଭାରତୀ "ସୌହାର୍ଦ ସମ୍ମାନ" ରେ ଅଳଂକୃତ ଶ୍ରୀ ଶ୍ରୀନିବାସ ଉଦ୍‌ଗାତାଙ୍କୁ ଅନୁରୋଧ କରିବେ ବୋଲି ଆଶ୍ୱାସନା ଦେଇଗଲେ ।

ସୁଖଦ ଆଶ୍ଚର୍ଯ୍ୟର କଥା ଯେ ଉଭୟେ କାର୍ଯ୍ୟାରମ୍ଭ କରି ଦେଲେ । ଅନ୍ୟାନ୍ୟ ସବୁକାର୍ଯ୍ୟ ପକେଇ ଦେଇ ଏହି କାର୍ଯ୍ୟଟିକୁ ପ୍ରାଥମିକତା ଦେଇ ଯଥା ସମୟରେ ଅକଥନୀୟ ପରିଶ୍ରମର ଫଳସ୍ୱରୂପ କାର୍ଯ୍ୟଟି ପୂରା

କରିନେଲେ । ପୂର୍ବରୁ କହି ରଖିଥିବଲେ ଯେ ଏ କାର୍ଯ୍ୟର ବିନିମୟରେ ସେହି ବିଦ୍ୱାନ୍‌ଦ୍ୱୟ ପାରିଶ୍ରମିକ ଗ୍ରହଣ କରିବେ ନାହିଁ । ଏହା ସେମାନଙ୍କର ମହତର ଉଦାରତାର ପରିଚୟ ଦେଉଛି ଏବଂ ତାହା ସେମାନଙ୍କର ବିଶାଳ ହୃଦୟକୁ ଆପଣାଛାଏଁ ଅଧିକ ଆଭାସିତ କରୁଛି । ହିନ୍ଦୀରେ 'ଖାରବେଳ'ର ମୁଦ୍ରଣ ବ୍ୟବସ୍ଥା ହେବାବେଳେ ଏହା ଓଡ଼ିଶାରେ ବି ପ୍ରକାଶିତ ହେଉବୋଲି ମନସ୍ଥ କରାଗଲା ଏବଂ ପରିଶେଷରେ 'ଖାରବେଳ' ଉଭୟ ଓଡ଼ିଆ ଓ ହିନ୍ଦୀରେ ପ୍ରକାଶିତ ହେଲା । କେବଳ ସେତିକି ନୁହେଁ ଗ୍ରନ୍ଥମାନଙ୍କର ସୁପ୍ରକାଶନ ନିମନ୍ତେ ମୁଦ୍ରଣ ବ୍ୟବସ୍ଥା, ପ୍ରଚ୍ଛଦ ଛବି ଏବଂ ଅଳଂକରଣ ବ୍ୟବସ୍ଥା, ପ୍ରୁଫ୍ ଆଦି ସଂଶୋଧନ, ଏ ସବୁ କାର୍ଯ୍ୟ ଉଭୟେ କଟକରେ ରହି ସଂପାଦିତ କରିବାକୁ କୁଣ୍ଠିତ ହେଲେ ନାହିଁ । ସେମାନଙ୍କର ଏ ସହଯୋଗ ବିନା ଆମ ପକ୍ଷରେ ଏକାର୍ଯ୍ୟ କରିବା ଆଦୌ ସଂଭବ ହୋଇ ନଥାନ୍ତା । ସେମାନେ ଆମର ଅତିଥି ହୋଇ ରହିଥିଲେ ଏବଂ ଭାଇ ରାଜେନ୍ଦ୍ରପ୍ରସାଦ ସେମାନଙ୍କର ସମସ୍ତ ତତ୍ୱବଧାନ ନେବାକୁ ନିରନ୍ତର ଲାଗି ରହିଥିଲେ । ମୁଁ ତାଙ୍କର ଶୁଭକାମନା କରୁଛି ।

ସ୍ୱର୍ଗୀୟ ପିତୃଦେବ ବାଣିଜ୍ୟ କ୍ଷେତ୍ରରେ ଜଣେ ସମ୍ମାନିତ ବ୍ୟକ୍ତି ଥିଲେ । ସ୍ୱ. ପୂଜ୍ୟ ଦ୍ୱାରକା ପ୍ରସାଦଜୀ କ୍ୟାଲଙ୍କ ସହିତ ତାଙ୍କର ଭାବ-ନିବିଡ଼ତା ରହିଥିଲା । ସେ ବରାବର ପିତ୍ୟଦେବଙ୍କୁ ଏକ ଧର୍ମଶାଳା ନିର୍ମାଣ କରିଦେବାକୁ ଅନୁରୋଧ କରୁଥିଲେ । ସେ କଥା ସ୍ୱର୍ଗୀୟ ପିତୃଦେବଙ୍କୁ ମଧ ପ୍ରେରିତ କଲା । ଶ୍ରୀ ଦିଗମ୍ବର ଜୈନ ମନ୍ଦିରକୁ ଲାଗି ମନ୍ଦିରର ଜାଗା ଥିଲା, କଟକରେ । ସେହିଠାରେ ଶ୍ରୀ ଦିଗମ୍ବର ଜୈନ ଭବନର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଗଲା । ତଳ ସାହାଲା ତିଆରି ହୋଇଗଲା ମାତ୍ର ପୂଜ୍ୟ ପିତୃଦେବ ସନ୍ତୁଷ୍ଟ ହେଲେ ନାହିଁ । ସେ ମନ୍ଦିରର ଆଉ ଏକ ମହଲା ତିଆରି ହୋଇ ଯାଉ ବୋଲି ଇଚ୍ଛା କରୁଥିଲେ । ସେତବେଳେ ବୟସ ହେତୁ ତାଙ୍କର ସ୍ୱାସ୍ଥ୍ୟରେ ଅବନତି ଦେଖାଗଲା । ତାଙ୍କୁ ପଚରାଗଲା ସେ ସେଇ ଗୋଟିଏ ମାତ୍ର ଇଚ୍ଛା

ପ୍ରକାଶ କରୁଥିଲେ । କହୁଥିଲେ ଭବନର ଆଉ ଏକ ମହଲା ତିଆରି ହୋଇଯାଉ । ସେତେବେଳେ ସ୍ୱର୍ଗୀୟ ପୂଜ୍ୟ ପୁସରାଜଜୀ, ସ୍ୱର୍ଗୀୟ ପୂଜ୍ୟ ଫତେଚନ୍ଦଜୀ ଓ ସ୍ୱର୍ଗୀୟ ପୂଜ୍ୟ ସାଗର ମଲଜୀ ଥିଲେ । ପୂଜ୍ୟ ପିତୃଦେବଙ୍କର ଇଚ୍ଛା ଥିଲା ଏବଂ ନିର୍ମାଣ ପାଇଁ ଏହି ମହାନୁଭବଙ୍କର ସମ୍ମତି ରହିଥିଲା । ସ୍ୱର୍ଗୀୟ ପୂଜ୍ୟନୀୟା ମାତା ଶ୍ରୀମତୀ ଲକ୍ଷ୍ମୀ ଦେବୀଙ୍କର ମଧ ପତି-ଅନୁଗାମିନୀ ଇଚ୍ଛା ଥିଲା । ସେ ମଧ ଚାହୁଁଥିଲେ ଯେ ଭବନର ଉପର ମହଲା ତିଆରି ହୋଇଯାଉ । କହୁଥିବଲେ ତାଙ୍କର ଇଚ୍ଛାଠାରୁ ମୋର ଇଚ୍ଛା କେବେ ହେଲେ ଭିନ୍ନ ହୋଇ ପାରିବନି ।

ପୂଜନୀୟ ପିତୃଦେବ ଦି. ୧୪ ଜୁଲାଇ ୧୯୭୦ରେ ସ୍ୱର୍ଗାରୋହଣ କଲେ ଏବଂ ତାର ଠିକ୍ ଅଢ଼େଇ ମାସ ପରେ ଦି. ୨ ଅକ୍ଟୋବର ୧୯୭୦ ଦିନ ପୂଜନୀୟା ମାତା ମଧ ଇହଲୀଳା ସଂବରଣକଲେ । ସେମାନଙ୍କର ଶୁଭାଶୀର୍ବାଦ ଆମପ୍ରତି ନିରନ୍ତର ରହିଛି । ଆମର ଏକାର୍ଯ୍ୟ ପାଇଁ ସେମାନେ ଅବଶ୍ୟ ସନ୍ତୋଷ ଲାଭ କରିବେ । ତେବେ ସେମାନଙ୍କର ଉପସ୍ଥିତିରେ ଏକାର୍ଯ୍ୟ ହୋଇଥିଲେ ଆମକୁ ଅଧିକ ଆନନ୍ଦ ମିଳିଥାନ୍ତା ।

ଶ୍ରୀଦିଗମ୍ବର ଜୈନ ସମାଜର ଯେତେଜଣ ଭ୍ରାତା-ଭଗିନୀ ସମାରୋହରେ ଉପସ୍ଥିତି ଥିଲେ ସେମାନେ ଏହି ଖାରବେଳ ଗ୍ରନ୍ଥର ପ୍ରକାଶନ ବିଷୟରେ ଅବଗତ ହୋଇ ସେଦିନ ପୁଲକିତ ହୋଇ ଉଠିଥିଲେ । ସମସ୍ତେ ଇଚ୍ଛା କଲେ ସୁନ୍ଦର ଭାବରେ କାର୍ଯ୍ୟଟି ହୋଇଯାଉ । ଅନେକ ବର୍ଷରୁ ଯେଉଁ ସଦ୍‌ବିଚାର ରହିଥିଲା ତାହା ସାର୍ଥକତା ଲାଭ କରିଛି ଏହି ଗ୍ରନ୍ଥର ପ୍ରକାଶନ ହେତୁ । ଏହି ଗ୍ରନ୍ଥର ପ୍ରକାଶନ ଶ୍ରୀ ଦିଗମ୍ବର ଜୈନ ସମାଜ କଟକଙ୍କ ଅନୁକୂଲ୍ୟରେ ହୋଇଛି । ଏଥିନିମନ୍ତେ ଆମକୁ ସବୁ ଦିଗରୁ ସହଯୋଗ ମିଳିଛି ।

ପରିଶେଷରେ ଆମେ ଶ୍ରୀ ଉଦ୍‌ଗାତାଜୀ, ସଦାନନ୍ଦଜୀ ପ୍ରଖ୍ୟାତ ଚିତ୍ରଶିଳ୍ପୀ ଶ୍ରୀ ଅସିତ ମୁଖାର୍ଜୀ, ଶ୍ରୀ ଗିରୀଶଚନ୍ଦ୍ର ମିଶ୍ର ତଥା ତାଙ୍କର ଧର୍ମପତ୍ନୀ ଶ୍ରୀମତୀ

ଦୀପ୍ତିପ୍ରଭା ମିଶ୍ରଙ୍କ ପ୍ରତି ମଧ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛୁଁ । ଏମାନଙ୍କ ସହଯୋଗ ବିନା ଏ କାର୍ଯ୍ୟଟି ଏତେଶୀଘ୍ର ଆଦୌ ସଂଭବ ହୋଇ ନଥାନ୍ତା ।

ଆମର ବିଶ୍ୱାସ ଏହି ଗ୍ରନ୍ଥର ଅଧ୍ୟୟନ ଫଳରେ ଅନୁରାଗୀ ପ୍ରବୁଧ ପାଠକ ବର୍ଗଙ୍କର ଲାଭ ଅବଶ୍ୟ ହେବ ।

୨୬ ଜାନୁୟାରୀ ୧୯୯୩ — ବିନୀତ

ମହତାବ ରୋଡ୍, କଟକ — ଶାନ୍ତି କୁମାର ଅଗ୍ରୱାଲା ଜୈନ

# ବିଷୟସୂଚୀ


| | | |
|---|---|---|
| ୧ | ଭୂମିକା | ୧ |
| ୨ | ହାତୀଗୁମ୍ଫା ଅଭିଲେଖ | ୭ |
| ୩ | ଖାରବେଳଙ୍କ ବ୍ୟକ୍ତିଗତ ଇତିହାସ | ୧୮ |
| ୪ | କଳିଙ୍ଗର ମହାରାଜା ଖାରବେଳ | ୨୨ |
| | ସାମରିକ କୃତିତ୍ୱ | |
| | ଧର୍ମନୀତି | |
| | ଖାରବେଳଙ୍କ ପରେ ଓଡ଼ିଶାରେ ଜୈନଧର୍ମ | |
| | ଶାସନ ଓ ସମାଜ | |
| | ନାଟ୍ୟକଳାର ପୃଷ୍ଠପୋଷକ ଖାରବେଳ | |
| ୫ | ପରିଶିଷ୍ଟ | ୫୨ |
| | ୧-କ୍ଷୁଦ୍ରାବ୍ରାହ୍ମୀ ଅଭିଲେଖ | |
| | ୨-ଖାରବେଳଙ୍କ ରାଜତ୍ୱକାଳ | |
| | ୩-ଖାରବେଳଙ୍କ ସମୟର ଶିଳ୍ପକଳା | |
| | ୪-ହାତୀଗୁମ୍ଫା ଅଭିଲେଖର ଲିପି ଓ ଭାଷା | |
| ୬ | ସହାୟକ ଗ୍ରନ୍ଥସୂଚୀ | ୯୧ |

## ଚିତ୍ର ସୂଚୀ


୧- ହାତୀଗୁମ୍ଫା ଅଭିଲେଖ
(କ) ପ୍ରଥମ ୫ପଂକ୍ତିର ଆଦ୍ୟାଂଶ
(ଖ) ପ୍ରଥମ ୫ପଂକ୍ତିର ଦ୍ୱିତୀୟାଂଶ
୨- ରାଣୀଗୁମ୍ଫା ଉପର ମହଲାରେ ଖୋଦିତ ଚିତ୍ରାବଳୀ
(କ) ପଦ୍ମପୋଖରୀରେ ହସ୍ତୀସହ ଯୁଧ
(ଖ) ରାଜା ଆହାତ ଏବଂ ରାଜକୁମାରୀ ଅପହୃତ
(ଗ) ବଣରେ ଖାରବେଳକଙ୍କ ପାରିଥି ଏବଂ ରାଜକୁମାରୀଙ୍କ ପ୍ରାର୍ଥନା
(ଘ) ଖାରବେଳ ଏବଂ ଦ୍ୱିତୀୟା ମହିଷୀଙ୍କର ଉତ୍ସବ ଅବଲୋକନ
୩- ମାନଚିତ୍ର (ଖାରବେଳଙ୍କ ଦିଗ୍‌ବିଜୟଙ୍କ ପଥ)
୪- (କ) ପରାଜିତ ବୃହସ୍ପତିଙ୍କ ଆତ୍ମସମର୍ପଣ
(ଖ) କଳିଙ୍ଗ ନଗରୀରେ ଖାରବେଳକୁ ସମ୍ବର୍ଧନା
୫- କାଳିଙ୍ଗଜିନଙ୍କ ପ୍ରତିମା ପ୍ରତିଷ୍ଠା
(ମପୁରୀଗୁମ୍ଫା ତଳମହଲା)
୬- ରାଜକର୍ମଚାରୀ
(କ) ଦଣ୍ଡପାଶିକ (ରାଣୀଗୁମ୍ଫା - ତଳ ମହଲା)
(ଖ) ନିରାପତାରକ୍ଷୀ (ମପୁରୀଗୁମ୍ଫା-ଉପରମହଲା)
(ଗ) ପ୍ରତିହାର (ରାଣୀଗୁମ୍ଫା ଉପର ମହଲା)
(ଘ) ସେନାନାୟକ (ରାଣୀଗୁମ୍ଫା ଉପରମହଲା)
୭- ଦ୍ୱିତଳ ପ୍ରାସାଦର ସାଙ୍କେତିକ ଚିତ୍ର
୮- ଅଳଙ୍କାର
(କ) ହାତ ଏବଂ ବାହୁର
(ଖ) କର୍ଣ୍ଣଭୂଷଣ
(ଗ) ଗଳାହାର
(ଘ) କଟିମେଖଳା ଓ ପାଦବଳା
୯- କେଶସଜ୍ଜା
(କ) ନାରୀମାନଙ୍କର
(ଖ) ପୁରୁଷମାନଙ୍କର
୧୦- ନୃତ୍ୟଦୃଶ୍ୟ - ରାଣୀଗୁମ୍ଫା ତଳମହଲା, ଡାହାଣ ପ୍ରକୋଷ୍ଠ
୧୧- ନୃତ୍ୟଦୃଶ୍ୟ - ତତୁଆ ଗୁମ୍ଫା ନଂ. ୨
୧୨- ସର୍ପଗୁମ୍ଫା ଅଭିଲେଖ
୧୩- ହାତୀଗୁମ୍ଫା ଅଭିଲେଖର ପଂକ୍ତି ନା. ୧୬ ର ଏକ ଅଂଶ
୧୪- ରାଣୀଗୁମ୍ଫା ରଂଗ ମର ସମ୍ମୁଖ ଅଂଶ
୧୫- ଅନନ୍ତ ଗୁମ୍ଫାର ସର୍ପଲାଞ୍ଛନ
୧୬- ଅନନ୍ତ ଗୁମ୍ଫାରେ ଥିବା ଜୈନ ସାଙ୍କେତିକ ଚିତ୍ର
୧୭- ଅନନ୍ତ ଗୁମ୍ଫାର ଏକ ବାରଣ୍ଡାସ୍ତମ୍ଭ
୧୮- ଲିପିପତ୍ର - ଅଶୋକ ଏବଂ ଖାରବେଳକାଳୀନ ବର୍ଣ୍ଣମାଳା
୧୯- ହାତୀଗୁମ୍ଫା ଅଭିଲେଖର ମାତ୍ରା ବ୍ୟବହାର

# ଭୂମିକା

ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ପ୍ରାଚୀନ ଭାରତର ଇତିହାସ ଏବଂ ସଂସ୍କୃତିରେ ସୁପ୍ରସିଧ ଚେଡ଼ି ରାଜବଂଶ କଳିଙ୍ଗରେ ମହାମେଘବାହନ ବଂଶ ରୂପେ ପରିଚିତ ହୋଇ ଖ୍ୟାତିଲାଭ କରିଥିଲେ । ଏହି ବଂଶର ରାଜାମାନେ ସାଧାରଣତଃ ଜୈନଧର୍ମର ପ୍ରଧାନ ପୃଷ୍ଠପୋଷକ ହୋଇଥିବାରୁ ତାଙ୍କର ଯଶ ଜୈନ ସାହିତ୍ୟରେ ବିଶେଷରୂପେ କୀର୍ତିତ । ମହାଭାରତ, ବୌଧ ଚେତୀୟ ଜାତକ ଏବଂ ପୁରାଣ ଆଦିରେ ମଧ ଆଦି ବଂଶର ବିବରଣ ସଂରକ୍ଷିତ ହୋଇଛି । କଳିଙ୍ଗରେ ଏହି ରାଜବଂଶର ଖାରବେଳ ହେଉଛନ୍ତି ସର୍ବଶ୍ରେଷ୍ଠ ଶାସକ । ଭାରତ ବର୍ଷରେ ସର୍ବପ୍ରଥମେ ସେ ମହାରାଜା ପଦବୀରେ ଭୂଷିତ ସମ୍ରାଟ ଏବଂ ତାଙ୍କର ପ୍ରଥମ ମହିଷୀଙ୍କ ମଞ୍ଚପୁରୀ ଗୁମ୍ଫା ଅଭିଲେଖରେ ତାଙ୍କୁ ଚକ୍ରବର୍ତୀରୂପେ ଅଭିହିତ କରାଯାଇଥିବା ମଧ ତାତ୍ପର୍ଯ୍ୟପୂର୍ଣ୍ଣ । ଦଶବର୍ଷର ଶାସନକାଳ ମଧରେ ଖାରବେଳ ଯେଉଁ ସାମରିକ ସାଫଲ୍ୟ ଅର୍ଜନ କରିଥିଲେ ତାର ପଟାନ୍ତର ଭାରତ ଇତିହାସରେ ପରିଦୃଷ୍ଟ ହୁଏନାହିଁ । ତାଙ୍କର ଶାସନକାଳ ମଧରେ କଳିଙ୍ଗ ସମଗ୍ର ଭାରତରେ ଅଦ୍ୱିତୀୟ ଓ ଅଜେୟ ଶକ୍ତିରୂପେ ବିବେଚିତ ହୋଇ ତାହାର ରାଜନୈତିକ ପ୍ରଭାବ ହିମାଳୟ ଉପକଣ୍ଠରୁ କୁମାରିକାଯାଏ ଏବଂ ପୂର୍ବସାଗରଠାରୁ ପଶ୍ଚିମ ପୟୋଧି ପର୍ଯ୍ୟନ୍ତ ବ୍ୟାପ୍ତ ହୋଇଥିଲା । ଶାସନ କ୍ଷେତ୍ରରେ ତାଙ୍କର ମାନବିକତା, କଳା ଓ ସଂସ୍କୃତି ପ୍ରତି ପ୍ରଗାଢ଼ ଅନୁରାଗ, ଉଦାର ଧର୍ମଭାବ ଓ ଆଧାତ୍ମିକତା ଯୋଗୁଁ ସେ ଇତିହାସରେ ବିଶିଷ୍ଟ ସ୍ଥାନ ଲାଭକରି ଅଛନ୍ତି ।

ପ୍ରାଚୀନ କାଳରେ କଳିଙ୍ଗ ଉତରରେ ଗଙ୍ଗାଠାରୁ ଦକ୍ଷିଣରେ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ହୋଇଥିବା ନିଶ୍ଚିତଭାବରେ କୁହାଯାଇପାରେ । ଖ୍ରୀ.ପୂ. ଚତୁର୍ଥ ଶତାବ୍ଦୀରେ ମଗଧ ସମ୍ରାଟ ମହାପଦ୍ମନନ୍ଦଙ୍କ ବିଜୟ ଫଳରେ ସମଗ୍ର କଳିଙ୍ଗ ନନ୍ଦ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହେଲା । କିନ୍ତୁ ମହାପଦ୍ମନନ୍ଦଙ୍କ ପରେ ଗଙ୍ଗାରିଡ଼ାଇ (କଳିଙ୍ଗର ଉତରାଂଶ) ବ୍ୟତୀତ ଅନ୍ୟ ସମସ୍ତ ଅଳ ନନ୍ଦ ଶାସନାଧୀନରୁ ମୁକ୍ତ ହୋଇଥିଲା । ଶେଷ ନନ୍ଦରାଜା ଔଗ୍ରସେନ୍ୟ (ଧନନନ୍ଦ) ଙ୍କ କାଳରେ କେବଳ ଗଙ୍ଗାରିଡ଼ାଇ କଳିଙ୍ଗ ନନ୍ଦ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହୋଇଥିବା ଗ୍ରୀକ୍ ଲେଖକଙ୍କ ବିବରଣୀରୁ ଜଣାପଡ଼ିଥାଏ । ଯେତେବେଳେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଶେଷନନ୍ଦରାଜାଙ୍କ ବିରୁଧରେ ଯୁଧ ଘୋଷଣାକଲେ ସେତେବେଳେ ରାଷ୍ଟ୍ର

ବିପ୍ଳବର ସୁଯୋଗନେଇ ଗଂଗାରିଡ଼ାଇ କଳିଙ୍ଗ ମଧ ନନ୍ଦ ସାମ୍ରାଜ୍ୟରୁ ପୃଥକ୍ ହୋଇଗଲା । ଚନ୍ଦ୍ରଗୁପ୍ତମୌର୍ଯ୍ୟ ଖ୍ରୀ.ପୂ. ୩୨୨ରେ ମଗଧ ସିଂହାସନ ଆରୋହଣ କଲାସମୟରେ ସମଗ୍ର କଳିଙ୍ଗ ଏକତ୍ର ସଙ୍ଗଠିତ ହୋଇ ଏକ ଶକ୍ତିଶାଳୀ ରାଜ୍ୟରୂପେ ମୁଣ୍ଡଟେକି ସାରିଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଚନ୍ଦ୍ରଗୁପ୍ତ ଉତର-ପଶ୍ଚିମରେ ହିନ୍ଦୁକୁଶ ପର୍ବତଠାରୁ ଦକ୍ଷିଣରେ ଆଧୁନିକ ମହୀଶୂର ପର୍ଯ୍ୟନ୍ତ ମୌର୍ଯ୍ୟ ସାମ୍ରାଜ୍ୟ ବିସ୍ତାର କରିଥିଲେ ମଧ କଳିଙ୍ଗକୁ ଜୟ କରିବା ନିମନ୍ତେ ଉଦ୍ୟମ କରିନଥିଲେ । ଖ୍ରୀ.ପୂ. ୨୬୧ରେ ଅଶୋକଙ୍କ କଳିଙ୍ଗ ବିଜୟ ଫଳରେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ କଳିଙ୍ଗର ଉପକୂଳବର୍ତୀ ଅଳ ମୌର୍ଯ୍ୟ ସାମ୍ରାଜ୍ୟରେ ସମ୍ମିଳିତ ହେଲା । କଳିଙ୍ଗ ଯୁଧରେ ଭୟାବହ ପରିଣତି ଯୋଗୁଁ ଅଶୋକ ଅରଣ୍ୟ ପର୍ବତ ସଙ୍କୁଳ ପଶ୍ଚମାଳ ଅଧିକାରୀ କରିବାର ଅଭିପ୍ରାୟ ତ୍ୟାଗ କରିଥିଲେ । ମୌର୍ଯ୍ୟ ବଂଶର ପତନପରେ ସୁଙ୍ଗ ଓ କାଣ୍ୱ ବଂଶୀ ଶାସକମାନେ ମଗଧରେ ଶାସନ କରିଥିଲେ । ନନ୍ଦ ରାଜତ୍ୱର ବିଲୋପବେଳେ କଳିଙ୍ଗ ଯେପରି ପରାଧୀନତାର ଶୃଙ୍ଖଳା ଛିଣ୍ଡାଇ ପାରିଥିଲା ମୌର୍ଯ୍ୟ ରାଜତ୍ୱର ଅବସାନ କାଳରେ ସେପରି ସାହସ ପ୍ରଦର୍ଶନ କରିପାରିନଥିଲା । ଖ୍ରୀ.ପୂ. ପ୍ରଥମ ଶତକରେ ସାତ ବାହନ ବଂଶୀ ରାଜା ସିମୁକ ସୁଙ୍ଗ-କଣ୍ୱ ଶାସନର ବିଲୋପ ସାଧନ କରି ବିଦିଶା ଓ ଉଜ୍ଜୟିନୀ ଅଳରେ ଏକ ଶକ୍ତିଶାଳୀ ରାଜ୍ୟ ଗଠନ କଲେ । ପ୍ରାୟ ଏହି ସମୟରେ ଚେଦି ରାଜବଂଶ ମଧ କଳିଙ୍ଗରେ କ୍ଷମତାସୀନ ହୋଇ ଏକ ସ୍ୱାଧୀନ ଓ ଶକ୍ତିଶାଳୀ ରାଜ୍ୟଗଠନ କଲେ । ଦୀର୍ଘଦୁଇ ଶତାବ୍ଦୀକାଳ ପରାଧୀନ ଓ ପ୍ରଭାବହୀନ ହୋଇ ପଡ଼ିରହିଥିବା ପରେ କଳିଙ୍ଗ ପୁଣି ଇତିହାସରେ ଜାଗ୍ରତ ହୋଇ ଭାରତୀୟ ରାଜନୀତି ଓ ସଂସ୍କୃତିରେ ବିଶିଷ୍ଟ ଭୂମିକା ଗ୍ରହଣ କଲା ।

ଋଗ୍‌ବେଦର ବର୍ଣ୍ଣନାନୁଯାୟୀ ଚେଦୀ ରାଜବଂଶ କ୍ଷତ୍ରିୟ କୁଳାନ୍ତର୍ଗତ ହୋଇଥିବା ଜଣାପଡ଼ିଥାଏ । ମହାଭାରତରେ ମଧ ଏହି ବଂଶର ଯଶ ଲିପିବଧ । ଏଣୁ ପ୍ରାଚୀନ କାଳରୁ ଚେଦି ରାଜବଂଶ ସୁପ୍ରତିଷ୍ଠିତ ହୋଇଥିବା ନିଶ୍ଚିତଭାବେ କୁହାଯାଇପାରେ । ଜୈନ ହରିବଂଶର ନିମ୍ନୋକ୍ତ ବର୍ଣ୍ଣନାରୁ ସ୍ପଷ୍ଟରୂପେ ପ୍ରତିପାଦିତ ହୁଏଯେ, ବିନ୍ଧ୍ୟାଚଳ ସମୀପର୍ବୀ ଅଭିଚନ୍ଦ୍ର ଚେଦିରାଷ୍ଟ୍ର ସ୍ଥାପନ କରିଥିଲେ ଏବଂ ଶୁକ୍ତିମତୀ ନଦୀତଟରେ ଏହାଙ୍କ ରାଜଧାନୀ ଶୁକ୍ତିମତୀପୁର ସ୍ଥାପିତ ହୋଇଥିଲା ।

"ବିନ୍ଧ୍ୟପୃଷ୍ଠେଽଭିଚନ୍ଦ୍ରେଣ ଚେଦିରାଷ୍ଟ୍ରମଧିଷ୍ଠିତମ୍ ।
ଶୁକ୍ତିମତ୍ୟାସ୍ତଟେଽଧାୟି ନାମ୍ନା ଶୁକ୍ତିମତୀପୁରୀ ।।
(୧୭/୩୬

ଐତିହାସିକ ପାର୍ଜିଟର୍ ଉପରୋକ୍ତ ଶୁକ୍ତିମତୀ ନଦୀକୁ ମଧ୍ୟପ୍ରଦେଶରେ ପ୍ରବାହିତ ଜେନ୍ ନଦୀ ସହିତ ଚିହ୍ନିତ କରିଛନ୍ତି । ତାଙ୍କରି ମତରେ ଚେଦିରାଷ୍ଟ୍ର ଯମୁନାନଦୀର ଦକ୍ଷିଣରେ ଚମ୍ବଲନଦୀ ଉପତ୍ୟକାଠାରୁ କରବୀନଦୀ ଉପତ୍ୟକା ଯାଏ ବିସ୍ତୃତଥିଲା । ମାତ୍ର ପାର୍ଜିଟର୍‌ଙ୍କ ଏହିମତ ଆଦୌ ଗ୍ରହଣଯୋଗ୍ୟ ନୁହେଁ, କାରଣ ବେସ୍‌ସାନ୍ତର ଜାତକରୁ ଜଣାପଡ଼େଯେ, ଚେଦିରାଷ୍ଟ୍ରର ରାଜଧାନୀଠାରୁ କଳିଙ୍ଗର ଦୁର୍ଣ୍ଣବିତ୍‌ଥ (ଦୁର୍ଣ୍ଣବିଷ୍ଟ) ନାମକ ଏକ ବ୍ରାହ୍ମଣ ଜନବସତି ଦୂରତାରେ ମାତ୍ର ଦଶ ଯୋଜନ ଥିଲା । ତେଣୁ ଚେଦିରାଷ୍ଟ୍ର ଏବଂ କଳିଙ୍ଗ ମଧ୍ୟରେ ଭୌଗଳିକ ବ୍ୟବଧାନ ବିଶେଷ ନଥିଲା ।

ଶୁକ୍ତମତୀ ହେଉଛି ଓଡ଼ିଶାର ଆଧୁନିକ ବଲାଙ୍ଗୀର ଜିଲ୍ଲାରେ ପ୍ରବାହିତ ଶୁକ୍‌ତେଲନଦୀ । ଏହି ଶୁକ୍‌ତେଲ କୂଳସ୍ଥ ମେଣ୍ଡା ନିକଟବର୍ତ୍ତୀ ଲୋକାପଡ଼ା ଗ୍ରାମରୁ ଏହି ଲେଖକ ଏକ ପ୍ରାଚୀନ ଜନବସତିର ଅବଶେଷ ଉଧାର କରିପାରିଛି । ଏଠାରୁ ମିଳିଥିବା ଲାଞ୍ଛିତ ମୁଦ୍ରା (Punchamarked Silver Coins) କୁ ଆମେ ତିନୋଟି ଶ୍ରେଣୀରେ ବିଭକ୍ତ ଏଗୁଡ଼ିକ ନନ୍ଦ, ମୌର୍ଯ୍ୟ ଏବଂ ମୌର୍ଯ୍ୟୋତର କାଳୀନ ହୋଇଥିବାର ନିଶ୍ଚିତ ମତ ପ୍ରଦାନ କରିଛୁ । ଭାରତବର୍ଷର ଅନ୍ୟାନ୍ୟ ସ୍ଥାନରୁ ପ୍ରାପ୍ତ ଲାଞ୍ଛିତ ମୁଦ୍ରା ସଦୃଶ ଏହିସବୁ ମୁଦ୍ରାର ଆକାର ଏବଂ ଗଠନରେ ବୈଷମ୍ୟ ପରିଲକ୍ଷିତ ହୋଇଥାଏ । ମୁଦ୍ରାଗୁଡ଼ିକରେ ବୃକ୍ଷ, ବିଭିନ୍ନ ଜୀବନ, ଷଡ଼ାରଚକ୍ର, ସୂର୍ଯ୍ୟ, ପାହାଡ଼, ଉପରେ ଅର୍ଦ୍ଧଚନ୍ଦ୍ର, ତୋରଣ, ରେଲିଂ ମଧ୍ୟରେ ବୃକ୍ଷ, କୁମ୍ଭ ଏବଂ ଧର୍ମ ସମ୍ବନ୍ଧୀୟ ବିଭିନ୍ନ ଲାନ ଆଦି ପରିଦୃଷ୍ଟ ହୋଇଥାଏ । ଏହି ସ୍ଥାନରୁ ଅନେକ ପ୍ରସ୍ତର ମାଳିର କଣ୍ଠିସହ ପଦକଟିଏ ମଧ୍ୟ ସଂଗ୍ରହକରି ପାରିଛୁ । ଏହିସବୁ କଣ୍ଠି ବିଭିନ୍ନ ରଂଗ ଓ ଆକୃତି ବିଶିଷ୍ଟ ଅତି ମସୃଣ ଏବଂ ଗୁନ୍ଥିବାପାଇଁ ମଧ୍ୟ ଭାଗରେ ଛିଦ୍ର ମଧ୍ୟ କରାଯାଇଛି । ଏସବୁରେ ସେହିକାଳର ମଣିଷର ଉନ୍ନତ ସୌନ୍ଦର୍ଯ୍ୟବୋଧ ଏବଂ କଳାତ୍ମକ ଅଭିବ୍ୟକ୍ତି ପ୍ରସ୍ଫୁଟିତ । ଅର୍ଦ୍ଧନିର୍ମିତ ଅବସ୍ଥାରେ ଅନେକ କଣ୍ଠି ସଂଗୃହୀତ ହୋଇପାରିଛି । ଏହାହିଁ ପ୍ରମାଣ କରେ ଯେ, ପ୍ରାଚୀନ କାଳରେ ଏଠାରେ ଏଭଳି ପ୍ରସ୍ତର ମାଳି ନିର୍ମିତ ହୋଇଥିଲା । ଏହି ସ୍ଥାନରୁ ଏକ ଶିଳଲେଖର

ଭଗ୍ନାଂଶଟିଏ ମଧ୍ୟ ସଂଗୃହୀତ ହୋଇ ଆମପାଖରେ ରହିଛି । ମିଳିଥିବା ଗୋଟିଏ ମାତ୍ର ଅକ୍ଷରକୁ ଆମେ "ବ୍ର" ରୂପେ ପାଠୋଧାର କରି ଏହା ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀର ଗୁପ୍ତବ୍ରାହ୍ମୀ ହୋଇଥିବାର ମତ ପ୍ରଦାନ କରିଛୁ । ଏହି ସ୍ଥାନରେ ପ୍ରତ୍ନତାତ୍ତ୍ୱିକ ଭୂଖନନ କରାଗଲେ ଏଠାରୁ ଖ୍ରୀ.ପୂ. ପମ ଚତୁର୍ଥ ଶତାବ୍ଦୀର ଏକ ଉନ୍ନତ ଜନବସତିର ଅବଶେଷ ନିଶ୍ଚିତଭାବେ ଉଧାର କରାଯାଇ ପାରିବ । ଏଣୁ ଆମେ ଏହି ସ୍ଥାନକୁ ଶୁକ୍ତିମତୀପୁର ରୂପେ ଚିହ୍ନିତ କରିଅଛୁ ।

ଅଭିଚନ୍ଦ୍ରଙ୍କ ପୁତ୍ର ବସୁ ଚେଦିରାଜବଂଶର ଜଣେ ଖ୍ୟାତନାମା ନରପତି । ବୈଦିକ ସାହିତ୍ୟ ଏବଂ ଦର୍ଶନରେ ତାଙ୍କର ଅସାଧାରଣ ପାଣ୍ଡିତ୍ୟ ଥିଲା ଏବଂ ବୌଦ୍ଧିକ ସମସ୍ୟାର ସମାଧାନ ନିମିତ ତତ୍କାଳୀନ ଆର୍ଯ୍ୟଋଷି ମାନେ ତାଙ୍କର ମଧ୍ୟସ୍ଥତା ଲୋଡୁଥିଲେ । ସମ୍ରାଟ ଖାରବେଳ ହାତୀଗୁମ୍ଫା ଶିଳାଲେଖରେ ନିଜକୁ ଯେଉଁ ରାଜର୍ଷି ବସୁଙ୍କର ବଂଶୋଦ୍ଭବ ବୋଲି ପରିଚୟ ଦିଅନ୍ତି ସେ ହେଉଛନ୍ତି ଅଭିଚନ୍ଦ୍ରଙ୍କ ପୁତ୍ର ବସୁ (ଉପରିଚରବସୁ)

ଚେଦିରାଷ୍ଟ୍ର ଏବଂ କଳିଙ୍ଗ ଦୁଇ ପ୍ରତିବେଶୀ ରାଜ୍ୟ ହୋଇଥିବାରୁ ଉଭୟ ରାଜ୍ୟ ମଧ୍ୟରେ ବହୁକାଳରୁ ନିବିଡ଼ ସମ୍ପର୍କ ଥିଲା । ଖ୍ରୀ.ପୂ. ପ୍ରଥମ ଶତକର ପ୍ରାରମ୍ଭରେ ମଗଧରେ ରାଜନୈତିକ ଦୁର୍ବଳତାର ସୁଯୋଗ ନେଇ ଚେଦିମାନେ ଭାରତର ପୂର୍ବାଂଚଳରେ ଶକ୍ତି ଓ ପ୍ରଭାବ ସଂଗଠନ କରିବାରେ ଲାଗିଲେ । ତେଣେ ପଶ୍ଚିମାଂଚଳରେ ଶକ୍ତି ଓ ପ୍ରଭାବ ସଂଗଠନ କରିବାରେ ଲାଗିଲେ । ତେଣେ ପଶ୍ଚିମାଂଚଳରେ ସାତବାହନ ବଂଶୀ ସିମୁକ ଶକ୍ତିଶାଳୀ ହୋଇ ପ୍ରାୟ ଖ୍ରୀ.ପୂ. ୭୩ରେ ମଗଧରେ ଶୁଙ୍ଗ-କାଣ୍ୱ ବଂଶର ଶାସନ ବିଲୋପକଲେ । ସମ୍ଭବତଃ ସେହି ବୈପ୍ଳବିକ ପରିବର୍ତ୍ତନ ସମୟରେ ଚେଦିମାନେ କଳିଙ୍ଗରେ ଏକ ସୁଦୃଢ଼ ଶାସନର ମୂଳଦୁଆ ସ୍ଥାପନ କରିଥିଲେ । କଳିଙ୍ଗରେ ଚେଦିରାଜବଂଶର ପ୍ରତିଷ୍ଠାତା ଥିଲେ ମହାମେଘ ବାହନ । ଏହାଦ୍ୱାରା କଳିଙ୍ଗ ମଗଧଠାରୁ ସ୍ୱତନ୍ତ୍ର ହେଲା ଏବଂ ଏହାର ଗୌରବମୟ ଇତିହାସରେ ପୁଣି ନୂତନ ଅଧ୍ୟାୟ ସୃଷ୍ଟି ହେଲା । ଖାରବେଳଙ୍କ ହାତୀଗୁମ୍ଫା ଅଭିଲେଖରୁ ସ୍ପଷ୍ଟରୂପେ ପ୍ରତିପାଦିତ ହୁଏ ଯେ, କଳିଙ୍ଗରେ ତାଙ୍କରି ବଂଶରେ ସେ ହେଉଛନ୍ତି ତୃତୀୟ ରଜା (ତତିୟେ ପୁରିସ ଯୁଗେ) । ସ୍ୱର୍ଗୀୟ କେଦାରନାଥ ମହାପାତ୍ର ତାଙ୍କୁ ପମ ରାଜାରୂପେ ଉଲ୍ଲେଖ କରିଥିବା କୌଣସିମତେ ଗ୍ରହଣ ଯୋଗ୍ୟ ନୁହେଁ । ବିଦ୍ୱାନମାନେ ମହାମେଘବାହନଙ୍କୁ କଳିଙ୍ଗର ପ୍ରଥମ ରାଜା ଏବଂ ଖାରବେଳକୁ ତୃତୀୟ

ରାଜାରୂପେ ଗ୍ରହଣ କରି ଦ୍ୱିତୀୟ ରାଜାଙ୍କ ସମ୍ବନ୍ଧରେ ହାତୀଗୁମ୍ଫା ଅଭିଲେଖ ନୀରବ ଥିବାର ଦର୍ଶାଇଛନ୍ତି । ଆମ୍ଭମତରେ ହାତୀଗୁମ୍ଫା ଅଭିଲେଖର ପ୍ରଥମ ପଂକ୍ତିରେ ଉଲ୍ଲିଖିତ ଚେତରାଜା ହେଉଛନ୍ତି ଖାରବେଳଙ୍କ ରାଜତ୍ୱର ତେରବର୍ଷର ଧାରାବାହିକ ବିବରଣୀ ସହ ତାଙ୍କ ପୂର୍ବ ପୁରୁଷଙ୍କ ସମ୍ବନ୍ଧରେ ସୂଚନା ପ୍ରଦାନ କରୁଥିବା ସମୟରେ ତାଙ୍କର ପିତା ବିସ୍ମୃତ ହେବା ଅସମ୍ଭବ ବ୍ୟାପାର । ତେବେ ଖାରବେଳଙ୍କ ପିତା ଚେତରାଜଙ୍କ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିବା ନିମନ୍ତେ ଏପର୍ଯ୍ୟନ୍ତ କୌଣସି ନିର୍ଭରଯୋଗ୍ୟ ଐତିହାସିକ ଉପାଦାନ ମିଳିଥିବାର ଆମକୁ ଜଣାନାହିଁ ।

ପ୍ରଣିଧାନର ବିଷୟଯେ, ଖାରବେଳ ଏବଂ ଗୁଦେପସିରି ଉଭୟେ ନିଜକୁ ମହାମେଘବାହନ ବଂଶୀରୂପେ ଅଭିଲେଖ ଗୁଡ଼ିକରେ ଅଭିହିତ କରିଛନ୍ତି । ପ୍ରାଚୀନ ଭାରତର ବହୁ ରାଜବଂଶର ନାମ ଗୁଡ଼ିକର ଶେଷରେ ବାହନ ଶବ୍ଦ ପ୍ରଯୁକ୍ତ । ଯଥା - ଦଧିବାହନ, ସାଲିବାହନ, ମଣିବାହନ, ନରବାହନ ଓ ସାତବାହନ ଆଦି । ସାତବାହନ ବଂଶୀ ଯେପରି  ସିମୁକଙ୍କ ପୂର୍ବପୁରୁଷ ସାତାବହାନଙ୍କ ନାମାନୁସାରେ ନାମିତ, ଯେପରି କଳିଙ୍ଗର ଚେଦିରାଜବଂଶ ମହାମେଘବାହନଙ୍କ ନାମାନୁଯାୟୀ ନାମିତ ହୋଇଥିବା ସମୀଚୀନ ମନେହୁଏ । ତେବେ ଏହି ରାଜବଂଶର ନାମ କୌଣସି ସମୟରେ ଐର ନଥିଲା । ଅଭିଲେଖ ଗୁଡ଼ିକରେ ଉଭୟେ ଖାରବେଳ ଏବଂ କୁଦେପ ସିରି ନିଜ ନିଜକୁ ଐର ରୂପେ ପ୍ରକାଶ କରିଛନ୍ତି, ସେହି ହେତୁରୁ ଅନେକ ସ୍ୱନାମଧନ୍ୟ ବିଦ୍ୱାନ ସେମାନଙ୍କୁ ଐରବଂଶର ଶାସକରୂପେ ପ୍ରତିପାଦିତ କରି ସେହିବଂଶ ଐର ନାମକ ଜଣେ ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିବାର ମତ ପ୍ରଦାନ କରିଛନ୍ତି । କାଶୀପ୍ରସାଦ ଜୟସ୍ୱାଲ ସେହି ତଥାକଥିତ ଐର ରାଜାଙ୍କୁ ପୁରାଣ ଐକ ବଂଶର ଅନ୍ତର୍ଭୁକ୍ତ ମଧ କରିଛନ୍ତି ।

ଐର ଶବ୍ଦକୁ ଏକ ରାଜବଂଶର ନାମ ରୂପେ ଗ୍ରହଣ କରିବା ଉଦ୍ୟମ ଯେ ଭ୍ରାନ୍ତିମୂଳକ ତାହା ନିଶ୍ଚିତ ରୂପେ କୁହାଯାଇପାରେ । ଐତିହାସିକ ଡ଼. ନବୀନ କୁମାର ସାହୁଙ୍କ ମତରେ 'ଐର' ଶବ୍ଦ ଭାଷାରେ ସଂସ୍କୃତ "ଆର୍ଯ୍ୟ" ଶବ୍ଦର ରୂପାନ୍ତର ମାତ୍ର । ଖାରବେଳଙ୍କ ହାତୀଗୁମ୍ଫା ଏବଂ କୁଦେପସିରିଙ୍କ ମପୁରୀ ଗୁମ୍ଫା ଅଭିଲେଖରେ ଏମାନଙ୍କ ନାମ ପୂର୍ବେ ଯେପରି ଐର ଶବ୍ଦ ବ୍ୟବହୃତ ହୋଇଛି, ସେହିପରି ନାସିକ ଗୁମ୍ଫା ଅଭିଲେକରେ ବ୍ରାହ୍ମଣ ସାତବାହନ ବଂଶୀ ରାଜାଙ୍କର

ନାମ ପୂର୍ବେ ମଧ ଐର ଶବ୍ଦ ପ୍ରଯୁକ୍ତ ହୋଇଥିବାର ଦେଖାଯାଏ । ବର୍ତମାନ ପ୍ରଶ୍ନହୁଏ ବ୍ରାହ୍ମଣ ସାତବାହନ ବଂଶର ଅପରନାମ "ଐର" ଥିଲା କି ? ପ୍ରାଚୀନ ଭାରତରେ "ଐର" ବା "ଆର୍ଯ୍ୟ" ସାଧାରଣତଃ ସମ୍ମାନ ସୂଚକ ଶବ୍ଦରୂପେ ବ୍ୟବହୃତ ହୋଇଥିବାର ବହୁଳ ଦୃଷ୍ଟାନ୍ତ ରହିଛି । ଏଣୁ ଖାରବେଳକଙ୍କୁ ଐର ବଂଶୀ କହିବା ହାସ୍ୟାସ୍ପଦ କଥା ।

ଖାରବେଳଙ୍କ ରାଜତ୍ୱର ବିବରଣୀ ଜାଣିବାପାଇଁ ଉଦୟଗିରି ଏବଂ ଖଣ୍ଡଗିରିଠାରେ ଥିବା ତାଙ୍କର ସମସାମୟିକ ଅଭିଲେଖ ଗୁଡ଼ିକ ଉପରେ ନିର୍ଭର କରିବାକୁ ହୁଏ । ଉଦୟଗିରି ହାତୀଗୁମ୍ଫା ଅଭିଲେଖରେ ଖାରବେଳଙ୍କ ବାଲ୍ୟକାଳରୁ ରାଜତ୍ୱର ତ୍ରୟୋଦଶ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକଳାପର ବିସ୍ତୃତ ବିବରଣ ଉପଲବ୍ଧ ହୋଇଥାଏ । ଏଥିରେ ବର୍ଷାନୁବର୍ଷର ଧାରାବାହିକ ବିବରଣୀ ଲିପିବଧ । ଆମ୍ଭର ବର୍ତମାନ ଜ୍ଞାନରେ କହିପାରୁଁଯେ, ଏପର୍ଯ୍ୟନ୍ତ ଭାରତ ବର୍ଷରୁ ପ୍ରାପ୍ତ ଅନ୍ୟକୌଣସି ପ୍ରାଚୀନ ଅଭିଲେଖରେ ଏଭଳି ଧାରାବାହିକ ବିବରଣ ପ୍ରଦତ ହୋଇନାହିଁ । ଅଭିଲେଖ ବ୍ୟତୀତ ପାହାଡ଼ ଗାତ୍ରରେ ମଧ ଖୋଦିତ ଚିତ୍ରାବଳୀ ମାଧମରେ ଖାରବେଳଙ୍କ ଗୌରବମୟ କ୍ରିୟାକଳାପର ବିବରଣ ପ୍ରାପ୍ତ ହୋଇଥାଏ । ଏଗୁଡ଼ିକ ବାଦ୍‌ଦେଇ କେବଳ ଅଭିଲେଖୀୟ ବିବରଣୀ ସାହାଯ୍ୟରେ ଖାରବେଳକଙ୍କ ରାଜତ୍ୱର ଇତିହାସ ତଥା ସରଳ ଭାବରେ ଖାରବେଳ ଚରିତ ଆଲୋଚନା ପ୍ରସଙ୍ଗରେ ଉଭୟ ଅଭିଲେଖ ଏବଂ ଖୋଦନ ଚିତ୍ରର ବିଷୟବସ୍ତୁକୁ ଅବଲମ୍ବନ କରିବା ପାଇଁ ଆମେ ଯଥାସାଧ ଉଦ୍ୟମ କରିଅଛୁ ।

***

## ହାତୀଗୁମ୍ଫା ଅଭିଲେଖ

ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ନିକଟସ୍ଥ ଉଦୟଗିରିର ହାତୀଗୁମ୍ଫା ନାମକ ଏକ ପ୍ରାକୃତିକ ଗୁମ୍ଫାର ଅଭ୍ୟନ୍ତର ଛାତରେ ମହାରାଜା ଖାରବେଳଙ୍କର ଗୋଟିଏ ଦୀର୍ଘ ପ୍ରସ୍ତର ଲିପି ଖୋଦିତ ହୋଇଛି । ଏହାହିଁ ଭାରତ ପ୍ରସିଧ ହାତୀଗୁମ୍ଫା ଶିଳାଲେଖ । ଓଡ଼ିଶାରେ ଇଂରୋଜ ଶାସନ ପ୍ରତିଷ୍ଠିତ ହେବାଯାଏ ଏହି ଅଭିଲେଖ ଜନସାଧାରଣଙ୍କର ଅଗୋଚର ଥିଲା । ଏହାର ସନ୍ଧାନ ସର୍ବପ୍ରଥମ ଷ୍ଟାର୍ଲିସାହେବ ଖ୍ରୀ ୧୮୨୫ ରେ ସ୍ୱରଚିତ "An Account of

Geogrophical, Statistical and Historical of Orissa or Cuttack" ଗ୍ରନ୍ଥରେ ପ୍ରଦାନ କରିଥିଲେ । ସେ ଏହି ଅଭିଲେଖରେ ଏକ ଅସମ୍ପୂର୍ଣ୍ଣ ଛବି ମଧ ପ୍ରକାଶ କରିଥିଲେ । ମାତ୍ର ସେତେବେଳେ ବ୍ରାହ୍ମୀ ଅକ୍ଷର ପାଠ କରିବା ସମ୍ଭବପର ହୋଇନଥିବାରୁ ବିଦ୍ୱାନମାନେ ଏହାର ବିଷୟବସ୍ତୁ ଜାରିପାରି ନଥିଲେ । ୧୮୩୫ ସାଲ୍ ବେଳକୁ ବ୍ରାହ୍ମଲିପିର ରହସ୍ୟ ଉଦ୍‌ଘାଟନ କଲେ ଜେମସ୍ ପ୍ରିନ୍‌ସେପ୍ (James Prinsep) ଏବଂ ଏହାଫଳରେ ଭାରତୀୟ ପ୍ରାଚୀନ ଇତିହାସର ବହୁତଥ୍ୟ ପ୍ରକାଶିତ ହୋଇପାରିଲା । ହାତୀଗୁମ୍ଫା ଅଭିଲେଖରେ ଏକ ଚାକ୍ଷୁଷ ନକଲ (Eye copy) ବହୁଶ୍ରମ ପୂର୍ବକ ପ୍ରସ୍ତୁତକରି ମାର୍ଖମ୍ କିଟୋ (M. Kittoe) ଏହାର ପାଠୋଧାର ନିମନ୍ତେ ପ୍ରିନ୍‌ସେପ୍‌ଙ୍କ ନିକଟକୁ ପଠାଇଲେ । ହାତୀଗୁମ୍ଫା ଅଭିଲେଖ ପ୍ରଥମଥର ପାଇଁ ପ୍ରିନ୍‌ସେପ୍‌ଙ୍କ ଦ୍ୱାରା ପଠିତ ହୋଇ ୧୮୩୭ ଖ୍ରୀ.ରେ ପ୍ରକାଶିତ ହେଲା (J.A.S.-VI) । ୧୮୭୭ ଖ୍ରୀ.ରେ ଏହି ଅଭିଲେଖ ଦ୍ୱିତୀୟଥର ପାଇଁ ପ୍ରକାଶ ପାଇା ଆଲେକ୍‌ଜାଣ୍ଡର କନିଂହାମ୍ (A. Cunningham)ଙ୍କର ସଂକଳିତ "Corpus Inscriptionum Indicarum, Vol.I" ଗ୍ରନ୍ଥରେ । ତାହାପରେ ଏହାର ପାଠକୁ ଅଳ୍ପ ପରିର୍ବନ କରି ୧୮୮୦ ଖ୍ରୀ.ରେ ରାଜେନ୍ଦ୍ରଲାଲ୍ ମିତ୍ର ନିଜ ରଚିତ "Antiquities of Orissa, Vol.II" ଗ୍ରନ୍ଥରେ ପ୍ରଦାନ କଲେ । ସେହିବର୍ଷ ଲକ୍ ସାହେବ (Lock) ଉଦୟଗିରିକୁ ଆସି ଏହି ଅଭିଲେଖର ଏକ ପ୍ଲାଷ୍ଟର କାଷ୍ଟ ପ୍ରସ୍ତୁତ କଲେ, ଯାହାକି ସଂପ୍ରତି କଲିକତାରେ ଇଣ୍ଡିଆନ୍ ମ୍ୟୁଜିଅମ୍‌ରେ ସଂରକ୍ଷିତ । ୧୮୫୫ ଖ୍ରୀ.ରେ ଭିଏନାରେ ପ୍ରାଚ୍ୟଜ୍ଞାନ ବିଶାରଦଙ୍କର ଆନ୍ତର୍ଜାତିକ କଂଗ୍ରେସର ଷଷ୍ଠ ଅଧିବେଶନ (VIth International Congress of Orientalists) ଅନୁଷ୍ଠିତ ହୋଇଥିଲା ଏବଂ ସେଠାରେ ପଣ୍ଡିତ ଭଗବାନ ଲାଲ ଇନ୍ଦ୍ରଜୀ ହାତୀଗୁମ୍ଫା ଅଭିଲେଖର ଏକ ସଂଶୋଧିତ ପାଠ ଉପସ୍ଥାପନ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଇନ୍ଦ୍ରଜୀ ପ୍ରଥମଥର ପାଇଁ ଅଭିଲେକରୁ ଖାରବେଳ ନାମ ଉଦ୍ଧାର କରି ପାରିଥିଲେ । ଲିପି ବିଜ୍ଞାନୀ ବ୍ୟୁଲର୍ (Buhler) ୧୮୯୫ ଏବଂ ୧୮୯୮ ସାଲ୍‌ରେ ଇନ୍ଦ୍ରଜୀଙ୍କ ପାଠର କେତେକ ଉନ୍ନତି ବିଧାନ କରିଥିଲେ ୧୯୦୬ ସାଲ୍‌ରେ ବ୍ଲକ ସାହେବ (T.B.Block) ଏହି ଅଭିଲେଖର ପ୍ରତିଛବି କାଳିରେ ଉଠାଇ ସୁପଣ୍ଡିତ କିଲ୍‌ହର୍ଣ୍ଣ (Keilhorn) ଙ୍କୁ ଦେଇଥିଲେ । ତାହା ଫ୍ଲିଟ୍ (J.H.Fleet) ଙ୍କ

ପାଖକୁ ବିଲାତ ପଠାଯାଇଥବଲୋ ଏବଂ ଫ୍ଲିଟ ସାହେବ ୧୯୧୦ ଖ୍ରୀ.ରେ ତାହାର ସଂଶୋଧିତ ପାଠ ରୟେଲ୍ ଏସିଆଟିକ୍ ପତ୍ରିକାରେ ପ୍ରକାଶ କରିଥିଲେ । ସେହି ପତ୍ରିକାରେ ଲ୍ୟୁଦ୍‌ର ସାହେବ (H.Luder) ଙ୍କର ଟିପ୍‌ପଣୀ ମଧ ପ୍ରକାଶ ପାଇଥିଲା ପରେ ବିଶିଷ୍ଟ ଐତିହାସିକ ଥମାସ୍ (T.W. Thomas) "Annual Reports of the Archaeological Survey, India, 1922-23 ରେ ଏବଂ ଷ୍ଟେନ୍‌କୋନାଓ (Sten konow) " Acta orientalia, Vol.I" ରେ ଏହି ଅଭିଲେଖ ଉପରେ ନୂତନ ଆଲୋକପାତ କରି ଏହାର ଐତିହାସିକ ଗୁରୁତ୍ୱ ପ୍ରତିପାଦ କରିଥିଲେ । ଐତିହାସିକ ରାକାଲ୍‌ଦାସ୍ ବେନର୍ଜି ୧୯୧୩ ସାଲ୍‌ରେ ଉଦୟଗିରିକୁ ଆସି ହାତୀଗୁମ୍ଫା ଅଭିଲେଖର ଏକ ପ୍ରତିଛବି ଉଠାଇଥିଲେ, ତାହା କାଶୀପ୍ରସାଦ ଜୟସାଲଙ୍କ ସ୍ୱାରା ୧୯୧୭ ଖ୍ରୀ.ରେ ବିହାର-ଓଡ଼ିଶା ରିସର୍ଚ୍ଚ ସୋସାଇଟି ଜର୍ଣ୍ଣାଲ୍ ଯରେ ପ୍ରକାଶିତ ହୋଇଥିଲା । ସେହିବର୍ଷ ଜୟସ୍ୱାଲ୍ ମଧ ଉଦୟଗିରିକୁ ଆସି ଶିଳାଲେକୁ ନିଜେ ଅନୁଧାନ କିରବାର ସୁଯୋଗପାଇଁ ନିଜପାଠରେ କେତେକ ସଂଶୋଧନ କରିପାରିଥିଲେ । ପୁନର୍ବାର ୧୯୧୯ ଖ୍ରୀ.ରେ ଜୟସ୍ୱାଲ ଏବଂ ବେନର୍ଜି ଦୁହେଁ ଏକ ସଂଗରେ ଉଦୟଗିରିକୁ ଆସି ବିଭିନ୍ନ ଦୃଷ୍ଟିକୋଣରୁ ଅଭିଲେଖର ସମୀକ୍ଷା କରିଥିଲେ । ସେମାନେ ଫେରିଯିବାପରେ ପାଟଣା ମ୍ୟୁଜିୟମ୍ ନିମନ୍ତେ ଅଭିଲେଖର ପ୍ଲାଷ୍ଟର୍‌କାଷ୍ଟ ଏବଂ କେତେକ ପ୍ରତିଛବି ପ୍ରସ୍ତୁତ କରାଯାଇଥିଲା । ରାଖାଲ୍‌ଦାସ୍ ଏବଂ ଜୟସ୍ୱାଲ୍ ହାତୀଗୁମ୍ଫା ଅଭିଲେଖର ସଠିକ୍ ପାଠୋଦ୍ଧାର ନିମନ୍ତେ ଦୀର୍ଘକାଳ ପରିଶ୍ରମ କରିଛନ୍ତି । ସେଦୁହେଁ ୧୯୨୪ ଖ୍ରୀ.ରେ ପୁଣି ଉଦୟଗିରିକୁ ଆସି ଅଭିଲେଖର ବିଭିନ୍ନ ଅଂଶ ପରୀକ୍ଷା କରିଥିଲେ । ଜୟସ୍ୱାଲ୍ ଏକାକୀ ୧୯୨୭ ଖ୍ରୀ.ରେ ବିହାର-ଓଡ଼ିଶା ରିସର୍ଚ୍ଚ ସୋସାଇଟି ଜର୍ଣ୍ଣାଲ୍ (J.B.O.R.S.) ରେ ଏବଂ ପରେ ୧୯୨୯ ଖ୍ରୀ.ରେ ବେନର୍ଜିଙ୍କ ସହ ମିଳିତ ହୋଇ Epigraphia Indica, Vol.XX ରେ ଏହି ଅଭିଲେଖର ସଂଶୋଧିତ ପାଠ ପ୍ରକାଶ କରିଥିଲେ । ୧୯୨୯ ଖ୍ରୀ.ରେ ବେଣୀ ମାଧବ ବଡୁଆଙ୍କର "The old Brahmi Inscriptions in the Udayagiri and Khandagiri Caves" ପୁସ୍ତକ ପ୍ରକାଶିତ ହୋଇଥିଲା । ଏଥିରେ ବଡୁଆ ମହାଶୟ ଅଭିଲେଖର ପୂର୍ଣ୍ଣାଙ୍ଗ ପାଠ ପ୍ରଦାନ କରିବାକୁ ଚେଷ୍ଟା କରିଥିଲେ । ମାତ୍ର ତାଙ୍କ ପାଠରେ କଳ୍ପନାର ଆଧିକ୍ୟ ଯୋଗୁଁ ଅନେକ ସ୍ଥାନରେ ଐତିହାସିକ ଉପାଦେୟତା ହରାଇଥିବାର ମନେହୁଏ ।

ଲିପିବିଦ୍ ଦୀନେଶଚନ୍ଦ୍ର ସରକାର ୧୯୪୨ ଖ୍ରୀ.ରେ ତାଙ୍କର Select Inscriptions, Vol.I ରେ ମଧ ଏହାର ପାଠ ପ୍ରଦାନ କରିଛନ୍ତି । ଏ ଦିଗରେ ସର୍ବଶେଷ ଉଦ୍ୟମ କରିଛନ୍ତି ଡ଼. ନବୀନ କୁମାର ସାହୁ ତାଙ୍କର ଖାରବେଳ (ଇଂରାଜୀ) ପୁସ୍ତକରେ । ପୁସ୍ତକଟି ରାଜ୍ୟ ସଂଗ୍ରହାଳୟ ଦ୍ୱାରା ଖ୍ରୀ. ୧୯୭୪ରେ ପ୍ରକାଶିତ । ଏହା ଉଚ୍ଚମାନର ଏକ ଗବେଷଣାତ୍ମକ ପୁସ୍ତକ ଏବଂ ଗବେଷକ ମାନଙ୍କ ନିମେନ୍ତ ବିଶେଷରୂପେ ସହାୟକ ହୋଇଥାଏ ।

ଏହା ନିଶ୍ଚିତ ଭାବେ ସ୍ୱୀକାର୍ଯ୍ୟଯେ, ଅଭିଲେଖର ସଠିକ ପାଠ ପ୍ରସ୍ତୁତ କରିବା ନିମନ୍ତେ ବହୁ ଭାରତୀୟ ଏବଂ ପାଶ୍ଚାତ୍ୟ ବିଦ୍ୱାନ ବହୁଦିନଧରି ବହୁ ଶ୍ରମ ସ୍ୱୀକାର କରିଛନ୍ତି । ମାତ୍ର ଏପର୍ଯ୍ୟନ୍ତ ଏହାର ପୂର୍ଣ୍ଣାଙ୍ଗ ତଥା ପ୍ରମାଦଶୂନ୍ୟ ପାଠ ଓ ବ୍ୟାଖ୍ୟା ପ୍ରଦତ୍ ହୋଇପାରିନାହିଁ । କାରଣ ଅଭିଲେଖର ପ୍ରଥମ ଚାରିଗୋଟି ପଂକ୍ତିକୁ ବାଦ୍‌ଦେଲେ ଅନ୍ୟ ସମସ୍ତ ପଂକ୍ତିର ବହୁଳ ଅଂଶ ପଠନଯୋଗ୍ୟ ଅବସ୍ଥାରେ ନାହିଁ । ତେବେ ଆମେ ପୁର୍ବସୂରମାନଙ୍କ ପାଠ ଏବଂ ଅଭିଲେଖକୁ ଅନୁଧାନ କରି ନିମ୍ନୋକ୍ତ ପାଠ ଓ ବ୍ୟାକ୍ୟା ପ୍ରସ୍ତୁତ କରିବାର ପ୍ରୟାସ କରିଛୁଁ ।

## ପଂକ୍ତି-୧

ନମୋ ଅରହଂତାନଂ [II] ଣମୋ ସବସିଧାନଂ [II] ଐରେଣ ମହାରାଜେନ ମହାମେଗବାହନେନ ଚେତରାଜ ବସ ବଧନେନ ପସଥ ସୁଭ ଲଖିଲେନ ଚତୁରଂତ ଲୁଠ [ନ] ଗୁଣ ଉପନେତ କଲିଂଗାଧି ପତିନା ସିରି ଖାରବେଲେନ

## ପଂକ୍ତି-୨

ପଂଦରସ ବସାନି ସୀରି କଡ଼ାର ସରୀରବତା କୀଡ଼ିତା କୁମାର କୀଡ଼ିକା [II] ତତୋ ଲେଖ ରୁପ ଗଣନା ବବହାର ବିଧି ବିସାରଦେନ ସବବିଜା ବଦାତେନ ନବ ବସାନି ଯୋବରାଜଂ ପରସାସିତଂ [II] ସଂପୂଣଂ ଚତୁବୀସତି ବସୋ ତଦାନୀ ବଧମାନେ ସେସୟୋ ବେନାଭି ବିଜୟୋ ତତିୟେ

## ପଂକ୍ତି-୩

କଲିଂଗ ରାଜବସେ ପୁରିସ୍ ଯୁଗେ ମହାରାଜାଭିସେଚନଂ ପାପୁନାତି [II] ଅଭିସିତ ଚ ପଧମେବସେ ବାତ ବିହତ ଗୋପୁର ପାକାର ନିବେସନଂ

ପଟିସଂଖାରୟତି କଲିଂଗ ନଗରି ଖିବରି ସିତଲ ତଡ଼ାଗ ପାଡ଼ିୟୋ ଚ ବଂଧାପୟତି ସବୁୟାନ ପଟି ସଂଟପନଂ ଚ

**ପଂକ୍ତି-୪**

ଗଂଧବ ବେଦବୁଧୋ ଦପନତ ଗୀତ ବାଦିତ ସଂଦସନାହି ଉସବ ସମାଜ କାରାପନାହି ଚ କୀଡ଼ାପୟତି ନଗରିଂ [II] ତତା ଚବୁଥେ ବସେ ବଜାଧରାଧିବାସଂ ଅହତ ପୁବଂ କଲିଂଗ ପୁବରାଜ ନିବେସିତଂ... ବିତଧ ମକୁଟ ସ... ନିଖିତ ଛତ

**ପଂକ୍ତି-୬**

ଭିଂଗାରେ ହିତ ରତନ ସାପତେୟେ ସବ ରଠିକ ଭୋଜକେ ପାଦେ ବଂଦା ପୟତି [II] ପଂଚମେ ଚ ଦାନୀ ବସେ ନଂଦରାଜ ତିବସ ସତ ଓଘାଟିତଂ ତନସୁଲିୟ ବାଟା ପନାଡ଼ି ନଗରିଂ ପବେସ [ୟ] ତି.. [II] ଅଭିସିତୋ ଚ [ଛଠେ] ବସେ ରାଜସେୟଂ ସଂଦଂସୟଂ ତୋ ସବକରଣ

**ପଂକ୍ତି-୭**

ଅନୁଗହ ଅନେକାନି ସତସହସାନି ବିସଜତି ପୋରଂ ଜାନପଦଂ [II] ସତମଂ ଚ ବସେ ପସାସତୋ ବଜିରରଘର ବତି..ସ ମତୁକ ପଦ [ପୁନାଂ] ସ [କୁମାର]... [II] ଅଠମେ ଚ ବସେ ମହତି ସେନାୟ ମହତ...ଗୋରଧଗିରିଂ

**ପଂକ୍ତି-୮**

ଘାତା ପୟିତା ରାଜଗହଂ ଉପପୀଡ଼ା ପୟତି [II] ଏତିନଂ ଚ କଂମପଦାନ ସଂନାଦେନ ସବତ ସେନ ବାହନେ ବିପମୁଚିତୁଂ ମାଧୁରଂ ଅପୟୋତା ଦବନ ରାଜ...ମତ (୧) ୟଛତି...ପଇବ ଭାର

**ପଂକ୍ତ-୯**

-କପରୁଖେ ହୟଗଜ ରଧ ସହ ୟଦି ସବଧରାବାସ ପରିବେସନେ.. ସବଗହଣଂ ଚ କାରୟିତୁଂ ବ୍ରହ୍ମଣାନଂ ଜୟ ପରିହାରଂ ଦଦାତ [II] ଅରହଂତ [ପସାଦାୟ] ନବମେ ଚ ବସେ

**ପଂକ୍ତି-୧୦**

[ନଗରିୟ୍ କଳିଂଗ] (୨) (୨) ରାଜା ନିବାସଂ ମହାବିଜୟ୍ ପାସାଦଂ କାରୟତି ଅଠତିସାୟ୍ ସତସହ ସେହି [II] ଦସମେଚବସେ ଦଂଡ଼ ସଂଧ୍ରି ସାମମୟୋ ଭରଧବସ ପଠାନଂ ମହୀଜୟନଂ...କାରାପୟତି [II] ଏକାଦସମେ ଚ ବସେ.. ପାୟାତାନଂ ଚ ମଣି ରତନନି ଉପଲଭତେ [II]

୧. Sten Konow : "ଡ଼ିମିତ" ଏବଂ ଜୟସ୍ୱାଲ : "ଡିମିଟ" ରୂପେ ପାଠୋଧାର କରିଛନ୍ତି । ମାତ୍ର ସଂପ୍ରତି କେବଳ ଶବ୍ଦର ମଧ୍ୟମ ଅକ୍ଷର 'ମ' ଟିହିଁ ପରିଦୃଷ୍ଟ ହେଉଛି । ଏଣୁ ଏହି ଶବ୍ଦର ନିର୍ଭୁଲ ପାଠୋଧାର ପ୍ରଦାନ କରାଯାଇ ନ ପାରେ ।

୨. ଏହି ପାଠ ସନ୍ଦେହ ଜନକ (ଡ଼. ସାହୁଙ୍କ ଦ୍ୱାରା ପ୍ରଦତ୍) ।

**ପଂକ୍ତି-୧୧**

[କଳିଂଗ] ପୁବରାଜ ନିବେସିତଂ ପୁଥୁଡ଼ ଗଦଭନଂଗଲେନ କାସୟତି [II] ଜନପଦ ଭାବନଂ ଚ ତେରସବସ ସତ କତଂ ଭିଦତି ତମିର ଦେହ ସାଂଘାତତଂ [II] ବାରସମଚେ ବସେ... ବିତା ସୟତି ଉତରାପଧ ରାଜନୋ [ତତୋ]

**ପଂକ୍ତି-୧୨**

ମଗଧାନଂ ଚବିପୁଲଂ ଭୟଂଜନୋତୋ ହଥସଂ ଗଂଗାୟା ପାୟ୍ୟତି [II] ମାଗଧଂ ଚ ରାଜନଂ ବହସତି ମିତଂ ପାଦେ ବଂଦାପୟତି [II] ନଂଦରାଜ ନୀତଂ କାଳିଂଗ ଜିନଂ ସଂନିବେସଂ [କଳିଂଗ ରାଜ] ଗହ ରତନ ପରିହାରେହି ଅଂଗ ମଗଧ ବସୁଂ ଚ ନୟତି [II]

**ପଂକ୍ତି-୧୩**

...ତୁଂ ଜଠର ଲଖିଲ ଗୋପୁରାନି ସିହରାନି ନିବେସୟତି ସତ ବିସିକନଂ ପରିହାରେହି [II] ଅଭୁତ ମଛରିୟଂ ଚ ହଥୀନାବ [ତଂ] ପରିହର [ଉପଲଭତେ] ହୟହଥୀ ରତନ ମାନିକଂ [II] ପଂଡ଼ରାଜା ଏଦାନି ଅନେକାନି ମୁତ ମନିରତନାନି ଆହରାପୟତି ଇଧ ସତସ [ହସାନି]

**ପଂକ୍ତି-୧୪**

[ଦକ୍ଷିଣାପଥବା] ସିନୋ ବସୀକାରୋତି [II] ତେସମେ ଚ ବସେ ସୁପବତ

ବିଜୟ ଚଳେ କୁମାରୀ ପଦତେ ଅରହତେହି ପଖିନ ସଂସିତେହି କାୟନିସୀଦିୟାୟ...ରାଜଭିତିନଂ ଚିନବତାନଂ ବାସାସିତାନଂ ପୂଜାନୂରତ ଉବାସଗ [ଖା] ରବେଲସିରିନା ଜୀବଦେହ ସାୟିକା ପରିଖାତା [||]

**ପଂକ୍ତି-୧୫**

...ସକତ ସମଣ ସୁବିହିତାନଂ ଚ ସବଦିସାନଂ ୟତିନଂ ତପସ ଇସିନଂ ସଂଘାୟନଂ ଅରହତ ନିଦିୟା ସମୀପେ ପଭାରେ ବରାକର ସମୁଥାପିତାହି ଅନେକ ଯୋଜନାହି ତାହି ପନତିସାହି ସତସହସେହି ସିଲାହି ସିହପଥ ରାନିସ...

**ପଂକ୍ତି-୧୬**

...ପଟଲିକ ଚତରେ ଚ ବେଡୁରିୟା ଗଭେ ଥଂଭେ ପଟିଥାପୟତି ପାନତରିୟ ସତସହସେହି [||] ମୁରିୟ କାଲ ବୋଛିନଂ ଚ ଚୋୟଠି ଅଂଗ ସଂତିକଂ ତୁରିୟଂ ଉପାଦୟତି [||] ମେଖରାଜା ସ ବଧରାଜା ସ ଭିଖୁରାଜା ଧମରାଜା ପଂସତୋ ସୁନଂତୋ ଅନୁଭବଂତୋ କଲଣାନି

**ପଂକ୍ତି-୧୭**

ଗୁଣବିସେସ କୁସଲୋ ସବ ପାସଂଡ଼ ପୂଜକୋ ସବଦେବାୟତନ ସଂକାର କାରକୋ ଅପରତିହତ ଚକ ବାହନ ବଲୋ ଚକଧରୋ ଗୁତଚକୋ ପବତ ଚକୋ ରାଜସି ବସୁକୁଲ ବିନି ସିତୋ ମହାବିଜୟୋ ରାଜା ଖାରବେଲ ସିରି [||]

## ଭାବାନୁବାଦ

**ପଂକ୍ତି : ୧-୨**

ଅର୍ହତ ମାନଙ୍କୁ ନମସ୍କାର । ସମସ୍ତ ସିଧଙ୍କୁ ନମସ୍କାର । ଆର୍ଯ୍ୟ ମହାମେଘବାହନ ମହରାଜା ଶ୍ରୀ ଖାରବେଳ, ଯେ ଚେତରାଜଙ୍କର ବଂଶର ଗୌରବବର୍ଦ୍ଧନ୍, ସକଳ ଶୁଭ ଲକ୍ଷଣର ଆଧାରର ସ୍ୱରୂପ ଓ ଯାହାଙ୍କର ଗୁଣ ରାଶି ଚତୁର୍ଦ୍ଦିଗରେ ପରିବ୍ୟାପ୍ତ, ସେହି ସୁନ୍ଦର ପିଙ୍ଗଳ ବର୍ଣ୍ଣ ବପୁ ବିଶିଷ୍ଟ କଳିଂଗାଧିପତି ପନ୍ଦରବର୍ଷ ପର୍ଯ୍ୟନ୍ତ କୁମାର ସୁଲଭ କ୍ରୀଡ଼ାମାନ ଖେଳିଥିଲେ ।

## ୨ୟ ଓ ୩ୟ ଧାଡି -

ତାହାପରେ ଲେକ, ରୂପ, ଗଣାନା, ବ୍ୟବହାର ଓ ବିଧି ଆଦି ବିଷୟ୍ ଆୟତ୍ କରି ସେ ସର୍ବ ବିଦ୍ୟାରେ ପାରଙ୍ଗମ ହୋଇଥିଲେ ଏବଂ ନଅବର୍ଷ ପର୍ଯ୍ୟନ୍ତ ଯୁବରାଜ ରୂପେ ରାଜ୍ୟଶାସନ କରିଥିଲେ । ଚତୁର୍ବିଂଶତିବର୍ଷ ବୟସ ପୂର୍ଣ୍ଣହେବାପରେ ସେ କଳିଙ୍ଗ ରାଜବଂଶର ତୃତୀୟ ପୁରୁଷରୂପେ ସିଂହାସନରେ ବେଣ୍ୟଙ୍କ ତୁଲ୍ୟ ମହାରାଜା ରୂପେ ଅଭିଷିକ୍ତ ହୋଇଥିଲେ ।

## ୩ୟ ଓ ୪ର୍ଥ ଧାଡ଼ି -

ରାଜ୍ୟାଭିଷେକର ପ୍ରଥମ ବର୍ଷରେ ସେ ବାତ୍ୟାବିଧ୍ୱସ୍ତ କଳିଙ୍ଗ ନଗରୀର ଦୁର୍ଗପ୍ରାକାର, ଗୋପୁର ଏବଂ ଅଟ୍ଟାଳିକା ଗୁଡ଼ିକର ସଂସ୍କାର ସାଧନ କରିଥିଲେ ଓ ତହିଁ ସଂଗେ ସଂଗେ ଶୀତଳ ପୁଷ୍କରଣୀ ଗୁଡ଼ିକର ପାବଛ ଶ୍ରେଣୀ ନିର୍ମାଣ କରି ଉଦ୍ୟାନ ଗୁଡ଼ିକ ପୁଣିଥରେ ସଜାଇଥିଲେ । ସେହିସବୁ କାର୍ଯ୍ୟରେ ପତ୍ରିଶତ୍ ଲକ୍ଷମୁଦ୍ରା ବ୍ୟୟକରି ସେ ପ୍ରଜାବର୍ଗଙ୍କ ରଞ୍ଜନ କରିଥିଲେ ।

## ୪ର୍ଥ ଓ ୫ମ ଧାଡ଼ି -

ଦ୍ୱିତୀୟ ବର୍ଷରେ ସେ ସାତକର୍ଣ୍ଣୀଙ୍କୁ ଭ୍ରୂକ୍ଷେପ ନକରି ଅଶ୍ୱ,ଗ ଗଜ, ପଦାତିକ ଓ ରଥ ସହି ବିଶାଳ ସେନା ପଶ୍ଚିମ ଦିଗକୁ ପ୍ରେରଣ କରିଥିଲେ । ସେହି ସେନାଦଳ କୃଷ୍ଣାବେଣୀ ପର୍ଯ୍ୟନ୍ତ ଅଗ୍ରସର ହୋଇ ଅସକ ନଗରୀରରେ ଭୀତି ସାର କରିଥିଲେ ।

ତୃତୀୟ ବର୍ଷରେ ସେ ଗାନ୍ଧର୍ବ ବେଦ ପ୍ରବୀଣ (ମହାରାଜା) ଦପ, ନୃତ୍ୟ, ଗୀତ, ବାଦ୍ୟ ସହି ବିବିଧ ଉତ୍ସବ ସମାଜମାନ ଅନୁଷ୍ଠିତ କରାଇଥିଲେ । ତଦ୍ୱାରା କଳିଙ୍ଗନଗରୀ ପୁଣି କ୍ରୀଡ଼ାରେ ମାତି ଉଠିଲାପରି ଜଣା ପଡୁଥିଲା ।

## ୫ମ ଓ ୬ଷ୍ଠ ଧାଡ଼ି -

ଚତୁର୍ଥ ବର୍ଷରେ କଳିଙ୍ଗର ପୂର୍ବ ରାଜାମାନଙ୍କ ଦ୍ୱାରା ସଂଗଠିତ ଅଜେୟ ବିଦ୍ୟାଧର ରାଜ୍ୟ...( ୧ ) ରାଷ୍ଟ୍ରିକ ଓ ଭୋଜକ ରାଜ୍ୟର ଶାସକମାନେ ଭଗ୍ନ-ମୁକୁଟ ହୋଇ, ରାଛଛତ୍ର ଓ ଲାଞ୍ଛନ ଫିଙ୍ଗି ମଣି, ରତ୍ନ ସମ୍ପଦ ସମର୍ପଣ ପୂର୍ବକ ତାଙ୍କର ପଦ ବନ୍ଦନା କରିଥିଲେ ।

## ୬ଷ୍ଠ ଓ ୭ମ ଧାଡ଼ି -

ରାଜତ୍ୱର ପମ ବର୍ଷରେ ସେ (ଖାରବେଳ) ତିନିଶତ ବର୍ଷ ପୂର୍ବେ ନନ୍ଦରାଜା ଖୋଳାଇଥିବା ପ୍ରଣାଳୀକୁ ତନସୁଲୀ ବାଟଦେଇ କଳିଙ୍ଗନଗରୀ ପର୍ଯ୍ୟନ୍ତ ବିସ୍ତୃତ କରାଇଥିଲେ ।

ଅଭିଷେକର ଷଷ୍ଠ ବର୍ଷରେ ସେ ରାଜଐଶ୍ୱର୍ଯ୍ୟ (୧) ପ୍ରଦର୍ଶନ ପୂର୍ବକୁ ପୌର ଓ ଜନପଦ ସର୍ବତ୍ର ବହୁଲକ୍ଷ ମୁଦ୍ରାର କର ଏବଂ ଅନୁଗ୍ରହ ଛାଡ଼ କରାଇଥିଲେ ।

ରାଜତ୍ୱର ସପ୍ତମ ବର୍ଷରେ ବଜିର ଘରବତୀ (ରାଣୀ) ମାତୃତ୍ୱ ଲାଭ କରିଥିଲେ ।

## ୭ମ ଓ ୮ମ ଧାଡ଼ି -

ଯତି (ଖାରବେଳ) ପଲ୍ଲବଭାର କଳ୍ପବୃକ୍ଷକୁ ହୟ, ଗଜ, ରଥ ସହ ସ୍ୱଦେଶକୁ ଆଣି ପ୍ରତ୍ୟେକ ଗୃହ ଓ ଆବାସରେ ଧନ ବନ କରିଥିଲେ । ବିଜୟଲବ୍‌ଧ ଧନ ଯେ ସମସ୍ତଙ୍କର ଗ୍ରହଣୀୟ ତାହା ପ୍ରତିପାଦନ କରିବା ନିମନ୍ତେ ବ୍ରାହ୍ମଣମାନଙ୍କୁ ମଧ ଦାନ କରିଥିଲେ ।

## ୯ ଧାଡ଼ି ଓ ୧୦ମ ଧାଡ଼ି -

ନବମବର୍ଷରେ ସେ ଅଷ୍ଟତ୍ରିଂଶତଂ ଲକ୍ଷମୁଦ୍ରା ବ୍ୟୟରେ ମହାବିଜୟ ପ୍ରସାଦ ନାମକ ରାଜନିବାସ ନିର୍ମାଣ କରିଥିଲେ । ଦଶମ ବର୍ଷରେ ଦଣ୍ଡ, ସନ୍ଧି ଓ ସାମମୟ (ଖାରବେଳ) ଭାରତବର୍ଷ ଅଭିମୁଖରେ ସୈନ୍ୟ ପ୍ରେରଣ କରିଥିଲେ ।

## ୧୦ମ ଓ ୧୧ଶ ଧାଡ଼ି -

ଏକାଦଶ ବର୍ଷରେ ପଳାୟମାନ ଶତ୍ରୁଙ୍କଠାରୁ ବହୁ ମଣିରତ୍ନ ଲାଭ କରିଥିଲେ । ସେ କଳିଙ୍ଗର ପୁର୍ବରାଜାମାନଙ୍କ ଦ୍ୱାରା ପ୍ରତିଷ୍ଠିତ ପିଥୁଡ଼କୁ ଗଧଯୋଚିତ ଲଙ୍ଗଳରେ କର୍ଷଣ କରିଥିଲେ । ଆହୁରି ମଧ ତେରଶହ ବର୍ଷଦରି ସଂଗଠିତ ତାମିଲ ରାଷ୍ଟ୍ର ସଂଘକୁ ଭାଙ୍ଗି ଦେଇଥିଲେ ।

## ୧୧ଶ ଓ ୧୨ଶ ଧାଡ଼ି -

ଦ୍ୱାଦଶ ବର୍ଷରେ ସେ ଏକଲକ୍ଷ ସୈନ୍ୟ ଘେନି ଉତ୍ତରାପଥର ରାଜାମାନଙ୍କୁ ସଂତ୍ରସ୍ତ କରିଥିଲେ । ସେ ହସ୍ତୀମାନଙ୍କୁ ଗଙ୍ଗାନଦୀରେ କଳପାନ କରାଇବା

ସମୟରେ ମଗଧବାସୀଙ୍କ ମନରେ ବିପୁଳ ଭୟ ଜନ୍ମାଇଥିଲେ ଏବଂ ମଗଧରାଜ ବହସତି ମିତ (ବୃହଷ୍ପତି ମିତ୍ର) ତାଙ୍କର ପଦ ବନ୍ଦନା କରିଥିଲେ । ତାହାପରେ ସେ ନନ୍ଦରାଜା ନେଇଥିବା କାଳିଙ୍ଗଜିନ ସହିତ ଅଂଗ ଓ ମଗଧ ରାଜ୍ୟର ବହୁ ସଂପଦ ଘେନି ଆସିଥିଲେ ।

୧୩ଶ ଧାଡ଼ି

ସେ ଶତ ବିସିକହ (ଦୁଇହଜାର ?) ମୁଦ୍ରା ବ୍ୟୟରେ ସୁଦୃଢ଼ ତଥା ସୁନ୍ଦର ଗୋପୁର ଓ ଶିଖରମାନ ନିର୍ମାଣ କରିଥିଲେ । ଅଦ୍ଭୁତ ଓ ଆଶ୍ଚର୍ଯ୍ୟ ଧରଣର ହସ୍ତୀ ଓ ନାବ ହରାଇ ସେ ଅନେକ ଅଶ୍ୱ, ହସ୍ତୀ, ମଣି, ମାଣିକ୍ୟ ଲାଭ କରିଥିଲେ । ପାଣ୍ଡ୍ୟରାଜା ଲକ୍ଷମୁଦ୍ରା ମୂଲ୍ୟର ଅନେକ ମୁକ୍ତା ଓ ମଣିରତ୍ନ ଏଠାକୁ (କଳିଙ୍ଗ ନଗରୀକୁ) ଉପହାର ଦେବା ନିମନ୍ତେ ଆଣିଥିଲେ ।

## ୧୪ଶ ଧାଡ଼ି

ସେ... ଅଧିବାସୀଙ୍କୁ ବଶୀଭୂତ କରିଥିଲେ । ତୟୋଦଶ ବର୍ଷରେ ରାଜବୃତି୍ ଭୋଗୀ, ଝୀନ ବାସଧାରୀ ବର୍ଷାବାସୀ ଅର୍ହତଙ୍କ ପୂଜକ, ଉପାସକ ଶ୍ରୀ ଖାରବେଳ ବିଜୟଚକ୍ର ସ୍ୱପ୍ରବର୍ତ୍ତିତ ହୋଇଥିବା କୁମାରୀ ପର୍ବତ (ଉଦୟଗିରି) ଗାତ୍ରରେ ସର୍ବତ୍ୟାଗୀ ଜପୋଦ୍ୟାପକ ଅର୍ହତମାନଙ୍କର ଶରୀର ବିଶ୍ରାମ ନିମନ୍ତେ ଜୀବଦେହି ଆଶ୍ରୟସ୍ଥଳୀମାନେ ଖୋଳାଇଥିଲେ ।

## ୧୫ଶ ଓ ୧୬ଶ ଧାଡ଼ି

ସିଂହପଥ ରାଣୀଙ୍କ ଅଭିଳାଷ କ୍ରମେ, ସମ୍ମାନାସ୍ପଦ ଅର୍ହତମାନଙ୍କ ସୁବିଧାପାଇଁ ଏବଂ ସର୍ବଦିଗରୁ ଆସୁଥିବା ଯତି, ତାପସ, ଋଷି ଓ ସଂଘାୟନଙ୍କ ନିମନ୍ତେ ସେ ବହୁ ଯୋଜନ ଦୂରରୁ ଆନୀତ ପଂଚତ୍ରିଶତ ଲକ୍ଷ ଶିଳାଖଣ୍ଡ ଦ୍ୱାରା ଅର୍ହତଙ୍କର ଆଶ୍ରୟସ୍ଥଳୀ ସମୀପରେ ତଥା ସମ୍ମୁଖଭାଗରେ ସୁନ୍ଦର ହର୍ମ୍ୟ ନିର୍ମାଣ କରିଥବଲେ ଏବଂ ତହିଁରେ ପାଟଳ ବର୍ଣ୍ଣର ଚଟାଣ ଉପରେ ବୈଦୁର୍ଯ୍ୟ ଖଚିତଦ ସ୍ତମ୍ଭମାନ ଗଢ଼ି ଏକଶତ ୫ଲକ୍ଷ ମୁଦ୍ରା ବ୍ୟୟ କରିଥିଲେ ।

ସେ ମୌର୍ଯ୍ୟକାଳରେ ବ୍ୟବଚ୍ଛିନ୍ନ ହୋଇଥିବା ଚଉଷଠି କଳାଯୁକ୍ତ ତୌର୍ଯ୍ୟତ୍ରିକ (ସଂଗୀତ, ନୃତ୍ୟ ଓ ବାଦ୍ୟାଦି) ର ଉନ୍ନୟନ କରାଇଥିଲେ ।

## ୧୬ଶ ଓ ୧୭ଶ ଧାଡ଼ି

ଏହି ରୂପ ରାଜ୍ୟ ଶାସନ କରି ସେହି କ୍ଷେମରାଜ, ବୃଦ୍ଧିରାଜ, ଭିକ୍ଷୁରାଜ, ଧର୍ମରାଜ, ରାଜର୍ଷିବସୁଙ୍କ ଦାୟାଦ ମହାବିଜୟୀ ଶ୍ରୀଖାରବେଳ, ସେ ବିଶେଷ ଗୁଣର ଆଧାର, ସର୍ବ ଧର୍ମର ପୂଜକ, ସର୍ବଦେବାୟତନ ସଂସ୍କାରକାରକ, ଅପ୍ରତିହତ ସେନାବଳର ଅଧିକାରୀ, ଏବଂ ତତ୍‌ସହିତ ଯେ ଶାସନ ଚକ୍ରଧାରକ, ନିୟମ ଶୃଙ୍ଖଳା ରକ୍ଷକ ଓ ନୀତିନିୟମ ପ୍ରବର୍ତ୍ତକ, ସେ ସର୍ବ ବିଷୟ ଦେଖି, ଶୁଣି ଏବଂ ଅନୁଭବ କରି ବହୁ କଲ୍ୟାଣମୟ କାର୍ଯ୍ୟ ସଂପାଦାନ କରିଥିଲେ ।

***

# ଖାରବେଳଙ୍କ ବ୍ୟକ୍ତିଗତ ଇତିହାସ

'ଖାରବେଳ' ଶବ୍ଦର ଅର୍ଥ ସମ୍ଭବତଃ ସମୁଦ୍ର କିମ୍ବା ସମୁଦ୍ର ବେଷ୍ଟିତ ଦେଶ । ସଂସ୍କୃତ ଶବ୍ଦ 'କ୍ଷାରବେଲ'ର ପ୍ରାକୃତ ରୂପାନ୍ତର 'ଖାରବେଲ' । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖର ପ୍ରାୟ ସର୍ବତ୍ର 'କ୍ଷ' ସ୍ଥାନରେ 'ଖ' ଅକ୍ଷର ବ୍ୟବହୃତ । ପ୍ରଖ୍ୟାତ ଭାଷାତତ୍ୱବିଦ୍ ସ୍ୱର୍ଗୀୟ ସୁନୀତ୍ କୁମାର ଚାଟାର୍ଜୀ ଖାରବେଳଙ୍କୁ ଦ୍ରାବିଡ଼ ଜାତିର ଅନ୍ତର୍ଭୁକ୍ତ କରି ଦ୍ରାବିଡ଼ ଭାଷାନୁଯାୟୀ ଖାରବେଳ ଶବ୍ଦର ତର୍ଜମା କରି ଏହାର ଅର୍ଥ କୃଷ୍ଣକାୟ (Black Lancer) ହୋଇଥିବାର ମତବ୍ୟକ୍ତ କରିଛନ୍ତି ।

ମାତ୍ର ଆମେ ପୂର୍ବରୁ ଆଲୋଚନା କରି ସାରିଛୁଁ ଯେ ବେଦି ରାଜବଂଶ ବୈଦିକ କାଳରୁ ,କ ସମ୍ମାନାସ୍ପଦ ଆର୍ଯ୍ୟଜାତି ରୂପେ ସ୍ୱୀକୃତ । ଏଣୁ ଖାରବେଳଙ୍କୁ ଦ୍ରାବିଡ଼ ଜାତିର ଅନ୍ତର୍ଭୁକ୍ତ କରିଯିବା ଆଦୌ ସମୀଚୀନ ହେବନାହିଁ । ସେହିପରି ସେ କୃଷ୍ଣକାୟ ତଥା ଭୟଙ୍କର ରୂପ ବିଶିଷ୍ଟ ହୋଇଥବବା ମଧ କୁହାଯାଇନପାରେ । ହାତୀଗୁମ୍ଫା ଶିଳାଲେଖରୁ ଏହା ସ୍ପଷ୍ଟରୂପେ ପ୍ରତିପାଦିତ ହୁଏ ଯେ, ସେ ଥିଲେ ପିଙ୍ଗଳ ବପୁ ବିଶିଷ୍ଟ ରୂପବାନ ପୁରୁଷ । ତାଙ୍କର ସୁଗଠିତ ଶରୀରରେ ମହାମାନବର ଲକ୍ଷଣ ସମୂହ ପ୍ରକାଶ ପାଉଥିବା ଜନ୍ମ ସମୟରୁ ଜଣାପଡ଼ିଥିଲା ।

ବାଲ୍ୟାବସ୍ଥାରେ ଖାରବେଳଙ୍କ ଉନ୍ମୁଖ ବ୍ୟକ୍ତିତ୍ୱର ବିକାଶ ନିମନ୍ତେ ବିଶେଷ ଉଦ୍ୟମ କରାଯାଇଥିଲା । ବିବିଧ କ୍ରୀଡା ମାଧମରେ ଶିକ୍ଷା ଆରମ୍ଭ କରି ସେ ପନ୍ଦର ବର୍ଷ ବୟସ ବେଳକୁ ଲିଖନ (ରାଜକୀୟ ପତ୍ରାଳାପ) ରୂପ (ମୁଦ୍ରା ବିଜ୍ଞାନ), ଗଣନା (Accuntancy) ବ୍ୟବହାର (ଆଇନ୍ ଶାସ୍ତ୍ର), ବିଧି (ପ୍ରଶାସନିକ ବିଦ୍ୟା) ଏବଂ ଅନ୍ୟ ସମସ୍ତ ପ୍ରକାର ବିଦ୍ୟାରେ ନିପୁଣତା ଲାଭ କରିଥିଲେ ।

ହାତୀଗୁମ୍ଫା ଅଭିଲେଖରୁ ଏହା ସ୍ପଷ୍ଟରୂପେ ପ୍ରତିପାଦିତ ହୁଏ ଯେ, ଖାରବେଳଙ୍କୁ ୧୫ ବର୍ଷ ବୟସ ବେଳକୁ ଯୁବରାଜ ରୂପେ ଅଧିଷ୍ଠିତ କରାଯାଇଥିଲା । ମାତ୍ର ଏହି ଅଭିଲେଖରୁ ତାଙ୍କୁ କିଏ ଏହି ପଦବୀରେ ଅଧିଷ୍ଠିତ କଲେ ତାହା ଜଣାପଡ଼େ ନାହିଁ । ଏଥିରୁ ଅନୁମତି ହୁଏ ଯେ, ଏହି ସମୟରେ ଖାରବେଳଙ୍କ ପିତାଙ୍କ ଅକାଳମୃତ୍ୟୁ ହୋଇଥିଲା ଏବଂ ସେଥିପାଇଁ ନାବାଳକ ଅବସ୍ଥାରେ ଯୁବରାଜା ପଦବୀ, ଗ୍ରହଣ କରି ସେ ଅନ୍ୟମାନଙ୍କ ସହାୟତାରେ

ରାଜ୍ୟ ଶାସନ କରିଥିଲେ । ଏହି ପ୍ରକାର ଶାସନ ପ୍ରଣାଳୀକୁ ପ୍ରାଚୀନ ଜୈନ ଗ୍ରନ୍ଥ "ଆୟାରଙ୍ଗ ସୂତଂ" ରେ "ଯୁବରାଜ୍ୟାନି" ରୂପେ ଉଲ୍ଲେଖ କରାଯାଇଛି । ପ୍ରାଚୀନ କାଳରେ ରାଜାଙ୍କ ଅକାଳ ବିୟୋଗରେ ନାବାଳକ କୁମାରଙ୍କୁ ସିଂହାସନରେ ଅଭିଷିକ୍ତ କରାଇ ରାଜମାତାମାନେ ଶାସନ ପରିଚାଳନା କରିବାର ଅନେକ ଦୃଷ୍ଟାନ୍ତ ରହିଛି । ମାତ୍ର ହାତୀଗୁମ୍ଫା ଅଭିଲେଖ ଏ ସମ୍ବନ୍ଧରେ ସମ୍ପୂର୍ଣ୍ଣ ନୀରବ । ସେ ଯାହା ହେଉ ୨୪ ବର୍ଷ ବୟସ ସମ୍ପୂର୍ଣ୍ଣ ହୋଇ ୨୫ ବର୍ଷ ବୟସରେ ଉପନୀତ ହେଲାପରେ ଖାରବେଳ ମହାରାଜା ପଦବୀ ଗ୍ରହଣ କରିଥିଲେ ।

ଅଭିଲେଖୀୟ ଏବଂ ଉଦୟଗିରି - ଖଣ୍ଡଗିରିରେ ଖୋଦିତ ଚିତ୍ରାବଳୀରୁ ଏହା ସ୍ପଷ୍ଟରୂପେ ପ୍ରତିପାଦିତ ହୁଏ ଯେ ଖାରବେଳଙ୍କ ଦୁଇ ଜଣ ମହିଷୀ ଥିଲେ । ସମ୍ଭବତଃ ଖାରବେଳଙ୍କ ଅଭିଷେକ ଉତ୍ସବ ପାଳିତ ହେବା ସମୟରେ ପ୍ରଥମା ମହିଷୀଙ୍କ ସହ ବିବାହ ସମ୍ପନ୍ନ ହୋଇ ସାରିଥିଲା । ହାତୀଗୁମ୍ଫା ଅଭିଲେଖରେ ସେହି ମହିଷୀଙ୍କୁ ବଜିରଘରବତୀ ରୂପେ ସୂଚିତ କରାଯାଇଛି । ଉପରୋକ୍ତ ବଜିର ଘରକୁ ଆଧୁନିକ ମଧ୍ୟପ୍ରଦେଶରେ ଥିବା ଜବଲ୍‌ପୁର ନିକଟବର୍ତ୍ତୀ ତ୍ରେରାଗଡ଼ ସହ ଚିହ୍ନିତ କରାଯାଇପାରେ । ଏହି ମହିଷୀଙ୍କର ପରିଚୟ ମଞ୍ଚପୁରୀ ଗୁମ୍ଫା ଅଭିଲେଖରୁ ମଧ୍ୟ ମିଳିଥାଏ । ସେଥିରେ ରାଜା ଲାଲାର୍କଙ୍କ ଦୁହିତା ଏବଂ ତାଙ୍କର ପିତା ଲାଲାର୍କ ଥିଲେ ରାଜା ହସ୍ତୀସିଂହଙ୍କର ପ୍ରପୌତ୍ର । ଲାଲାର୍କଙ୍କର ପିତା ବା ପିତାମହଙ୍କ ନାମ ମଧ୍ୟ ଉପରୋକ୍ତ ଅଭିଲେଖରୁ ମିଳେ ନାହିଁ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଉପରୋକ୍ତ ଲାଲାର୍କ ଏବଂ ହସ୍ତୀସିଂହଙ୍କ ନାମ ମଧ୍ୟ ଅନ୍ୟ କୌଣସି ସମସାମୟିକ ଅଭିଲେଖରୁ ସବିଶେଷ ବିବରଣୀ ପ୍ରଦାନ କରାଯିବା ଅସମ୍ଭବ ମନେହୁଏ ।

ହାତୀଗୁମ୍ଫା ଅଭିଲେଖରେ ଦ୍ୱିତୀୟ ମହିଷୀଙ୍କୁ ସିଂହ ପଥ ରାଣୀ ବୋଲି ଉଲ୍ଲେଖ କରାଯାଇଛି । ସିଂହପଥକୁ ଅଧୁନାତନ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲ୍ଲା ଅନ୍ତର୍ଗତ ସିଙ୍ଗପୁରମ୍ ସହି ପରିଚିହ୍ନିତ କରାଯାଇଛି । ଉଲ୍ଲେଖ ଯୋଗ୍ୟ ଯେ ଖ୍ରୀଷ୍ଟୀୟ ଚତୁର୍ଥ ଶତକରେ ମାଠର ରାଜବଂଶୀୟ ଶାସନ କାଳରେ ଏହାହିଁ କଳିଙ୍ଗର ରାଜଧାନୀ ଥିଲା । ଖାରବେଳ କିଭଳି ପରିସ୍ଥିତିରେ ଦ୍ୱିତୀୟା ମହିଷୀଙ୍କ ପାଣିଗ୍ରହଣ କଲେ, ସେ ସମ୍ବନ୍ଧରେ କୌଣସି ଅଭିଲେଖୀୟ ବିବରଣୀ ମିଳେ ନାହିଁ । ମାତ୍ର ରାଣୀଗୁମ୍ଫା ଉପର ମହଲାରେ ଖୋଦିତ ଚିତ୍ରାବଳୀ (ଫଳକ ନ. ୨) କୁ ଅନୁଧାନ କରି ପ୍ରଖ୍ୟାତ ଐତିହାସିକ ସ୍ୱର୍ଗୀୟ ନବୀନ କୁମାର ସାହୁ ଏ ସମ୍ବନ୍ଧରେ ନିମ୍ନୋକ୍ତ ବର୍ଣ୍ଣନା ପ୍ରଦାନ କରିଛନ୍ତି ।

ଥରେ ସିଂହପଥର ରାଜା ସପରିବାର ବନବିହାର କରି ଶେଷରେ ଅରଣ୍ୟ ମଧ୍ୟରେ ଥିବା ଏକ ପଦ୍ମ ପୋଖରୀକୁ ସ୍ନାନ କରିବା ପାଇଁ ଆସିଲେ । ତାହା ପୂର୍ବରୁ ଏକ ଦନ୍ତାହାତୀ କେତେକ ହସ୍ତିନୀଙ୍କ ସହ ଉକ୍ତ ପୋଖରୀର ପଦ୍ମ ବନରେ ଉନ୍ମୁକ୍ତ ହୋଇ କ୍ରୀଡ଼ା କରୁଥାନ୍ତି । ରାଜା ହସ୍ତୀପଲକୁ ତଡ଼ିବା ନିମନ୍ତେ ଉଦ୍ୟ କରିବାରୁ ଦନ୍ତା ବଳଟି କ୍ରୁଧ୍ ହୋଇ ତାଙ୍କୁ ଆକ୍ରମଣ କଲା । ସେ ସାହସର ସହିତ ତାଙ୍କର ସମ୍ମୁଖୀନ ହେଲେ ଏବଂ ଉଭୟ ଦଳ ମଧ୍ୟରେ କିଛିକକାଳ ଖଣ୍ଡଯୁଧ ଚାଲିଲା । ସେତେବେଳ ରାଜନନ୍ଦିନୀ ନିଜ ଜୀବନକୁ ଭ୍ରୁକ୍ଷେପ ନକରି ହସ୍ତୀ ସମ୍ମୁଖକୁ ଆସି ତାହା ଉପରକୁ ନିଜର ଅଙ୍ଗାଭରଣମାନ ନିକ୍ଷେପ କଲେ । ହସ୍ତୀଟି କ୍ଷତବିକ୍ଷତ ହୋଇ ପଛଘୁଁ ଦେଲା, ମାତ୍ର ସେହି ସଂଘର୍ଷରେ ରାଜ ପୁରୁଷ ସାଂଘାତିକ ଭାବରେ ଆହତ ହେଲେ । ରାଜ ଜେମା ତାଙ୍କୁ ନିକଟସ୍ଥ ଏକ ଗିରିଗୁହାକୁ ଶୁଶ୍ରୁଷା ନିମନ୍ତେ ଘେନିଗଲେ ।

ହସ୍ତୀଦଳ ସହ ସଂଘର୍ଷ ଚାଲିଥିବା ସମୟରେ କେତେଜଣ ମହିଳା ଭୟବିହ୍ୱଳା ହୋଇ ଇତସ୍ତତଃ ପଳାୟନ କରିଥିଲେ । ସେମାନଙ୍କ ମଧ୍ୟରେ ଥିବା ରାଜାଙ୍କର ଏକ ଅନୁଚରି ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଗୁପ୍ତଚରୀ ରୂପେ କାର୍ଯ୍ୟ କରୁଥିବାର ଅନୁମତି ହୁଏ । ରାଜ କନ୍ୟାଙ୍କୁ ଲାଭ କରିବା ନିମନ୍ତେ ସେହି ପୁରୁଷଙ୍କର ବହୁଦିନରୁ ଗୁପ୍ତ ଅଭିଳାଷ ଥବଲା ଏବଂ ଅନ୍ତଃପୁରର ସେହି ପରିଚାରକା ଥିଲା ତାଙ୍କ ଉଦ୍ଦେଶ୍ୟ ପୂରଣର ସହକାରିଣୀ । ସେହି ଲମ୍ପଟ ପୁରୁଷ ଗୁପ୍ତଚରୀ ଠାରୁ ରାଜାଙ୍କର ଦୁରବସ୍ଥା ସମ୍ପର୍କରେ ସମ୍ବାଦ ପାଇବା ମାତ୍ରେ ତାର ଉପ୍‌ସିତା ରାଜକନ୍ୟାକୁ ଲାଭ କରିବା ଲାଳସାରେ ଅସ୍ଥିର ହୋଇ ଉଠିଲେ । ଗୁପ୍ତଚରୀ ତାଙ୍କୁ ପଥ କଢ଼ାଇ ଗିରିଗୁହାକୁ ନେଇଗଲା । ସେଠାରେ ସେ ରାଜପୁରୁଷଙ୍କୁ ଆହତ ଓ ଅସହାୟ ଅବସ୍ଥାରେ ଦେଖି ନିର୍ମମ ଭାବେ ହତ୍ୟା କଲା ଏବଂ ରାଜକନ୍ୟାଙ୍କୁ ଅପହରଣ କରିବା ନିମନ୍ତେ ବଳପ୍ରୟୋଗ କଲା । ସେହି ବୀରତରୁଣୀ ନିଜ ସମ୍ମାନ ରକ୍ଷା ନିମନ୍ତେ ମୃତ ପିତାଙ୍କର ଅସ୍ତ୍ରଧରି ତାଙ୍କର ପ୍ରତିରୋଧ କଲେ । ମାତ୍ର ଅଳ୍ପକାଳ ପରେ ସେ ଦ୍ୱନ୍ଦ୍ୱ ଯୁଧରେ ପରାଭୂତା ମନ୍ଦିନୀ ହେଲେ ।

ସୌଭାଗ୍ୟ ବଶତଃ ସେତେବେଳ ଖାରବେଳ ସଦଳବଳେ ସେହି ଅରଣ୍ୟରେ ପାରିଧିବିଜେ କରିଥାନ୍ତି । ସମ୍ରାଟଙ୍କର ସେନା କୋଳାହଳରେ ବନଭୂମି ହଠାତ୍ ମୁଖରିତ ହୋଇ ଉଠିଲା । ସେହି ଲମ୍ପଟ ପୁରୁଷ ଭୟଭୀତ

ହୋଇ ରାଜଜେମାଙ୍କୁ ଅରଣ୍ୟରେ ଏକାକିନୀ ଛାଡ଼ି ପଳାୟନ କଲେ ।

ଇତ୍ୟବସରରେ ଖାରବେଳଙ୍କ ଦ୍ୱାରା ଶରବିଧ ହୋଇ ଦ୍ରୁତଗାମୀ ମୃଗଟିଏ ନିକଟସ୍ଥ ଏକ ବୃକ୍ଷ ମୂଳରେ ଟଳି ପଡ଼ିଲା । ସମ୍ରାଟ ଅଶ୍ୱପୃଷ୍ଠରୁ ଅବତରଣ କରି ନିଜେ ସେହି ଆହତ ମୃଗ ଆଡ଼କୁ ଅଗ୍ରସର ହେଲେ । ନିକଟକୁ ଯାଇ ଦେଖିଲେ, ଜଣେ ତରୁଣୀ ବୃକ୍ଷ ଶାଖାରେ ବସି ଆଶ୍ରୟ ପ୍ରାର୍ଥନା କରୁଛନ୍ତି । ତାଙ୍କର ପରିଚୟ ଲାଭ କରି ଖାରବେଳ ତାଙ୍କୁ ଅଭୟ ପ୍ରଦାନ କଲେ ଏବଂ ଆଦର ସହ ନିଜ ପ୍ରାସାଦକୁ ଘେନି ଆସିଲେ । ସିଂହପଥ ରାଜକନ୍ୟାକୁ ଉଧାର କରି ଆଣିଥିବା ଉପଲକ୍ଷରେ ରାଜାଧାନୀ କଳିଙ୍ଗ ନଗରୀରେ ନୃତ୍ୟଗୀତ ସହ ବିବିଧ ଉତ୍ସବ ଆୟୋଜିତ ହୋଇଥିଲା । ଖୋଦି ଚିତ୍ରରେ ଖାରବେଳ ନିଜେ ସେହି ନବାଗତା ରାଜକନ୍ୟାଙ୍କୁ ପାଖରେ ବସାଇ ନୃତ୍ୟ ସଂଗୀତ ଉପଭୋଗ କରୁଥିବାର ଦେଖାଯାନ୍ତି । ଚିତ୍ରାବଳୀର ସର୍ବଶେଷ ଅଂଶରେ ସମ୍ରାଟ ସେହି ରାଜକନ୍ୟାଙ୍କ ସହିତ ବିବାହ ବନ୍ଧନରେ ଆବଧ ହୋଇ ପ୍ରମୋଦ ଉଦ୍ୟାନରେ ବିହାର କରୁଥିବାର ଦୃଶ୍ୟ ଦେଖିବାକୁ ମିଳେ ।

ରାଣୀଗୁମ୍ଫାର ତଳ ମହଲାର ଡ଼ାହାଣ ପାର୍ଶ୍ୱରେ ଖୋଦିତ ଏକ ଚିତ୍ରାବଳୀରେ ସମ୍ରାଟ ଖାରବେଳ ଉଭୟ ରାଣୀଙ୍କ ମଧରେ ଉପବିଷ୍ଟ ହୋଇଥିବା ଦେଖାଯାନ୍ତି । ଅନେକ ଚିତ୍ରାବଳୀକୁ ଅନୁଧାନ କଲେ ଜଣାପଡ଼େ ଯେ ଖାରବେଳଙ୍କ ସହ ଉଭୟ ମହିଷୀ ବିଭିନ୍ନ ଅବସରରେ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥିତ ହେଉଥିଲେ ।

ସମ୍ଭବତଃ ହାତୀଗୁମ୍ଫା ଶିଳାଲେଖ ଖାରବଳେଙ୍କ ରାଜତ୍ୱର ଚତୁର୍ଦ୍ଦଶ ବର୍ଷରେ ଉତ୍କୀର୍ଣ୍ଣିତ ହୋଇଥିଲା, କାରଣ ଏଥିରେ ରାଜତ୍ୱର ତ୍ରୟୋଦଶ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକଳାପର ବର୍ଷାନୁବର୍ଷ ବିବରଣୀ ମିଳିଥାଏ । ତାର ପରର୍ବୀ ଇତିହାସ ଆଜି ମଧ ଅନ୍ଧକାର ମଧରେ ରହିଛି । ଏଣୁ ଖାରବେଳ ସର୍ବମୋଟ କେତେ ବର୍ଷ ରାଜତ୍ୱ କରିଥିଲେ ଏବଂ କେତେ ବର୍ଷ ବିଥିଲେ ତାହା କୁହାଯାଇପାରୁନାହିଁ ।

***

# କଳିଙ୍ଗର ମହାରାଜା ଖାରବେଳ

ହାତୀଗୁମ୍ଫା ଶିଳାଲେକରୁ ଏହା ସ୍ପଷ୍ଟରୂପେ ପ୍ରତିପାଦି ହୁଏ ଯେ, କଳିଙ୍ଗରେ ମହାରାଜା ଖାରବେଳ ହେଉଛନ୍ତି ଚେଦି ମହାମେଘବାହନ ବଂଶର ତୃତୀୟ ରାଜା:

"X X X ବେନାଭି ବିଜୟୋ ତତିୟେ
କଲିଂଗ ରାଜବସେ ପୁରିସ ଯୁଗେ ମହାରାଜା
ଭିସେଚନଂ ପାପୁନାତି" (ଫଂକ୍ତି ୨/୩)

ବେନଙ୍କ ପୁତ୍ରଙ୍କ ଅଭିଷେକ ଉତ୍ସବ ସହ ଖାରବେଳଙ୍କ ଅଭିଷେକ ଉତ୍ସବକୁ ତୁଳନା କରାଯାଇଥିବା ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଏ । ମହାଭାରତର ବର୍ଣ୍ଣନାଯାୟୀ ଅଭିଷେକ ସମୟରେ ଦେବତା ଓ ଋଷିମାନେ ବେନଙ୍କ ପୁତ୍ର ପୃଥଙ୍କୁ ଶପଥ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇ କହୁଛନ୍ତି :

"ପ୍ରତିଜ୍ଞା ବାଧିରୋହସ୍ୱ ମନସା କର୍ମଣାଗିରା ।
ପାଳୟିଷ୍ୟାମ୍ୟହଂ ଭୌମଂବ୍ରହ୍ମ ଇତ୍ୟେନ ଚାସକୃତ୍ ।।
ଯଶ୍ଚାତ୍ର ଧର୍ମୋ ନିତ୍ୟୋକ୍ତ ଦଣ୍ଡନୀତି ବ୍ୟାପାଶ୍ରୟ ।
ତମଶଙ୍କଃ କରିଷ୍ୟାମି ସ୍ୱବଶୋ ନ କଦାଚନ ।।
(ଶାନ୍ତିପର୍ବ-୫୨/୧୦୬/-୦୭)

ଅର୍ଥାତ୍ - ଏହା ସହ ପ୍ରତିଜ୍ଞାରେ ଯେ, ମୁଁ ମନ, ବାଣୀ ଏବଂ କ୍ରିୟାଦ୍ୱାରା ପୃଥିବୀ (ଦେଶ) ର ନିରନ୍ତର ପାଳନ କରିବି । ବେଦରେ ବର୍ଣ୍ଣିତ ଦଣ୍ଡନୀତି ସହ ସମ୍ବନ୍ଧିତ ଧର୍ମ ସମୁହକୁ ନିଃଶଙ୍କିତଭାବେ ପାଳନ କରିବି । କେବେ ମଧ ସ୍ୱଚ୍ଛନ୍ଦ ହେବିନାହିଁ ।" ।

ପୃଥୁଙ୍କ ସମ୍ବନ୍ଧରେ ମହାଭାରତର ଏହି ଅଧ୍ୟାୟରେ ପୁନଶ୍ଚ କୁହାଯାଇଛି ଯେ :

"ତେନ ଧର୍ମୋତ୍ତର ଶ୍ଚାର୍ଯ୍ୟ କୃତୋ ଲୋକୋ ମହାତ୍ମନୋ ।
ରଂଜିତାଶ୍ଚ ପ୍ରଜାଃ ସର୍ବା ସ୍ତେନ ରାଜେତି ଶବ୍ଦ୍ୟତେ ।।"

ଅର୍ଥାତ୍ - ସେହି ମହାତ୍ମା ସଂପୂର୍ଣ୍ଣ ଜଗତରେ ଧର୍ମର ପ୍ରାଧାନ୍ୟ ପ୍ରତିଷ୍ଠା କରି

ସାରିଥିଲେ । ସମସ୍ତ ପ୍ରଜାଙ୍କର ରଂଜନ କରିଥିଲେ, ତେଣୁ ସେ ରାଜା ବୋଲାଉଥିଲେ ।

ହାତୀଗୁମ୍ଫା ଅଭିଲେକ ପ୍ରମାଣ କରେଯେ, ଖାରବେଳଙ୍କ ମଧ ମୁଖ୍ୟ କାର୍ଯ୍ୟଥିଲା, ଧର୍ମର ସଂସ୍ଥାପନା ଏବଂ ପ୍ରଜାନୁରଞ୍ଜନ ।

ଖାରବେଳ ଜୈନ ଧର୍ମାଲମ୍ବୀ ହୋଇଥିଲେ ହେଁ ପରମ୍ପରା ଅନୁସୃତ ପ୍ରାଚୀନ ବୈଦିକ ବିଧିବିଧାନ ଅନୁଯାୟୀ ତାଙ୍କର ଅଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥିବା ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଏ । ଖାରବେଳଙ୍କର ଶାସନ ଅନେକାଂଶରେ ମୌର୍ଯ୍ୟ ଶାସନର ଅନୁରୁପ ଥିଲା । ମାତ୍ର ତାହାର ନୀତି ଓ ଲକ୍ଷ କେତେକ ମୌଳିକ ଦୃଷ୍ଟିକୋଣ ଦ୍ୱାରା ପ୍ରଭାବିତ ହୋଇଥିଲା । କଳିଙ୍ଗରେ ମୌର୍ଯ୍ୟ ଶାସନ ଥିଲା ବିଜେତାଙ୍କର ଶାସନ ଏବଂ ତାହାର ଉଦ୍ଦେଶ୍ୟ ଥିଲା ଶାସକଙ୍କର କ୍ଷମତା ଦୃଢ଼ୀକରଣ ଓ ଜନତାଙ୍କର ସ୍ୱାଧୀନ ମନୋଭାବର ଦମନ । ସେହି ଉଦ୍ଦେଶ୍ୟରେ ଅଶୋକ କଳିଙ୍ଗରେ ଦ୍ୱୈତ୍ୱଶାସନର ପ୍ରବର୍ତନ କରିଥିଲେ । ସେ ନିଜକୁ ଜନସାଧାରଣଙ୍କର ପିତା ରୂପେ ଘୋଷଣା କରି ଧର୍ମର ମାଧମରେ ସମସ୍ତଙ୍କୁ ସଂଯତ ଓ ନିୟମାନୁବର୍ତୀ କରିବାପାଇଁ ଉଦ୍ୟମ କଲାବେଳେ ତେଣେ ନିର୍ମକ ସାମ୍ରାଜ୍ୟବାଦର ନୀତି ଅନୁସରଣ କରି ଜନତାଙ୍କର ରାଜନୈତିକ ଆକାଂକ୍ଷା ନିଷ୍ପେଷଣ କରିବାରେ ପଶ୍ଚାତ୍‌ପଦ ନଥିଲେ । ମାତ୍ର ଖାରବେଳଙ୍କ ଶାସନର ଆଦର୍ଶ ସଂପୂର୍ଣ୍ଣ ଭିନ୍ନଥିା । ସେ ଥିଲେ କଳିଙ୍ଗର ସନ୍ତାନ ଓ କଳିଙ୍ଗର ରାଜନୈତିକ ପରମ୍ପରାର ପୋଷାକ ତଥା କଳିଙ୍ଗ ସଂସ୍କୃତିର ପୂଜକ ।ରାଜ୍ୟର ବିଭବ ଓ ଗୌରବ ବର୍ଧନ ଥିଲା ତାଙ୍କ ଶାସନର ଲକ୍ଷ୍ୟ । ସେଥିପଇଁ ସେ ରାଜ-କ୍ଷମତା ଦୃଢ଼ୀଭୂତ କରିବା ଅପେକ୍ଷା କଳିଙ୍ଗ ରାଜ୍ୟକୁ ଶକ୍ତିଶାଳୀ ତଥା ସମୃଧିଶାଳୀ କରିଗଢ଼ିବାକୁ ସମସ୍ତ ପ୍ରକାର ଉଦ୍ୟମ କରିଥିଲେ । ସେ ମୁଖ୍ୟତଃ ଜୈନଧର୍ମାବଲମ୍ବୀହୋଇ ମଧ ଯେଉଁ ଉଦାର ମନୋଭାବ ପୋଷଣ କରିଛନ୍ତି ତାହା ତାଙ୍କର ବ୍ୟକ୍ତିତ୍ୱକୁ ମହିମାନ୍ୱିତ କରୁଛି ।

ଖାରବେଳଙ୍କ ଅଭିଷେକ ଉତ୍ସବର ପୂର୍ବବର୍ଷ କଳିଙ୍ଗର ଉପକୂଳ ଅଳ ଘୂର୍ଣ୍ଣିବାତ୍ୟା ଦ୍ୱାରା ଆକ୍ରାନ୍ତ ହୋଇ କଳିଙ୍ଗ ନଗରୀର ଉଚ୍ଚ ଅଟ୍ଟାଳିକା ଗୋପୁର ଓ ଦୁର୍ଗପ୍ରାଚୀ ମାନ ଭାଙ୍ଗି ପଡ଼ିଥିଲା । ଏଣୁ ରାଜଧାନୀର ବିଶେଷ କ୍ଷତି ଘଟିଥିଲା । ଅଭିଷେକ ଉତ୍ସବ ସମ୍ପନ୍ନ ହେବା ପରେପରେ ରାଜତ୍ୱର ପ୍ରଥମ ବର୍ଷରେ ସେ ରାଜଧାନୀ କଳିଙ୍ଗ ନଗରୀର ଭଗ୍ନପ୍ରାସାଦ ଓ ପ୍ରାକାରମାନଙ୍କର

ପୁନଃନିର୍ମାଣ କରି ରାଜଧାନୀକୁ ସୁଦୃଢ଼ ଓ ସୁଶୋଭିତ କରିଥିଲେ । ଦୁର୍ଗପ୍ରାଚୀର ଓ ଅଟ୍ଟାଳିକା ଗୁଡ଼ିକର ସଂସ୍କାର ସାଧନ କରିବା ସଂଗେ ସଂଗେ ସେ ପ୍ରାଚୀନ ଜଳାଶୟ ଗୁଡ଼ିକର ଉନ୍ନତି ବିଧାନ କରି ସେ ସବୁକୁ ସୁନ୍ଦରସୋପାନ ଶ୍ରେଣୀରେ ପରିଶୋଭିତ କରାଇ ବାତ୍ୟାବିଧ୍ୱସ୍ତ ଉଦ୍ୟାନ ଗୁଡ଼ିକୁ ନୂତନ ରୂପ ପ୍ରଦାନ କରାଇଥିଲେ । ତିନି ଶତ ବର୍ଷ ପୂର୍ବେ କଳିଙ୍ଗରେ ମହାପଦ୍ମନନ୍ଦ ଯେଉଁ କେନାଲ ଖନନ କରାଇଥିଲେ ଖାରବେଳ ନିଜ ରାଜତ୍ୱର ପମ ବର୍ଷରେ ତାହାର ଅଭିବୃଦ୍ଧି ସାଧନା କରି ଜଳପ୍ରବାହକୁ କଳିଙ୍ଗ ନଗରୀ ପର୍ଯ୍ୟନ୍ତ ଅଣାଇଥିଲେ । ଏହା ରାଜ୍ୟର କୃଷି, ପ୍ରଜାଙ୍କର ସ୍ନାନ ଓ ସନ୍ତରଣ ତଥା ପାନ ଜଳ ସକାଶେ ସହାୟକ ହୋଇଥିଲା । ରାଜତ୍ୱର ଷଷ୍ଠ ବର୍ଷରେ ଖାରବେଳ ରାଜଐଶ୍ବର୍ଯ୍ୟ ପ୍ରଦର୍ଶନ ପୂର୍ବକ ପୌର ଓ ଜନପଦ ସର୍ବତ୍ର ବହୁ ଲକ୍ଷ ମୁଦ୍ରାର କର ଛାଡ଼ କରାଇଥିଲେ । ସମ୍ଭବତଃ ମୁଖ୍ୟ ମହିଷୀ ବଜିରଘରରାଣୀଙ୍କ ଗର୍ଭଧାରଣ ଉପଲକ୍ଷେ ଏତାଦୃଶ ପଦକ୍ଷେପ ଗ୍ରହଣ କରାଯାଇଥିଲା, ମାତ୍ର ବୈଦେଶିକ ଧନରେ ରାଜକୋଷ ପରିପୂର୍ଣ୍ଣ ହୋଇଥିବାରୁ ଉପରୋକ୍ତ କରଛାଡ଼ ଦ୍ୱାରା ଉନ୍ନୟନ କାମ ବାଧାପ୍ରାପ୍ତ ହୋଇ ନଥିଲା । ରାଜତ୍ୱର ନବମ ବର୍ଷରେ ଖାରବେଳ ଜୈନତୀର୍ଥ ମଥୁରାକୁ ଯବନ କବଳରୁ ମୁକ୍ତ କଲାପରେ ୩୮ ଲକ୍ଷ ମୁଦ୍ରାବ୍ୟୟରେ ବିଜୟର ସ୍ମାରକୀ ସ୍ୱରୂପ ପ୍ରାସାଦ ନିର୍ମାଣ କରିଥିଲେ ।

ରାଜ୍ୟର ଅଭିବୃଧି ନିମନ୍ତେ ସଂଗୀତ, ନୃତ୍ୟ, ଉତ୍ସବ ଓ ସମାଜ (ଯାତ୍ରା ନାଟକ) ଆଦିର ଆବଶ୍ୟକତା ଅପରିହାର୍ଯ୍ୟ । ଏଥିପାଇଁ ରାଜାଙ୍କ ପୃଷ୍ଠପୋଷକତା ଏକାନ୍ତ ଆବଶ୍ୟକ ବୋଲି ରାମାୟଣରେ ବର୍ଣ୍ଣିତ :

ନାରାଜକେ ଜନପଦେ ପ୍ରହୃଷ୍ଟା ନଟ ନର୍ତକାଃ ।
ଉତ୍ସବାଶ୍ଚ ସମାଜଶ୍ଚ ବର୍ଧନ୍ତେ ରାଷ୍ଟ୍ରବର୍ଧନାଃ ।।

ଅର୍ଥାତ୍ - ଅରାଜକ ଦେଶରେ ରାଷ୍ଟ୍ରକୁ ଉନ୍ନତିଶୀଳ କରୁଥିବା ଉତ୍ସବ, ଯହିଁରେ ନଟ ଓ ନର୍ତ୍କ ଆନନ୍ଦରେ ଆପଣାର କଳା ପ୍ରଦର୍ଶନ କରିଥାନ୍ତି ବଢ଼ିପାରନ୍ତି ନାହିଁ ଏବଂ ଅନ୍ୟାନ୍ୟ ରାଷ୍ଟ୍ରହିତକାରୀ ସଂଘ ପୁଷ୍ଟ ହୁଅନ୍ତି ନାହିଁ । (ଅଯୋଧା-୬୭/୧୫)

ଖାରବେଳ ମଧ କ୍ରୀଡ଼ା ଓ ସଂଗୀତ ପ୍ରତି ଗାଢ଼ ଅନୁରକ୍ତି ପ୍ରକାଶ କରିଥିବା ହାତୀଗୁମ୍ଫା ଶିଳାଲେଖରେ ସ୍ପଷ୍ଟରୂପେ ସୂଚିତ । ଅଭିଲେଖ ବ୍ୟତୀତ ଉଦୟଗିରି ଏବଂ ଖଣ୍ଡଗିରିର ବିଭିନ୍ନ ଗୁମ୍ଫାରେ ଖୋଦିତ ଚିତ୍ରକଳାରୁ ମଧ

ତତ୍କାଳୀନ ନାଟ୍ୟକଳାର ଏକ ବିସ୍ତୃତ ବିବରଣୀ ଉପଲବ୍ଧ ହୋଇଥାଏ, ଯାହାକି ଏହି ପୁସ୍ତକରେ ଅନ୍ୟତ୍ର ସ୍ୱତନ୍ତ୍ର ରୂପେ ଆଲୋଚିତ ହେବ ।

## ସାମରିକ କୃତିତ୍ୱ-

ଖାରବେଳଙ୍କ ଦିଗ୍‌ବିଜୟ ପ୍ରସଙ୍ଗ ଉଲେଖ କରାଯିବା ପୂର୍ବରୁ ଭାରତର ତତ୍କାଳୀନ ରାଜନୈତିକ ମାନଚିତ୍ରର ଅବଧାରଣା ଏକାନ୍ତ ଆବଶ୍ୟକ । ଏହି ସମୟ ପର୍ଯ୍ୟନ୍ତ ହିମାଳୟଠାରୁ କୁମାରିକା ଯାଏ ସମଗ୍ର ଦେଶକୁ ଭାରତବର୍ଷ ନାମରେ ଅଭିହିତ କରାଯାଇ ନଥିଲା । ଡ଼: ସାହୁ କହନ୍ତି ଯେ ବସ୍ତୁତଃ ଭାରତର ପ୍ରାଚୀନ ଅଭିଲେଖାବଳୀ ମଧରେ ଭାରତ ବର୍ଷର ଉଲ୍ଲେଖ ସର୍ବପ୍ରଥମେ ଖାରବେଳଙ୍କର ହାତୀଗୁମ୍ଫା ଅଭିଲେଖରେ ଭାରତ ବର୍ଷର ଉଲ୍ଲେଖ ସର୍ବପ୍ରଥମେ ଖାରବେଳଙ୍କର ହାତୀଗୁମ୍ଫା ଅଭିଲେକରେ ପରିଦୃଷ୍ଟ ହୋଇଥାଏ: "ଭରଧବସ ପଠାନଂ ମହୀଜୟନଂ"... (ପଂକ୍ତି-୧୦) । ସେତେବେଳେ ଭାରତବର୍ଷ କହିଲେ ମୁଖତଃ ଉତ୍ତର ଭାରତର ଗଙ୍ଗା ଅବବାହିକାକୁ ବୁଝାଉଥିଲା । ଏବଂ ସିନ୍ଧୁ ଅବବାହିକାକୁ କୁହାଯାଉଥିଲା ଉତ୍ତରାପଥ । ବିନ୍ଧ୍ୟ ପର୍ବତର ଦକ୍ଷିଣରେ ଥିଲା ଦକ୍ଷିଣାପଥ ଏବଂ ତହିଁରେ ଆହୁରି ଦକ୍ଷିଣରେ ଦ୍ରାମିଳ ଦେଶ ଅବସ୍ଥିତ ଥିଲା । ସେହି ଦ୍ରାମିଳ ଦେଶ କେତେ ଗୁଡ଼ିଏ ରାଜ୍ୟର ସମ୍ମିଳନରେ ଏକ ରାଷ୍ଟ୍ର ସଂଘ ରୂପେ ଖାରବେଳଙ୍କର ତେରଶହ ବର୍ଷ ପୂର୍ବରୁ ପ୍ରାୟ ଖ୍ରୀ.ପୂ. ୧୩୦୦ ରୁ ସଂଗଠିତ ହୋଇ ଆସିଥିବା ହାତୀଗୁମ୍ଫା ଶିଳାଲେଖରେ ସ୍ପଷ୍ଟରୂପେ ସୂଚିତ । ଭାରତର ପୂର୍ବାଂଳରେ ଗଙ୍ଗାଠାରୁ ଗୋଦାବରୀ ଯାଏ ବିସ୍ତୃତ ଥିଲା କଳିଙ୍ଗ ରାଷ୍ଟ୍ର ତାହାର ସଂଲଗ୍ନ ପଶ୍ଚିମ ପାର୍ଶ୍ୱରେ ଆଟବିକ (ବିଦ୍ୟାଧର) ରାଜ୍ୟ ବିନ୍ଧ୍ୟ ପର୍ବତର ପାର୍ଶ୍ୱବର୍ତ୍ତୀ ଅଳରୂପେ ବିବେଚିତ ହୋଇଥିଲା । ପଶ୍ଚିମାଳରେ ନର୍ମଦା ତାପ୍ତି ଅବବାହିକାରେ ଅବସ୍ଥିତ ଥିଲା ଅବନ୍ତୀପଥ, ଯେଉଁଠାରେ କି ଖ୍ରୀ.ପୂ. ପଥମ ଶତକରେ ସାତବାହାନ ବଂଶ କ୍ଷମତାଶୀଳ ହୋଇ ମୁଣ୍ଡ ଟେକି ଥିଲେ । ପୂର୍ବରୁ ସୂଚିତ ହୋଇ ସାରିଛି ଯେ, ସୁଙ୍ଗ-କାଣ୍ୱ ସାମ୍ରାଜ୍ୟର ଧ୍ୱଂସାବଶେଷରୁ ଅଙ୍ଗ ଓ ମଗଧରେ ମିତ୍ର ରାଜବଂଶ, କଳିଙ୍ଗରେ ଚେଦି ରାଜବଂଶ ଓ ମହାରାଷ୍ଟ୍ର ଅଳରେ ସାତବାହନ ରାଜବଂଶର ଅଭ୍ୟୁଦୟ ହୋଇଥିଲା ଏବଂ ସାର୍ବଭୌମତ୍ୱପାଇଁ ସେମାନଙ୍କ ମଧରେ ସଂଘର୍ଷ ଅନିବାର୍ଯ୍ୟ ଥବଲା । ଖ୍ରୀ.ପୂ. ପ୍ରଥମ ଶତକର ଦ୍ୱିତୀୟାର୍ଦ୍ଧରେ ମିତ୍ର ବଂଶର ବୃହସ୍ପତି, ଚେଦି ବଂଶର ଖାରବେଳ ଏବଂ ସାତବାହନ ବଂଶର ସାତକର୍ଣ୍ଣୀ ଅଧିକ ଶକ୍ତିଶାଳୀ ଥିଲେ । ଏହ ତ୍ରିଶକ୍ତିର

ସଂଘର୍ଷରେ ଖାରବେଳଙ୍କ ଭୂମିକା ଅତୀବ ଗୌରବମୟ ଥିଲା ।

ହାତୀଗୁମ୍ଫା ଶିଳାଲେଖର ଚତୁର୍ଥ ପଂକ୍ତିରୁ ସ୍ପଷ୍ଟରୂପେ ପ୍ରତିପାଦିତ ହୁଏ ଯେ, କଳିଙ୍ଗର ବିଶାଳ ସେନା ବାହିନୀ ପଦାତିକ, ଅଶ୍ୱାରୋହୀ, ଗଜାରୋହୀ ଓ ରଥାରୋହୀ ଏହି ଚତୁରଂଗବଳ ନେଇ ଗଠିତ ହୋଇଥିଲା । ପୁନଶ୍ଚ ପଂକ୍ତି ୧୩ରୁ ଏହି ସେନାବାହନୀରେ ଅଦ୍ଭୁତ କ୍ରିୟାଶୀଳ ହସ୍ତୀ ଓ ଯୁଦ୍ଧ ବୋଇତ (ଅଭୁତ ମଛରିୟଂ ଚ ହଥୀନାବ) ରହିଥିବା ମଧ୍ୟ ବର୍ଣ୍ଣିତ । ପଂକ୍ତି ୧୭ରେ ଖାରବେଳଙ୍କୁ ଅପ୍ରତିହତ ସେନାବଳର ଅଧିକାରୀରୂପେ ବର୍ଣ୍ଣନା କରାଯାଇଛି ।

ଖାରବେଳ କଳିଙ୍ଗ ସିଂହାସନରେ ଅଭିଷିକ୍ତ ହେବା ସମୟରେ ଭାରତର ପଶ୍ଚିମାଳରେ ସାତବାହନ ବଂଶୀରାଜା ସିମୁକଙ୍କ ପୁତ୍ର ସାତକର୍ଣ୍ଣୀ ଶାସନ କରୁଥିଲେ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଉଭୟ ସାତବାହନ ଏବଂ ମେଘବାହନ ପ୍ରାୟ ଏକ ସମୟରେ ଯଥାକ୍ରମେ ଭାରତର ପଶ୍ଚିମାଳ ଓ କଳିଙ୍ଗକୁ ଅଧିକାର କରି ଦାକ୍ଷିଣାତ୍ୟରେ ନିଜ ନିଜର ପ୍ରଭାବ ବିସ୍ତାର କରିବାକୁ ତତ୍ପର ହୋଇ ପଡ଼ିଥିଲେ । ଏହି ସମୟରେ ସାତକର୍ଣ୍ଣୀ ଆଧୁନିକ ମହାରାଷ୍ଟ୍ର ଅଳର ଶାସକ ହୋଇଥିଲେ ହେଁ ନିଜକୁ ଦକ୍ଷିଣାପଥପତି ରୂପେ ଘୋଷଣା କରିଥିଲେ । ତେଣୁ ନିଜର ଶକ୍ତି ଓ ସାମର୍ଥ୍ୟର ପ୍ରତିଷ୍ଠା ନିମନ୍ତେ ଖାରବେଳ ସର୍ବପ୍ରଥମେ ସାତବାହନ ରାଜ୍ୟ ଉପରେ ଆକ୍ରମଣ କରିଥିଲେ । ହାତୀଗୁମ୍ଫା ଶିଳାଲେଖର ଚତୁର୍ଥ ପଂକ୍ତିରୁ ପ୍ରତିପାଦିତ ହୁଏ ଯେ, ରାଜତ୍ୱର ଦ୍ୱିତୀୟ ବର୍ଷରେ ଖାରବେଳ ସାତକର୍ଣ୍ଣୀଙ୍କ ଶକ୍ତିକୁ ଭ୍ରୁକ୍ଷେପ ନକରି କହ୍ନବେଣା (କୃଷ୍ଣାନଦୀ) ପର୍ଯ୍ୟନ୍ତ ଅଗ୍ରସର ହୋଇ ଅସକ ନଗରୀ ଉପରେ ଆକ୍ରମଣ କରିଥିଲେ । ସମ୍ଭବତଃ ଏହି ସାମରିକ ଅଭିଯାନରେ ଖାରବେଳ ସଫଳତା ହାସଲ କରି ପାରି ନଥିଲେ ଏବଂ ଏହି ପ୍ରଥମ ସଂଘର୍ଷ ଅମୀମାଂସିତ ହୋଇଥିଲା । ଏହି ଯୁଦ୍ଧର ପରିଣତି ସଂପର୍କରେ ହାତୀଗୁମ୍ଫା କିମ୍ବା ଅନ୍ୟକୌଣସି ସାତବାହନ ବଂଶୀୟ ଅଭିଲେଖରୁ କୌଣସି ତଥ୍ୟ ମିଳେ ନାହିଁ । ତେବେ ଚୁଲ୍ଲ କାଳିଙ୍ଗ ଜାତକରେ ଏ ସମ୍ବନ୍ଧରେ ଏକ ଚିତ୍ତାକର୍ଷକ ବର୍ଣ୍ଣନା ପ୍ରଦତ୍ତ ହୋଇଛି । ଏଥିରେ ବର୍ଣ୍ଣିତ ହୋଇଛି ଯେ, ରାଜା କାଳିଙ୍ଗ ଯୁଦ୍ଧରେ ପରାଜୟ ବରଣ କରି ନିଜର ଚାରିଗୋଟି ସୁନ୍ଦର ଯୁବତୀ ରାଜକୁମାରୀଙ୍କୁ ଅସ୍ସକର ରଜା ଅରୁଣଙ୍କୁ ପ୍ରଦାନ କରିଥିଲେ । ଏହାକୁ ଦୃଷ୍ଟିରେ ରଖି ବେଣୀମାଧବ ବରୁଆ ମତ ପ୍ରଦାନ କରିଛନ୍ତି ଯେ, ଉପରୋକ୍ତ ଯୁଧରେ ଖାରବେଳ ପରାଜିତ ହୋଇଥିଲେ । ଜାତକର

ଏହି କାହାଣୀରେ ଯେ ଐତିହାସିକ ସତ୍ୟତା ନାହିଁ ତାହା ନିଶ୍ଚିତ ରୂପେ କୁହାଯାଇପାରେ । କାରଣ ହାତୀଗୁମ୍ଫା ଶିଳାଲେଖରୁ ଏହା ସ୍ପଷ୍ଟରୂପେ ପ୍ରତିପାଦିତ ହୁଏ ଯେ, ଏହି ସାମରିକ ଅଭିଯାନ ସମୟରେ ଖାରବେଳଙ୍କ ବୟସ ମାତ୍ର ୨୬ ବର୍ଷ ହୋଇଥିଲା । ଏହି ସମୟ ମଧ୍ୟରେ ଚାରିଗୋଟି ସୁନ୍ଦର ଯୁବତୀ ରାଜକୁମାରୀଙ୍କର ଜନକ ହୋଇ ସେମାନଙ୍କୁ ବିଜିତ ରାଜାଙ୍କୁ ଅର୍ପଣ କରିବାର କଳ୍ପନା ମଧ କରାଯାଇ ପନାରେ । ଏହାପରେ ଖାରବେଳ ବିଦ୍ୟାଧର ଅଳର ଯୋଧାମାନଙ୍କୁ ନୂତନ ପ୍ରେରଣା ଦେଇ ସଂଗଘଟିତ କଲେ । ଅଶୋକଙ୍କ ସ୍ୱତନ୍ତ୍ର କଳିଙ୍ଗ ଅଭିଲେଖର ଆଟବିକ ରାଜ୍ୟ ଏବଂ ହାତୀଗୁମ୍ଫା ଶିଳାଲେଖର ବିଦ୍ୟାଧର ରାଜ୍ୟ ଏକଥିଲା । ସମ୍ରାଟ ଅଶୋକଙ୍କ କଳିଙ୍ଗ ଯୁଧ ସମୟରେ ସେହି ଆଟବିକ ସୈନ୍ୟମାନଙ୍କର ଅସୀମ ଶକ୍ତି ଓ ବୀରତ୍ୱର ପରିଚୟ ପାଇପାରି ସେ କଳିଙ୍ଗ ଜୟ କରିଥିଲେ ସୁଧା ଆଟବିକ ରାଜ୍ୟ ଅଧିକାର କରିବା ପାଇଁ ଚେଷ୍ଟା କରି ନଥିଲେ, ସେମାନଙ୍କୁ ସେ ଅବିଜିତ ଜାତିରୂପେ ସ୍ୱୀକାର କରିଥିଲେ । ଅଧୁନାତନ ଓଡିଶାର ପଶ୍ଚମାଳର ଫୁଲବାଣୀ, ବଲାଙ୍ଗୀର ଓ କଳାହାଣ୍ଡି ଆଦି ପାର୍ବତ୍ୟ ଅଳକୁ ନେଇ ତତ୍କାଳୀନ ବିଦ୍ୟାଧର/ଆଟବିକ ରାଜ୍ୟ ସଂଗଠିତ ହୋଇଥିଲା । ଜୈନଗ୍ରନ୍ଥ ଗୁଡ଼ିକର ସୂଚନା ମିଳେ ଯେ, ବିନ୍ଧ୍ୟପର୍ବତ ନିକରେ ଅଠର ଗୋଟି ବିଦ୍ୟାଧର ନିବାସ ଅବସ୍ଥିତ ଥିଲା ଏବଂ ସେହି ଅଂଚଳରେ ଷାଠିଏ ଗୋଟିଏ ନଗର ପ୍ରତିଷ୍ଠିତ ହୋଇଥିଲା । ଖାରବେଳଙ୍କ ପରବର୍ତ୍ତୀ କାଳରେ ଅଷ୍ଟାଦଶ ଆଟବିକ ରାଜ୍ୟର ଅବସ୍ଥିତି ସମ୍ବନ୍ଧରେ ବିଭିନ୍ନ ଅଭିଲେଖ ଗୁଡ଼ିକରୁ ଜଣାପଡ଼ିଥାଏ । ବହୁ ପ୍ରାଚୀନ କାଳରୁ ଏହା କଳିଙ୍ଗର ସେନା ସଂଗ୍ରହ ଭୂମି ଥିଲା । କୁରୁକ୍ଷେତ୍ର ଯୁଧରେ କଳିଙ୍ଗର ଯେଉଁ ଶବର ଓ ପୁଳିନ୍ଦସେନା ଅସୀମ ବୀରତ୍ୱ ପ୍ରଦର୍ଶନ କରିଥିଲେ ସେମାନେ ସେହି ଆଟବିକ/ ବିଦ୍ୟାଧର ଅଳାନ୍ତର୍ଗତ ହୋଇଥିବାର ଅନୁମତି ହୁଏ । ଖାରବେଳ ମଧ ହାତୀଗୁମ୍ଫା ଅଭିଲେଖରେ ବିଦ୍ୟାଧର ଅଳକୁ ପୂର୍ବେ କେବେ ପରାଜିତ ହୋଇନଥିବା କ୍ଷେତ୍ର ବୋଲି ଉଲ୍ଲେଖ କରିଛନ୍ତି (ଅହତ ପୂବଂ) ।

ଖାରବେଳ ରାଜତ୍ୱର ଚତୁର୍ଥ ବର୍ଷରେ ବିଦ୍ୟାଧର ରାଜ୍ୟର ସେନାବଳ ସଂଘଟିତ କରି ସାତବାହନ ରାଜ୍ୟ ବିରୁଧରେ ଦ୍ୱିତୀୟ ଥର ପାଇଁ ଯୁଧ ଅଭିଯାନ କରିଥିଲେ । ଏହା ପୂର୍ବରୁ ରାଜା ସାତକର୍ଣ୍ଣୀଙ୍କର ମୃତ୍ୟୁ ହୋଇ ଯାଇଥା ଏବଂ ତାଙ୍କର ଦୁଇ ପୁତ୍ର ବେଦଶ୍ରୀ ଓ ଶକ୍ତିଶ୍ରୀ ନାବାଳକ ଥିବାରୁ ରାଜ୍ୟର ଶାସନଡୋରି ବିଧବାରାଣୀ ନୟାନିକାଙ୍କ ହସ୍ତରେ ନ୍ୟସ୍ତ ଥିଲା । ରାଣୀ

ନୟନିକା ଖାରବେଳଙ୍କ ଆକ୍ରମଣକୁ ପ୍ରତିହିତ କରିବାପାଇଁ ନିଜର ଶକ୍ତିଶାଳୀ ସାମନ୍ତ ରଥିକ ଓ ଭୋଜକ ଅଳର ଶାସକଦ୍ୱୟଙ୍କ ନେତୃତ୍ୱରେ ସେନାବାହିନୀ ପ୍ରେରଣ କଲେ । ମାତ୍ର ସେମାନେ ଖାରବେଳଙ୍କ ଠାରୁ ପରାଜୟ ସ୍ୱୀକାର କରି ଛତ୍ର ପରିହାର ପୂର୍ବକ ମୁକୁଟବିହୀନହୋଇ ମଣିରତ୍ନ ସହ ତାଙ୍କର ପଦ ବନ୍ଦନା କରିବାକୁ ବାଧ ହେଲେ । ସାତବାହନ ରାଜବଂଶର ଶକ୍ତି ଖର୍ବହେଲା ଏବଂ ତାହା ଫଳରେ କଳିଙ୍ଗର ରାଜନୈତିକ ପ୍ରଭାବ ପୂର୍ବରୁ ପଶ୍ଚିମ ପୟୋଧି ପର୍ଯ୍ୟନ୍ତ ପ୍ରସାରିତ ହେଲା । ଖାରବେଳ ସେହି ବିଜୟ ପରେ ତିନିବର୍ଷ ପର୍ଯ୍ୟନ୍ତ ସାମରିକ ଅଭିଯାନରୁ ବିରତ ରହି ଜନମଙ୍ଗଳ କାର୍ଯ୍ୟରେ ବ୍ୟସ୍ତ ରହିଲେ । ତେବେ ସେ କଳିଙ୍ଗର ପାରମ୍ପରିକ ଶତ୍ରୁ ମଗଧ ବିରୁଧରେ ପ୍ରସ୍ତୁତି କାର୍ଯ୍ୟ ଚଳାଇଥିବାର ମନେ ହୁଏ । ରାଜତ୍ୱର ଅଷ୍ଟମ ବର୍ଷରେ ସେ ଉତ୍ତରାଭିମୁଖେ ସୈନ୍ୟ ଚାଳନା କରି ମଗଧର ବୃହତ୍ ନଗର ରାଜଗୃହ ଅବରୋଧ କଲେ । ରାଜଗୃହ ପ୍ରତିରକ୍ଷା କରୁଥିବା ଗୋରଥ ଗିରି ନାମକ ଗିରି ଦୁର୍ଗ କଳିଙ୍ଗ ସେନାଙ୍କ ଆକ୍ରମଣରେ ଧ୍ୱଂସ ହୋଇଥିବା ହାତୀଗୁମ୍ଫା ଶିଳାଷଳଖ (ପଂକ୍ତି ୭/୮) ରେ ବର୍ଣ୍ଣିତ । ଶଂସିତ ଶିଳାଲେଖରେ ମଗଧର ନାମ ଉଲ୍ଲେଖ ହୋଇନଥିଲେ ସୁଧା ଗୋରଥଗିରି ନାମଥିବାରୁ ଏହା ନିଶ୍ଚିତଭାବେ ମଗଧର ରାଜଧାନୀକୁ ବୁଝାଉଛି । କାରଣ ମଗଧ ରାଜଦାନୀର ଉପକଣ୍ଠରେ ଗୋରଥଗିରି ଶୋଭାପାଉଥିବା ମହାଭାରତର ଏକ ବର୍ଣ୍ଣନାରୁ ସ୍ପଷ୍ଟ ଜଣାପଡ଼ିଥାଏ । ଜରାସନ୍ଧ ବଧ ନିମନ୍ତେ ଶ୍ରୀକୃଷ୍ଣ, ଅର୍ଜୁନ ଏବଂ ରାମ ମଗଧଯାତ୍ରା କଲା ସମୟରେ ଗୋରଥଗିରି ଉପରେ ଦଣ୍ଡାୟମାନ ହୋଇ ମଗଧର ରାଜଧାନୀକୁ ଅବଲୋକନ କରୁଛନ୍ତି :

ତେ ଶଶ୍ୱଦ ଗୋଧନାକୀର୍ଣ୍ଣମମ୍ବୁମନ୍ତଂ ଶୁଭଦ୍ରୁମମ୍ ।
ଗୋରଥଗିରି ମାସଦ୍ୟ ଦଦ୍ଦଶୁର୍ମାଗଧଂ ପୁରମ୍ ।।

ଅର୍ଥାତ୍ - ସର୍ବଦା ଗୋଧନ, ଜଳ ପରିପୂର୍ଣ୍ଣ, ସୁନ୍ଦର ବୃକ୍ଷମାନଙ୍କ ଦ୍ୱାରା ସୁଶୋଭିତ ଗୋରଥ ପର୍ବତ ଉପରେ ପହି ମଗଧର ରାଜଧାନୀକୁ ଦେଖିଲେ ।

ଅଧୁନାତନ ବରାବର ପର୍ବତକୁ ଉପରୋକ୍ତ ଗୋରଥ ଗିରି ସହ ସନ୍ତୋଷ ଜନକ ଭାବେ ପରିଚିହ୍ନିତ କରାଯାଇଛି । ଏଠାରେ ଲୋମଶ ଋଷି ଏବଂ ସୁଦାମା ଗୁମ୍ଫା ସହ ଅଶୋକଙ୍କ ଏକ ଅଭିଲେଖ ମଧ ରହିଛି । ତାହା ସହିତ ବ୍ରାହ୍ମୀଲିପିରେ ଖୋଦିତ ଦୁଇ କ୍ଷୁଦ୍ର ଅଭିଲେଖ ମଧ ପରିଦୃଷ୍ଟ ହୋଇଥାଏ ।

ପ୍ରଥମଟି ଅଶୋକ କାଳୀନ ବ୍ରାହ୍ମୀଲିପିରେ "ଗୋରଥଗିରି" ରୂପେ ଉତ୍କୀର୍ଣ୍ଣ । ଦ୍ୱିତୀୟ ଅଭିଲେଖର ଲିପି ସହ ସମାନ ହୋଇଥିବାରୁ ବେନର୍ଜି ମତପ୍ରଦାନ କରନ୍ତି ଯେ, ଖାରବେଳଙ୍କ ସାମରିକ ଅଭିଯାନ କାଳରେ ତାଙ୍କସହ ଆସିଥିବା କଳିଙ୍ଗର ଜଣେ ବ୍ୟକ୍ତିଙ୍କ ଦ୍ୱାରା ଉପରୋକ୍ତ ଅଭିଲେଖଟି ଉତ୍କୀର୍ଣ୍ଣିତ ହୋଇଛି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ହାତୀଗୁମ୍ଫା ଶିଳାଲେଖରେ ମଧ 'ଗୋରଥ ଗିରି' 'ଗୋରଧଗିରି' ରୂପେ ଉତ୍କୀର୍ଣ୍ଣିତ ହୋଇଛି

କଳିଙ୍ଗ ସେନାଙ୍କ ଆକ୍ରମଣ ଯୋଗୁଁ ମଗଧ ରାଜଗୃହର ଅଧିବାସୀଗଣ ସନ୍ତର୍ପଣରେ ଥିବାବେଳେ, ତେଣେ ଯବନମାନେ ମଥୁରା ଅଧିକାର କରି ମଗଧ ଅଭିମୁଖେ ସାମରିକ ଯାତ୍ରା କରୁଥିଲେ ମାତ୍ର ଖାରବେଳଙ୍କର ବିଜୟ ଅଭିଯାନର ସମ୍ବାଦପାଇ ଗ୍ରୀକ୍ ରାଜା (ନାମ ଅଜ୍ଞାତ) ବିଶେଷ ଆତଙ୍କିତ ହୋଇ ମଥୁରା ଅଭିମୁଖେ ପଳାୟନ କଲେ । ଖାରବେଳ ମଗଧର ରାଜଗୃହ ଅଧିକାର କରିବା ଅପେକ୍ଷା ଜୈନକ୍ଷେତ୍ର ମଥୁରାକୁ ଯବନମାନଙ୍କୁ କବଳରୁ ଉଧାର କରିବା ଅତ୍ୟାବଶ୍ୟକ ମନେ କରି ରାଜଗୃହଛାଡି ଯବନମାନଙ୍କୁ ମଥରାରୁ ବିତାଡ଼ନ କରିବା ଉଦ୍ଦେଶ୍ୟରେ ଅନୁଧାବନ କଲେ । କଳିଙ୍ଗ ସେନାବାହିନୀ ଦ୍ୱାରା ଯବନମାନେ ବିତାଡ଼ିତ ହେଲେ ଏବଂ ତତ୍କାଳୀନ ଜୈନକ୍ଷେତ୍ର ମଥୁରା ଖାରବେଳଙ୍କ ଦ୍ୱାରା ସୁରକ୍ଷିତ ହେଲା । ଉପରୋକ୍ତ ସାମରିକ ଅଭିଯାନ କେବଳ ଖାରବେଳଙ୍କ ଅଜେୟ ଶକ୍ତି ଓ ସାମର୍ଥ୍ୟର ପରିପ୍ରକାଶ କରୁନାହିଁ, ଧର୍ମରକ୍ଷା ପ୍ରତି ଥିବା ଗାଢ଼ ଅନୁରକ୍ତିକୁ ମଧ ପ୍ରତିବିମ୍ବିତ କରି ତାଙ୍କୁ ମହୀୟାନ କରିଛି । କଳିଙ୍ଗ ପ୍ରତ୍ୟାବର୍ତ୍ତନ ସମୟରେ ସେ ମଥରୁଠାରୁ ଜୈନଧର୍ମର ପବିତ୍ର ବୃକ୍ଷ କଳ୍ପବଟର ଶାଖାଟିଏ ସଂଗରେ ଆଣିଥିଲେ । ସମ୍ଭବତଃ ଜୈନତୀର୍ଥ ମଥୁରାକୁ ଯବନଙ୍କ କବଳରୁ ମୁକ୍ତ କରିଥିବା କାର୍ଯ୍ୟର ତାହାଥିଲା ଧାର୍ମିକ ନିଦର୍ଶନ । ସେହି ପଲ୍ଲବଭରା ପବିତ୍ର ଶାଖାଟିକୁ ଚତୁରଙ୍ଗ ସେନାବାହିନୀର ବିରାଟ ଶୋଭାଯାତ୍ରା ମଧରେ ରାଜଧାନୀ କଳିଙ୍ଗ ନଗରୀକୁ ଅଣାଯାଇଥିଲା । ଏବଂ ରାଜାଧାନୀର ଘରେଘରେ ବିଜୟ ଲବ୍ଧ ଧନରତ୍ନ ବିତରଣ ପୂର୍ବକ ରାଜକୀୟ ଉତ୍ସବ ପାଳନ କରାଯାଇଥିଲା । ସେହି ବିଜୟର ସ୍ମାରକୀରୂପେ ଖାରବେଳ ରାଜତ୍ୱର ନବମ ବର୍ଷରେ କଳିଙ୍ଗ ନଗରୀଠାରେ ମହାବିଜୟ ପ୍ରାସାଦ ନିର୍ମାଣ କରିଥବଲେ । ତହିଁରେ ଅଠତିରିଶ ଲକ୍ଷ ମୁଦ୍ରା ବ୍ୟୟିତ ହୋଇଥିଲା ।

ରାଜତ୍ୱର ଦଶମ ବର୍ଷରେ ଖାରବେଳ ପୁଣିଥରେ ଉତ୍ତରଭାରତ (ଭରଧବଷ) ଅଭିମୁଖେ ଯୁଧଯାତ୍ରା କରି ଅନେକ ରାଜାମାନଙ୍କୁ ପରାସ୍ତ କଲେ ଏବଂ ବହୁ ଧନରତ୍ନ ସହ ରାଜତ୍ୱର ଏକାଦଶ ବର୍ଷରେ କଳିଙ୍ଗକୁ ଫେରି ଆସିଲେ । ଏଠାରେ ହାତୀଗୁମ୍ଫା ଶିଳାଲେଖରେ ପରାଜିତ ରାଜାମାନଙ୍କର ନାମୋଲ୍ଲେଖ ହୋଇନାହିଁ, କେବଳ ପଳାୟମାନ ଶତ୍ରୁଙ୍କଠାରୁ ମଣିରତ୍ନ ଲାଭ କରିଥିବାହିଁ ବର୍ଣ୍ଣିତ ହୋଇଛି । ଏଣୁ ଏହି ପରିପ୍ରେକ୍ଷୀରେ ପରାଜିତ ରାଜାଙ୍କ ସଠିକ ବିବରଣୀ ପ୍ରଦାନ କରିବା ସମ୍ଭବ ନୁହେଁ ।

ସେହି ବର୍ଷ (ରାଜତ୍ୱର ଏକାଦଶବର୍ଷ) ତେଣେ ଦକ୍ଷିଣରେ ଥିବା ଦ୍ରାମିଳ ରାଷ୍ଟ୍ରସଂଘ ସହି କଳିଙ୍ଗର ଘୋରଯୁଦ୍ଧ ଲାଗିଯାଇଥିଲା । ଉକ୍ତ ରାଷ୍ଟ୍ରସଂଘ ଚୋଳ, ପାଣ୍ଡ୍ୟ, ସତ୍ୟପୁତ୍ର, କେରଳପୁତ୍ର ଓ ରାମ୍ରପର୍ଣ୍ଣୀ (ସିଂହଳ) ରାଜ୍ୟମାନଙ୍କୁ ନେଇ ଖାରବେଳଙ୍କର ପ୍ରାୟ ତେରଶହ ବର୍ଷରୂପେ ସଂଘଟିତ ହୋଇ ଦୀର୍ଘକାଳ ବ୍ୟାପୀ ଅଜେୟ ଶକ୍ତିରୂପେ ବିବେଚିତ ହୋଇଥିଲା । ନନ୍ଦରାଜା ମହାପଦ୍ମ ନନ୍ଦ କିମ୍ବା ମୌର୍ଯ୍ୟରାଜା ଚନ୍ଦ୍ରଗୁପ୍ତ ଓ ଅଶୋକ ଏହି ସଂଘକୁ ଜୟକରି ପାରି ନଥିଲେ । ଏହି ଯୁଧ ଜଳ ଏବଂ ସ୍ଥଳ ଉଭୟ ପଥରେ ସଂଘଟିତ ହୋଇଥିଲା । ହାତୀଗୁମ୍ଫା ଶିଳାଲେଖ (ପଂକ୍ତି ୧୩) ରୁ ଜଣାପଡ଼େ ଯେ, ଖାରବେଳଙ୍କୁ ଏଥିରେ ବହୁ ସଂଖ୍ୟକ ଅଦ୍ଭୁତ କ୍ରୀୟାଶୀଳ ହସ୍ତୀ ଓ ବୋଇତ ହରାଇବାକୁ ପଡ଼ିଥିଲା, ମାତ୍ର ଅବଶେଷରେ ସେ, ବିଜୟ ଲାଭ କରିବାରୁ ପାଣ୍ଡ୍ୟରାଜା (ସମ୍ଭବତଃ ତାମିଲ୍ ସଂଘର ମୁଖ୍ୟରୂପେ) ଖାରବେଳଙ୍କୁ ଅନେକ ମଣିମାଣିକ୍ୟ ଉପହାର ସ୍ୱରୂପ ପ୍ରଦାନ କରି ତାଙ୍କର ବଶ୍ୟତା ସ୍ୱୀକାର କରିଥିଲେ । ଏହାଦ୍ୱାରା ତାମିଲ୍ ସଂଘର ଅବସ୍ଥାନ ହେଲା ।

ଦ୍ରାମିକ ଯୁଧର ଅବସାନ ପରେ ଖାରବେଳ ପୁନର୍ବାର ଉତ୍ତର ଭାରତ ଅଭିମୁଖେ ଯୁଧାଭିଯାନ ଚଳାଇ ଥିଲେ । ରାଜତ୍ୱର ଦ୍ୱାଦଶ ବର୍ଷରେ ସେ ନିଜେ ପ୍ରାୟ ଏକ ଲକ୍ଷ ସୈନ୍ୟଘେନି ଗାଙ୍ଗେୟ ଅବାବାହିକା ଅତିକ୍ରମ କରି ଉତ୍ତରାପଥ ଯାଏ ଅଗ୍ରସର ହୋଇଥିଲେ । ଏହାଦ୍ୱାରା ଉତ୍ତରା ପଥର ବହୁ ଶାସକ ସଂତ୍ରସ୍ତ ହୋଇଥିଲେ । ସେହି ଅଭିଯାନ କାଳରେ ଖାରବେଳ ମଗଧ ରାଜ୍ୟରେ ଅସଂଖ୍ୟ ହସ୍ତୀ ଓ ଅଶ୍ୱଘେନି ଗଙ୍ଗାକୂଳରେ ଶିବିର ସ୍ଥାପନ କରିଥିଲେ । ସେହ ହସ୍ତୀମାନଙ୍କୁ ଗଙ୍ଗାନଦୀରେ ଜଳପାନ କରାଉଥିବା ଦୃଶ୍ୟ ମଗଧବାସୀଙ୍କ ମନରେ ବିପୁଳ ଭୟ ଜନ୍ମାଇଥିଲା । ଅଂଗ ଓ ମଗଧର ରାଜା

ବୃହସ୍ପତିମିତ୍ର (ବହସତିମିତ) ପରାଜୟ ସ୍ୱୀକାର କରି ଖାରବେଳଙ୍କ ପଦ ବନ୍ଦନା କରିବାକୁ ବାଧ ହେଲେ । ଏହି ବିଜୟଦ୍ୱାରା କଳିଙ୍ଗ ପୂର୍ବରୁ ଦୁଇଥର ମଗଧଦ୍ୱାରା ପରାଜିତ ହୋଇଥିବାର ପୂର୍ଣ୍ଣ ପ୍ରତିଶୋଧ ନେଇ ପାରିଲା । ଖାରବେଳ ତିନିଶହ ବର୍ଷପୂର୍ବରୁ ମହାପଦ୍ମନନ୍ଦ କଳିଙ୍ଗକୁ ଆକ୍ରମଣ କରି ଧନରତ୍ନ ସହ କାଳିଙ୍ଗଜିନ ପ୍ରତିମାକୁ ମଧ ବଳପୂର୍ବକ ମଗଧକୁ ନେଇଯାଇଥିଲେ । ମଗଧ ବିଜୟ ପରେ ଖାରବେଳ କାଳିଙ୍ଗଜିନ ପ୍ରତିମା ସହ ବହୁ ଧନରତ୍ନ ନେଇ ସଗୌରବେ କଳିଙ୍ଗ ନଗରୀକୁ ପ୍ରତ୍ୟାବର୍ତ୍ତନ କଲେ ।

ମଗଧର ସେହି ପରାକ୍ରମୀ ଶାସକଙ୍କ ଶୋଚନୀୟ ପରାଜୟ ଖାରବେଳଙ୍କ ଅସୀମ ଶକ୍ତି ଓ ସମର କୁଶଳତାର ସ୍ପଷ୍ଟ ପରିଚାୟକ । ଖାରବେଳଙ୍କ ଦ୍ୱାରା କଳିଙ୍ଗର ସମ୍ମାନ ବୃଦ୍ଧିପାଇଁ ଆକୁମାରିକା ହିମାଚଳ ସର୍ବତ୍ର ଏହାର ଶକ୍ତି ଓ ପ୍ରଭାବ ବିସ୍ତୃତ ହେଲା । ଖାରବେଳଙ୍କ ପ୍ରଥମା ମହିଷୀ ମଞ୍ଚପୁରୀ ଗୁମ୍ଫା ଅଭିଲେଖରେ ତାଙ୍କୁ ଯଥାର୍ଥରେ ଚକ୍ରବର୍ତ୍ତୀ ରୂପେ ଉଲ୍ଲେଖ କରିଛନ୍ତି ।

ଅଭିଲେଖୀୟ ବିବରଣୀ ସହି ଖାରବେଳଙ୍କ ସଫଳ ସାମରିକ ଅଭିଯାନ ଉଦୟଗିରିର ରାଣୀଗୁମ୍ଫାରେ ଖୋଦିତ ଚିତ୍ରାବଳୀ ଦ୍ୱାରା ମଧ୍ୟ ସମର୍ଥିତ ହୋଇଥାଏ । ରାଣୀଗୁମ୍ଫା ତଳ ମହଲାର ସମ୍ମୁଖଭାଗରେ ଯେଉଁ ଚାରୋଟି ପ୍ରକୋଷ୍ଠ ରହିଛି, ସେଗୁଡ଼ିକର ମସ୍ତକ ଦେଶରେ ଦୀର୍ଘଚିତ୍ରାବଳୀ (ନ. ୪) ଖୋଦିତ ହୋଇଅଛି । ଏସବୁକୁ ଅନୁଧ୍ୟାନ କରି ଐତିହାସିକ ଡ. ନବୀନ କୁମାର ସାହୁ କହନ୍ତି :

"ଚିତ୍ରାବଳୀର ପ୍ରାରମ୍ଭରେ କଳିଙ୍ଗର ସେନା ରାଜଧାନୀ କଳିଙ୍ଗନଗରୀର ରାଜଦଣ୍ଡରେ ଯୁଦ୍ଧଯାତ୍ରା କରୁଥିବା ଏବଂ କଳିଙ୍ଗ ଜନତା ଅଟ୍ଟାଳିକା ଗୁଡ଼ିକର ବାରଣ୍ଡାର ଏବଂ ଗବାକ୍ଷରେ ଦଣ୍ଡାୟମାନ ହୋଇ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିବା ଦୃଶ୍ୟ ଅଙ୍କିତ ହୋଇଛି । ଚିତ୍ରାବଳୀର ବହୁ ଅଂଶ ସଂପ୍ରତି ସମ୍ପୂର୍ଣ୍ଣ ଧ୍ୱଂସହୋଇ ଯାଇଛି ; ମାତ୍ର ଯେଉଁ କେତୋଟି ଅବିକୃତ ଅବସ୍ଥାରେ ରହିଛି ତହିଁରୁ ଜଣାପଡ଼େ ଯେ, ସେଠରେ ସମ୍ରାଟଙ୍କର ଦ୍ୱାଦଶ ବର୍ଷର ଦିଗ୍‌ବିଜୟର ବର୍ଣ୍ଣନା କୁ ଉତ୍କୀର୍ଣ୍ଣ କରାଯାଇଛି । ଚିତ୍ରାବଳୀ ମଧ୍ୟରେ ଜଣେ ନରପତି ଆଣ୍ଠୁମାଡ଼ି ବସି ଖାରବେଳଙ୍କର ପାଦ ବନ୍ଦନା କରୁଥିବାର ଯେଉଁ ଦୃଶ୍ୟ ଅଙ୍କିତ ହୋଇଛି ତାହା ମଗଧରାଜ ବୃହସ୍ପତି ମିତ୍ରଙ୍କ ଆତ୍ମ ସମର୍ପଣ ପରୁଥବାର ଚିତ୍ର ବୋଲି ସ୍ପଷ୍ଟ ଜଣାପଡ଼େ । ରାଜଛାତ୍ର ଶୋଭିତ ସମ୍ରାଟ ଖାରବେଳଙ୍କର ପାଦତଳେ ନତଜାନୁ ହୋଇ ପ୍ରଣପାତ କରୁଥିବାବେଳେ ମଗଧରାଜଙ୍କର ଶିରସ୍ତ୍ରାଣ କାଢ଼ିନିଆଯାଇଛି । ସେଠାରେ ତାଙ୍କର ସୁସଜ୍ଜିତ ଅଶ୍ୱ ଦଣ୍ଡାୟମାନ ଅବସ୍ଥାରେ ରହିଛି ଏବଂ ଅଶ୍ୱର ନିକଟରେ ତାଙ୍କର ଅନୁଚର ମାନେ ଯୋଡ଼ ହସ୍ତରେ ଅଭିବାଦନ ଜଣାଉଛନ୍ତି । ଶ୍ରୀମତୀ ଦେବଳା ମିତ୍ର ଏହି ଚିତ୍ରଟିକୁ ଜଣେ ଯବନ ନରପତିଙ୍କ ଆତ୍ମ ସମର୍ପଣ ଦୃଶ୍ୟବୋଲି ମତବ୍ୟକ୍ତ କରିଛନ୍ତି । ମାତ୍ର ହାତୀଗୁମ୍ଫା ଅଭିଲେକ ପ୍ରଦତ୍ ବୃହସ୍ପତି ମିତ୍ରଙ୍କ ଆତ୍ମ ସମର୍ପଣର ବର୍ଣ୍ଣନା ସହିତ ଚିତ୍ରଟିର ସାମସ୍ୟ ପରିଲକ୍ଷିତ ହୁଏ । କଳିଙ୍ଗ ଶିଳ୍ପୀ ଜଣେ ଗ୍ରୀକ୍ ନରପତିଙ୍କ ପରାଜୟ ଅପେକ୍ଷା ମଗଧରାଜଙ୍କ ଆତ୍ମ ସମର୍ପଣକୁ ଯେ ଅଧିକ ଗୁରୁତ୍ୱପୂର୍ଣ୍ଣ ଓ ଗୌରବମୟ

ମନେ କରିଛନ୍ତି ଏହା ସୁନିଶ୍ଚିତ । ଚିତ୍ରାବଳୀର ଶେଷାଂଶରେ କଳିଭ୍ଗର ବିଜୟୀସେନା ରାଜଧାନୀକୁ ପ୍ରତ୍ୟାବର୍ତ୍ତନ କରୁଥିବାର ଦୃଶ୍ୟ ପ୍ରଦର୍ଶିତ ହୋଇଛି । କଳିଙ୍ଗ ନଗରୀର ଅଧିବାସୀଗଣ ସମ୍ରାଟ ଖାରବେଳଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ନିମନ୍ତେ ବିପୁଳ ଆୟୋଜନ କରିଥିବା ପରିଦୃଷ୍ଟ ହୁଏ । ମହିଳାମାନେ ମସ୍ତକରେ ପୂର୍ଣ୍ଣକୁମ୍ଭ ଘେନି ଧାଡ଼ିବାନ୍ଧି ଛିଡ଼ାହୋଇଛନ୍ତି ଏବଂ ଜଣଜଣ କରି ସମ୍ରାଟଙ୍କର ପଦ ପ୍ରକ୍ଷାଳନ କରୁଛନ୍ତି । ଖାରବେଳଙ୍କ ଶେଷ ( ? ) ଯୁଧଯାତ୍ରାର ଗୌରବମୟ ପ୍ରତ୍ୟାବର୍ତ୍ତନ ସମୟରେ କଳିଙ୍ଗ ଜନତାଙ୍କର ଏହି ଅଭିନନ୍ଦନ ଦୃଶ୍ୟ ଅତି ହୃଦୟସ୍ପର୍ଶୀ ହୋଇଅଛି ।

## ଧର୍ମନୀତି

ଖାରବେଳ କେବଳ ଜଣେ ଯୋଧା ବା ରାଜ୍ୟଜୟୀ ଚକ୍ରବର୍ତ୍ତୀ ସମ୍ରାଟ ନୁହନ୍ତି, ଉଦାର ଧର୍ମଭାବ ଏବଂ ଆଧାତ୍ମିକତା ଯୋଗୁଁ ମଧ ସେ ଇତିହାସରେ ବିଶିଷ୍ଟ ସ୍ଥାନ ଅଧିକାର କରିପାରିଛନ୍ତି । ଖାରବେଳ ଏକ ଜୈନ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପୂର୍ବରୁ ପୁରୁଷଗଣ ବଂଶ ପରମ୍ପରାନୁକ୍ରମେ ଜୈନ ଥିଲେ । ଅଶୋକଙ୍କ ସଦୃଶ କାରବେଳ ନୂତନ ଧର୍ମଦୀକ୍ଷା ଗ୍ରହଣ କରିନଥିଲେ । ସେ ଥିଲେ ଆଜନ୍ମରୁ ଜୈନ, ସୁତରାଂ ଜୈନଧର୍ମର ଗୌରବ ବର୍ଧନ ତାଙ୍କର ସ୍ୱାଭାବିକ କର୍ତ୍ତବ୍ୟ ଥିଲା ।

ଜୈନଧର୍ମ କଳିଙ୍ଗର ପ୍ରଥମ ଜ୍ଞାତ-ସଂଗଠିତ-ଧର୍ମ ଥିଲା । କଳିଙ୍ଗରେ ଜୈନଧର୍ମ ଗ୍ରହଣ କରିଥିବା ରାଜାମାନଙ୍କ ମଧରେ ସମ୍ଭବତଃ କରକଣ୍ଡୁ (କରଣ୍ଡୁ) ହେଉଛନ୍ତି ସର୍ବପ୍ରଥମ । ସେ ୨୩ତମ ତୀର୍ଥଙ୍କର ପାର୍ଶ୍ୱନାଥଙ୍କ ଦ୍ୱାରା ପ୍ରବର୍ତ୍ତିତ ଚତୁର୍ଯାମ ଜୈନଧର୍ମରେ ଦୀକ୍ଷିତ ହୋଇଥିଲେ । କୁମ୍ଭକାର ଜାତକାର ବର୍ଣ୍ଣନାନୁଯାୟୀ କରକୁଣ୍ଡ, ପାଂଚାଳର ଦୁମ୍ମୁଖୀ, ଗାନ୍ଧାରର ରାଜା ନଗ୍ଗଜୀ ଏବଂ ବିଦେହର ରାଜା ନିମିଙ୍କର ସମସାମୟିକ । ଜୈନଗ୍ରନ୍ଥ ଉତ୍ତରାଧ୍ୟୟନ ସୂତ୍ରରେ ଉଲ୍ଲେକ ହୋଇଛିଯେ, ଏମାନେ ରାଜାମାନଙ୍କ ମଧରେ ବୃଷଭ ଏବଂ ଜୈନଧର୍ମରେ ଦୀକ୍ଷିତ ହୋଇ ସିଂହାସନ ତ୍ୟାଗପୂର୍ବକ ଶ୍ରମଣରୂପେ ଜୀବନ ଅତିବାହିତ କରିଥିଲେ । ଏହାଙ୍କ ରାଜତ୍ୱକାଳକୁ ଖ୍ରୀ.ପୂ ଅଷ୍ଟମ ଶତାବ୍ଦୀରେ ନିଶ୍ଚିତଭାବେ ଅବସ୍ଥାପିତ କରାଯାଇନପାରେ । କାରଣ ପାର୍ଶ୍ୱନାଥ ଖ୍ରୀ.ପୂ. ୭୧୭ ରେ ନିର୍ବାଣ ପ୍ରାପ୍ତ ହୋଇଥିଲେ । ନଗେନ୍ଦ୍ର ନାଥ ବସୁ ଏକ ଜୈନ ଗ୍ରନ୍ଥ କ୍ଷେତ୍ର ସମାସ ରୁ ତଥ୍ୟ ସଂଗ୍ରହ କରି ମତବକ୍ତ କରନ୍ତି ଯେ, ପାର୍ଶ୍ୱନାଥ

ନିଜେ ତାମ୍ରଲିପ୍ତ ଏବଂ କୋପକଟକୁ ଆସି ଧର୍ମପ୍ରଚାର କରିଥିଲେ । ଉପରୋକ୍ତ ତାମ୍ରିଲିପ୍ତକୁ ଅଧୁନାତନ ମିଦ୍‌ନାପୁର ଜିଲ୍ଲାର ରାମ୍‌ଲୁକ୍ ଏବଂ କୋପକଟକକୁ ଓଡ଼ିଶାର ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ କୁପାରୀ ସହ ଶ୍ରୀ ବସୁ ପରିଚିହ୍ନିତ କରିଛନ୍ତି । କରକଣ୍ଡୁଙ୍କ ବୈଭବ, ଧର୍ମଚେତନା ଏବଂ ସତ୍‌ଜ୍ଞାନ ଯୋଗୁଁ ଜୈନ ପରମ୍ପରାରେ ରାଜାଶ୍ରୀ ଏବଂ ବୌଧମାନଭ୍‌କ ଦ୍ୱାରା ପଛେକ ବୁଧ ରୂପେ ଅଭିହିତ । ଖଣ୍ଡଗିରରିର ଅନନ୍ତଗୁମ୍ଫାରେ ସର୍ପଲାଞ୍ଛନ ପରିଦୃଷ୍ଟ ହେଉଥିବାରୁ ବିଦ୍ୱାନମାନେ ଏହା ଜୈନତୀର୍ଥଙ୍କର ପାର୍ଶ୍ୱନାଥଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ହୋଇଥିବାର ମତବ୍ୟକ୍ତ କରିଥାନ୍ତି । ସ୍ଥୁଳତଃ ଏତିକି କୁହାଯାଇପାରେ ଯେ, ପାର୍ଶ୍ୱନାଥ କଳିଙ୍ଗର ଧାର୍ମିକ ଜୀବନ ସହ ଘନିଷ୍ଠଭାବେ ସମ୍ପୃକ୍ତ ଥିଲେ ଏବଂ ରାଜା କରକଣ୍ଡୁଙ୍କ ସମୟରୁ କଳିଙ୍ଗରେ ଜୈନଧର୍ମର ଦୃଢ଼ ଭିତ୍‌ଭୂମି ପ୍ରତିଷ୍ଠିତ ହୋଇ ସାରିଥିଲା ।

କରକଣ୍ଡୁଙ୍କ ପରେ ମଧ ପାର୍ଶ୍ୱନାଥଙ୍କ ଦ୍ୱାରା ପ୍ରବର୍ତ୍ତିତ ଚତୁର୍ଯାମ ଜୈନଧର୍ମ କଳିଙ୍ଗରେ ପୂର୍ଣ୍ଣରୂପେ ପ୍ରଭାବ ବିସ୍ତାର କରିପାରିଥିଲା । ଜୈନମୁନି ସରଭଙ୍ଗଙ୍କ ବିହାର ଗୋଦାବରୀ ତଟରେ ଅବସ୍ଥିତ ଥିଲା । ସରଭଙ୍ଗ ଜାତକରୁ ପ୍ରତିପାଦିତ ହୁଏଯେ, କଳିଙ୍ଗର ରାଜା କାଳିଙ୍ଗ, ଆସ୍ମକର ଅଟ୍‌ଠକ ଏବଂ ବିଦର୍ଭର ରାଜା ଭୀମରଥ ତାଙ୍କର ରାଜକୀୟ ଶିଷ୍ୟ ଥିଲେ । ଏହିସବୁ ବର୍ଣ୍ଣନା, ମହାବୀରଙ୍କ ପୂର୍ବବର୍ତ୍ତୀ କଳିଙ୍ଗରେ ଜୈନଧର୍ମର ପ୍ରଭାବଶାଳୀ ପ୍ରବାହର ସ୍ପଷ୍ଟ ପ୍ରମାଣ ପ୍ରଦାନ କରେ ।

ଆବଶ୍ୟକ-ସୂତ୍ର ତଥା ଆଚାର୍ଯ୍ୟ ହରିଭଦ୍ର କୃତ ଟୀକା ଏବଂ ଜୈନ ହରିବଂଶରେ ବର୍ଣ୍ଣିତ ହୋଇଛି ଯେ, ମହାବୀର ନିଜେ କଳିଙ୍ଗକୁ ଆସି ତାଙ୍କଦ୍ୱାରା ପ୍ରବର୍ତ୍ତିତ ନୂତନ ପଯାମ ଜୈନଧର୍ମର ପ୍ରଚାର କରିଥିଲେ । ଜୈନଗ୍ରନ୍ଥ ଗୁଡ଼ିକର ଉପରୋକ୍ତ ବିଷୟ ହାତୀଗୁମ୍ଫା ଅଭିଲେଖ (ପଂକ୍ତି- ୧୪)ର ବର୍ଣ୍ଣନାନୁଯାୟୀ ମଧ ସମର୍ଥୀତ ହୋଇଥାଏ । ପ୍ରାଚୀନ କାଳରୁ ଉଦୟଗିରି-ଖଣ୍ଡଗିରି କୁମାରୀ ପର୍ବତ ନାମରେ ପ୍ରସିଧଲାଭ କରିଥିଲେ । ଜୈନଧର୍ମର ଶେଷ ତୀର୍ଥଙ୍କର ଏହି କୁମାରୀ ପର୍ବତ ଚୂଡ଼ାରେ ଦଣ୍ଡାୟମାନ ହୋଇ କଳିଙ୍ଗ ବାସୀଙ୍କୁ ଜୈନଧର୍ମର ବିଜୟବାଣୀ ଶୁଣାଇଥିେ । (ସୁପବତ ବିଜୟଚକେ କୁମାରୀ ପବତେ) ।

ଖାରବେଳଙ୍କ ସମୟରେ କଳିଙ୍ଗରେ ଜୈନଧର୍ମର ଯେପରି ବିକାଶ ସାଧିତ

ହୋଇପାରିଥିଲା । ତାହା ତାଙ୍କର ପୂର୍ବରୁ କିମ୍ବା ପରେ ଆଉ ସମ୍ଭବପର ହୋଇନଥିଲା । ହାତୀଗୁମ୍ଫା ଅଭିଲେଖରେ ଖାରବେଳଙ୍କ ଧର୍ମଧାରଣାର ସ୍ପଷ୍ଟଚିତ୍ର ମିଳେ । ପ୍ରଥମ ପଂକ୍ତିରେ ପ୍ରଥମେ ଅର୍ହତ ଏବଂ ସିଦ୍ଧ ମାନଙ୍କୁ ପ୍ରଣତି ଜ୍ଞାପନ କରାଯାଇଥିବା ତାତ୍ପର୍ଯ୍ୟପୂର୍ଣ୍ଣ, "ନମୋ ଅରହଂତାନଂ ॥ ତମେ ସବସିଧାନଂ" । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପରବର୍ତ୍ତୀ କାଳରେ ଜୈନ ଦାର୍ଶନିକ ଭଦ୍ରବାହୁଙ୍କ ଦ୍ୱାରା ରଚିତ "କଳ୍ପ ସୂତ୍ର" ନାମ ଗ୍ରନ୍ଥରେ ପ୍ରାରମ୍ଭରେ ମଧ ଏତାଦୃଶ ବର୍ଣ୍ଣନା ପରିଦୃଷ୍ଟ ହୋଇଥାଏ :

"ଣମୋ ଅରିହଂତାଣମ୍, ଣମୋସିଧାଣମ୍" ।

ହାତୀଗୁମ୍ଫା ଅଭିଲେଖରେ ବଧମଙ୍ଗଳ, ସ୍ୱସ୍ତିକ, ନନ୍ଦିପଦ ଓ ବୃକ୍ଷ ଚୈତ ଆଦି ଲାଞ୍ଛନ ଅଙ୍କିତ ହୋଇଛି, ଯାହାକି ଜୈନଧର୍ମର ଶୁଭ ପ୍ରତୀକ ରୂପେ ଗୃହୀତ । ପୁନଶ୍ଚ ଖଣ୍ଡଗିରିର ଅନନ୍ତ ଗୁମ୍ଫାରେ ମଧ ଜୈନ ସାଙ୍କେତିକ ଚିତ୍ରମାନ ପୂଜିତ ହେଉଥିବାର ପ୍ରମାଣ ରହିଛି ।

ଖାରବେଳଙ୍କ ଯୁଧାଭିଯାନ ଯେ ଅନେକାଂଶରେ ଜୈନଧର୍ମର ସୁରକ୍ଷା ଓ ସଂସ୍ଥାପନା ନିମନ୍ତେ ଅଭିପ୍ରେତ ହୋଇଥିଲା ତାହା ନିଶ୍ଚିତ ଭାବରେ କୁହାଯାଇପାରେ । ରାଜତ୍ୱର ଅଷ୍ଟମ ବର୍ଷରେ ସେ ଯବନ ମାନଭ୍‌କର ଅନୁଧାବନ କରି ଜୈନ କ୍ଷେତ୍ର ମଥୁରାଠାରୁ ସେମାନଭ୍‌କୁ ବିତାଡ଼ିତ କରିଥିଲେ । ମଥୁରା ବିଜୟ ପରେ ସେଠାରୁ କଳ୍ପବୃକ୍ଷର ପଲ୍ଲବ ଶୋଭିତ ଏକ ଶାକା ସସମ୍ମାନେ ସ୍ୱୀୟ ରାଜଧାନୀକୁ ନେଇ ଆସିଥିଲେ । ଏହି କଳ୍ପବୃକ୍ଷ ଆଦିଜିନ ଋଷଭନାଥଙ୍କ ପ୍ରତୀକ ଥିଲା । ଏହି ଅବସରରେ ସେ ରାଜଧାନୀ କଳିଙ୍ଗ ନଗରୀରେ ମହାବିଜୟ ପ୍ରାସାଦ ନିର୍ମାଣ କରିଥିଲେ ।

ଖାରବେଳଙ୍କ ପୂର୍ବରୁ କଳିଙ୍ଗର ପିଥୁଣ୍ଡ ଏକ ଜୈନକ୍ଷେତ୍ର ରୂପେ ପ୍ରସିଧଲାଭ କରିଥିଲା । ପୁନଶ୍ଚ ଖାରବେଳଙ୍କ ପୂର୍ବରୁ ଏହା କଳିଙ୍ଗର ରାଜାମାନଙ୍କର ଏକ ପ୍ରଧାନ ଅଧିଷ୍ଠାନ ଥିବାର ମଧ ଶିଳାଲେକରେ ଉଲ୍ଲିଖିତ । ଉତ୍ରାଧ୍ୟନ ସୂତ୍ରରୁ ଜଣାପକ୍ଷେଯେ ପିହୁଣ୍ଡ (ଅଭିଲେଖର ପିଥୁଡ଼ : ପିଥୁଣ୍ଡ) କଳିଙ୍ଗର ଏକ ପ୍ରସିଧ ବନ୍ଦର ଥିଲା । ଏବଂ ମହାବୀରଙ୍କ ସମୟରେ ପ୍ରସିଧ ଜୈନକ୍ଷେତ୍ରରୂପେ ବିବେଚିତ ହେଉଥିଲା । କୌଣସି କାରଣରୁ ଏହି କ୍ଷେତ୍ରଟି ପରବର୍ତ୍ତୀ କାଳରେ ପରିତ୍ୟକ୍ତ ହୋଇଥିଲା । ହାତୀଗୁମ୍ଫା ଅଭିଲେଖରେ ବର୍ଣ୍ଣିତ ହୋଇଛି ଯେ, ପିଥୁଣ୍ଡର ପୁନରୁଦାର କାର୍ଯ୍ୟରେ ଖାରବେଳ ଗର୍ଦଭ ଯୋଚିତ

ଲଙ୍ଗଳ ବ୍ୟବହାର କରିଥିଲେ । ବଳଦ ବା ଷଣ୍ଢ ପରିବର୍ତ୍ତେ ଗଦର୍ଭ ବ୍ୟବହୃତ ହୋଇଥିବା ଧାର୍ମିକ ଦୃଷ୍ଟିକୋଣରୁ ତାତ୍ପର୍ଯ୍ୟପୂର୍ଣ୍ଣ । କାରଣ ବଳଦ ବା ଷଣ୍ଢ ଆଦିଜିନ ଋଷଭନାଥଙ୍କ ଲାଞ୍ଛନାରୁ ଅନୁମିତ ହୁଏ ଯେ, ପିଥୁଣ୍ଡଥିଲା ଆଦିଜିନଙ୍କ ପୂଣ୍ୟପୀଠ ଏବଂ ସେଥିପାଇଁ ସେହି ନଗରୀର ପୁନରୁଧାର କାର୍ଯ୍ୟରେ ଖାରବେଳ ତାଙ୍କର ଲାଞ୍ଛନନ ବଳଦ ବା ଷଣ୍ଢକୁ ବ୍ୟବହାର କରିନଥିଲେ । ପିଥୁଣ୍ଡ ନଗରୀର ପୁନରୁଧାର କାର୍ଯ୍ୟ ଚାଲିଥିବା ବେଳେ ତେଣେ ଖାରବେଳଙ୍କର ମଗଧ ଏବଂ ଉତ୍ତରାପଥ ଅଭିଯାନର ଆୟୋଜନ ଚାଲିଥାଏ । ଖାରବେଳ ରାଜତ୍ୱର ଦ୍ୱାଦଶ ବର୍ଷରେ ମଗଧର ନରପତି ବୃହସ୍ପତି ମିତ୍ରଙ୍କୁ ପରାସ୍ତ କରି କାଳିଙ୍ଗଜିନ ମୂର୍ତ୍ତୀ ନେଇ ଆସିଲେ । ହାତୀଗୁମ୍ଫା ଅଭିଲେଖରୁ ଜଣାପଡ଼େ ଯେ, ଖାରବେଳଙ୍କ ତିନିଶତ ବର୍ଷ ପୂର୍ବେ ମଗଧର ନନ୍ଦରାଜା (ମହାପଦ୍ମ ନନ୍ଦ) କଳିଙ୍ଗକୁ ପରାଜିତ କରି ଏଠାରୁ କାଳିଙ୍ଗତ ଜିନ ମୂର୍ତ୍ତୀ ବଳପୂର୍ବକ ନେଇ ଯାଇଥିଲେ । ନନ୍ଦରାଜା ମହାପଦ୍ମ ନନ୍ଦ କାଳିଙ୍ଗଜିନ ମୂର୍ତ୍ତୀର ଅପହରଣ ପୂର୍ବକୁ କଳିଙ୍ଗର ଧର୍ମକ୍ଷେତ୍ରରେ ଯେଉଁ ଆଘାତ ପ୍ରାଦନ କରିଥିଲେ ଖାରବେଳ ତାର ଉପଯୁକ୍ତ ପ୍ରତିଶୋଧ ନେଇକଳିଙ୍ଗର ଗୌରବ ଓ ସମ୍ମାନ ରକ୍ଷାକରି ଏଜାତିର ଚିର ସ୍ମରଣୀୟ ହୋଇ ରହିଛନ୍ତି । ଡ଼. କାଶୀ ପ୍ରସାଦ ଜୟସ୍ୱାଲ ଏବଂ ରାଖାଲ୍‌ଦାସ୍ ବେନର୍ଜିଙ୍କ ମତରେ କାଳିଙ୍ଗ ଜିନ ଦଶମ ତୀର୍ଥଙ୍କର ଶୀତଳନାଥଙ୍କ ଯୁକ୍ତଯୁକ୍ତ ଭାବେ କହନ୍ତିଯେ, କାଳିଙ୍ଗ ଜିନ ଋଷଭନାଥଙ୍କ ପ୍ରତିମୁର୍ତ୍ତୀ ଥିଲେ । କାଳିଙ୍ଗଜିନ ନାମକରଣକୁ ଦୃଷ୍ଟିରେ ରଖି ଡ଼. ଯଜ୍ଞକୁମାର ସାହୁ ଏହା କଳିଙ୍ଗ ଜାତିର ଆରାଧ ଦେବତା ଏବଂ ସେହିକାଳରେ (ଖ୍ରୀ.ପୂ. ଚତୁର୍ଥ ଶତାବ୍ଦୀ) ଜୈନଧର୍ମ କଳିଙ୍ଗର ରାଷ୍ଟ୍ରଧର୍ମ ଥିବାର ମତବ୍ୟକ୍ତ କରିଛନ୍ତି । ଖାରବେଳଙ୍କତ ଦ୍ୱାରା ରାଜତ୍ୱର ଏକାଦଶ ବର୍ଷରେ ପିଥୁଣ୍ଡ ନଗରୀର ପୁନରୁଧାର କାର୍ଯ୍ୟ ଏବଂ ଦ୍ୱାଦଶ ବର୍ଷରେ ମଗଧ ବିଜୟ ପୂର୍ବକ କାଳିଙ୍ଗ ଜିନଙ୍କୁ ଫେରାଇ ଆଣି ପୁନର୍ବାର ପିଥୁଣ୍ଡରେ ପ୍ରସ୍ଥାପିତ କରାଯିବା ଘଟଣା ଐତିହାସିକ ଦୃଷ୍ଟିକୋଣରୁ ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଏ । ଏହାହିଁ ପ୍ରମାଣକରେ ଯେ, ଖାରବେଳ ମଗଧ ଅଭିଯାନ ପୂର୍ବରୁ କାଳିଙ୍ଗଜିନଙ୍କୁ ଉଧାର କରି ପୁନର୍ବାର ତାଙ୍କର ପୂର୍ବ ଅଧିଷ୍ଠାନ ପିଥୁଣ୍ଡଠାରେ ପ୍ରସ୍ତାବିତ କରିବାରଯୋଜନା କରିଥିଲେ । ଏଣୁ ଦ୍ୱାଦଶ ବର୍ଷର ଯୁଧାଭିଯାନ ମଧ ଜୈନଧର୍ମର ସୁରକ୍ଷା ଓ ସଂସ୍ଥାପନା ନିମିତ୍ ଯେ ଉଦ୍ଦିଷ୍ଟ ଥିଲା, ତାହା ନିଃସନ୍ଦେହରେ କୁହାଯାଇପାରେ । ମପୁରୀ ଗୁମ୍ଫାର ତଳ ମହଲାରେ

କାଳିଙ୍ଗଜିନଙ୍କ ପ୍ରତିମା ପିଥୁଣ୍ଡଠାରେ ପ୍ରତିଷ୍ଠା କରାଯାଇଥିବା ଚିତ୍ର ଖୋଦିତ ହୋଇଅଛି । ଦୁଃଖର ବିଷୟ, କାଳିଙ୍ଗଜିନଙ୍କ ପ୍ରତିମୂର୍ତ୍ତି ବହୁ ପରିମାଣରେ ନଷ୍ଟହୋଇଯାଇଛି, ମାତ୍ର ପ୍ରତିମୂର୍ତ୍ତି ସମ୍ମୁଖରେ ରାଜପୁରୋହିତ ଦଣ୍ଡାୟମାନ ହୋଇ ଅର୍ଚ୍ଚା କରୁଥିବା ସ୍ପଷ୍ଟରୂପେ ଦୃଷ୍ଟିଗୋଚର ହୋଇଥାଏ । ପୁରୋହିତଙ୍କ ପଛରେ ନିଜେ ଖାରବେଳ, ତାପରେ ରାଜମହିଷୀ ଏବଂ ଶେଷରେ ଭକ୍ତି ଓ ସମ୍ମାନ ଜଣାଉଛନ୍ତି । (ଚିତ୍ର ଫଳକ ନ. ୫ ଦ୍ରଷ୍ଟବ୍ୟ) ।

ହାତୀଗୁମ୍ଫା ଅଭିଲେଖର ଚତୁର୍ଦ୍ଦଶ ପଂକ୍ତିରେ ଖାରବେଳଙ୍କୁ ଜୈନଧର୍ମର ଶ୍ରେଷ୍ଠ ପୃଷ୍ଠପୋଷକ ରୂପେ ବର୍ଣ୍ଣନା କରାଯାଇଛି । ଏଠାରେ ଉଲ୍ଲେଖ ଅଛିଯେ, ଯେଉଁ କୁମାରୀ ପର୍ବତରେ ଭଗବାନ ମହାବୀର ଧର୍ମଚକ୍ର ପ୍ରବର୍ତ୍ତନ କରିଥିଲେ ସେଠାରେ ଜାନୁରତ ଉପାସକ ଖାରବେଳ ରାଜତ୍ୱର ତ୍ରୟୋଦଶ ବର୍ଷରେ ଶ୍ୱେତାମ୍ବର ଜୈନମାନଙ୍କୁ ଏବଂ ଯାପନୀୟ ନାମକ ଦିଗମ୍ବର ଅର୍ହତ ମାନଙ୍କୁ ରାଜପୃଷ୍ଠପୋଷକତା ଅର୍ପଣ ପୂର୍ବକ ସେମାନଙ୍କ ରହିବା ପାଇଁ ଅନେକ ଗୁମ୍ଫା ଖୋଦନ କରାଇଥିଲେ । ପୁରାକାଳରେ ଯପାନୀୟକ ଦିଗମ୍ବର ଅର୍ହତ ମାନେ ନଗ୍ନ ରହୁଥିଲେ, ମସ୍ତକକୁ ମୟୁର ପକ୍ଷୀର ପରଦ୍ୱାରା ସଜଉଥିଲେ ଏବଂ ଖାଇବା ବିଷୟରେ କେତେକ ରୀତି ନୀତି ମାନି ଚଳୁଥିଲେ । ଦ୍ୱିତୀୟ ମହିଷୀ ସିଂହପଥ ରାଣୀଙ୍କ ଅନୁରୋଧ କ୍ରମେ ବିଭିନ୍ନ ସ୍ଥାନରୁ ଆଗତ ଶ୍ରବଣ, ଯତି, ତାପସ, ଋଷି ଓ ସଂଘାୟନଙ୍କର ଆଶ୍ରୟ ପାଇଁ ଅର୍ହତ ମାନଙ୍କର ଗିରିଗୃହ ନିକଟରେ ଏକ ବିଶାଳ ବିଶ୍ରାମଗାର ନିର୍ମାଣ କରିଥିଲେ । ବହୁ ଦୂର ଦେଶରୁ ଆନୀତ ପଇଁତିରିଶ ଲକ୍ଷ ପ୍ରସ୍ତର ଫଳକ ଦ୍ୱାରା ସେହି ଅତୁଳନୀୟ ସୁରମ୍ୟ ପ୍ରାସାଦଟି ନିର୍ମିତ ହୋଇଥିଲା । ତାହାର ତଳଭାଗର ଚଟାଣ ପାଟଳ ବର୍ଣ୍ଣରେ ରଞ୍ଜିତ ବୋ ସଂଗେ ସଂଗେ, ସେଠାରେ ବୈଦୁର୍ଯ୍ୟ ଖଚିତ ସ୍ତମ୍ଭମାନ ଝଟକି ଉଠୁଥିଲା । ପ୍ରାସାଦର ନିର୍ମାଣ କାର୍ଯ୍ୟରେ ଏକ ଲକ୍ଷ ୫ହଜାର ମୁଦ୍ରା ବ୍ୟୟିତ ହୋଇଥିବା ହାତୀଗୁମ୍ଫା ଅଭିଲେଖରେ ସୂଚିତ । ଖାରବେଳଙ୍କ ପ୍ରଥମା ମହିଷୀ, ରାଜକୁମାର ଏବଂ ବିଭିନ୍ନ ପଦାଧିକାରୀଙ୍କ ଦ୍ୱାରା ମଧ ଜୈନଧର୍ମ ପ୍ରତି ଥବା ପ୍ରଗାଢ଼ ଅନୁରକ୍ତି ଓ ଏହାଙ୍କର ପୃଷ୍ଠପୋଷକତା ଉଦୟଗିରି-ଖଣ୍ଡଗିରି ଉତ୍କୀର୍ଣ୍ଣ ବିଭିନ୍ନ କ୍ଷୁଦ୍ରାଭିଲେଖରୁ ପ୍ରମାଣିତ ହୋଇଥାଏ (ଏସବୁର ପାଠ ଏବଂ ବ୍ୟାଖ୍ୟା ପରିଶିଷ୍ଟ ଆକାରରେ ପ୍ରଦତ) ।

ଭାରତର ଧାର୍ମିକ ଓ ସାଂସ୍କୃତି ବିକାଶ କ୍ଷେତ୍ରରେ ଖାରବେଳଙ୍କ ଉଦାର ଧର୍ମନୀତିର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ସେ ବ୍ରାହ୍ମଣ୍ୟ ଧର୍ମ ମଧ

ପୃଷ୍ଠପୋଷକତା କରିଥିବାର ସ୍ପଷ୍ଟ ଦୃଷ୍ଟାନ୍ତ ରହିଛି । ହାତୀଗୁମ୍ଫା ଅଭିଲେଖ (ପଂକ୍ତି ୯) ଅନୁଯାୟୀ ଖାରବେଳ ମଗଧ-ବିଜୟଲବ୍ଧ ଧନ ଯେ ସମସ୍ତଙ୍କର ଗ୍ରହଣୀୟ ତାହା ପ୍ରତିପାଦିତ କରିବାନିମନ୍ତେ ବ୍ରାହ୍ମଣମାନଙ୍କୁ ମଧ ପ୍ରଦାନ କରିଥିଲେ । ସିଂହପଥ ରାଣୀଙ୍କ ଅନୁରୋଧ କ୍ରମେ ଯେଉଁ ବିଶାଳ ବିଶ୍ରାମଗାର ନିର୍ମିତ ହୋଇଥିଲା ତହିଁରେ ବ୍ରାହ୍ମଣ୍ୟ ଧର୍ମର ଋଷି ଓ ତାପସ ମାନେ ମଧ ଆଶ୍ରୟ ନେବାପାଇଁ ହାତୀଗୁମ୍ଫା ଅଭିଲେଖରେ ଉଲ୍ଲିଖିତ । ବସ୍ତୁତଃ ଉପରୋକ୍ତ ବିଶ୍ରାମାଗାର ଥିଲା ସର୍ବଧର୍ମ ସମନ୍ୱୟର ପ୍ରତୀକ । ଖାରବେଳ ବୌଧଧର୍ମ ପ୍ରତି ମଧ ଅନୁରକ୍ତି ପ୍ରକାଶ କରିଥିବାରୁ ଅନୁମିତ ହୁଏ, କାରଣ ଏହି ସମୟରେ ବୌଧମାନଙ୍କ ମଧରେ ଯେଉଁ ଯୁଗାନ୍ତକାରୀ ଧର୍ମ ବିପ୍ଳବ ଚାଲିଥିଲା ଖାରବେଳଙ୍କ ସମସାମୟିକ କଳିଙ୍ଗ ଭୂମିରେ ତାହାର ସଫଳ ପରିଣତି ସମ୍ଭବ ହୋଇଥିଲା ।

କଳିଙ୍ଗ ଯୁଧପରି ଏକ ମହାଯୁଧର ପରିଣତିରେ ଅଶୋକଙ୍କ ପରି ଜଣେ ସୁବିଖ୍ୟାତ ସମ୍ରାଟ ବୌଧଧର୍ମ ଗ୍ରହଣ କରିବା ଘଟଣା ସେହି ଧର୍ମର ଲୋପ୍ରିୟତା ନିମନ୍ତେ ବଳିଷ୍ଠ ପ୍ରେରଣା ଯୋଗାଇଥିଲା । ଅଶୋକ ସେହି ଧର୍ମର ଲୋକପ୍ରିୟତା ନିମନ୍ତେ ବିଳିଷ୍ଠ ପ୍ରେରଣା ଯୋଗାଇଥିଲା । ଅଶୋକ ବୌଧ ଧର୍ମରେ ଦୀକ୍ଷିତ ହେବାର ଅଳ୍ପକୋଡ଼ୋଟି ବର୍ଷ ମଧରେ ସେହି ଧର୍ମ ଏତେ ଦ୍ରୁତ ଗତିରେ ଲୋକପ୍ରିୟ ହେଲାଟେ ଯେ କାଶ୍ମୀରଠାରୁ ସିଂହଳଯାଏ ଏବଂ ଗ୍ରୀସ୍‌ଠାରୁ ବ୍ରାହ୍ମଦେଶ ପର୍ଯ୍ୟନ୍ତ ସେକାଳରେ ଜଣାଥିବା ସାରା ପୃଥିବୀକୁ ବ୍ୟାପିଗଲା କହିଲେ ଅତ୍ୟୁକ୍ତି ହେବନାହିଁ । ଅଶୋକଙ୍କ ପୁତ୍ର ମହେନ୍ଦ୍ର ଧର୍ମ ସଂଗଠନ ନିମନ୍ତେ ଖ୍ରୀ.ପୂ. ୨୫୦ରେ ସିଂହଳରେ ପଦାର୍ପଣ କରି ସେଠାକାର ରାଜା ଦେବପ୍ରିୟ ତିଷ୍ୟଭ୍‌କୁ ଯଥୋର୍ଥରେ ଜଣାଇଥିଲେ - "ସମଗ୍ର ପରମ୍ପରାରୁ ଜଣାପକ୍ଷେ ଯେ, ଅଶୋକ ପଶ୍ଚିମ ଜୀବନରେ ବୌଧଧର୍ମର ପୃଷ୍ଠପୋଷକତା ପାଇଁ ଅତିଶୟ ଆଗ୍ରହୀଥିଲେ । ବୌଧ ସଂଘ ଓ ଭିକ୍ଷୁଙ୍କ ପ୍ରତି ତାଙ୍କ ବଦାନ୍ୟତାର ଆଧିକ୍ୟ ଯୋଗୁଁ ମଗଧର ରାଜକୋଷ କ୍ରମେ ଶୂନ୍ୟ ହେବାକୁ ଲାଗିଥିଲା ।

ମଗଧରେ ମୌର୍ଯ୍ୟ ବଂଶର ଶେଷ ବୌଧ ସମ୍ରାଟଙ୍କୁ ବ୍ରାହ୍ମଣ ସେନାପତି ପୁଷ୍ୟମିତ୍ର ସୁଙ୍ଗ ସ୍ୱଚ୍ଛ ଦିବାଲୋକରେ ହତ୍ୟାକରି ସିଂହାସନ ଆରୋହଣ କଲେ ଏବଂ ବ୍ରାହ୍ମଣ୍ୟ ଧର୍ମର ପ୍ରତିଷ୍ଠା ଏବଂ ପ୍ରସାର ନିମନ୍ତେ ବିଶେଷ ତତ୍ପର

ହୋଇପଡ଼ିଲେ । ସେ ପ୍ରତିହିଂସା ପରାୟଣ ହୋଇ ବୌଧ ଦମନ ନୀତି ଅବଲମ୍ବନ କରିବା ଫଳରେ ବହୁ ବୌଧ ପ୍ରାଣ ବିସର୍ଜନ କଲେ ଏବଂ ଅନେକ ଅନ୍ୟତ୍ର ପଳାୟନ କଲେ । ବୌଧ ଧର୍ମ ଅଳ୍ପକାଳ ମଧରେ ପୃଥିବୀରେ ଯେଉଁ ସମ୍ମାନ ଓ ଲୋକପ୍ରିୟତା ଅର୍ଜନ କରିପାରିଥିଲା ତାହା କିପରି ଅକ୍ଷୁର୍ଣ୍ଣ ରହିପାରିବ ସେଥିପାଇଁ ବୌଧ ନେତୃଗଣ ଅସ୍ଥିର ହୋଇ ପଡ଼ିଥିଲେ । ଅଶୋକଙ୍କଠାରୁ ଖାରବେଳଙ୍କ ଯାଏ ଦୀର୍ଘ ଦୁଇ ଶତାବ୍ଦୀ ବ୍ୟାପୀ ବୌଧ ଧର୍ମ ଏବଂ ବ୍ରାହ୍ମଣ ଧର୍ମ ମଧରେ ବ୍ୟାପକ ପ୍ରତିଦ୍ୱନ୍ଦିତା ଚାଲିଥା । ବୌଧ ଧର୍ମକୁ ଲୋକପ୍ରିୟ କରିବା ନିମନ୍ତେ ଏକ ନୂତନ ନୀତି ପ୍ରଣୟନ ନିମନ୍ତେ ଏହାର ନେତୃବୃନ୍ଦ ଚିନ୍ତିତ ହୋଇପଡ଼ିଥିଲେ । ପରିଶେଷରେ ଖ୍ରୀ.ପୂ. ପ୍ରଥମ ଶତାବ୍ଦୀରେ ସର୍ବାସ୍ତିବାଦୀ ବୌଧଙ୍କ ଦ୍ୱାରା ପ୍ରଜ୍ଞା ପାରମିତା-ସାହିତ୍ୟ ଓ ଦର୍ଶନର ମୂଳ ପତ୍ନ ସ୍ଥାପିତ ହେଲା କଳିଙ୍ଗରେ । ଏହି ସାହିତ୍ୟର ପ୍ରାଚୀନତମ ଗ୍ରନ୍ଥ ହେଉଛି ଅଷ୍ଟ ସହସ୍ରିକା ପ୍ରଜ୍ଞାପାରମିତା ଏବଂ ତାହା କଳିଙ୍ଗରେ ରଚିତ ହୋଇଥିବା ନିଶ୍ଚିତ ଭାବରେ ଜଣାପଡ଼ିଥାଏ । ଏହାଦ୍ୱାରା କେବଳ ଭାରତବର୍ଷରେ ନୁହେଁ ବରଂ ସମଗ୍ର ଏସିଆ ମହାଦେଶରେ ଏକ ନୂତନ ସାସ୍କୃତିକ ଯୁଗର ସୂତ୍ରପାତ ହୋଇଥିଲା । ଡକ୍ଟର ସାହୁ କହନ୍ତି - "ବୌଧ ଜଗତରେ ଯାହା ବହୁ କାଳଯାଏ ଅସମ୍ଭବ ମନେ ହେଉଥିଲା ଖାରବେଳଙ୍କ ଉଦାରନୀତି ଶାସିତ କଳିଙ୍ଗରେ ତାହା ସମ୍ଭବ ହୋଇ ପ୍ରକାଶିତ ହେଲା ।

ହାତୀଗୁମ୍ଫା ଅଭିଲେଖର ସପ୍ତଦଶ ପଂକ୍ତିରେ ଖାରବେଳ ନିଜକୁ ସବୁଧର୍ମର ମୂର୍ତ୍ତିପୂଜକ ଓ ସମସ୍ତ ଦେବାୟତନର ସଂସ୍କାରକାରକ ରୂପେ ଅଭିହିତ କରିବାର ପୂର୍ଣ୍ଣ ଯଥାର୍ଥତା ତାଙ୍କ କାର୍ଯାବଳୀରୁ ସ୍ପଷ୍ଟରୂପେ ପ୍ରତିପାଦିତ ହୋଇଥାଏ ।

***

## ଖାରବେଳଙ୍କ ପରେ ଓଡ଼ିଶାରେ ଜୈନ ଧର୍ମ

ଖାରବେଳଙ୍କ ପରବର୍ତ୍ତୀ ବଂଶଧରଙ୍କର ବିସ୍ତୃତ ତଥା ସଠିକ ବିବରଣୀ ଏଯାବତ୍ ଉପଲବ୍ଧ ହୋଇ ପାରିନାହିଁ । ସେମାନଙ୍କ ରାଜତ୍ୱ କାଳରେ କଳିଙ୍ଗରେ ଜୈନଧର୍ମର କିଭଳି ପ୍ରଭାବ ରହିଥିଲା, ସେହି ସମ୍ବନ୍ଧରେ ବିବରଣୀ ପ୍ରଦାନ କରିବାକୁ ଉଲ୍ଲେଖଯୋଗ୍ୟ ତଥ୍ୟ ମିଳିପାରିନାହିଁ । ଖାରବେଳଙ୍କ ପରଠୁଁ ଧାରାବାହିକ ଭାବରେ ଓଡ଼ିଶାର ଜୈନ ପରମ୍ପରା ଉପଲବ୍ଧ ହୁଏନାହିଁ । ଏ ସମ୍ବନ୍ଧରେ ମିଳୁଥିବା ତଥ୍ୟାବଳୀର ସଂକ୍ଷିପ୍ତ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

ଜୈନଗ୍ରନ୍ଥ "ଅଭିଧାନ ରାଜେନ୍ଦ୍ର" ରୁ ଜଣାଯାଏ ଯେ, ତୋଷାଳୀ ବିଷୟର ସେଲପୁରଠାରେ ଋଷି ତଡ଼ାଗ ନାମକ ଜୈନମାନଙ୍କର ଏକ ପବିତ୍ର ପୁଷ୍କରିଣୀ ଥିଲା ଏବଂ ସେଠାରେ ପ୍ରତିବର୍ଷ ଆଠଦିନ ଧରି ଏକ ଉତ୍ସବ ସମାରୋହରେ ପାଳିତ ହେଉଥିଲା :

"ଆଦେସୋ ସେଲପୁରେ ଆଦଣଟ୍‌ଠହିୟାହିଆୟ ମହିମାଏ,
ତୋଲିବିସଏ ବିଣ୍ଣ୍‌ବଣଟ୍‌ଠାତହ ହୋତି ଗମଣଂ ବା ।
ସେଲପୁରେ ଇସିତଲାଗମ୍ମି ହୋତି ଅଟ୍‌ଠାହିୟା ମହା ମହିମା,
କୋଂଡ଼ଲମେତ୍ ପ୍ରଭାସେ ଅବବୁୟ ପାଇଣ ବହାସମ୍ମି ।।"

ଉକ୍ତ "ଅଭିଧାନ ରାଜେନ୍ଦ୍ର" ରେ ଆହୁରି ମଧ ବର୍ଣ୍ଣିତ ହୋଇଛି ଯେ, ସରସ୍ୱତୀ ସହିତ ମିଶିଥିବା ପ୍ରାଚୀନବାହ ନଦୀକୂଳରେ ଆନନ୍ଦପୁରର ଅଧିବାସୀମାନେ ଉକ୍ତ ଜୈନୋତ୍ସବ ଆଠଦିନ ଧରି ପାଳନ କରୁଥିଲେ । ପଣ୍ଡିତ ବାନାମ୍ବର ଆଚାର୍ଯ୍ୟ ଉପରୋକ୍ତ ସରସ୍ୱତୀ ନଦୀ (ବ୍ରହ୍ମାଙ୍କ ତନୟା) କୁ ବ୍ରାହ୍ମଣୀ ନଦୀସହ ଏବଂ ପ୍ରାଚୀନବାହ ନଦୀକୁ ବୈତରଣୀ ସହ ଚିହ୍ନିତ କରିଛନ୍ତି । ଅଭିଧାନ ରାଜେନ୍ଦ୍ରର ଆନନ୍ଦପୁରକୁ କେଉଁଝର ଜିଲ୍ଲାର ଆଧୁନିକ ଆନନ୍ଦପୁର ସହ ପରିଚିହ୍ନିତ କରାଯାଇଛି । ଏଠାରେ ଉଲ୍ଲେଖ ଯୋଗ୍ୟଯେ, ଆନନ୍ଦପୁର ନିକଟସ୍ଥ ପୋଡ଼ ସିଙ୍ଗଡ଼ି, ବଇଦାଖିଆ ଓ ସୋସେ, ଆଦି ସ୍ଥାନରେ ଯେଉଁ ଜୈନ ଅବଶେଷ ବିସ୍ତୃତ ଭାବରେ ମିଳିଅଛି ତହିଁରୁ ସେହି ଅଳର ଜୈନ ସଂସ୍କୃତିର ପ୍ରାଚୀନତା ସ୍ପଷ୍ଟରୂପେ ପ୍ରତିପାଦିତ ହୋଇଥାଏ । ଖ୍ରୀଷ୍ଟୀୟ ଷଷ୍ଠ/ ସପ୍ତମ ଶତାବ୍ଦୀରେ ଆନନ୍ଦପୁର ଅଳରେ ଜୈନଧର୍ମ ଲୋକପ୍ରିୟ ହୋଇ ପାରିଥିଲା ଏବଂ ମଧ୍ୟଯୁଗରେ ଉକ୍ତ ଅଳ ଜୈନ ସଂସ୍କୃତି ଓ କଳାର ଏକ ଉନ୍ନତ କ୍ଷେତ୍ରରୂପେ ସୁଖ୍ୟାତି ଅର୍ଜନ କରିଥିଲା ।

ଖ୍ରୀଷ୍ଟୀୟ ସପ୍ତମ-ଅଷ୍ଟମ ଶତାବ୍ଦୀରେ କଙ୍ଗୋଦ ରାଜ୍ୟ, ଉପକୂଳ ର୍ବୀ ଓଡ଼ିଶାର ମହାନଦୀଠାରୁ ମହେନ୍ଦ୍ରଗିରି ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ଏହି କାଳରେ କଙ୍ଗୋଦ ରାଜ୍ୟରେ ବହୁ ଜୈନଧର୍ମାଲମ୍ବୀ ବସବାସ କରୁଥିବା ଅନୁମିତ ହୁଏ । ଶୈଳୋଦ୍‌ଭବ ବଂଶୀ ରାଜା ଦ୍ୱିତୀୟ ଧର୍ମରାଜାଙ୍କର ରାଣୀ ଭଗବତୀ ଶ୍ରୀ କଲ୍ୟାଣଦେବୀ ମଧ ଜୈନଧର୍ମର ପୃଷ୍ଠପୋଷିକା ଥିଲେ । ବାଣପୁର ତାମ୍ର ଶାସନରେ ବର୍ଣ୍ଣିତ ହୋଇଛିଯେ, ରାଣୀ ଅର୍ହଦାଚାର୍ଯ୍ୟ ନାସିଚନ୍ଦ୍ରଙ୍କର ଶିଷ୍ୟ ଏକଶାଟ ପ୍ରବୁଧ ଚନ୍ଦ୍ରଙ୍କୁ ଜୈନଧର୍ମର ଅଭିବୃଧି ନିମନ୍ତେ

ଭୂମିଦାନ କରିଥିଲେ । ରାଜା ଦ୍ୱିତୀୟ ଧର୍ମରାଜ ବ୍ରାହ୍ମଣ୍ୟ ଧର୍ମର ସମର୍ଥକ ଥିଲେ ଏବଂ ନିଜକୁ ପରମମାହେଶ୍ୱର ରୂପେ ମଧ ପ୍ରକାଶ କରୁଥିଲେ । ବ୍ରାହ୍ମଣ୍ୟ ଓ ଶୈବଧର୍ମ ପ୍ରତି ଆନୁଗତ୍ୟ ପ୍ରକାଶ କରୁଥିବା ରାଜାଙ୍କର ରାଣୀ କଲ୍ୟାଣ ଦେବୀ ଜୈନଧର୍ମରର ଉନ୍ନତିପାଇଁ ପୃଷ୍ଠପୋଷକତା ପ୍ରଦାନ କରିଥିବା ଗୁରୁତ୍ୱପୂର୍ଣ୍ଣ ମନେହୁଏ । ପ୍ରବୁଧଚନ୍ଦ୍ରଙ୍କର 'ଏକଶାଟ' ପଦବୀରୁ ପ୍ରତୀୟମାନ ହୁଏ ଯେ, ସେ ଏକମାତ୍ର ବସ୍ତ୍ର ପରିଧାନ କରୁଥିଲେ । ସମ୍ଭବତଃ ସେହିକାଳରେ କଙ୍ଗୋଦ ରାଜ୍ୟରେ ବିଭିନ୍ନ ଧର୍ମର ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ସହଯୋଗ ପ୍ରତିଷ୍ଠିତ ହୋଇ ସାଂସ୍କୃତି ବିକାଶକୁ ଦ୍ରୁତତର କରିପାରିଥିଲା ।

ସୋବବଂଶୀ ରାଜାମାନେ ମଧ୍ୟଯୁଗୀୟ ଓଡ଼ିଶା ଇତିହାସରେ ଅତୀବ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଏମାନଙ୍କୁ ଓଡ଼ିଶାର ନିର୍ମାତାରୂପେ (Makers of Orissa) ମଧ ଅଭିହିତ କରାଯାଇଛି । ଏହି ବଂଶର ରାଜାମାନେ ଦାନପତ୍ର ଗୁଡ଼ିକରେ ନିଜକୁ ପରମ ମାହେଶ୍ୱର ରୂପେ ପ୍ରକାଶ କରି ମୁଖ୍ୟତଃ ଶୈବଧର୍ମର ପୃଷ୍ଠପୋଷକତା କରିଥିଲେ ମଧ, ଧର୍ମକ୍ଷେତ୍ରରେ ଅତୀବ ଉଦାରନୀତି ଅବଲମ୍ବନ କରିଥିଲେ । ସୋମବଂଶୀ ରାଜା ଉଦ୍ୟୋତ କେଶରୀ (ଖ୍ରୀ. ୧୦୪୦-୬୦)ଙ୍କର ଜୈନଧର୍ମ ପ୍ରତି ପ୍ରଦାନ କରିଥିବା ପୃଷ୍ଠପୋଷକତାର ଅଭିଲେଖୀୟ ପ୍ରମାଣ ମିଳିଛି । ଖଣ୍ଡଗିରିର ଲଲାଟେନ୍ଦୁ କେଶରୀ ଗୁମ୍ଫା ଅଭିଲେଖରେ ବର୍ଣ୍ଣିତ ହୋଇଛି ଯେ, ରାଜା ଉଦ୍ୟୋତ କେଶରୀ ରାଜତ୍ୱର ପମ ବର୍ଷରେ କୁମାର ପର୍ବତ (ଖଣ୍ଡଗିରି)ର କେତେକ ମନ୍ଦିର ଏବଂ ପୁଷ୍କରିଣୀର ଜୀର୍ଣ୍ଣ ସଂସ୍କାର କରିଥିଲେ । ସେଠାରେ ଚତୁର୍ବିଂଶ ଜୈନ ତୀର୍ଥଙ୍କର ମୂର୍ତ୍ତୀ ସ୍ଥାପିତ ହୋଇ ଶ୍ରୀପାର୍ଶ୍ୱନାଥଙ୍କ ପ୍ରତିମା ମଧ ପ୍ରତିଷ୍ଠା କରାଯାଇଥିଲା । ଯଶନନ୍ଦି ନାମକ ଜଣେ ଜୈନ ଆଚାର୍ଯ୍ୟ ସେଥିରେ ପୂଜାରାଧନାରେ ନିଯୁକ୍ତ ହୋଇଥିଲେ । ଶିଳାଲେଖର ଭାଷା ସଂସ୍କୃତ ହୋଇଥିଲେ ସୁଧା ଅନେକତ୍ର ପ୍ରାକୃତ୍ ଶବ୍ଦର ବ୍ୟବହାର କରାଯାଇଛି । ପାଠକମାନଙ୍କ ଅବଗତି ନିମନ୍ତେ ଏହାର ପୂର୍ଣ୍ଣାଙ୍ଗପାଠ ନିମ୍ନରେ ପ୍ରଦତ୍ ହେଲା :

"ଓଁ ଶ୍ରୀ ଉଦ୍ୟୋତ କେଶରୀ ବିଜୟରାଜ୍ୟ ସମ୍ବତ୍ ୫
ଶ୍ରୀକୁମାର ପବ୍ବତ ସ୍ଥାନେ ଜିନ୍ନ ବାପି
ଜିନ୍ନ ଇସଣ ଉଦ୍ୟୋଚିତ ତସ୍ମିନ ଥାନେ
ଚତୁର୍ବିସତି ତିଥଂକର ସ୍ଥାପିତ ପ୍ରତିଷ୍ଠା

କାଲେ ହରିଓପ ଜସନନ୍ଦିକ...
ଶ୍ରୀ ପାରସ୍ୟନାଥସ୍ୟ କର୍ମ୍ମ ଖୟଃ ।।"

ଏହାଙ୍କ ରାଜତ୍ୱର ଅଷ୍ଟାଦଶ ବର୍ଷରେ ନବମୁନି ଗୁମ୍ଫା ଅଭିଲେକ ଉତ୍କୀର୍ଣ୍ଣ ହୋଇଥିଲା । ଏଠାରେ ଉଲ୍ଲେଖ ଅଛିଯେ, ଆଚାର୍ଯ୍ୟ କୁଳଚନ୍ଦ୍ରଙ୍କ ଶିଷ୍ୟ ଜୈନମୁନି ଶୁଭଚନ୍ଦ୍ର ଏହାର (ନବମୁନି ଗୁମ୍ଫାର) ନିର୍ମାତା ଥିଲେ :

"ଓଁ ଶ୍ରମଦୁଦ୍ୟୋତ କେଶରୀ ଦେବସ୍ୟ ପ୍ରବର୍ଦ୍ଧମାନେ
ବିଜୟରାଜ୍ୟେ ସମ୍ବତ ୧୮ ଶ୍ରୀ ଅଚାର୍ଯ୍ୟସଂଘ
ପ୍ରତିବଧ ଗ୍ରହକୁଳ ବିନିର୍ଗତ ଦେଶୀଗଣ ଆଚାର୍ଯ୍ୟ
ଶ୍ରୀ କୁଳଚନ୍ଦ୍ର ଭଟ୍ଟାରକସ୍ୟ ଶିଷ୍ୟ ସୁଭଚନ୍ଦ୍ରସ୍ୟ ।"

ସ୍ଥୂଳତଃ ଏତିକି କୁହାଯାଇପାରେ, ଅନ୍ତତଃ ସୋମବଂଶୀ ରାଜତ୍ୱ କାଳ ପର୍ଯ୍ୟନ୍ତ ରାଜପୃଷ୍ଠପୋଷକତାଲାଭ କରି ଓଡ଼ିଶାରେ ଜୈନଧର୍ମ ନିଜର ସ୍ଥିତିକୁ ବଜାୟ ରଖି ପାରିଥିଲା । ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀ ପରେ ଓଡ଼ିଶାର ଅନ୍ୟ କୌଣସି ରାଜବଂଶ ଏହି ଧର୍ମର ବିକାଶ ଦିଗରେ ସାହାଯ୍ୟ ପ୍ରଦାନ କରିଥିବାର ଦୃଷ୍ଟାନ୍ତ ମଳେନାହିଁ । ଓଡ଼ିଶାର ବିଭିନ୍ନ ସ୍ଥାନରୁ ବିଭିନ୍ନ କାଳର ଜୈନ ଅବଶେଷ ମିଳୁଥିବାରୁ ଅନୁମିତ ହୁଏଯେ, ଜୈନଧର୍ମ ବ୍ରାହ୍ମଣ୍ୟ ଧର୍ମସହ ଓଡ଼ିଶାର କୌଣସି ପ୍ରକାରେ ତିଷ୍ଠି ପାରିଥିଲା ।

ଏହା ନିଶ୍ଚିତଭାବେ ସ୍ୱୀକାର୍ଯ୍ୟଯେ, ଖାରବେଳଙ୍କ ପରେ ଓଡ଼ିଶାର ଅନ୍ୟ କୌଣସି ରାଜା ଜୈନଧର୍ମର ଅଭିବୃଧି ନିମନ୍ତେ ସେଭଳି ଆଗଭର ହୋଇନାହାନ୍ତି । ତେବେ ବି, ଓଡ଼ିଶାର ଏକ ସମ୍ପ୍ରଦାୟ ନିଜକୁ ଜୈନଧର୍ମାବଲମ୍ବୀ ରୂପେ ଅଭିହିତ କରି ଆଜିପର୍ଯ୍ୟନ୍ତ ପ୍ରାଚୀନ କଳିଙ୍ଗର ଏକ ରାଷ୍ଟ୍ରଧର୍ମକୁ ଉଜ୍ଜୀବିତ କରିଥିବା ଗୌରବର ବିଷୟ ।

## ଖାରବେଳଙ୍କ ରାଜତ୍ୱକାଳରେ ଶାସନ ଏବଂ ସମାଜ

ଭାରତବର୍ଷର ଶାସନ ପ୍ରଣାଳୀକୁ କୌଟଲ୍ୟଙ୍କର ଅର୍ଥଶାସ୍ତ୍ର ବହୁକାଳଯାଏ ପ୍ରଭାବିତ କରିଥିଲା । ଖାରବେଳଙ୍କ ଶାସନ ପ୍ରଣାଳୀର ପର୍ଯ୍ୟାଲୋଚନା କଲେ ସ୍ପଷ୍ଟରୂପେ ଜଣାପଡ଼େ ଯେ, ଏହା ମଧ ଅର୍ଥଶାସ୍ତ୍ର ନିର୍ଦ୍ଦେଶିତ ପଧତିକୁ ଅନେକାଂଶରେ ଗ୍ରହଣ କରିଥିଲା । ଖଣ୍ଡଗିରି ଏବଂ ଉଦୟଗିରିର ଗୁମ୍ଫା ଗୁଡ଼ିକାରେ ଥିବା କେତେକ ଅଭିଲେଖରୁ ଖାରବେଳଙ୍କ ଉଚ୍ଚକର୍ମଚାରୀ

ମାନଙ୍କର ପରିଚୟ ମିଳିଥାଏ ।

ସେତେବେଳେ 'ମହାମଦ' ପଦବୀ ଅଳଂକୃତ କରିଥିଲେ ନାକୀୟ ଏବଂ ତାଙ୍କର ସ୍ତ୍ରୀଙ୍କନାମ ଥିଲା ବାରୀୟା । ନାକୀୟ ଏବଂ ବାରୀୟା ଉଭୟେ ଜମ୍ବେଶ୍ୱର ଗୁମ୍ଫା ଜୈନ ଅହତମାନଙ୍କୁ ଉତ୍ସର୍ଗ କରିଥିଲେ । 'ମହାମଦ' ପଦବୀ ମୁଖ୍ୟମନ୍ତ୍ରୀଙ୍କୁ ବୁଝାଇଥିଲା । ଅଶୋକଙ୍କ କାଳରେ ଏହି ପଦବୀକୁ 'ମହାମାତ୍ର' ରୂପେ ଅଭିହିତ କରାଯାଉଥିଲା । ପ୍ରାଚୀନ ଭାରତରେ କର୍ମସଚିବ ଏବଂ ମତିସଚିବ ନାମରେ ଉଚ୍ଚକର୍ମଚାରୀ ବିଭିନ୍ନ ରାଜ୍ୟରେ ନିଯୁକ୍ତ ହୋଇଥିବା କେତେଗୁଡ଼ିଏ ଅଭିଲେଖରୁ ଜଣାପଡିଥାଏ । ଖାରବେଳଙ୍କ ଶାସନ ବ୍ୟବସ୍ଥାରେ ମତି ସଚିବ ନିଯୁକ୍ତ ହୋଇଥିବାର ପ୍ରମାଣ ମିଳିନାହିଁ । ମାତ୍ର ତାଙ୍କର କର୍ମ ସଚିବ କର୍ମ ବିଭାଗର ଦାୟିତ୍ୱ ଗ୍ରହଣ କରିଥିବାର ସୂଚନା ମିଳିଥାଏ । କର୍ମସଚିବଙ୍କୁ ସେହି ସମୟରେ କୁହାଯାଉଥିଲା 'କମ୍ମ' ଏବଂ ତାଙ୍କୁ ସାହାଯ୍ୟ କରିବା ନିମନ୍ତେ ଯେଉଁ ଉପସଚିବ ଥିଲେ ତାଙ୍କର ଉପାଧି ଥିଲା ଚୂଳକମ୍ମ । ଦୁର୍ଗ, ପ୍ରାସାଦ, ଆଦି ନିର୍ମାଣ କରିବା, କୁଲ୍ୟା-ପୁଷ୍କରିଣୀ ଆଦି ଖୋଳିବା ଏବଂ ପର୍ବତ ଗାତ୍ରରେ ଗୁମ୍ଫା ଖନନ କରିବା ସମ୍ଭବତଃ ଏମାନଙ୍କର କାର୍ଯ୍ୟଥିଲା । ସର୍ପଗୁମ୍ଫା ଅଭିଲେଖରେ କମ୍ମ ଓ ହରିଦାସ୍ ଗୁମ୍ଫା ଅଭିଲେଖରେ ଚୁଲକମ୍ମ ପଦବୀ ଉତ୍କୀର୍ଣ୍ଣ ହୋଇଛି । ଉଦୟଗିରିର ବ୍ୟାଘ୍ରଗୁମ୍ଫା ଅଭିଲେଖରେ 'ନଗର ଅଖଦଂସ' ଭୂତିଙ୍କ ନାମ ଉଲ୍ଲିଖିତ । ନଗର ବିଚାରପତିଙ୍କୁ ସେକାଳର ନଗର ଅଖଦଂସ ରୂପେ ନାମିତ କରାଯାଇଥିଲା । ସମ୍ଭବତଃ ସେ ଥିଲେ ସାମ୍ରାଜ୍ୟର ବିଚାର ବିଭାଗୀୟ ମୁଖ୍ୟ । ଅଶୋକଙ୍କ ସମୟରେ ଏହି ଉପାଧିକୁ 'ନଗଲବିୟୋହାଲକ' ଏବଂ ଅର୍ଥଶାସ୍ତ୍ରରେ 'ନାଗରିକ ମହାମାତ୍ର' ରୂପେ ନାମିତ କରାଯାଇଥିଲା । ଖାରବେଳଙ୍କ ସମୟରେ ଅନ୍ୟ ଜଣେ ରାଜକର୍ମଚାରୀ ଥିଲେ 'ପାଦମୂଳିକ' । ସେତେବେଳେ ଏହି ଆଖ୍ୟାଧାରୀ କର୍ମଚାରୀ କଳିଙ୍ଗର ପାର୍ଶ୍ୱବର୍ତ୍ତୀ ଅଳରେ ମଧ ନିଯୁକ୍ତ ହେଉଥିବା କିରାରି ସ୍ତମ୍ଭଅଭିଲେଖରୁ ପ୍ରତିପାଦିତ ହୋଇଥାଏ । ଖାରବେଳଙ୍କ ସମୟରେ କଳିଙ୍ଗର 'ପାଦମୂଳିକ' ରୂପେ କୁସୁମ ନାମକ ଏକବ୍ୟକ୍ତି ନିଯୁକ୍ତ ହୋଇଥବାର ଖଣ୍ଡଗିରିର ତତୁଆ ଗୁମ୍ଫା ଅଭିଲେଖରୁ ଜଣାପଡ଼ିଥା, । ଯୁଧ ଏବଂ ଶାନ୍ତି ଉଭୟ ସମୟରେ ପାଦମୂଳିକ ରାଜାଙ୍କ ସଂଗରେ ରହି କର୍ମଚାରୀ ମାନଙ୍କ ମଧରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରୁଥିଲେ । ଏହି କାଳରେ ଅନ୍ୟାନ ରାଜକର୍ମଚାରୀଙ୍କ

ପଦପଦବୀ କଳିଙ୍ଗର ହାତୀଗୁମ୍ଫା କିମ୍ବା ଅନ୍ୟକୌଣସି ଅଭିଲେଖରୁ ଉପଲବ୍ଧ ହୁଏ ନାହିଁ । ତେବେ ଖଣ୍ଡଗିରି ଏବଂ ଉଦୟଗିରି ଗୁମ୍ଫାମାନଙ୍କରେ କେତେକ କର୍ମଚାରୀଙ୍କ ପ୍ରତିମୂର୍ତ୍ତି ଖୋଦିତ ହୋଇଥିବାର ଦେଖାଯାଏ (ଚିତ୍ର ନ. ୬) । ଏ ସମ୍ବନ୍ଧରେ ଡ. ସାହୁ କହନ୍ତି :

"ରାଣୀଗୁମ୍ଫା ତଳ ମହଲାର ଡ଼ାହାଣ ପାର୍ଶ୍ୱସ୍ଥ ଗୁମ୍ଫା ସମ୍ମୁଖରେ ଜଣେ ପାଦକାବିହୀନ ଦଣ୍ଡ ଓ ପାଶଧାରୀ ଦୀର୍ଘକାୟ ବ୍ୟକ୍ତି ଦଣ୍ଡାୟମାନ ହୋଇଥିବା ଦେଖାଯାନ୍ତି । ତାକୁ ସେକାଳର ଦାଣ୍ଡପାଶିକ ଉପାଧିଧାରୀ ପୋଲିସ୍ କର୍ମଚାରୀ ବୋଲି ନିଃସନ୍ଦେହରେ ନିରୂପଣ କରାଯାଇପାରେ । ତତ୍କାଳୀନ ରାଜପ୍ରାସାଦ ତଥା ବିଭିନ୍ନ ଅନୁଷ୍ଠାନ ଓ ଅଧିକରଣରେ ଦୌବାରିକମାନେ କିପରି ସୁରକ୍ଷା କାର୍ଯ୍ୟ କରୁଥିଲେ ତାହା ବିଭିନ୍ନ ଗୁମ୍ଫାରେ ପ୍ରଦର୍ଶିତ ପ୍ରହରୀଙ୍କ ପ୍ରତିମୂର୍ତ୍ତିରୁ ସ୍ପଷ୍ଟ ଜଣାପଡ଼ିଥାଏ । ଉଦୟଗିରିରେ ରାଣୀଗୁମ୍ଫା ତଳ ଓ ଉପର ଉଭୟ ମହଲାରେ, ମଂଚପୁରୀ ଗୁମ୍ଫାର ତଳ ମହଲାରେ ଧାନଗୁମ୍ଫା ଏବଂ ଜୟ-ବିଜୟ ଗୁମ୍ଫାରେ ତଥା ଖଣ୍ଡଗିରିର ତତୁଆ ଗୁମ୍ଫା ତଳ ମହଲାର ଅସ୍ତ୍ରଧାରୀ ଦୌବାରିକମାନଙ୍କର ପ୍ରତିମୂର୍ତ୍ତି ଖୋଦିତ ହୋଇଥିବା ଦେଖାଯାଏ । ଦୌବାରିକମାନଙ୍କର କାର୍ଯ୍ୟ ପରିଦର୍ଶନ କରୁଥିଲେ ପ୍ରତିହାରୀଏବଂ ପ୍ରତିହାରୀଙ୍କର ଉପରିସ୍ଥ କର୍ମଚାରୀ କାର୍ଯ୍ୟ ପରିଦର୍ଶନ କରୁଥିଲେ ପ୍ରତିହାରୀ ଏବଂ ପ୍ରତିହାରୀଙ୍କର ଉପରିସ୍ଥ କର୍ମଚାରୀ ଥିଲେ ନାୟକ ବା ସେନାନାୟକ । ରାଣୀଗୁମ୍ଫା ଉପର ମହଲାର ଡାହାଣ ପାର୍ଶ୍ୱସ୍ଥ ପ୍ରକୋଷ୍ଠ ସମ୍ମୁଖରେ ଯେଉଁ ଦୁଇଜଣ କର୍ମଚାରୀ ଦ୍ୱାରପାଳ ଭାବରେ ଦଣ୍ଡାୟମାନ ସେମାନେ ଉପରୋକ୍ତ ଦୌବାରିକ ମାନଙ୍କଠାରୁ ଭିନ୍ନ ଜଣାପଡ଼ନ୍ତି । ସେମାନଙ୍କର ବେଶଭୂଷା ଓ ଦର୍ପରୁ ମନେହୁଏ ଯେ, ସେମାନେ ସାଧାରଣ ପ୍ରହରୀଙ୍କ ଠାରୁ ଉଚ୍ଚତର କର୍ମଚାରୀ । ସେ ଦୁହିଁଙ୍କ ମଧରେ ପୁଣି ସ୍ତର ବିଭାଗ ସ୍ପଷ୍ଟ ଜଣାପଡ଼େ ଏବଂ ସେମାନଙ୍କ ମଧରେ ଜଣେ ପ୍ରତିହାରୀ ଓ ଅନ୍ୟଜଣକ ନାୟକ ହୋଇଥିବା ସମ୍ଭାବନା । ପ୍ରତିହାରୀ ମୁଣ୍ଡରେ ପଗଡ଼ି ଭିଡ଼ି, ଧୋତି ପିନ୍ଧି ବିନା ଅସ୍ତ୍ରରେ ଖାଲିପାଦରେ ଲମ୍ବୋଦର ହୋଇ ଦଣ୍ଡାୟମାନ । ମାତ୍ର ନାୟକ (ସେନା-ନାୟକ) ବୁଟ୍ ଯୋତାମାଡ଼ି, ସାଲୱାର୍ ଓ ଚପ୍‌କନ୍ ପିନ୍ଧି, ପଗଡ଼ିଭିଡ଼ି ଏବଂ ଆପାଖରେ ଖଣ୍ଡାଝୁଲାଇ ଦର୍ପରେ ଠିଆ ହୋଇଛନ୍ତି । ରାଣୀଗୁମ୍ଫା ତଳ ମହଲାର ମଧ ଭାଗରେ ଥିବା ପ୍ରକୋଷ୍ଠ ଗୁଡ଼ିକ ଉପରେ ବାମରୁ ଦକ୍ଷିଣକୁ

ଖାରବେଳଙ୍କ ଦିଗ୍‌ବିଜୟ ଯେଉଁ ବର୍ଣ୍ଣନାତ୍ମକ ଚିତ୍ରାବଳୀ ଖୋଦିତ ହୋଇଛି, ତହିଁରେ ସମ୍ରାଟଙ୍କ ସଙ୍ଗରେ ଉଚ୍ଚକର୍ମଚାରୀ ମାନଙ୍କର ପ୍ରତିଛବି ଦେଖିବାକୁ ମିଳେ । ସେନାବାହିନୀର ଖାଦ୍ୟ-ଯୋଗାଣ-ସୂଚକ ପାତ୍ର କାଂଧରେ ଘେନି ଅଶ୍ୱ ପୃଷ୍ଠରେ ଚାଲିଛନ୍ତି ବିଜୟ ଅଭିଯାନରେ । ଚିତ୍ରାବଳୀ ଅନେକାଂଶରେ (ସମ୍ଭବତଃ ମନୁଷ୍ୟ ହସ୍ତରେ) ଧ୍ୱଂସ ହୋଇ ଯାଉଛି, ମାତ୍ର ସେହି କର୍ମଚାରୀ ଦ୍ୱୟଙ୍କୁ ଏବଂ ଛତ୍ରଚାମର ଶୋଭିତ ସମ୍ରାଟ ଖାରବେଳଙ୍କୁ ନିରୂପଣ କରିବାରେ ଦ୍ୱିଧାବୋଧ ହୁଏନାହିଁ ।"

ଉପରେ ବର୍ଣ୍ଣିତ କର୍ମଚାରୀ ମାନଙ୍କ ବ୍ୟତୀତ ଯେ, ଆହୁରୀ ବହୁପଦ ପଦାଧିକାରୀ ଖାରବେଳଙ୍କ ରାଜତ୍ୱ କାଳରେ ନିଯୁକ୍ତ ହୋଇଥିବେ ତାହା ସୁନିଶ୍ଚିତ, ମାତ୍ର ଏସବୁର ଉପଯୁକ୍ତ ବର୍ଣ୍ଣନା ପ୍ରଦାନ କରିବା ପାଇଁ ଅଦ୍ୟାବଧି କୌଣସି ପ୍ରତ୍ନ ସଂପଦ ଉପଲବ୍‌ଧ ହୋଇପାରିନାହିଁ ।

ଖାରବେଳଙ୍କ ଶାସନ ଯେ ସାମ୍ରାଜ୍ୟର ସୁଖ, ଶାନ୍ତି ଓ ସମୃଧିର ବିକାଶ ନିମନ୍ତେ ପରିଚାଳିତ ହେଉଥିଲା ତାହା ତାଙ୍କ ତାଙ୍କର ଶିଳାଲେଖ ତଥା ଶିଳାଙ୍କନ ଗୁଡ଼ିକର ସ୍ପଷ୍ଟ ସୂଚିତ ହୁଏ । ହାତୀଗୁମ୍ଫା ଅଭିଲେଖର ଅନ୍ତିମ ଅଂଶ ଘୋଷଣା କରେ :

"...... ଏହି ରୂପେ ରାଜ୍ୟ ଶାସନ କରି ସେହି କ୍ଷେମରାଜ, ଭିକ୍ଷୁରାଜା, ଧର୍ମରାଜ, ରାଜର୍ଷି-ବସୁଙ୍କ ଦାୟାଦ, ବିଶେଷ ଗୁଣର ଆଧାର, ସର୍ବଧର୍ମର ପୂଜକ, ସର୍ବଦେବାୟତନ ସଂସ୍କାର କାରକ, ଅପ୍ରତିହିତ ସେନାବଳର ଅଧିକାରୀଏବଂ ତତ୍ ସହ ଯେ ଶାସନ ଚକ୍ର ଧାରକ, ନିୟମ ଶୃଙ୍ଖଳା ରକ୍ଷକ, ଓ ନୀତି ନିୟମ ପ୍ରବର୍ତ୍ତକ, ମହାବିଜୟୀ ଖାରବେଳ, ସର୍ବ ବିଷୟ ଦେଖି ଶୁଣି ଏବଂ ଅନୁଭବ କରି ବହୁକଲ୍ୟାଣମୟ କାର୍ଯ୍ୟ ସଂପାଦନ କରନ୍ତି ।"

ଖାରବେଳଙ୍କ ଶାସନ ଯେ ସାମ୍ରାଜ୍ୟର ସୁଖ, ଶାନ୍ତି ଓ ସମୃଧିର ବିକାଶ ନିମନ୍ତେ ପରିଚାଳିତ ହେଉଥିଲା ତାହା ତାଙ୍କର ଶିଳାଲେଖ ତଥା ଶିଳାଙ୍କନ ଗୁଡ଼ିକର ସ୍ପଷ୍ଟ ସୂଚିତ ହୁଏ । ହାତୀଗୁମ୍ଫା ଅଭିଲେଖର ଅନ୍ତିମ ଅଂଶ ଘୋଷଣା କରେ :

".... ଏହି ରୂପେ ରାଜ୍ୟ ଶାସନ କରି ସେହି କ୍ଷେମରାଜ, ଭିକ୍ଷୁରାଜ, ଧର୍ମରାଜ, ରାଜର୍ଷି-ବସୁଙ୍କ ଦାୟାଦ, ବିଶେଷ ଗୁଣର ଆଧାର, ସର୍ବଧର୍ମର

ପୂଜକ, ସର୍ବଦେବାୟତନ ସଂସ୍କାର କାରକ, ଅପ୍ରତିହିତ ସେନାବଳର ଅଧିକାରୀ ଏବଂ ତତ୍ ସହ ଯେ ଶାସନ ଚକ୍ରଧାରକ, ନିୟମ ଶୃଙ୍ଖଳା ରକ୍ଷକ, ଓନୀତି ନିୟମ ପ୍ରବର୍ତ୍ତକ, ମହାବିଜୟୀ ଖାରବେଳ, ସର୍ବ ବିଷୟ ଦେଖି, ଶୁଣି ଏବଂ ଅନୁଭବକରି ବହୁକଲ୍ୟାଣ ମୟ କାର୍ଯ୍ୟ ସଂପାଦନା କରନ୍ତି ।”

ଖାରବେଳଙ୍କ ରାଜତ୍ୱର ପ୍ରଥମ ୫ବର୍ଷ ମଧରେ କଳିଙ୍ଗ ଶକ୍ତିଶାଳୀ ଓ ବିକାଶମୁଖୀ ରାଜ୍ୟରୂପେ ଖ୍ୟାତିଲାଭ କରି ସାରିଥିଲା । ତାହାର ସମୃଧି ଏତେଦୂର ବୃଧି ପାଇଲାଯେ, ଖାରବେଳ ରାଜତ୍ୱର ଷଷ୍ଠ ବର୍ଷରେ ରାଜଐଶ୍ବର୍ଯ୍ୟର ଏକ ପ୍ରଦର୍ଶନୀ କରିଥିଲେ । ଆମ୍ଭର ବର୍ତ୍ତମାନ ଜ୍ଞାନରେ କହିପାରୁ ଯେ, ପ୍ରାଚୀନ ଭାରତରେ ସେହି ଧରଣର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିବାର ଦୃଷ୍ଟାନ୍ତ ଇତିହାସରୁ ଉପଲବ୍ଧ ହୁଏ ନାହିଁ । ଏହି ଅବସରରେ ସମଗ୍ର ରାଜ୍ୟରେ ବହୁ ଲକ୍ଷ ମୁଦ୍ରାର କରଛାଡ଼ ମଧ କରାଯାଇଥିଲା ।

ହାତୀଗୁମ୍ଫା ଅଭିଲେଖରେ ଅନେକତ୍ର ମୁଦ୍ରାର ଉଲ୍ଲେଖ ରହିଥିବାରୁ ସେହିକାଳରେ ଯେ ମୁଦ୍ରାର ପ୍ରଚଳନ ଥିଲା ତାହା ନିଶ୍ଚିତ ରୂପେ କୁହଯାଇପାରେ । ଓଡ଼ିଶାର ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ସୋନପୁର, ଶୁକ୍ତେଲନଦୀ କୂଳସ୍ଥ ଲୋକାପଡ଼ା, ଉଦୟଗିରି ଖଣ୍ଡଗିରି ନିକଟସ୍ତ ଜାଗ୍ମରା, ଝାର୍ପଦା, କଟକ ଜିଲ୍ଲାର ସାଲିପୁର, ଗଞ୍ଜାମ ଜିଲ୍ଲାର ଜଉଗଡ଼, କେନ୍ଦୁଝର ଜିଲ୍ଲାର ସୀତାବିଞ୍ଜି, ମୟୁରଭଞ୍ଜ ଜିଲ୍ଲାର ବହଲ୍ଦା ଏବଂ କଳାହାଣ୍ଡି ଜିଲ୍ଲାର ଅସୁରଗଡ଼ ରୁ ବହୁ ପରିମାଣରେ ଲାଞ୍ଛିତ (Punch marked) ରୌପ୍ୟମୁଦ୍ରା ଆବିଷ୍କୃତ ହୋଇପାରିଛି । ପ୍ରତ୍ନତାତ୍ୱିକ ଭୂଖନନ ସମୟରେ ଭୁବନେଶ୍ୱର ନିକଟସ୍ଥ ଶିଶୁପାଳଗଡ଼ରୁ ମଧ ଏତାଦୃଶ୍ୟ ମୁଦ୍ରା ମିଳିଛି । ଏହି ସବୁ ମୁଦ୍ରାର ଆକାର ପ୍ରକାର ଏବଂ ଏଥିରେ ପରିଦୃଷ୍ଟ ମୁଦ୍ରା ମିଳିଛି । ଏହି ସବୁ ମୁଦ୍ରାର ଆକାର ପ୍ରକାର ଏବଂ ଏଥିରେ ପରିଦୃଷ୍ଟ ଲାନ ମାନଙ୍କୁ ଅନୁଧାନ କରି ବିଦ୍ୱାନମାନେ ମତ ପ୍ରଦାନ କରନ୍ତିଯେ, ଏହି ସବୁମୁଦ୍ରା ପ୍ରାକ୍ ମୌର୍ଯ୍ୟକାଳରୁ ଆରମ୍ଭ କରି ଖ୍ରୀଷ୍ଟୀୟ ପମ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରଚଳିତ ହୋଇଥିଲା । ଖାରବେଳଙ୍କ ସମସାମୟିକ ରାଜା ସାତକର୍ଣ୍ଣୀ ଏବଂ ବୃହସ୍ପତି ମିତ୍ରଙ୍କ ନାମ ତାଙ୍କଦ୍ୱାରା ପ୍ରଚଳିତ ମୁଦ୍ରାଗୁଡ଼ିକରେ ଅଙ୍କିତ ହୋଇଛି । ମାତ୍ର ଓଡ଼ିଶାରୁ ପାପ୍ତ କୌଣସି ମୁଦ୍ରାରେ ଖାରବେଳଙ୍କ ନାମ ଅଙ୍କିତ ହୋଇନାହିଁ । ଏଠାରେ ଉଲ୍ଲେଖ ଯୋଗ୍ୟଯେ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ପୂର୍ବବର୍ତ୍ତୀ କୌଣସି

ରାଜା ତାଙ୍କଦ୍ୱାରା ପ୍ରଚଳିତ ମୁଦ୍ରା ଗୁଡ଼ିକରେ ନିଜ ନିଜର ନାମ ଅଙ୍କିତ କରିନଥିଲେ । ମନେହୁଏ ଖାରବେଳ ମଧ ଏହି ପ୍ରାଚୀନ ପରମ୍ପରାକୁ ଦୃଷ୍ଟିରେ ରଖି ତାଙ୍କ ଦ୍ୱାରା ପ୍ରଚଳିତ ମୁଦ୍ରାରେ ନାମାଙ୍କନ କରିନଥିଲେ ।

କଳିଙ୍ଗବାସୀଙ୍କ ଜୀବନଧାରଣର ମାନ ସେକାଳରେ ଅତି ଉନ୍ନତ ଥିବା ଜଣାପଡେ । ରାଣୀଗୁମ୍ଫା ତଳ ମହଲାରେ କଳିଙ୍ଗ ନଗରୀର ଯେଉଁ ସାଙ୍କେତିକ ଚିତ୍ର ପ୍ରଦତ୍ ହୋଇଛି ତହିଁରୁ ଜଣାପଡ଼େ ଯେ, ରାଜଧାନୀର ନାଗରିକ ମାନଙ୍କର ସୁନ୍ଦର ଅଟ୍ଟାଳିକାମାନ ନିର୍ମିତ ହୋଇଥିଲା ଓ କେତେକ ଅଟ୍ଟାଳିକା ଦୁଇତାଲା ବିଶିଷ୍ଟ ମଧ ଥିଲା । ସେଗୁଡ଼ିକରମର୍ଦ୍ଧଳାକାର ଛାତ ଉପର କ୍ଷୁଦ୍ର ଶିଖରମାନ ରହିଥିଲା ଏବଂ ପ୍ରାୟ ପ୍ରତ୍ୟକ ବାସଗୃହ ଉଦ୍ୟାନଦ୍ୱାରା ଶୋଭିତ ହୋଇ ପଥର ନିର୍ମିତ ବେଷ୍ଟନୀ ମଧରେ ସୁରକ୍ଷିତ ହୋଇଥିଲା । ବାସଗୃହ ମାନଙ୍କର ପୃଥୁଳାକାର୍ଯ୍ୟ ସ୍ତମ୍ଭ, ଅଳିନ୍ଦ, ତୋରଣ, ପ୍ରଶସ୍ତ ବାରଣ୍ଡା ଓ ଝରକାମାନ ଥିବା ଜଣାପଡ଼େ (ଚିତ୍ର ଫଳକ ନ. ୭ ଦ୍ରଷ୍ଟବ୍ୟ) ।

ଉଦୟଗିରି-ଖଣ୍ଡଗିରି ଖୋଦିତ ଚିତ୍ରାବଳରୀ ସେହିକାଳର ଲୋକମାନଙ୍କର ବସ୍ତ୍ରାଭୂଷଣ ଓ ସୌନ୍ଦର୍ଯ୍ୟ ପ୍ରସାଧନ ସମ୍ବନ୍ଧରେ ଏକ ସ୍ପଷ୍ଟଧାରଣା ମିଳିଥାଏ । ନାରୀ ଓ ପୁରୁଷ ଉଭୟେ ଅଳଙ୍କାରପ୍ରିୟ ଥିଲେ ଏବଂ ଉଭୟଙ୍କର ସାଧାରଣ ଅଳଙ୍କାର ଥିଲା କୁଣ୍ଡଳ ବା କାନଫୁଲ, ହାର ଓ ହାତବଳା । ନାରୀମାନେ ସ୍ୱତନ୍ତ୍ର ରୂପେ ଆରେ ମେଖଳା, ପାଦରେ ନୂପୁର ବା ଗୋଡ଼ବଳା ଏବଂ ମୁଣ୍ଡରେ ସୀମନ୍ତ ଓ ମଥାମଣୀ ପିନ୍ଧୁଥିଲେ । (ସେହିକାଳରେ ବ୍ୟବହୃତ ଅଳଙ୍କାର ଗୁଡ଼ିକର ରେଖାଚିତ୍ର ନଂ. ୮ ରେ ପ୍ରଦତ୍) । ନାରୀ ଓ ପୁରୁଷ ଉଭୟେ ସୂକ୍ଷ୍ମବସ୍ତ୍ର ପରିଧାନ କରୁଥିଲେ ମାତ୍ର ଉଭୟଙ୍କ ଶରୀର ଉପରିଭାଗ ସାଧାରଣତଃ ବସ୍ତ୍ରାଚ୍ଛାଦିତ ହେଉନଥିଲା । ଏପରିକି ନାରୀମାନେ ଆଉପରକୁ ଆଉ କୌଣସି ପୋଷାକ ପିନ୍ଧୁ ନଥିଲେ । କେବଳ ନର୍ତ୍ତକୀମାନେ ସୌନ୍ଦର୍ଯ୍ୟ ବିନ୍ୟାସ ନିମନ୍ତେ ମୁଣ୍ଡରେ ଓଢ଼ଣା ଦେଉଥିଲେ ମାତ୍ର ତାହା କପାଳ ପର୍ଯ୍ୟନ୍ତ ନଆସି ମସ୍ତକର ପଶ୍ଚାତ ଭାଗ ଆବୃତ କରି ରଖୁଥିଲା । ଉତ୍ସବ କାଳରେ କେହି କେହି ଶରୀରର ଉପରିଭାଗରେ ବସ୍ତ୍ର ବ୍ୟବହାର କରୁଥିବାର ପରିଦୃଷ୍ଟ ହୋଇଥାଏ । ଖୋଦିତ ଚିତ୍ରାବଳୀରେ ଉଭୟ ପୁରୁଷ ଓ ନାରୀଙ୍କର ବିଭିନ୍ନ ପ୍ରକାରର କେଶସଜ୍ଜା ପରିଦୃଷ୍ଟ ହୋଇଥାଏ । (ଫଳକ ନଂ. ୯ ରେ ଏହାର ରେଖାଚିତ୍ର ପ୍ରଦତ୍) ।

ପୁରୁଷମାନେ ମୁଣ୍ଡରେ ପଗଡ଼ି ଭିଡୁଥିଲେ ଏବଂ ଧନିକ ଶ୍ରେଣୀ ପଗଡ଼ି ଉପରେ ମୂଲ୍ୟବାନ ଅଳଙ୍କାରମାନ ଖଞ୍ଜୁଥିଲେ । ସେକାଳରେ ନାଗରିକ ମାନଙ୍କର ଗୃହ ସାମଗ୍ରୀମାନ ସୁରୁଚି ସମ୍ପନ୍ନ ହୋଇଥିବା ଚିତ୍ରାବଳୀ ଗୁଡ଼ିକରୁ ସ୍ପଷ୍ଟ ରୂପେ ଜଣାପଡ଼ିଥାଏ । ରାଣୀଗୁମ୍ଫା ଏବଂ ଗଣେଷ ଗୁମ୍ଫାର ଚିତ୍ରାବଳୀରେ ତତ୍କାଳୀନ ଉନ୍ନତ ଧରଣର ବିଭିନ୍ନ ପ୍ରକାର ଥାଳିଆ, ଲୋଟା, ମାଠିଆ ଆଦି ଅନ୍ୟାନ୍ୟ ପାତ୍ରର ନିଦର୍ଶନ ରହିଛି । ଭୁବନେଶ୍ୱର ନିକଟସ୍ଥ ଶିଶୁପାଳଗଡ଼ (ଖାରବେଳଙ୍କ ରାଜଧାନୀ ରୁପେ ପରିଚିହ୍ନିତ) ର ପତ୍ନତାତ୍ୱିକ ଭୂଖନନ ସମୟରେ ରୋମ୍ ସାମ୍ରାଜ୍ୟରେ ନିର୍ମିତ ବର୍ତ୍ତୁଳାକାର ଚିତ୍ର ଶୋଭିତ ମାଟିପାତ୍ର ମିଳିପାରିଛି । ରୋମ୍‌ଠାରୁ ଆମଦାନୀ କରାଯାଉଥିବା ସେହି ଧରଣର ମାଟିପାତ୍ର, ମଦ୍ୟପାତ୍ର ଓ ମଦ୍ୟଭାଣ୍ଡ ମାନ ଆଧୁନିକ ପଣ୍ଡିଚେରୀ ନିକଟସ୍ଥ ଏରିକାମେଡୁଠାରେ ମଧ ଭୂଖିଦନରୁ ବହୁ ପରିମାଣରେ ମିଳିଅଛି । ସେତେବଳେ କଳିଙ୍ଗର ରୋମ୍ ସହିତ ସୁସଂପର୍କ ସ୍ଥାପିତ ଏବଂ ଉଭୟଙ୍କ ମଧରେ ବାଣିଜ୍ୟ କାରବାର ଚାଲିଥିଲା ମାନ୍ଦ୍ରାଜ୍ ମ୍ୟୁଜିଅମ୍‌ଠାରେ ସଂରକ୍ଷିତ ବହୁ ସଂଖ୍ୟକ ରୋମାନ୍‌ମୁଦ୍ରା, ପୂର୍ବ ଭାରତୀୟ ଉପକୂଳ ସହିତ ରୋମ୍‌ର ବାଣିଜିକ ସଂପର୍କକୁ ସୂଚିତ କରିଥାଏ । ଐତିହାସିକ ପ୍ଲୁନୀ ଲେଖିଛନ୍ତି ଯେ, ଭାରତୀୟମାନେ ପ୍ରତିବର୍ଷ ରୋମ୍ ସାମ୍ରାଜ୍ୟରୁ ବହୁ ଅର୍ଥ ନେଇଯାଇ ତାହାରି ତୁଳନାରେ ବହୁତ କମ ପଣ୍ୟ ଯୋଗାଉଛନ୍ତି । ପୁନଶ୍ଚ ଜଣେ ଅଜ୍ଞାତ ଗ୍ରୀକ୍ ନାବୀକଙ୍କ ଦ୍ୱାରା ପ୍ରାୟ ଖ୍ରୀ. ୬୦ ରେ ରଚିତ "ପେରିପ୍ଲସ ଅଫ୍ ଦି ଏରିଥ୍ରିଏନ୍ ସି" (Periplus of the Erythraen Sea) ରେ କଳିଙ୍ଗର ଦକ୍ଷିଣରୁ ଉତ୍ତରକୁ ଯଥାକ୍ରମେ ପିଥୁଣ୍ଡ, ପଲୁର, ଗଙ୍ଗା ଓ ତାମ୍ରଲିପ୍ତ ବନ୍ଦରମାନଙ୍କରୁ ରୋମ୍ ସାମ୍ରାଜ୍ୟ ସହିତ ବାଣିଜ୍ୟ କାରବାର ଚାଲୁଥିବା ବର୍ଣ୍ଣିତ । ଏହି ସ୍ଥାନ ମାନଙ୍କରୁ କାର୍ପାସ ବସ୍ତ୍ର, ମସଲାଜାତୀୟ ଦ୍ରବ୍ୟ ଓ ବିଭିନ୍ନ ରଙ୍ଗ ରେମ୍‌କୁ ରପ୍ତାନୀ କରାଯାଉଥିଲା ।

ସେହି ସମୟର ନାରୀମାନେ ସମାଜରେ ସମ୍ମାନାସ୍ପଦ ସ୍ଥାନ ଲାଭକରି ପାରିଥିଲେ । ଖାରବେଳଙ୍କ ଧର୍ମଧାରଣାକୁ ତାଙ୍କର ଉଭୟ ମହିଷୀ ପୂର୍ଣ୍ଣରୂପେ ପ୍ରଭାବିତ କରିଥିବା ପୂର୍ବରୁ ସୂଚିତ ହୋଇ ସାରିଛି । ନାରୀମାନେ ସେକାଳରେ ସ୍ୱଚ୍ଛନ୍ଦରେ ବିଚରଣ କରିପାରୁଥିଲେ ଏବଂ ନିଜନିଜ ସ୍ୱାମୀଙ୍କ ସହ ବିଭିନ୍ନ ଯାତ୍ରା, ଉତ୍ସବାଦି ପରିଦର୍ଶନ କରିବାର ସୁଯୋଗ ପାଉଥିଲେ । ଅନେକ ସମୟରେ ନାରୀମାନେ ଏକାକିନୀ ରାଜଦାଣ୍ଡରେ ଅଶ୍ୱ ଓ ହସ୍ତୀ ଚାଳନାକରି

ଯାଉଥିଲେ । ସେମାନେ ନୃତ୍ୟ, ସଂଗୀତ ଆଦି କଳାରେ ପ୍ରବୀଣା ଥିଲେ । ଖାରବେଳଙ୍କ ସମସାମୟିକ ଖୋଦିତ ଚିତ୍ରବଳରୀରୁ ମନେହୁଏ । ଗୀତ, ନୃତ୍ୟ ଓ ବାଦିତ୍ୟ ସତେଯେପରି କେବଳ ନାରୀ ସମାଜର କଳା ଥିଲା । ପ୍ରାଚୀନକାଳରୁ ଭାରତର ଅନେକ ରାଜ୍ୟରେ ଗଣିକାମାନେ ବିଶିଷ୍ଟ ସ୍ଥାନ ଗ୍ରହଣ କରିଥିବାର ବହୁଳ ବର୍ଣ୍ଣନା ରହିଛି । ମଧ୍ୟଯୁଗୀୟ ଓଡ଼ିଶାର ଅନେକ ଦାନପତ୍ରରେ ମଧ ଗଣିକାମାନଙ୍କ ସମ୍ବନ୍ଧରେ ଚିତ୍ତାକର୍ଷକ ତଥ୍ୟମାନ ମିଳିଥାଏ । ମାତ୍ର ଖାରବେଳଙ୍କ ଅଭିଲେଖ ଏବଂ ଚିତ୍ରାବଳୀରୁ ଏସମ୍ବନ୍ଧରେ କୌଣସି ସୂଚନା ମିଳେନାହିଁ ।

ଖାରବେଳଙ୍କର ଅଭିଲେଖ ଏବଂ ଚିତ୍ରାବଳୀରୁ ଏହା ସ୍ପଷ୍ଟରୂପେ ଜଣାପଡ଼େ ଯେ, ସେହିକାଳରେ ଗୁମ୍ଫାଖନନ ଓ ପ୍ରସ୍ତର ଶିଳ୍ପର ଅଭୁତପୂର୍ବ ଉନ୍ନତି ହୋଇଥିଲା । ଏହି ଶିଳ୍ପ ସହ କାର୍ପାସ, ପ୍ରସାଧନ ସାମଗ୍ରୀ, ଅଳଙ୍କାର ନିର୍ମାଣ ଆଦି କାର୍ଯ୍ୟରେ ବହୁଲୋକ ନିଯୁକ୍ତ ହୋଇଥିଲେ । ବର୍ଧକୀ ମାନଙ୍କର ବିଶାଳ ଶିଳ୍ପାଗାରରେ ରଥ, ବଳଦଗାଡ଼ି, ନୌକା ଆଦି ନିର୍ମିତ ହେଉଥିଲା । ଖାରବେଳଙ୍କ ସଫଳ ସାମରିକ କୃତତ୍ୱ ଏବଂ ଉଦୟଗିରି ଖଣ୍ଡଗିରି ଗୁମ୍ଫାରେ ଅଙ୍କିତ ବିଭିନ୍ନ ଅସ୍ତ୍ରଶସ୍ତ୍ର ସେହିକାଳରେ କଳିଙ୍ଗରେ ଏସବୁ ନିର୍ମିତ ହେଉଥିବାର ସୂଚନା ପ୍ରଦାନ କରିଥାଏ ।

କୃଷିସହ ପଶୁପାଳନ ମଧ ସେହିକାଳରେ ଏକ ଉନ୍ନତ ବ୍ୟବସାୟରୂପେ ପରିଗଣିତ ହେଉଥିବାର ମନେହୁଏ । ସମସାମୟିକ ଚିତ୍ରାବଳୀରେ ପୁରୁଷମାନେ ହରିଣ, ସିଂହ ଓ ବ୍ୟାଘ୍ର ଆଦି ଶିକାର କରୁଥିବା ଏବଂ ଅଶ୍ୱ ଓ ବୃଷଭ ସହ ଲଢ଼ିବା ଏକ ବ୍ୟସନ ରୂପେ ଗୃହୀତ ହୋଇଥିବା ପ୍ରଦର୍ଶିତ । ନାରୀମାନେ ମଧ ବିଭିନ୍ନ ଜୀବଜନ୍ତୁ ଓ ପୁରୁଷଙ୍କ ସହ ଲଢ଼େଇ କରୁଥବାର ଦୃଷ୍ଟାନ୍ତ ଶିଳାଲେଖରୁ ମିଳିଥାଏ । ଏଥିରୁ ମନେହୁଏ ଯେ, ଶିଳ୍ପୀ ତତ୍କାଳୀନ କଳିଙ୍ଗର ନରନାରୀ ଉଭୟେ ଅସୀମ ବୀରତ୍ୱ ଓ ସାହସ ଅର୍ଜନ କରିଥିବାର ଚିତ୍ର ପ୍ରଦାନ କରିଛି ।

## ନାଟ୍ୟକଳାର ପୃଷ୍ଟପୋଷକ ଖାରବେଳ

ହାତୀଗୁମ୍ଫା ଅଭିଲେଖରେ ଖାରବେଳଙ୍କୁ ଗାନ୍ଧର୍ବ-ବେଦ ବିଶାରଦ (ଗଂଧବ ବେଦ ବୁଧୋ) ରୂପେ ଅଭିହିତ କରାଯାଇଥିବା ତାତ୍ପର୍ଯ୍ୟପୂର୍ଣ୍ଣ ।

ମହାକ୍ଷତ୍ରପ ରାଜା ତାଙ୍କର ଜୁନାଗଡ଼ ଶିଳାଲେଖ (ଶକାବ୍ଦ ୭୨=୧୫୦ ଖ୍ରୀ.) ରେ ମଧ ଅନ୍ୟାନ୍ୟ ବିଦ୍ୟାସହ ଗାନ୍ଧର୍ବ ବିଦ୍ୟାରେ ସେ ପାରଦର୍ଶିତା ଲାଭ କରିଥିବାର ଦର୍ଶାଇଛନ୍ତି । ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀର ଗୁପ୍ତବଂଶୀ ରାଜା ସମୁଦ୍ରଗୁପ୍ତଙ୍କ ଏଲାହାବାଦ ସ୍ତମ୍ଭ ଅଭିଲେଖରେ ବର୍ଣ୍ଣିତ ହୋଇଛି ଯେ, ସେ (ସମୁଦ୍ରଗୁପ୍ତ) ଗାନ୍ଧର୍ବ ବିଦ୍ୟାରେ ପ୍ରଭୂତ ଜ୍ଞାନ ଅର୍ଜନ କରି ବୃହସ୍ପତି, ତୁମ୍ବୁର ଏବଂ ନାରଦଙ୍କ ପରି ସଂଗୀତ ବିଶାରଦ ମାନଙ୍କୁ ଲଜ୍ଜିତ କରିପାରିନଥିଲେ :

"ଗାନ୍ଧର୍ବ୍ବ ଲଲିତୈ ବ୍ରିଂଡ଼ିତ ତ୍ରିଦଶପତି ଗୁରୁ ତୁମ୍ବୁରୁ ନାରଦା..." ।

ମହାକ୍ଷତ୍ରପରାଜା ଏବଂ ସମୁଦ୍ରଗୁପ୍ତ ଉଭୟେ ମହାରାଜା ଖାରବେଳଙ୍କ ବହୁ ପରବର୍ତ୍ତୀ କାଳର ରାଜା । ସ୍ଥୂଳତଃ ଏତିକି କୁହାଯାଇପାରେ ଯେ, ଭାରତବର୍ଷରେ ଖାରବେଳଙ୍କ ପୂର୍ବବର୍ତ୍ତୀ କୌଣସି ରାଜା ତାଙ୍କଦ୍ୱାରା ଉଦ୍‌ଘୋଷିତ ଅଭିଲେଖରେ ନିଜକୁ ଗାନ୍ଧର୍ବ ବିଦ୍ୟାରେ ପ୍ରବୀଣ ହୋଇଥିବାର ଦର୍ଶାଇ ନାହାନ୍ତି ।

ଭରତ ମୁନି ବିରଚିତ ନାଟ୍ୟଶାସ୍ତ୍ର (ଖ୍ରୀଷ୍ଟୀୟ ପ୍ରଥମ ରୁ ତୃତୀୟ ଶତାବ୍ଦୀ) ପୂର୍ବରୁ ଭାରତରେ ଗାନ୍ଧର୍ବ ବେଦ ନାମକ ଏକ ଶାସ୍ତ୍ର ଯେ ପ୍ରଚଳିତ ଥିଲା ତାହା ନିଶ୍ଚିତ ଭାବେ କୁହାଯାଇପାରେ । ତେବେ ସଂପ୍ରତି ଏହି ମହାର୍ଘ ଶାସ୍ତ୍ରଟି ଦୁଷ୍ପ୍ରାପ୍ୟ । ଏଥିରେ ସଂଗୀତ ଓ ନୃତ୍ୟ ସମ୍ବନ୍ଧୀୟ ନୀତିନିୟମର ବିଶଦ ବର୍ଣ୍ଣନା ରହି ଛତିଶ ହଜାର ଶ୍ଳୋକ ସନ୍ନିବେଶିତ ହୋଇଥିବା ଯାମଳାଷ୍ଟକ ତନ୍ତ୍ରରୁ ଜଣାପଡ଼ିଥାଏ । ପରର୍ବୀ କାଳରେ ଭରତମୁନି ଏହାକୁ ଦୃଷ୍ଟିରେ ରଖିବ ସଂକ୍ଷିପ୍ତ ଆକାରରେ 'ନାଟ୍ୟଶାସ୍ତ୍ର' ରଚନା କରିଥିବାର ବିଦ୍ୱାନମାନେ ଅନୁମାନ କରିଥାନ୍ତି ।

ସେ ଯାହାହେଉ, ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ଉପରୋକ୍ତ ଗାନ୍ଧର୍ବ ବେଦ ସହ କଳିଙ୍ଗବାସୀ ସଂମ୍ପୂର୍ଣ୍ଣରୂପେ ପରିଚିତ ହୋଇଥିଲେ ଏବଂ ଖାରବେଳ ଏହି ବିଦ୍ୟା ଅଧ୍ୟୟନ କରି ବିଶାରଦ ହୋଇ ପାରିଥିଲେ । ଉଦୟଗିରି-ଖଣ୍ଡଗିରି ଗୁମ୍ଫାଚିତ୍ରରେ ବର୍ଣ୍ଣିତ ନୃତ୍ୟର ବିଭିନ୍ନ ଭଂଗୀ ଯେ ଶାସ୍ତ୍ରୀୟ ପଧତିକୁ ଅନୁସରଣ କରୁଥିଲା ତାହା ସୁନିଶ୍ଚିତ ।

କଳିଙ୍ଗରେ ମୌର୍ଯ ଶାସନ ପୂର୍ବରୁ ଚଉଷଠି କଳାଯୁକ୍ତ ତୌର୍ଯ୍ୟତ୍ରିକ (ନୃତ୍ୟ, ସଂଗୀତ, ବାଦ୍ୟ) ର ଏକ ଉନ୍ନତ ପରମ୍ପରା ପ୍ରତିଷ୍ଠିତ ହୋଇଥିଲା । ଅଶୋକଙ୍କ

ରାଜତ୍ୱକାଳରେ ଏହାକୁ ବନ୍ଦ କରାଯାଇଥିବା ହାତୀଗୁମ୍ଫା ଅଭିଲେଖ (ପଂକ୍ତି ୧୬) ରେ ବର୍ଣ୍ଣିତ । କଳିଙ୍ଗର ମୌର୍ଯ୍ୟ ଶାସନ ଥିଲା ବିଜେତାଙ୍କ ଶାସନ । ମାତ୍ର ଖାରବେଳଙ୍କ କଥା ସମ୍ପୂର୍ଣ୍ଣ ଭିନ୍ନ । ସେଥିରେ କଳିଙ୍ଗର ସନ୍ତାନ ଓ କଳିଙ୍ଗର ରାଜନୈତିକ ପରମ୍ପରା ପରିପୋଷକ, ତଥା କଳିଙ୍ଗ ସଂସ୍କୃତିର ପୂଜକ । ଖାରବେଳ ମୌର୍ଯ୍ୟ ଶାସନ କାଳରେ ବ୍ୟବଚ୍ଛିନ୍ନ ହୋଇଥିବା ଚଉଷଠି କଳାଯୁକ୍ତ ତୌର୍ଯ୍ୟତ୍ରିକର ପୁନରଧାର ସାଧନ କରିଥିଲେ :

"ମୁରିୟ କାଲ ବୋଛିନଂ ଚ ଚୋୟଠି
ଅଂଗ ସଂତିକଂ ତୁରୟଂ ଉପାଦୟତି" ।

କଳିଙ୍ଗର କଳାପ୍ରେମୀ ମାନଙ୍କୁ ଉତ୍ସାହିତ କରିବା ସକାଶେ ରାଜତ୍ୱର ତୃତୀୟ ବର୍ଷରେ ସେ ସଂଗୀତ ଓ ନୃତ୍ୟର ବଭିନ୍ନ ଆସର ମାନ ଅନୁଷ୍ଠିତ କରାଇଥିଲେ । ହାତୀଗୁମ୍ଫା ଅଭିଲେଖର ଭାଷାରେ "ସେହି ସମୟରେ କଳିଙ୍ଗ ନଗରୀ କ୍ରୀଡ଼ାରେ ମାତି ଉଠିଲାପରି ପ୍ରତୀୟମାନ ହେଉଥିଲା (କ୍ରୀଡ଼ାପୟତି ନଗରିଂ) । ରାଣୀଗୁମ୍ଫାରେ ଖୋଦିତ କେତେକ ଚିତ୍ରାବଳୀରୁ ମଧ ଖାରବେଳଙ୍କର ସଂଗୀତ କଳାପ୍ରତି ଥିବା ଗଭୀର ଅନୁରାଗ ଓ ପୃଷ୍ଠପୋଷକତାର ପରିଚୟ ମିଳିଥାଏ । ତଳ ମହଲାର ଡାହାଣ ପ୍ରକୋଷ୍ଠରେ ସଂଗୀତ ନାଟକର ଏକ ଚିତ୍ତାକର୍ଷକ ଚିତ୍ର ଖୋଦିତ ହୋଇଥିବାର ଦେଖାଯାଏ । ଚନ୍ଦ୍ରାତପ ମଣ୍ଡିତ ରଙ୍ଗମ ଉପରେ ଜଣେ ଉଚ୍ଚସ୍ତନୀ ଯୌବନବତୀ ନର୍ତ୍ତକୀ ନୃତ୍ୟ କରୁଛନ୍ତି । ତାଙ୍କର ଯୁଗ୍ମବେଣୀ କଟିଦେଶର ଉଭୟ ପାର୍ଶ୍ୱକୁ ଲମ୍ବି ଆସିଛି । ମୁଣ୍ଡରେ ଝୀନ ଉତ୍ତରୀ, କର୍ଣ୍ଣରେ କୁଣ୍ଡଳ, ଗଳାରେ ହାର ଓ ପାଦରେ ସିଞ୍ଜିଣୀ ସୁଶୋଭିତ ହସ୍ତରେ ଅର୍ଥପୂର୍ଣ୍ଣ ମୁଦ୍ରା ଏବଂ ଡାହାଣ ପାଦରେ ତାଳର ବିନ୍ୟାସ । ଏଥିରେ ଚାରିଜଣ ନାରୀ ମୃଦଙ୍ଗ, ତବ୍‌ଲା ଭଳି ଏକ ବାଦ୍ୟ, ବୀଣା ଓ ବଂଶରୀ ପରିବେଷଣ କରୁଛନ୍ତି । (ଚିତ୍ର ନଂ ୧୦ ଦ୍ରଷ୍ଟବ୍ୟ) ଏହି ଅଭିନବ ଜୀବନ୍ତ ନୃତ୍ୟ ନନ୍ଦିକେଶ୍ୱରଙ୍କ ଅଭିନୟ ଦର୍ପଣର ନିମ୍ନୋକ୍ତ ଶ୍ଳୋକଟି ମନେ ପକାଏ :

ଆସ୍ୟେନାଲମ୍ବୟେଦ୍ ଗୀତଂ
ହସ୍ତେନାର୍ଥଂ ପ୍ରଦର୍ଶୟେତ୍ ।
ଚକ୍ଷୁର୍ଭ୍ୟା ଦର୍ଶୟେଦ୍ ଭାବଂ
ପାଦାଭ୍ୟାଂ ତାଳମାଚରେତ୍ ।।

ଏଥିରେ ନାରୀମାନଙ୍କ ଦ୍ୱାରା ମୃଦଙ୍ଗ ଓ ତବଲା ସଦୃଶ ବାଦ୍ୟ ବାଦିତ ହେଉଥିବା ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଏ । କାରଣ ନାଟ୍ୟ ଶାସ୍ତ୍ରରେ ଭରତମୁନି ନାରୀମାନଙ୍କ ଦ୍ୱାରା ଏସବୁ ବାଦିତ ହେବାପାଇଁ ନିଷେଧ କରିଛନ୍ତି, ଯେହେତୁ ଏଥିପାଇଁ ଉପଯୁକ୍ତ ଶକ୍ତି ଓ ଶ୍ରମର ଆବଶ୍ୟକତା ରହିଛି । ଏଥିରୁ ଅନୁମତି ହୁଏ ଯେ, ଭରତମୁନିଙ୍କ ପୂର୍ବରୁ ଏସବୁ ବାଦ୍ୟ ନାରୀମାନଙ୍କ ଦ୍ୱାରା ମଧ ପରିବେଷିତ ହେଉଥିଲା ଏବଂ ରାଣୀଗୁମ୍ଫାର ଉପରୋକ୍ତ ନୃତ୍ୟ ଦୃଶ୍ୟ ଭରତଙ୍କ ପୂର୍ବବର୍ତ୍ତୀ । ରାଣୀଗୁମ୍ଫାର ଉପର ମହଲାରେ ମଧ ବିଭିନ୍ନ ଭଙ୍ଗୀରେ ନୃତ୍ୟ କରୁଥିବା ଦୁଇଜଣ କୃଶାଙ୍ଗୀ ତରୁଣୀଙ୍କ ଚିତ୍ର ଖୋଦିତ ହୋଇଛି । ସେଠାରେ ସଂଗୀତର ସୁର ସଙ୍ଗମ ପାଇଁ ମୃଦଙ୍ଗ, କରତାଳ ଓ ବୀଣା ବାଦନ କରୁଛନ୍ତି ତିନିଜଣ ନାରୀ । ମାତ୍ର ତଳମହଲାର ନୃତ୍ୟ ସଦୃଶ ଏଥିରେ ରଂଗମ ବ୍ୟବହୃତ ହୋଇନାହିଁ ।

ଉପର ବର୍ଣ୍ଣିତ ଉଭୟ ନୃତ୍ୟ ଓ ସଂଗୀତ ସମାରୋହକୁ ତନ୍ମୟ ପ୍ରାଣରେ ସମ୍ରାଟ ଖାରବେଳ ଓ ତାଙ୍କର ଉଭୟ ମହିଷୀ ସୋଫାଉପରେ ଉପବିଷ୍ଟ ହୋଇ ଉପଭୋଗ କରୁଛନ୍ତି । ନୃତ୍ୟର ଆଉ ଏକ ଜୀବନ୍ତ ଦୃଶ୍ୟ ପରିଲିକ୍ଷିତ ହୁଏ ତତୁଆ ଗୁମ୍ଫା (ନ. ୨) ରେ (ଚିତ୍ର ନଂ. ୧୧) । ଏକ ବୃକ୍ଷ ତଳେ ଜଣେ ନାରୀ ନୃତ୍ୟ କରୁଥିବା ସମୟରେ ଜନୈକ ପୁରୁଷ ବୀଣାବାଦନ କରୁଛନ୍ତି । ସେମାନଙ୍କର ବେଶ ବିନ୍ୟାସ (ବିଶେଷ କରି କେଶସଜ୍ଜା) ଅତୀବ ଚିତ୍ତାକର୍ଷକ ହୋଇଛି । ପୁରୁଷଙ୍କ ହସ୍ତରେ ଥିବା ବୀଣାଟିର ଗଠନ ଶୈଳୀ ମଧ ଚମତ୍କାର ।

ଖାରବେଳଙ୍କ ଶିଳାଲେଖ ଏବଂ ଶିଳାଙ୍କିତ ଚିତ୍ରାବଳୀ ସୂଚାଇଦିଏ ଯେ, ସେକାଳରେ କଳିଙ୍ଗରେ ନୃତ୍ୟ, ସଂଗୀତ କଳାର ଅପୂର୍ବ ଜାଗରଣ ଓ ଅଗ୍ରଗତି ଦେଖାଦେଇଥିଲା ଏବଂ ଗାର୍ନ୍ଧବ ବେଦରେ ପ୍ରବୀଣ ମହାରାଜା ଖାରବେଳଙ୍କର ଦକ୍ଷ ପୃଷ୍ଠପୋଷକତା ଏହାରି ପାଶ୍ଚାତ୍ ଭାଗରେ ରହିଥିଲା । ଆଦିକବି ବାଲ୍ମୀକି ଯଥାର୍ଥରେ କହିଛନ୍ତି ଯେ, ରାଜାଙ୍କର ପୃଷ୍ଠପୋଷକତା ବିନା ରାଜ୍ୟର ହିତ ବର୍ଦ୍ଧନକାରୀ ସଂଗୀତ-ନୃତ୍ୟାଦିର ବର୍ଦ୍ଧନ ହୋଇପାରେ ନାହିଁ ।

ରାଣୀଗୁମ୍ଫାରେ ନାଟ୍ୟବିଶାରଦମାନେ ଏକ ପ୍ରେକ୍ଷାଗୃହ ନିର୍ମିତ ହୋଇଥିବାର ମତ ପ୍ରଦାନ କରିଛନ୍ତି । ରାଣୀଗୁମ୍ଫା ଯେ ଏକ ଶାସ୍ତ୍ର ସମ୍ମତ ପ୍ରେକ୍ଷାଗୃହ (ରଂଗମ), ଏହି ମତ ଉପକ୍ଷେଣୀୟ ନୁହେଁ । ତେବେ ଭରତ ମୁନିଙ୍କ ନାଟ୍ୟ ଶାସ୍ତ୍ରର ଅନୁକରଣରେ ନିର୍ମିତ ହୋଇଥିବା ମତ ଗ୍ରହଣ ଯୋଗ୍ୟ

ମନେହୁଏ ନାହିଁ । କାରଣ ରାଣୀଗୁମ୍ଫା ରଂଗମ ଖ୍ରୀ.ପୂ. ପ୍ରଥମ ଶତାବ୍ଦୀରେ ନିର୍ମିତ ହୋଇଥିବା ସ୍ଥଳେ, ଭରତ ମୁନିଙ୍କ ନାଟ୍ୟଶାସ୍ତ୍ର ଖ୍ରୀଷ୍ଟୀୟ ପ୍ରଥମ ରୁ ତୃତୀୟ ଶତାବ୍ଦୀ ମଧ୍ୟରେ ରଚିତ । ରାଣୀଗୁମ୍ଫାର ଗଠନ ଶୈଳୀ ଏବଂ କାରୁକାର୍ଯ୍ୟକୁ ଅନୁଧ୍ୟାନ କରି ତତ୍କାଳୀନ ଭାରତବର୍ଷରେ ଯେ ଏହା ଏକ ଭବ୍ୟ ରଂଗମ ଥିଲା ଏହା ନିଶ୍ଚିତ ଭାବରେ କୁହାଯାଇପାରେ ।

ଖାରବେଳଙ୍କ ରାଜତ୍ୱ କାଳରେ କଳିଙ୍ଗର ଶିଳ୍ପୀ ସେହିକାଳର ଉନ୍ନତ ସଂଗୀତ ଓ ନୃତ୍ୟ ପରମ୍ପରାର ଯୁଗଜୟୀ ଆଲେଖ୍ୟ ଉଦୟଗିରି-ଖଣ୍ଡଗିରିର ପ୍ରସ୍ତର ଦେହରେ ଅଙ୍କିତ କରିଯାଇଛି, ଯାହାକି ଯୁଗଯୁଗ ଧରି ଭବିଷ୍ୟତ ବଂଶଧରଙ୍କୁ ଉଦ୍‌ବୁଧ୍ କରୁଥିବ, ଏଥିରେ ପ୍ରତିବାଦର କ୍ଷୀଣତମ ଆଶଙ୍କା ମଧ୍ୟ ରହିନପାରେ ।

***

ଅଭିଲେଖ ବର୍ଣ୍ଣିତ 'କୁମାର ବଡୁଖ' ଖାରବେଳଙ୍କ ବଂଶର ଜଣେ ରାଜକୁମାର ହୋଇଥିବାର ମନେହୁଏ । ତେବେ ସେ କେଉଁ ରାଜାଙ୍କର ପୁତ୍ର ଏବଂ କେବେ କଳିଙ୍ଗର ସିଂହାସନ ଆରୋହଣ କଲେ ତାହା କହିବା ପାଇଁ ଅଦ୍ୟାବଧି ଉପଯୁକ୍ତ ତଥ୍ୟ ମିଳିନାହିଁ ।

## ୩-ସର୍ପଗୁମ୍ଫା ଅଭିଲେଖ

## (କ)

ପଂକ୍ତି- ୧ - ଚୁଲ କଂମସ କୋଠା ଜେୟା ଚ

## ଅନୁବାଦ

ଚୁଲକମ୍ମଙ୍କ ଅଭେଦ୍ୟ ଆବାସ ପ୍ରକୋଷ୍ଠ

ନୋଟ୍ - ଉପକର୍ମ ସଚୀବଙ୍କୁ ସେହିକାଳରେ 'ଚୂଲକଂମ' କୁହାଯାଉଥିଲା । (ଅଭିଲେକର ଚିତ୍ର ନଂ. ୧୨ ରେ ପ୍ରଦତ୍)

## (ଖ)

ଏହି ଅଭିଲେଖର ପ୍ରତିଛବି ଏତେ ପରିମାଣରେ ଅସ୍ପଷ୍ଟ ଯେ, ଏହାର ସଠିକ ପାଠୋଧାର ନିମନ୍ତେ ଆବେ ଅସମର୍ଥ । ତେବେ ଡ଼. ନବୀଟ କୁମାର ସାହୁ :

"କଂମସ କୋଠା ଚ
ଖିଣାୟ୍ ଛ ପସାଦୋ" ଏବଂ ବେଜର୍ଜି :
"କଂମସ ହଲଖି
ଣୀୟ୍ ଚ ପସାଦୋ" ରୂପେ ପାଠୋଧାର କରିଛନ୍ତି ।

## ୪-ହରିଦାସ ଗୁମ୍ଫା ଅଭିଲେଖ

ପଂକ୍ତି- ୧ -ଚୂଲକଂମସ ପସାତୋ କୋଠା ଜେୟା ଚ

## ଅନୁବାଦ

ଚୂଲକଂମ (ଉପକର୍ମ ସଚିବ) ଙ୍କର ଅଭେଦ୍ୟ ଆବାସ ଏବଂ ଉପାସନା ପ୍ରକୋଷ୍ଠ ।

## ୫-ବ୍ୟାଘ୍ର ଗୁମ୍ଫା ଅଭିଲେଖ

ପଂକ୍ତି- ୧ -ନଗର ଅଖଂଦସ
ସ ଭୂତିନୋ ଲେଣଂ

**ଅନୁବାଦ** - ନଗର ବିଚାରପତି ଭୂତିଙ୍କର ଗୁମ୍ଫା ।
ନୋଟ୍-ବେନର୍ଜି ବିଚାରପତିଙ୍କ ନାମ 'ସଭୂତି' ବା 'ସୁଭୂତି' ହୋଇଥିବାର ମତ ପ୍ରଦାନ କରିଛନ୍ତି । ମାତ୍ର ତାହା ଗ୍ରହଣ ଯୋଗ୍ୟ ମନେ ହୁଏ ନାହିଁ । ଦ୍ୱିତୀୟ ଧାଡ଼ିର ପ୍ରଥମ ଅକ୍ଷରର 'ସ' ପ୍ରଥମ ଧାଡ଼ିର ଅନ୍ତିମରେ ରହିବା ଅର୍ଥ ଦୃଷ୍ଟିରୁ ଏକାନ୍ତ ଆବଶ୍ୟକ । ସଂଶୋଧିତ ପାଠ ହେବ :

"ନଗର ଅଖଂଦସସ ଭୂତିନୋ ଲେଣଂ"

## ୬-ଜମ୍ବେଶ୍ୱର ଗୁମ୍ଫା ଅଭିଲେଖ

ପଂକ୍ତି- ୧ - ମହାମଦସ ବାରିୟାସ ନାକିୟସ ଲେନଂ

ଅନୁବାଦ - ମହମଦ ନାକିୟ ଏବଂ ବାରିୟା ଙ୍କ ଗୁମ୍ଫା

ନୋଟ୍ - ସେହିକାଳରେ ରାଜାଙ୍କର ପ୍ରଧାନମନ୍ତ୍ରୀଙ୍କୁ ମହାମଦ କୁହାଯାଉଥିଲା । ବାରିୟା ସମ୍ଭବତଃ ତାଙ୍କର ସ୍ତ୍ରୀ ଥିଲେ ।

## ୭- ଛୋଟ ହାତୀ ଗୁମ୍ଫା ଅଭିଲେଖ

ପଂକ୍ତି ୧ -..... ସ ଲେନଂ

ଅନୁବାଦ....... ଙ୍କର ଗୁମ୍ଫା
**ନୋଟ୍** - ଏହି ଅଭିଲେଖର ପ୍ରଥମ ଅଂଶ ଦୁଷ୍ପାଠ୍ୟ ।

## ୮ - ଅନନ୍ତ ଗୁମ୍ଫା ଅଭିଲେଖ

ପଂକ୍ତି ୧ - ଦୋହଦ ସମଣାନଂ ଲେନଂ
ଅନୁବାଦ - ଦୋହଦ ଶ୍ରମଣମାନଙ୍କର ଗୁମ୍ଫା
ନୋଟ୍ - ଅନନ୍ତ ଗୁମ୍ଫାର ବାରଣ୍ଡା ବାହାରେ ଥିବା ଗୋଟିଏ ପଥରର ଚାରିଗୋଟି ଅକ୍ଷର ( ? ) ରହିଛି, ଏହା ଦୁଷ୍ପାଠ୍ୟ ।

# ୯ - ତତୁଆ ଗୁମ୍ଫା ଅଭିଲେଖ

## ଗୁମ୍ଫାନ. ୧

ପଂକ୍ତି - ୧ ପାଦମୁଲିକସ କୁସୁମସ ଲେଣ ନି ?

ନୋଟ୍ - ଏହି ଅଭିଲେଖର ସମ୍ପୂର୍ଣ୍ଣ ର୍ଥ ପ୍ରକାଶ କରିବାରେ ଆମେ ଅସମର୍ଥ । କାରଣ ଅନ୍ତିମ ଅକ୍ଷରଟି ପଠନଯୋଗ୍ୟ ଅବସ୍ଥାରେ ନାହିଁ । 'ପାଦମୂଳିକ' ସମ୍ଭବତଃ ରାଜାଙ୍କର ବ୍ୟକ୍ତିଗତ ସେବକଙ୍କୁ ବୁଝାଉଛି । ତାଙ୍କର ନାମ ଥିଲା 'କୁସୁମ' । ଉଲ୍ଲେଖ ଯୋଗ୍ୟ ଯେ, କିରାରି କାଷ୍ଠ ସ୍ତମ୍ଭ ଅଭିଲେଖରେ ମଧ ଏହି ପଦବୀ ଉତ୍କୀର୍ଣ୍ଣ ହୋଇଛି ।

## ଗୁମ୍ଫା ନଂ-୨

ଏହି ଗୁମ୍ଫାର ଅଭ୍ୟନ୍ତର କାନ୍ଥରେ ବ୍ରାହ୍ମୀଲିପିର ଅକ୍ଷର ଗୁଡ଼ିକ ଚିତ୍ରିତ । ସମ୍ଭବତଃ ପରବର୍ତ୍ତୀ କାଳରେ କୌଣସି ଶିଷ୍ୟ ଅଧୟନ ନିମନ୍ତେ ଏହା କରିଥିଲେ । ଆମ୍ଭମତରେ ଏହି ଲିପି ଖାରବେଳଙ୍କ ପରବର୍ତ୍ତୀ କାଳୀନ ।

ପରିଶିଷ୍ଟ-୨

ଖାରବେଳଙ୍କ ରାଜତ୍ୱ କାଳ

ଖାରବେଳଙ୍କ ରାଜତ୍ୱ କାଳର ସନ୍ତୋଷ ଜନକ ସମାଧାନ ଉପରେ ଭାରତ ତଥା ଓଡ଼ିଶାର ସଂକଳନ ବହୁ ପରିମାଣରେ ନିର୍ଭର କରିଥାଏ । ମାତ୍ର ପରିତାପର ବିଷୟ ଯେ, ଏହାଙ୍କ ସଠିକ ସମୟ ନିରୂପଣ କରିବାକୁ ଯାଇ ନାନା ମୁନି ନାନା ମତ ପ୍ରଦାନ କରିଥାନ୍ତି ।

ରାଜେନ୍ଦ୍ର ଲାଲ୍ ମିତ୍ର ଏହି ସମ୍ରାଟଙ୍କୁ ଖ୍ରୀ.ପୂ. ଚତୁର୍ଥ ଶତାବ୍ଦୀରେ ସ୍ଥାନ ଦେବା ବେଳେ ଫ୍ଲିଟ୍ (Fleet) ଏବଂ ଲ୍ୟୁଜର୍ (H. Luder) ପ୍ରମୁଖ ଐତିହାସିକ ତାଙ୍କର ସ୍ଥାନ ନିରୂପଣ କରନ୍ତି । ଖ୍ରୀ.ପୂ. ୩ୟ ଶତକରେ ଭଗବାନ୍ ଲାଲ୍, ଇନ୍ଦ୍ରଜୀ, କାଶୀ ପ୍ରସାଦ ଜୟସ୍ୱାଲ୍ ଓ ରାଖାଲ୍ ଦାସ ବେନର୍ଜି ଆଦି ଐତିହାସିକଙ୍କ ମତରେ ଖାରବେଳ ହେଉଛନ୍ତି ଖ୍ରୀ.ପୂ. ୨ୟ ଶତାବ୍ଦୀର । ଅପର ପକ୍ଷରେ ରମା ପ୍ରସାସ ଚନ୍ଦ୍, ହେମଚନ୍ଦ୍ର ରାୟ ଚୌଧୁରୀ, ନଗେନ୍ଦ୍ର ନାଥ ଘୋଷ, ଦୀନେଶ୍ ଚନ୍ଦ୍ର ସରକାର ଏବଂ ନବୀନ କୁମାର ସାହୁ, ପ୍ରମୁଖ ବିଦ୍ୱାନ ମାନେ ଯୁକ୍ତି ଦର୍ଶୀ କହନ୍ତି ଯେ, ସମ୍ରାଟ ଖାରବେଳ ଖ୍ରୀ.ପୂ. ୧ମ

ଶତାବ୍ଦୀର । ଏହି ସମସ୍ୟାକୁ କେନ୍ଦ୍ରକରି ଐତିହାସିକ ତର୍କ ଓ ବିବାଦ ପ୍ରାୟ ଏକଶହ ବର୍ଷଧରି ଚାଲି ଆସିଛି ।

ଖାରବେଳ ନିଜ ଅଭିଲେଖରେ ତାଙ୍କ ପୂର୍ବବର୍ତ୍ତୀ ନନ୍ଦ ଓ ମୌର୍ଯ୍ୟ ଶାସନର ସ୍ପଷ୍ଟ ଉଲ୍ଲେଖ କରିଛନ୍ତି । ପୁନଶ୍ଚ ଖ୍ରୀ.ପୂ. ଚତୁର୍ଥ ଶତକରେ ନନ୍ଦବଂଶ ଓ ଖ୍ରୀ.ପୂ. ତୃତୀୟ ଶତାବ୍ଦୀରେ ମୌର୍ଯ୍ୟବଂଶରୀ ରାଜା ସମ୍ରାଟ ଅଶୋକଙ୍କ ଦ୍ୱାରା କଳିଙ୍ଗ ଅଧିକୃତ ହୋଇଥିବାର ନିଶ୍ଚିତ ପ୍ରମାଣ ରହିଥିବାର ଏହି କାଳରେ କଳିଙ୍ଗରେ ଖାରବେଳଙ୍କ ରାଜତ୍ୱକୁ କଳ୍ପନା ମଧ କରାଯାଇ ନପାରେ । ଯେଉଁ ଐତିହାସିକ ଏବଂ ଲିପିବିଦ୍ ମାନେ ଖାରବେଳଙ୍କୁ ଖ୍ରୀ.ପୂ. ଦ୍ୱିତୀୟ ଶତାବ୍ଦୀରେ ଅବସ୍ଥାପିତ କରନ୍ତି ସେମାନଙ୍କର ପ୍ରଧାନ ଯୁକ୍ତି ଗୁଡ଼ିକର ସମୀକ୍ଷା କରାଯିବା ଏକାନ୍ତ ଆବଶ୍ୟକ ।

ଭଗବାନ୍ ଲାଲ୍ ଇନ୍ଦ୍ରଜୀ ସର୍ବ ପ୍ରଥମେ ହାତୀଗୁମ୍ଫା ଅଭିଲେଖର ୧୬ ନଂ ଧାଡ଼ିର ଏକ ପାଠ ଓ ବ୍ୟାଖ୍ୟା ପ୍ରସ୍ତୁତ କରି ମତ ପ୍ରଦାନ କଲେ ଯେ, ଖାରବେଳ ନିଜ ରାଜତ୍ୱର ତ୍ରୟୋଦଶ ବର୍ଷକୁ ମୌର୍ଯ୍ୟ ସମ୍ବତ୍ ୧୬୫ ବୋଲି ଉଲ୍ଲେଖ କରିଛନ୍ତି । ସେ କହନ୍ତି - 'ମୌର୍ଯ୍ୟ ସମ୍ବତ୍ ଅଶୋକଙ୍କ କଳିଙ୍ଗ ବିଜୟ ଅର୍ଥାତ୍ ଖ୍ରୀ.ପୂ. ୨୫୫ ରୁ ଆରମ୍ଭ ହୋଇଥିଲା । ସୁତରାଂ ଖାରବେଳଙ୍କ ସିଂହାସନ ଆରୋହଣ କାଳ ଖ୍ରୀ.ପୂ. ୧୦୩ (୨୫୫-୧୬୫)+୧୩)'' ଯଦିଓ କାଶୀପ୍ରସାଦ ଜୟସ୍ୱାଲ୍ ଏବଂ ରାଖାଲ୍ ଦାସ ବେନର୍ଜୀ ଇନ୍ଦ୍ରଜୀଙ୍କ ପାଠର କେତେକ ସ୍ଥାନରେ ଭିନ୍ନ ଭିନ୍ନ ମତ ପୋଷଣ କରିଛନ୍ତି, ତେବେବି ଏମାନେ ମୌର୍ଯ୍ୟ ସମ୍ବତ୍କୁ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଅଭିଷେକ ବର୍ଷଠାରୁ ଅର୍ଥାତ୍ ଖ୍ରୀ.ପୂ. ୩୨୨ରୁ ପ୍ରାରମ୍ଭ ହୋଇଥିବାର ଦର୍ଶାଇ ଖାରବେଳଙ୍କ ସିଂହାସନ ଆରୋହଣକୁ ଖ୍ରୀ.ପୂ. ୧୭୦(୩୨୨-୧୬୫)+୧୩) ରେ ନିରୂପଣ କରିଛନ୍ତି । ବର୍ତ୍ତମାନ ପ୍ରଶ୍ନ ହେଉଛି, "ମୌର୍ଯ୍ୟ ସମ୍ବତ୍ ନାମରେ କୌଣସି ସମ୍ବତ୍ ଭାରତରେ କେବେ ପ୍ରଚଳିତ ହୋଇଥିଲାକି ?" ଏ ସମ୍ବନ୍ଧରେ ଅଦ୍ୟାବଧି କୌଣସି ଶିଳାଲେଖ କିମ୍ବା ଗ୍ରନ୍ଥରୁ କୌଣସି ତଥ୍ୟ ମିଳିନାହିଁ । ଏପରିକି ମୌର୍ଯ୍ୟ ବଂଶୀୟ ନରପତି ଚନ୍ଦ୍ରଗୁପ୍ତ କିମ୍ବା ଅଶୋକ ଏହି ସମ୍ବତ୍ ବ୍ୟବହାର କରିଥିବାର କୌଣସି ପ୍ରକାର ଦୃଷ୍ଟାନ୍ତ ନାହିଁ । ଏହି ପରିପ୍ରେକ୍ଷୀରେ ଖାରବେଳଙ୍କ ପରି କଳିଙ୍ଗର ଜଣେ ସ୍ୱାଧୀନ ଚକ୍ରବର୍ତ୍ତୀ ଉପାଧିରେ ଭୂଷିତ ସମ୍ରାଟ, ଯିଏକି ସର୍ବଦା ମଗଧ ପ୍ରତି ପ୍ରତିଶୋଧ ପରାୟଣ ମନୋବୃତ୍ତି ଗ୍ରହଣ କରିଛନ୍ତି, ମଗଧର ମୌର୍ଯ୍ୟ ଆଧିପତ୍ୟ ଭାରତରୁ ଅସ୍ତମିତ ହେବାପରେ, ମଗଧର ମୌର୍ଯ୍ୟ ସମ୍ବତ୍କୁ ନିଜ

ଅଭିଲେଖରେ ଯେ ସ୍ଥାନ ଦେଇଥିବେ ତାହା କଳ୍ପନା ମଧ କରାଯାଇ ନପାରେ । ହାତୀଗୁମ୍ଫା ଅଭିଲେଖର ପଂକ୍ତି ନଂ=୧୬ରେ ଯେ ମୌର୍ଯ୍ୟ ସମ୍ବତ୍‌ର ଉଲ୍ଲେଖ ନାହିଁ ତାହା ପରବର୍ତ୍ତୀ ସମୟରେ ପ୍ରମାଣିତ ହୋଇଗଲା । ଉକ୍ତ ପଂକ୍ତିରେ 'ମୁରିୟକାଲ୍' ସ୍ପଷ୍ଟ ରୂପେ ଉତ୍କୀର୍ଣ୍ଣ ହୋଇଛି । କିନ୍ତୁ ତାହା ମୌର୍ଯ୍ୟ ସମ୍ବତ୍ କୁ ନବୁଝାଇ ମୌର୍ଯ୍ୟ ରାଜତ୍ୱକୁ ବୁଝାଉଛି । ସଂସିତାଂଶର ପାଠ :

"ମୁରିୟକାଳ ବୋଛିନଂ ଚ ଚୋୟଠି ଅଂଗ ସଂତିକଂ ତୁରିୟଂ ଉପାଦୟତି" [II]

(ଏହି ଅଂଶର ହସ୍ତ ପ୍ରଭୃତି ଚିତ୍ର ଫଳକନଂ-୧୩ରେ ପ୍ରଦତ୍ତ)

ଅର୍ଥାତ୍ - ମୌର୍ଯ୍ୟ କାଳରେ ବ୍ୟବଚ୍ଛିନ୍ନ ହୋଇଥିବା ଚଉଷଠି ଅଂଗଯୁକ୍ତ ତୌର୍ଯ୍ୟତ୍ରିକ (ନୃତ୍ୟ, ଗୀତ, ବାଦିତ୍ୟାଦି)ର ଉନ୍ନୟନ କରାଇଥିଲେ । ଡ଼. ସାହୁ ଯଥାର୍ଥରେ କହନ୍ତି - "ଏଥିରେ ମୌର୍ଯ୍ୟ ସମ୍ବତ୍‌ର ପରିକଳ୍ପନା ନାହିଁ ଏବଂ ଖାରବେଳଙ୍କ କାଳ ନିର୍ଦ୍ଧାରଣ ସକାଶେ ଏହା ବିଶେଷ କିଛି ଆଲୋକପାତ କରୁନାହିଁ । ଏଥିରୁ ଏତିକି ମାତ୍ରା ଜଣାପଡ଼େ ଯେ, ଖାରବେଳ ମୌର୍ଯ୍ୟ ଶାସନର ପରବର୍ତ୍ତୀ କାଳର ଶାସ" ।

ହାତୀଗୁମ୍ଫା ଅଭିଲେଖରେ ଚାରିଜଣ ଅନ୍ୟାନ କୀର୍ତ୍ତିମାନ ରାଜାଙ୍କ ନାମ ଉଲ୍ଲିଖିତ । ଏହା ଖାରବେଳଙ୍କ ରାଜତ୍ୱ କାଳ ନିର୍ଧାରଣରେ ବିଶେଷ ରୂପେ ସହାୟକ ବୋଲି ମନେହୁଏ । ସେହି ରାଜାମାନେ ହେଲେ ନନ୍ଦରାଜ, ବୃହସ୍ପତି ମିତ୍ର, ସାତକର୍ଣ୍ଣୀ ଏବଂ ଯବନରାଜ ।

**ଯବନ ରାଜ** - ହାତୀଗୁମ୍ଫା ଶିଳାଲେଖର ଅଷ୍ଟମ ପଂକ୍ତିରେ ଯବନରାଜ ଡ଼ିମତଙ୍କର ନାମ ଉଲେ୍ଖ ଥିବା ଜୟସ୍ୱାଲ୍, ବେନର୍ଜୀ ଏବଂ ଷ୍ଟେନ୍ କୋନାଓ (Sten Konow) ପ୍ରମୁଖ ଐତିହାସିକମାନେ ମତ ପ୍ରଦାନ କରିଥାନ୍ତି । ଅଭିଲେଖରେ 'ଯବନରାଜ' ଶବ୍ଦଟି ସୁସ୍ପଷ୍ଟ ମାତ୍ର ତାର ପରବର୍ତ୍ତୀ ଶବ୍ଦର କେବଳ ମଧମ ଅକ୍ଷର 'ମ'ଟି ଅଛି ଏବଂ ଅନ୍ୟ ଦୁଇଟି ଅକ୍ଷଣ ସମ୍ପୂର୍ଣ୍ଣ ନଷ୍ଟ ହୋଇସାରିଛି । ଉପରୋକ୍ତ ଐତିହାସିକ-ଗଣ କଳ୍ପାନର ଆଶ୍ରୟନେଇ ଏହାକୁ 'ଡ଼ିମତ' ରୂପେ ପାଠୋଧାର କରିଛନ୍ତି । ଏତାଦୃଶ ଅନୁମାନଭିତ୍ତିକ ପଠନକୁ ନିର୍ଭର କରି ପୁଣି ଡ଼ିମତକୁ ଗ୍ରୀକ୍ ରାଜା ଡ଼ିମେଟ୍ରିୟସ୍‌ଙ୍କ ସହିତ ପରିଚିହ୍ନିତ କରି ଖାରବେଳଙ୍କୁ ଖ୍ରୀ.ପୂ. ଦ୍ୱିତୀୟ ଶତାବ୍ଦୀର ପ୍ରଥମାର୍ଧରେ ନିରୂପଣ କରିବା ଉଦ୍ୟମ କୌଣସି ମତେ ଗ୍ରହଣଯୋଗ୍ୟ ହୋଇ ନପାରେ ।

**ବୃହସ୍ପତି ମିତ୍ର** – ହାତୀଗୁମ୍ଫା ଅଭିଲେଖର

ପଂକ୍ତି ନଂ ୧ ୨ ରେ ବର୍ଣ୍ଣିତ ହୋଇଛି ଯେ, ମଗଧ ରାଜ ବୃହସ୍ପତି ମିତ୍ର (ବହସତି ମିତ) ପରାଜୟ ସ୍ୱୀକାର କରି ଖାରବେଳଙ୍କ ପଦବନ୍ଦନା କରିଥିଲେ । କାଶୀ ପ୍ରସାଦ ଜୟସ୍ୱାଲ୍ ଉପରୋକ୍ତ ବୃହସ୍ପତି ମିତ୍ରଙ୍କୁ ସୁଙ୍ଗ ବଂଶର ଶାସକ ପୁଷ୍ୟମିତ୍ର ସୁଙ୍ଗ ବୋଲି ଚିହ୍ନିତ କରିଛନ୍ତି, ଯିଏକି ଖ୍ରୀ.ପୂ. ୧୮୫ରେ ମଗଧରେ ସୁଙ୍ଗ ଶାସନର ମୂଳଭିତ୍ତିର ସ୍ଥାପୟିତା । ଏଥିପାଇଁ ଜୟସ୍ୱାଲ୍ ଯେଉଁ ଜ୍ୟୋତିଷିକ ଯୁକ୍ତି ଦର୍ଶାଇଛନ୍ତି ତାହା ଅସାଧାରଣ ପାଣ୍ଡିତ୍ୟର ସୂଚନା ପ୍ରଦାନ କରୁଥିଲେ ହେଁ ଐତିହାସିକ ସମସ୍ୟାର ସମାଧାନ ନିମନ୍ତେ ଆଦୌ ଉପଯୋଗୀ ମନେ ହୁଏ ନାହିଁ । କାରଣ ବୃହସ୍ପତି ମିତ୍ର ନାମଧେୟ ରାଜା ଭାରତ ଇତିହାସରେ ଅଜ୍ଞାତ ହୋଇନଥିବା ଅଭିଲେଖ ଓ ମୁଦ୍ରାରୁ ସ୍ପଷ୍ଟରୂପେ ଜଣାପଡ଼ିଥାଏ । ସେହି ପରିପ୍ରେକ୍ଷୀରେ ହାତୀଗୁମ୍ଫା ଅଭିଲେଖ ବର୍ଣ୍ଣିତ ରାଜା ବୃହସ୍ପତି ମିତ୍ରଙ୍କୁ ପୁଷ୍ୟମିତ୍ରଙ୍କ ସହ ଚିହ୍ନିତ କରାଯିବା ଯେ ଭ୍ରାନ୍ତି ମୂଳକ ଉଦ୍ୟମ ତାହା ନିଶ୍ଚିତ ଭାବେ କୁହାଯାଇପାରେ ।

କୋଶାମ୍ବୀ ନିକଟସ୍ଥ ପୋଭଷା ଗ୍ରମାରୁ ମିଳିଥିବା ଏକ ଶିଳାଲେଖରୁ ଜଣାପଡ଼େ ଯେ, ରାଜା ବୃହସ୍ପତି ମିତ୍ରଙ୍କ ନାମ ଗୋପାଳୀ । ତାଙ୍କର ମାତୁଳ ଆଷାଢ଼ସେନ ଥିଲେ ଅହୀଛତ୍ରର ଶାସକ । ଅନ୍ୟ ଏକ ଅଭିଲେଖରୁ ଜଣାପଡ଼େ ଯେ, ରାଜା ବୃହସ୍ପତି ମିତ୍ରଙ୍କର ଯସମିତା ନାମ୍ନୀ ଦୁହିତା ମଥୁରା ଅଳର ରାଣୀଥିଲେ । ଅଭିଲେଖରେ ଉଭୟେ ଆଷାଢ଼ ସେନ ଏବଂ ଯସମିତା ରାଜା ବୃହସ୍ପତିମିତ୍ରଙ୍କ ସହ ସମ୍ପର୍କିତ ହୋଇଥିବାରୁ ନିଜ ନିଜକୁ ଗୌରବନ୍ୱିତ ମନେକରିଛନ୍ତି । ଲିପିତତ୍ୱ ଦୃଷ୍ଟିରୁ ବୃହସ୍ପତି ମିତ୍ରଙ୍କର ପଭୋଷା ଅଭିଲେଖ ଏବଂ ମୁଦ୍ରାର ଅକ୍ଷରମାନ ଖ୍ରୀ.ପୂ. ପ୍ରଥମ ଶତକରେ ନିରୂପିତ ହୋଇଛି । ଖାରବେଳଙ୍କ ଅଭିଲେଖର ଅକ୍ଷରମାନ ମଧ ଏହାର ସମସାମୟିକ ହୋଇଥିବାର ନିଶ୍ଚିତ ମତ ପ୍ରଦାନ କରାଯାଇପାରେ ।

**ନନ୍ଦ ରାଜ** - ହାତୀଗୁମ୍ଫା ଅଭିଲେଖର ଷଷ୍ଠ ଏବଂ ଦ୍ୱାଦଶ ଧାଡ଼ିରେ ନନ୍ଦ ରାଜଙ୍କର ଉଲ୍ଲେକ କରାଯାଇଛି । ଷଷ୍ଠ ଧାଡ଼ିରେ ବର୍ଣ୍ଣିତ ହୋଇଛନ୍ତି ଯେ, ରାଜତ୍ୱର ପମ ବର୍ଷରେ ସେ (ଖାରବେଳ) ନନ୍ଦରାଜ ତିନିଶତ (ତିବସ ସାତ) ବର୍ଷ ତଳେ ଖୋଳାଇଥିବା ପ୍ରଣାଳୀକୁ ତନସୁଲୀ ବାଟ ଦେଇ (କଳିଙ୍ଗ) ନଗରୀ ପର୍ଯ୍ୟନ୍ତ ବିସ୍ତୃତ କରାଇଥିଲେ । ଦ୍ୱାଦଶ ପଂକ୍ତି ଅନୁଯାୟୀ - ଖାରବେଳ

ରାଜତ୍ୱର ଦ୍ୱାଦଶ ବର୍ଷରେ ମଗଧ ବିଜୟ ପରେ ପୂର୍ବରୁ ନନ୍ଦରାଜା ନେଇଥିବା କାଳିଙ୍ଗଜିନ ସହିତ ଅଙ୍ଗ ଓ ମଗଧ ରାଜ୍ୟର ବହୁ ସମ୍ପଦ ଘେନି ଆସିଥିଲେ ।

ହାତୀଗୁମ୍ଫା ଅଭିଲେକର ନନ୍ଦରାଜ ନିଶ୍ଚିତ ରୂପେ ମହାପଦ୍ମନନ୍ଦ ଏବଂ ଏଥିରେ ଉଲ୍ଲେଖ ଥିବା 'ତିବସ ସତ'ର ଅର୍ଥ ହେଉଛି ତିନିଶହ । ଏହି ସିଧାନ୍ତରେ ଉପନୀତ ହେବାପରେ ଖାରବେଳଙ୍କର ସମୟ ନିର୍ଣ୍ଣୟ ଆଦୌ କଷ୍ଟକର ହୁଏ ନାହିଁ । ମାତ୍ର କେତେଜଣ ବିଦ୍ୱାନ ଏ ସମ୍ପର୍କରେ ପ୍ରଦାନ କରିଥିବା ବିଭିନ୍ନ ମତର ସମୀକ୍ଷା କରାଯିବା ଏକାନ୍ତ ଆବଶ୍ୟକ ।

ହାତୀଗୁମ୍ଫା ଅଭିଲେଖର ନନ୍ଦରାଜାଙ୍କୁ ଜୟସ୍ୱାଲ୍ ଏବଂ ବେନର୍ଜୀ ଶୈଶୁନାଗ ବଂଶୀୟ ରାଜା ନନ୍ଦିବର୍ଧଙ୍କର ସହିତ ଏବଂ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ମୌର୍ଯ୍ୟ ସମ୍ରାଟ ଅଶୋକଙ୍କ ସହିତ ପରିଚିହ୍ନିତ କରିଥାନ୍ତି । ଏଠାରେ ଉଲ୍ଲେଖ ଯୋଗ୍ୟଯେ, ଶୈଶୁନାଗ ବଂଶୀୟ ରାଜା ନନ୍ଦିବର୍ଧଙ୍କର ପରାକ୍ରମ ବା ଯୁଧାଭିଯାନ ବିଷୟରେ କୌଣସି ପ୍ରମାଣ ଇତିହାସ ବା ପୁରାଣରେ ସଂରକ୍ଷିତ ହୋଇନାହିଁ । ସେ କେବେହେଲେ କଳିଙ୍ଗ ଅଧିକାର କରିଥିବାର କୌଣସି ସୂଚନା ଉପଲବ୍ଧ ହୁଏନାହିଁ । ଅପର ପକ୍ଷରେ ମତ୍ସ୍ୟ, ବାୟୁ, ବ୍ରହ୍ମାଣ୍ଡ ଆଦି ପୁରାଣରେ ଏବଂ ଜୈନ ପରିଶିଷ୍ଟ ପର୍ବନ୍‌ରେ ନନ୍ଦରାଜ ମହାପଦ୍ମ କଳିଙ୍ଗ ଅଧିକାର କରିଥିବାର ସ୍ପଷ୍ଟ ଉଲ୍ଲେଖ ରହିଛି । ସେ ବହୁ ଗୁଡ଼ିଏ ରାଜ୍ୟ ଜୟ କରିଥିବାରୁ ତାଙ୍କୁ ଭାଗବତରେ ଦ୍ୱିତୀୟ ପର୍ଶୁରାମ ଆଖ୍ୟା ପ୍ରଦାନ କରାଯାଇଛି । ପୁନଶ୍ଚ ଓଡ଼ିଶାର ବିଭିନ୍ନ ସ୍ଥାନରୁ ନନ୍ଦବଂଶୀୟ ମୁଦ୍ରା ମଧ ଆବିଷ୍କୃତ ହୋଇ ପାରିଛି । ହାତୀଗୁମ୍ଫା କରିବାରେ ନିର୍ଭର ଯୋଗ୍ୟ ଐତହିାସିକ କାରଣ ନାହିଁ । ପ୍ରାଚୀନ ଭାରତର କୌଣସି ଅଭିଲେଖ ବା ସାହିତ୍ୟରେ ଅଶୋକ ନନ୍ଦବଂଶର ଶାସକ ରୂପେ ବର୍ଣ୍ଣିତ ହୋଇଛନ୍ତି କି ? ଏକାଦଶ ଶତାବ୍ଦୀରେ କାଶ୍ମୀରର ସୋମଦେବ ଓ କ୍ଷେମେନ୍ଦ୍ର ନାମକୁ ଦୁଇଜଣ ପଣ୍ଡିତ ଯଥାକ୍ରମେ "କଥା ସରିତ୍ ସାଗର' ଓ 'ବୃହତ୍ କଥା ମଞ୍ଜରୀ' ନାମରେ ଦୁଇଟି ଗ୍ରନ୍ଥ ପ୍ରଣୟନ କରିଥିଲେ । ଏହି ଗ୍ରନ୍ଥ ଦ୍ୱୟ ହେଉଛି ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀରେ ପୈଶାଚୀ ଭାଷାରେ ଲିଖିତ 'କଥା କୋଷ' ବା ବୃହତ୍ କଥା କୋଷର ସଂସ୍କୃତ ଅନୁବାଦ । ଏହା ଏକ ଅନବଦ୍ୟ କାହାଣୀ ପୁସ୍ତକ । ଏଥିରେ ଚନ୍ଦ୍ରଗୁପ୍ତ ନାମକ ନାୟକଙ୍କୁ 'ପୂର୍ବ ନନ୍ଦ ସୂତ' ରୂପେ ଏବଂ ଖ୍ରୀଷ୍ଟୀୟ ଷଷ୍ଠ ଶତାବ୍ଦୀରେ ରଚିତ ବିଶାଖାଦତ୍ତଙ୍କ ନାଟକ 'ମୁଦ୍ରା ରାକ୍ଷସ'ରେ ଅଶୋକଙ୍କ

ପିତାମହ ଚନ୍ଦ୍ରଗୁପ୍ତଙ୍କ 'ନନ୍ଦାନ୍ୱୟ' ରୂପେ ଅଭିହିତ କରାଯାଇଛି । ଏହାକୁ ଦୃଷ୍ଟିରେ ରଖି ଅଶୋକଙ୍କୁ ନନ୍ଦରାଜ ରୂପେ ଅଭିହିତ କରାଯିବା କେତେଦୂର ଯୁକ୍ତି ସମ୍ମତ ତାହା ପ୍ରଣିଧାନର ବିଷୟ ।

ହାତୀଗୁମ୍ଫା ଅଭିଲେଖରୁ ସ୍ପଷ୍ଟ ଜଣାପଡ଼େ ଯେ, ଖାରବେଳଙ୍କୁ ନନ୍ଦବଂଶ ଓ ମୌର୍ଯ୍ୟ ବଂଶର ଶାସନ ବିଷୟ ଅଜ୍ଞାତ ନଥିଲା । ସେହି ରାଜବଂଶ ଦ୍ୱୟ ଖାରବେଳଙ୍କ ହାତୀଗୁମ୍ଫା ଅଭିଲେଖରେ ଏକାଧିବାର ଉଲ୍ଲିଖିତ । ତେଣୁ ସେ ମୌର୍ଯ୍ୟ ସମ୍ରାଟ ଅଶୋକଙ୍କୁ ନନ୍ଦରାଜବୋଲି ଭ୍ରମ କରିବା ଏକ ଅସମ୍ଭବ ବ୍ୟାପାର । ଖାରବେଳଙ୍କର ଏକ ଶତାବ୍ଦୀପରେ ଶକରାଜ ରୁଦ୍ରଦମନ ଜୁନାଗଡ଼ ଅଭିଲେଖରେ ଚନ୍ଦ୍ରଗୁପ୍ତ ଓ ଅଶୋକଙ୍କୁ ମୌର୍ଯ୍ୟବଂଶୀ ନରପତି ବୋଲି ସ୍ପଷ୍ଟ ଉଲ୍ଲେଖ କରିଛନ୍ତି :

"ମୌର୍ଯ୍ୟସ୍ୟ ରାଜ୍ଞଃ ଚନ୍ଦ୍ରଗୁପ୍ତସ୍ୟ ରାଷ୍ଟ୍ରିୟେଣ ବୈଶ୍ୟେନ ପୁଷ୍ୟଗୁପ୍ତେନ କାରିତଂ ଅଶୋକସ୍ୟ ମୌର୍ଯ୍ୟସ୍ୟ କୃତେ ଯବନରାଜନେ ତୁଷାସ୍ପେନାଧିଷ୍ଠାୟ ପ୍ରଣାଲୀ ଭରିଲଂକୃତଂ ।"

ସ୍ଥୁଳତଃ ଏତିକି କୁହାଯାଇପାରେ ଯେ, ଅଶୋକଙ୍କ ନନ୍ଦବଂଶୀ ବୋଲି ଇତିହାସରେ ପ୍ରତିପାଦନ କିରବା ଉଦ୍ୟମ ଏକାନ୍ତ ଅଯୌକ୍ତିକ । ହାତୀଗୁମ୍ଫା ଅଭିଲେଖ ବର୍ଣ୍ଣିତ ନନ୍ଦରାଜ ଯେ, ମହାପଦ୍ମନନ୍ଦ ଏଥିରେ ପ୍ରତିବାଦର କ୍ଷୀଣତମ ଆଶଙ୍କା ମଧ ରହି ନପାରେ ।

ବର୍ତ୍ତମାନ ପ୍ରଶ୍ନ ହେଉଛି 'ତିବସ ସତ' ୧୦୩ ଏବଂ ୩୦୦ ମଧରୁ କାହାକୁ ବୁଝାଉଛି । ଅନେକ ବିଦ୍ୱାନ 'ତିବସ ସତ' କୁ ୧୦୩ ରୂପେ ଗ୍ରହଣ କରିଥାନ୍ତି । ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖର ପଂକ୍ତି ନଂ -୧୬ ର ୧୦୫ କୁ 'ପାନତରିୟ ସତ' ରୂପେ ଉଲ୍ଲେଖ କରାଯାଇଛି । ସେହି ହିସାବରେ ୧୦୩, "ତିତରିୟ ସତ' ରୂପେ ଉଲ୍ଲିଖିତ ହେବା ବିଧେୟ । ପାଲି ସାହିତ୍ୟରେ "୫ଶହ ଜାତକ କାହାଣୀକୁ ପଜାତକ ସତ' ରୂପେ ଉଲ୍ଲେଖ କରାଯାଇଛି । ହାତୀଗୁମ୍ଫା ଅଭିଲେଖର ଭାଷା ଶାସ୍ତ୍ରୀୟ ପାଲି ଭାଷାର ନିକଟବର୍ତ୍ତୀ । ଏଣୁ ଏହାର ଭାଷାନ୍ତର ପାଲି ଭାଷାର ନିୟମାନୁଯାୟୀ କରାଯିବା ଉଚିତ୍ । ସୁତରାଂ ହାତୀଗୁମ୍ଫା ଅଭିଲେଖ ବର୍ଣ୍ଣିତ 'ତିବସ ସତ' ନିଶ୍ଚିତ ଭାବରେ ୩୦୦, କେବେ ମଧ ୧୦୩ ହୋଇ ନପାରେ । ଏହି ସିଧାନ୍ତରେ ଉପନୀତ ହେବା ପରେ ଖାରବେଳଙ୍କ ସଠିକ ରାଜତ୍ୱ କାଳ ନିର୍ଦ୍ଧାରଣ କରିବାରେ କୌଣସି ଅସୁବିଧା

ରହେନାହିଁ ।

ମହାପଦ୍ମନନ୍ଦ ପ୍ରାୟ ଖ୍ରୀ.ପୂ. ୩୫୦ରେ କଳିଙ୍ଗର ଶେଷ କ୍ଷତ୍ରିୟ ରାଜାଙ୍କୁ ନିହତ କରି ସେହି ରାଜ୍ୟ ଅଧିକାର କରିଥିଲେ । ସେ କଳିଙ୍ଗର ଶାସନଭାର ଗ୍ରହଣ କରିବାର କିଛିକାଳ ପରେ କଳିଙ୍ଗବାସୀଙ୍କ ଅଭାବ ଅସୁବିଧା ଉପଲବ୍ଧି କରି କେନାଲ୍ ଖନନ ଯୋଜନା କରିଥିବେ ଏବଂ ସେହି କାର୍ଯ୍ୟ ସମ୍ଭବତଃ ତାଙ୍କ ମୃତ୍ୟୁ ପୂର୍ବରୁ ସମ୍ପନ୍ନ ହୋଇଥିବ । ମହାପଦ୍ମନନ୍ଦଙ୍କ ମୃତ୍ୟୁହେଲା ଖ୍ରୀ.ପୂ. ୩୩୪ ରେ ସୁତରାଂ ତାଙ୍କର କେନାଲ୍ ଖନନ କାର୍ଯ୍ୟ ଖ୍ରୀ.ପୂ. ୩୩୫ରେ ସମାପ୍ତ ହୋଇଥିବ । ଏହାକୁ ଭିତ୍‌କରି ଡ଼. ସାହୁ ଖାରବେଳଙ୍କ ରାଜତ୍ୱ କାଳର ପମ ବର୍ଷକୁ ଖ୍ରୀ.ପୂ. ୩୫ (୩୩୫-୩୦୦) ବୋଲି ଗ୍ରହଣ କରି ତାଙ୍କର ଅଭିଷେକ ଖ୍ରୀ.ପୂ. ୪୦ ରେ ସମ୍ପନ୍ନ ହୋଇଥବବାର ମତ ପ୍ରଦାନ କରିଛନ୍ତି

**ସାତକର୍ଣ୍ଣୀ** - ହାତୀଗୁମ୍ଫା ଅଭିଲେଖରେ ବର୍ଣ୍ଣିତ ହୋଇଛି ଯେ, ଖାରବେଳ ରାଜତ୍ୱର ଦ୍ୱିତୀୟ ବର୍ଷରେ ସାତକର୍ଣ୍ଣୀଙ୍କର ବଳବିକଙ୍କୁ ଭ୍ରୂକ୍ଷେପ ନକରି ତାଙ୍କ ବିରୁଧରେ ଯୁଧାଭିଯାନ ଚଳାଇଥିଲେ । ଏହାର ଫଳଫଳ ସମ୍ପର୍କରେ ହାତୀଗୁମ୍ଫା ଅଭିଲେଖ ସମ୍ପୂର୍ଣ୍ଣ ନୀରବ । ଏହି ଅଭିଲେଖରୁ ସ୍ପଷ୍ଟ ଜଣାପଡ଼େ ଯେ, ରାଜତ୍ୱର ଚତୁର୍ଥ ବର୍ଷରେ ଖାରବେଳ ଦ୍ୱିତୀୟ ଥର ପାଇଁ ଯୁଧ ଯାତ୍ରା କରି ସାତବାହନ ରାଜାଙ୍କୁ ପରାଜିତ କରିଥିଲେ । ମାତ୍ର ଏଇଠି ସାତକର୍ଣ୍ଣୀଙ୍କ ନାମୋଲ୍ଲେଖ ହୋଇନାହିଁ । ଏଣୁ ବିଦ୍ୱାନ ମାନେ ମତ ପ୍ରକାଶ କରନ୍ତି ଯେ, ସେହି ସମୟରେ ରାଜା ସାତକର୍ଣ୍ଣୀ ମୃତ୍ୟୁବରଣ କରିଥିଲେ ଏବଂ ତାଙ୍କର ବିଧବା ରାଣୀଙ୍କ ହସ୍ତରେ ଶାସନ ଡ଼ୋରି ନ୍ୟସ୍ତ ଥିଲା । ଏଣୁ ଖାରବେଳଙ୍କ ରାଜତ୍ୱ କାଳର ଗଣନାକୁ ସାତବାହନ ବଂଶର ସହିତ ମେଳକରି ପରୀକ୍ଷା କରାଯିବା ଏକାନ୍ତ ଆବଶ୍ୟକ ।

ପ୍ରାଚୀନ ପୁରାଣ ମାନଙ୍କର ଗଣନା ଅନୁଯାୟୀ ମୌର୍ଯ୍ୟ ବଂଶ ୧୩୭ ବର୍ଷ ଏବଂ ସୁଙ୍ଗ-କାଣ୍ୱ ବଂଶ ୧୧୨ ବର୍ଷ ଶାସନ କରିଥିଲେ । ତେଣୁ ସାତ ବାହନ ବଂଶୀ ସିମୁକ ଖ୍ରୀ.ପୂ. ୭୩ରେ (ଖ୍ରୀ.ପୂ. ୩୨୨-୧୩୭-୧୧୨) ସୁଙ୍ଗ-କାଣ୍ୱ ଶାସନର ବିଲୋପ ସାଧନ କରିଥିଲେ । ସିମୁକ ସାତବାହନ ସିଂହାସନ ଆରୋହଣ କରିବା ପରେ ମଗଧର ସୁଙ୍ଗ-କାଣ୍ୱ ଶକ୍ତି ବିରୁଧରେ ଅଭିଯାନ କରିବା ନିମନ୍ତେ ଦୀର୍ଘକାଳ ଧରି ଆୟୋଜନ କରିଥିବେ । ଏହାକୁ ଦୃଷ୍ଟିରେ ରଖି ଡ. ସାହୁ ସିମୁକ ରାଜତ୍ୱର ପଦଶ ବର୍ଷରେ ମଗଧ ଆକ୍ରମଣ

କରିଥବାର ମତ ପ୍ରଦାନ ପୂର୍ବକ ତାଙ୍କର ସିଂହାସନ ଆରୋହଣ କାଳକୁ ଖ୍ରୀ.ପୂ. ୮୮ରେ ନିରୂପିତ କରିଛନ୍ତି । ପୁରାଣ ମତରେ ସିମୁକ ୧୩ ବର୍ଷ ଏବଂ ତାଙ୍କପରେ ତାଙ୍କର ଭାଇ କହ୍ନ ୧୮ ବର୍ଷ ରାଜ୍ୟ ଶାଷନ କରିଥିଲେ । କହ୍ନଙ୍କ ପରେ ସିମୁକଙ୍କ ପୁତ୍ର ସାତକର୍ଣ୍ଣୀ ମାତ୍ର ଦଶ ବର୍ଷ ରାଜତ୍ୱ କରିଥିଲେ । ସେହି ହିସାବରେ ସାତବାହନ ବଂଶର ପ୍ରଥମ ତିନିଜଣ ଶାସକଙ୍କର ରାଜତ୍ୱ କାଳ ନିମ୍ନ ମତେ ସ୍ଥିର କରାଯାଇଛି ।

ସିମୁକ - ଖ୍ରୀ.ପୂ. ୮୮ରୁ ଖ୍ରୀ.ପୂ. ୬୫ ପର୍ଯ୍ୟନ୍ତ
କହ୍ନ - ଖ୍ରୀ.ପୂ. ୬୫ ରୁ ଖ୍ରୀ.ପୂ. ୪୭ ପର୍ଯ୍ୟନ୍ତ
ସାତକର୍ଣ୍ଣୀ - ଖ୍ରୀ.ପୂ. ୪୭ ରୁ ଖ୍ରୀ.ପୂ. ୩୭ ପର୍ଯ୍ୟନ୍ତ

ଖାରବେଳଙ୍କ ସିଂହାସନ ଆରୋହଣ କାଳକୁ ଖ୍ରୀ.ପୂ. ୪୦ ରେ ନିରୂପିତ କଲେ ସାତକର୍ଣ୍ଣୀଙ୍କ ଉପରୋକ୍ତ ରାଜତ୍ୱ କାଳ ସମ୍ପୂର୍ଣ୍ଣ ରୂପେ ସମର୍ଥିତ ହୋଇଥାଏ । ଖାରବେଳଙ୍କ ରାଜତ୍ୱର ଦ୍ୱିତୀୟ ବର୍ଷ ଅର୍ଥାତ୍ ଖ୍ରୀ.ପୂ. ୩୮ ରେ ସାତକର୍ଣ୍ଣୀ ଜୀବିତ ଥିଲେ ମାତ୍ର ଚତୁର୍ଥ ବର୍ଷ (ଖ୍ରୀ.ପୂ. ୩୬) ର ଯୁଧାଭିଯାନର ସମ୍ମୁଖୀନ ହୋଇଥିଲେ ସାତକର୍ଣ୍ଣୀଙ୍କ ବିଧବା ରାଣୀ ନାୟନିକା ।

ସାତବାହନ ବଂଶର ସମୟ ନିର୍ଣ୍ଣୟ ଓ ଖାରବେଳଙ୍କ ସଠିକ୍ ସିଂହାସନ ଆରୋହଣ କାଳ ଆଜି ପର୍ଯ୍ୟନ୍ତ ଭାରତ ଇତିହାସରେ ଏକ ଜଟିଳ ସମସ୍ୟା ହୋଇ ରହିଛି । ଖାରବେଳ ଯେ, ଖ୍ରୀ.ପୂ. ୪୦ ରେ ସିଂହାସନ ଆରୋହଣ କରିଥିଲେ ସେହି ଗଣନା ଐତିହାସିକ ସତ୍ୟର ନିକଟବର୍ତ୍ତୀ ପରି ମନେ ହୁଏ । ସେ ଯାହା ହେଉ ଖାରବେଳ ଯେ, ଖ୍ରୀ.ପୂ. ପ୍ରଥମ ଶତକର ଏଥବରେ ପ୍ରତିବାଦର କ୍ଷୀଣତମ ଆଶଙ୍କା ମଧ ରହି ନପାରେ । ସାର୍ ଜନ୍ ମାର୍ଶାଲ (ଝସକ୍ସ, ଔକ୍ଟଷଭ ଗବକ୍ସ୍ବଷବକ୍ଷଷ) ଭରହୁତ୍ ଏବଂ ଉଦୟଗିରି-ଖଣ୍ଡଗିରିରେ ଥିବା କଳାକୃତିର ତୁଳନାତ୍ମକ ଅଧୟନ କରି ଭରହୁତ୍‌କୁ ଖ୍ରୀ.ପୂ. ୨ୟ ଶତାବ୍ଦିରେ ଏବଂ ଖାରବେଳଙ୍କ ସମସାମୟିକ ଉଦୟଗିରି-ଖଣ୍ଡଗିରିର କଳାକୃତିକୁ ଖ୍ରୀ.ପୂ. ୧ମ ଶତାବ୍ଦୀରେ ନିରୂପିତ କରିଛନ୍ତି । ଲିପିତତ୍ତ୍ୱ ଦୃଷ୍ଟିରୁ ମଧ ହାତୀଗୁମ୍ଫା ଅଭିଲେଖକୁ ଖ୍ରୀ.ପୂ. ପ୍ରଥମ ଶତାବ୍ଦୀରେ ଅବସ୍ଥାପିତ କରାଯାଇଛି ।

# ପରିଶିଷ୍ଟ-୩

## ଖାରବେଳଙ୍କ ସମୟରେ ଶିଳ୍ପକଳା

ପଶ୍ଚିମ ଓଡ଼ିଶାର କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ଗୁଡ଼ହାଣ୍ଡି ଠାରୁ ପ୍ରାଗୈତିହାସିକ ଯୁଗର ଚିତ୍ରାଙ୍କନ ଆବିଷ୍କୃତ ହେବାପରେ ଓଡ଼ିଶା ଭାରତର କଳା ଓ ସ୍ଥାପତ୍ୟ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିପାରିଛି । ଏହା ପୂର୍ବରୁ ଭାରତରେ ଯେଉଁ ଅଳ୍ପ କେତୋଟି ପ୍ରାଗ୍‌ଐତିହାସିକ ଚିତ୍ର ଆବିଷ୍କୃତ ହୋଇଥିଲା ତନ୍ମଧ୍ୟରୁ ଉତ୍ତର ପ୍ରଦେଶର ମିର୍ଜାପୁର ନିକଟସ୍ଥ ପର୍ବତ ଗୁମ୍ଫାରେ ଥିବା ଚିତ୍ର ଏବଂ ମଧ୍ୟ ପ୍ରଦେଶର ରାୟଗଡ଼ ଜିଲ୍ଲାର ସିଂହନପୁର ନିକଟସ୍ଥ ଚିତ୍ରାଙ୍କନ ଥିବାର ନିଶ୍ଚିତ ଭାବେ ଜଣାପଡ଼ିନଥିଲା । ସଂପ୍ରତି ଓଡ଼ିଶାର ଗୁଡ଼ହାଣ୍ଡି ଚିତ୍ରାବଳୀ ଭାରତର ପ୍ରାଗ୍‌ଐତିହାସିକ ମାନଙ୍କର ଅନ୍ୟତମ କୃତିରୂପେ ଗୃହୀତ । ଗୁଡ଼ହାଣ୍ଡିର ଚିତ୍ରଗୁଡ଼ିକ ମଧ୍ୟରେ ଏକ ଶିକାର ଚିତ୍ର ବିଶେଷ ରୂପେ ଚିତ୍ତାକର୍ଷକ ହୋଇଛି । ସମୁଦାୟ ଚିତ୍ରଟି ଗେରୁରଙ୍ଗରେ ଅଙ୍କିତ ଓ ତାହା ପ୍ରାଗୈତିହାସିକ କଳାକାରଙ୍କ ଶିଶୁସୁଲଭ ଅଙ୍କନ ହୋଇଥିଲେ ହେଁ ତହିଁରେ ଅନ୍ତର୍ନିହିତ ପ୍ରାଣପ୍ରାଚୁର୍ଯ୍ୟ ତଥା ପ୍ରାକୃତିକ କମନୀୟତାକୁ ବିଦ୍ୱାନମାନେ ସ୍ପଷ୍ଟରୂପେ ଉପଲବ୍ଧ କରିଛନ୍ତି । ଗୁଡ଼ହାଣ୍ଡି ବ୍ୟତୀତ ପଶ୍ଚିମ ଓଡ଼ିଶା ଅନ୍ତର୍ଗତ ସମ୍ବଲପୁର ଜିଲ୍ଲାର ଉଲାପଗଡ଼, ସୁନ୍ଦର ଗଡ଼ ଜିଲ୍ଲାର ଉଷାକୋଠି ଓ ମାଣିକକମଡ଼ା ତଥା କଳାହାଣ୍ଡି ଜିଲ୍ଲାର ଯୋଗୀମଠ ଆଦି ସ୍ଥାନରୁ ମଧ୍ୟ ପ୍ରାଗୈତିହାସିକ ଚିତ୍ର ଆବିଷ୍କୃତ ହୋଇପାରିଛି ।

ଖାରବେଳଙ୍କ ହାତୀଗୁମ୍ଫା ଅଭିଲେଖରୁ ସ୍ପଷ୍ଟରୂପେ ପ୍ରତିପାଦିତ ହୁଏ ଯେ, ପ୍ରାଗ୍‌ମୌର୍ଯ୍ୟ କାଳରୁ କଳିଙ୍ଗର ପିହୁଣ୍ଡଠାରେ କାଳିଙ୍ଗଜିନ ପ୍ରତିମା ପୂଜିତ ହେଉଥିଲେ । ଡ଼. ସାହୁ କହନ୍ତି ଯେ ଏହାର ଭାରତର ଐତିହାସିକ ଯୁଗରେ ପ୍ରତିମା ପୂଜାର ଆଦିନିଦର୍ଶନ । ଭାରତରେ ମୌର୍ଯ୍ୟ ଶାସନ କାଳରୁ ପ୍ରସ୍ତର କର୍ତ୍ତନ ଓ ଖୋଦନର ଏକ ଶୈଳୀ ବିକାଶ ଲାଭ କରିଥିଲା । ବିହାର ରାଜ୍ୟର ପାଟନା ଜିଲ୍ଲାରେ ବରାବର ଓ ନାଗାର୍ଜୁନୀ ପାହାଡ଼ ଗାତ୍ରରେ ଯଥାକ୍ରମେ ଅଶୋକ ଓ ତାଙ୍କର ନାତି ଦଶରଥ ଖୋଳାଇଥିବା ଗୁମ୍ଫାମାନ ଆଜିଯାଏ ଅକ୍ଷୁର୍ଣ୍ଣ ରହିଅଛି । ଏହି ଗୁମ୍ଫା ଖନନ ଦ୍ୱାରା ଭାରତୀୟ ପ୍ରସ୍ତର ଖୋଦନ ଶୈଳୀରେ ଏକ ନୂତନ ଧାରା, ଜନ୍ମନେଲା । ବରାବର ଏବଂ ନାଗାର୍ଜୁନୀ ପାହାଡ଼ର ଗୁମ୍ଫା ଖ୍ରୀ.ପୂ. ତୃତୀୟ ଶତକର ସେହି ପ୍ରାରମ୍ଭିକ ଉଦ୍ୟମ କାଳକ୍ରମେ

ବିକାଶଲାଭ କରି ଖ୍ରୀଷ୍ଟୀୟ ଦ୍ୱିତୀୟ-ତୃତୀୟ ଶତକରେ ଭାଜା, ବେଡ଼ସା, କାର୍ଲେ, କାନ୍‌ହେରୀ ଓ ଅଜନ୍ତା ଆଦି ସୁନ୍ଦର କାରୁକାର୍ଯ୍ୟଯୁକ୍ତ ବୌଧ ଗିରିଗୁମ୍ଫା ଗୁଡ଼ିକରେ ତାହାର ଚୂଡ଼ାନ୍ତ ଉନ୍ନତି ଦେଖାଦେଲା । ଗୁମ୍ଫା ଖନନ ଶୈଳୀର ପ୍ରାଥମିକ ଉଦ୍ୟମ ଓ ଚରମ ଅଭିବ୍ୟକ୍ତ ମଧରେ ଥିବା ମାଧମିକ ଉପାଦାନ ଖଣ୍ଡଗିରି ଓ ଉଦୟଗିରିରେ ପରିଲକ୍ଷିତ ହୋଇଥାଏ । ସ୍ଥୁଳତଃ ଏତିକି କୁହାଯାଇ ପାରେ ଯେ, ଭାରତୀୟ ଗୁମ୍ଫାନିର୍ମାଣ କଳାର ବିକାଶଧାରାରେ ଖଣ୍ଡଗିରି ଓ ଉଦୟଗିରି ଦିଗ ନିର୍ଦ୍ଦେଶକ ରୂପେ ବିଶିଷ୍ଟ ସ୍ଥାନ ଅଧିକାର କରିଅଛି ।

ଖାରବେଳଙ୍କ ରାଜତ୍ୱ କାଳରେ ଉଦୟଗିରି-ଖଣ୍ଡଗିରିଠାରେ ସର୍ବମୋଟ କେତୋଟି ଗୁମ୍ଫା ଥିଲା ତାହା କହିବା ପାଇଁ ସେଭଳି କୌଣସି ନିର୍ଭରଯୋଗ୍ୟ ତଥ୍ୟ ନାହିଁ । ହାତୀଗୁମ୍ଫା ଅଭିଲେଖର ଚତୁର୍ଦ୍ଦଶ ପଂକ୍ତିର ଏକ ଭୁଲ୍ ପାଠ ପ୍ରଦାନ କରି ବେଣୀମାଧବ ବଡୁଆ ଏଠାରେ ୧୧୭ଟି ଗୁମ୍ଫା ଖନନ କରାଯାଇଥିବାର ଉଲ୍ଲେଖ କରିଛନ୍ତି । ମାତ୍ର ତାହା ଗ୍ରହଣ ଯୋଗ୍ୟ ନୁହେଁ । ଜନ୍ ମାର୍‌ଶାଲ୍ (ଔକ୍ଟଷଭ ଗବକ୍ସଷତ୍ୱବକ୍ଷକ୍ଷ) ଉଦୟଗିରି ଏବଂ ଖଣ୍ଡଗିରି ପାହାଡ଼ରେ ୩୫ରୁ ଅଧିକ ଗୁମ୍ଫା ଥିବାର ଦର୍ଶାଇ ଥିବା ବେଳେ ମନମୋହନ ଗାଙ୍ଗୁଲି ଉପରୋକ୍ତ ପାହାଡ଼ ଦ୍ୱୟରେ ୨୭ଗୋଟି ଗୁମ୍ଫା ଗଣିଛନ୍ତି । ଏହା ନିଶ୍ଚିତ ଭାବେ ସ୍ୱୀକାର୍ଯ୍ୟ ଯେ, ସଂପ୍ରତି ପ୍ରକୃତି ଏବଂ ମନୁଷ୍ୟହସ୍ତରେ ବହୁ ଗୁମ୍ଫା ଧ୍ୱଂସ ହୋଇ ଯାଇଛି, ମାତ୍ର ତାର ଅବଶେଷ ରହିଛି । ଏହି ଗୁମ୍ଫା ଗୁଡ଼ିକ ଅନୁଧାନ କରି ଡ଼. ନବୀନ କୁମାର ସାହୁ, ଶ୍ରୀମତୀ ବେଳା ମିତ୍ର ଏବଂ ଡ଼. ରମେଶ ପ୍ରସାଦ ମହାପାତ୍ର ନିଜ ନିଜ ସନ୍ଦର୍ଭରେ ମୂଲ୍ୟବାସ ତଥ୍ୟମାନ ପ୍ରଦାନ କରିଛନ୍ତି । ଗୁମ୍ଫା ଗୁଡ଼ିଗର ବର୍ତ୍ତମାନ ପ୍ରଚଳିତ ନାମ ନିମ୍ନରେ ପ୍ରଦତ୍ ହେଲା ।

| ଉଦୟଗିରି | ଖଣ୍ଡଗିରି |
|---|---|
| ୧ ରାଣିଗୁମ୍ଫା | ୧ ତତୁଆ ଗୁମ୍ଫାନ-୧ |
| ୨ ବାଜାଘର ଗୁମ୍ଫା | ୨ ତତୁଆ ଗୁମ୍ଫାନ-୨ |
| ୩ ଛୋଟ ହାତୀଗୁମ୍ଫା | ୩ ଅନନ୍ତ ଗୁମ୍ଫା |
| ୪ ଅଳକାପୁରୀ ଗୁମ୍ଫା | ୪ ତେନ୍ତୁଳି ଗୁମ୍ଫା |
| ୫ ଜୟବିଜୟ ଗୁମ୍ଫା | ୫ ଖଣ୍ଡଗିରି ଗୁମ୍ଫା |
| ୬ ପଣସ ଗୁମ୍ଫା | ୬ ଧାନ ଗୁମ୍ଫା |
| ୭ ଠାକୁରାଣୀ ଗୁମ୍ଫା | ୭ ନବମୁନି ଗୁମ୍ଫା |

୮ ପାତାଳପୁରୀ ଗୁମ୍ଫା
୯ ବପୁରୀ ଗୁମ୍ଫା
୧୦ ଗଣେଷ ଗୁମ୍ଫା
୧୧ କମ୍ଭେଶ୍ୱର ଗୁମ୍ଫା
୧୨ ବ୍ୟାଘ୍ର ଗୁମ୍ଫା
୧୩ ସର୍ପ ଗୁମ୍ଫା
୧୪ ହାତୀ ଗୁମ୍ଫା
୧୫ ଧାନଘର ଗୁମ୍ଫା
୧୬ ହରିଦାସ ଗୁମ୍ଫା
୧୭ ଜଗନ୍ନାଥ ଗୁମ୍ଫା
୧୮ ରୋଷେଇ ଗୁମ୍ଫା

୮ ବାରଭୁଜୀ ଗୁମ୍ଫା
୯ ତ୍ରିଶୁଳ ଗୁମ୍ଫା
୧ ଅମ୍ବିକା ଗୁମ୍ଫା
୧୧ ଲଲାଟେନ୍ଦୁ କେଶରୀ ଗୁମ୍ଫା
୧୨ ନାମ ଅଜ୍ଞାତ
୧୩ ନାମ ଅଜ୍ଞାତ
୧୪ ଏକାଦଶୀ ଗୁମ୍ଫା
୧୫ ନାମ ଅଜ୍ଞାତ

ଉପରୋକ୍ତ ଗୁମ୍ଫା ଗୁଡ଼ିକର ନାମ କରଣ ସ୍ଥାନୀୟ ଲୋକଙ୍କଦ୍ୱାରା କରାଯାଇଛି ଏବଂ ସଂପ୍ରତି ଭାରତୀୟ ପତ୍ନତତ୍ୱ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ମଧ ସ୍ୱୀକୃତ । ଏହି ସବୁ ଗୁମ୍ଫାମାନଙ୍କର ଏକ ସଂକ୍ଷିପ୍ତ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

ଉଦୟଗିରି ଗୁମ୍ଫା ସମୂହ -

ଉଦୟଗିରିର ସର୍ବଶ୍ରେଷ୍ଠ ଗୁମ୍ଫା ହେଉଛି ରାଣୀଗୁମ୍ଫା । ତାହାକୁ 'ରାଣୀ ନଅର' ବୋଲି ମଧ କୁହାଯାଇଥାଏ । ତାହା ଦୁଇ ତାଲା ବିଶିଷ୍ଟ ଏକ ସୁନ୍ଦର ଶୈଳ ନିବାସ । ତଳ ମହଲାର ବାସ ଓ ଡାହାଣ ଉଭୟ ପାର୍ଶ୍ୱରେ ଗୁମ୍ଫାମାନ ଖୋଦିତ ହୋଇଥିବାରୁ ମଧ ଭାଗରେ ଏକ ପ୍ରଶସ୍ତ ଆୟତାକାର ଅଗଣା ରହିଛି । ଉପର ମହଲାଟି ଏକ ବିଶାଳ ପ୍ରାକୃତିକ ଗୁମ୍ଫା ଏବଂ ତାହାକୁ ଅର୍ହତ ବାସସ୍ଥଳୀରୂପେ ପରିଣତ କରିବା ପାଇଁ ଉନ୍ନତ କାରିଗରୀ କୌଶଳ ପ୍ରୟୋଗ କରାଯାଇଥିଲା । ରାଣୀଗୁମ୍ଫାକୁ ଏକ ରଂଗମ ରୂପେ ମଧ ଗ୍ରହଣ କରାଯାଇଛି । ସମ୍ରାଟ ଖାରବେଳଙ୍କର ଦିଗ୍‌ବିଜୟ ବର୍ଣ୍ଣନା, ନୃତ୍ୟ ନାଟକର ଅଭିନୟ ଦୃଶ୍ୟ, ଏବଂ ସିଂହପଥ ରାଣୀ (ଦ୍ୱିତୀୟ ମହିଷୀ)ଙ୍କର ରୋମାକର ଚରିତ୍ରର ଚିତ୍ରାବଳୀ ଏହି ଗୁମ୍ଫାରେ ପଦର୍ଶିତ, ଯାହାର ବିବରଣୀ ଏହି ପୁସ୍ତକର ଯଥାସ୍ଥାନରେ ଇତିପୂର୍ବେ ଆଲୋଚିତ ହୋଇସାରିଛି । ପାଠକ ମାନଙ୍କ ଅବଗତି ନିମନ୍ତେ ରାଣୀଗୁମ୍ଫା ରଂଗମର କଳ୍ପିତ ରେଖାଚିତ୍ର ଏଠାରେ ସନ୍ନିବେଶିତ କରାଗଲା ।

(ଫଳକନଂ ୧୪) ରାଣୀଗୁମ୍ଫାର ବାମ ପାର୍ଶ୍ୱରୁ ଆରମ୍ଭ କରି ମପୁରୀ ଗୁମ୍ଫାର ଡାହାଣ ପାର୍ଶ୍ୱଯାଏ ଅର୍ଧବୃତ୍‌କାର ଭାବରେ ଅନେକ ଗୁମ୍ଫା ଖୋଦିତ ହୋଇଥିଲା । ସେଥିମଧ୍ୟରୁ କେତେକ ଧ୍ୱଂସ ପ୍ରାପ୍ତ ହୋଇ ସାରିଛି । ଯେଉଁସବୁ ଗୁମ୍ଫା ଅକ୍ଷୁର୍ଣ୍ଣ ରହିଛି । ସେ ଗୁଡ଼ିକ ହେଉଛି ବାଜାଘର ଗୁମ୍ଫା, ଠାକୁରାଣୀ ଗୁମ୍ଫା ଓ ପାତାଳ ପୁରୀ ଗୁମ୍ଫା । ଏହି ଗୁମ୍ଫା ଗୁଡ଼ିକରେ ଖୋଦିତ ବୃକ୍ଷ, ଲତା, ଜୀବଜନ୍ତୁ ଓ ନରନାରୀଙ୍କ ପ୍ରତିମୂର୍ତ୍ତୀ କଳାଦୃଷ୍ଟିରୁ ରାଣୀଗୁମ୍ଫା ଚିତ୍ରାବଳୀର ସମକାଳୀନ ଜଣାପଡ଼େ ।

ବାଜାଘର ଗୁମ୍ଫାରେ ବାରଗୋଟି ପ୍ରକୋଷ୍ଠ ରହିଛି । ପ୍ରତ୍ୟେକ ପ୍ରକୋଷ୍ଠରେ ସ୍ୱତନ୍ତ୍ର ବାରଣ୍ଡା ଅଛି । ସଂପ୍ରତି ଅଧିକାଂଶ ପ୍ରକୋଷ୍ଠ ଭଗ୍ନପ୍ରାୟ । ଡାହାଣ ପାର୍ଶ୍ୱର ପ୍ରକୋଷ୍ଠକୁ ମରାମତି କରାଯାଇ ଖମ୍ବମାନଙ୍କ ଦ୍ୱାରା ସଂରକ୍ଷିତ କରାଯାଇଛି ।

ଛୋଟ ହାତୀ ଗୁମ୍ଫାରେ ଖ୍ରୀ.ପୂ. ପ୍ରଥମ ଶତକର ଏକ କ୍ଷୁଦ୍ର ଅଭିଲେଖ ରହିଛି (ପରିଶିଷ୍ଟ-୧ର ନଂ-୭ ଦ୍ରଷ୍ଟବ୍ୟ) । ଏହି ଗୁମ୍ଫାର ସମ୍ମୁଖଭାଗରେ ତିନୋଟି ଲେଖାଏଁ ହସ୍ତୀ ପତ୍ର ପୁଷ୍ପ ଧରି ଧୀରେ ଧୀରେ ଆସୁଥିବାର ଦେଖାଯାନ୍ତି । ପ୍ରତ୍ୟେକ ପାର୍ଶ୍ୱର ହସ୍ତୀ ତିନୋଟି ମଧ୍ୟରୁ ପ୍ରଥମଟି ଶାବକ, ମଧ୍ୟରେ ଦନ୍ତାବଳ, ଏବଂ ଶେଷରେ ରହିଛି ହସ୍ତିନୀ । ସେମାନେ ସତେ ଯେପରି ତଦ୍‌ଗତ ପ୍ରାଣରେ ଆସୁଛନ୍ତ ଜୈନ ଅର୍ହତ ମାନଙ୍କୁ ସମ୍ମାନ ଜଣାଇବା ପାଇଁ ।

ଅଳକାପୁରୀ ଗୁମ୍ଫାରେ ଉପରେ ତଳ ହୋଇ ଦୁଇଟି ପ୍ରକୋଷ୍ଠ ରହିଛି । ତଳ ପ୍ରକୋଷ୍ଠ ମନୁଷ୍ୟ ହସ୍ତରେ ନଷ୍ଟ ହୋଇଯାଇଛି । ଉପର ପ୍ରକୋଷ୍ଠରେ ହସ୍ତୀ, ସିଂହ ଆଦି ଅନେକ ଜୀବଜନ୍ତୁଙ୍କ ଚିତ୍ର ଖୋଦିତ ହୋଇଛି । କେତେକ ଜନ୍ତୁଙ୍କର ପକ୍ଷ ଅଛି ଏବଂ ଆଉ କେତେକଙ୍କର ମନୁଷ୍ୟ ବା ପକ୍ଷୀ ଆକୃତିର ମସ୍ତକ ଦର୍ଶାଯାଇଛି । ଏହି ଗୁମ୍ଫାରେ ଏକ ରାଜହସ୍ତୀର ଚିତ୍ର ଦର୍ଶକର ଦୃଷ୍ଟି ଆକର୍ଷଣ କରିଥାଏ । ରାଜହସ୍ତୀ ପଦ୍ମପୁଷ୍ପ ଧରି ଦର୍ପରେ ଛିଡ଼ାହୋଇଥିବା ବେଳେ ଉଭୟ ପାର୍ଶ୍ୱରେ ଦୁଇଟି ହସ୍ତିନୀ ଛତ୍ର ଓ ଚାମର ଧରି ତାହାର ସେବାରେ ନିଯୁକ୍ତ ହୋଇଛନ୍ତି । ଗୁମ୍ଫାର ବାମ ପାର୍ଶ୍ୱରେ ଜଣେ ପୁରୁଷ ନିଜ ବାମ ବାହୁରେ ଜଣେ ସ୍ତ୍ରୀକୁ ଧାରଣ କରି ଗୋଟିଏ ହସ୍ତୀକୁ ତାପୃଷ୍ଠଦେଶରେ ଏବଂ ହସ୍ତୀଟି ଏଥିପାଇଁ ଆଣ୍ଠେଇ ପଡୁଥିବାର ଦୃଶ୍ୟ ଅଙ୍କିତ ।

ଜୟବିଜୟ ଗୁମ୍ଫାରେ ମଧ ଦୁଇଗୋଟି ପ୍ରକୋଷ୍ଠ ରହିଛି । ଏହି ଗୁମ୍ଫାରେ ବୃକ୍ଷ ଦେବତାଙ୍କ ପୂଜାର ଏକ ମନୋରମ ଚିତ୍ର ଖୋଦିତ ହୋଇଛି । ବୃକ୍ଷ

ଚୈତ୍ୟର ଚାରିପଟେ ବେଷ୍ଟନୀ, ଉପରି ଭାଗରେ ଛତ୍ର ଓ ପାର୍ଶ୍ୱଦେଶରେ ପତାକାମାନ ସଜ୍ଜିତ । ଜଣେ ପୁରୁଷ ଏବଂ ଜଣେ ନାରୀ ଉଭୟ ପାର୍ଶ୍ୱରେ ଦଣ୍ଡାୟମାନ ହୋଇ ଭକ୍ତିରେ ପୂଜା ଅର୍ପଣ କରୁଛନ୍ତି । ପୁରୁଷ ଜଣଙ୍କ ଯୋଡ଼ ହସ୍ତରେ ଏବଂ ସ୍ତ୍ରୀ ଜଣକ ଫୁଲଥାଳୀ ଧରି ଛିଡ଼ାହୋଇଛନ୍ତି । ଉଭୟ ପାର୍ଶ୍ୱରୁ ଦୁଇଜଣ ଗଂଧର୍ବ ପୂଜା ଉପଚାର ଘେନି ଦ୍ରୁତଗତିରେ ଆସୁଚନ୍ତି ବୃକ୍ଷ ଦେବତାଙ୍କର ପୂଜାରେ ଯୋଗ ଦେବା ପାଇଁ । ଏହି ଗୁମ୍ଫାର ଦ୍ୱାରାପାଳ ରୂପେ ବାମପାର୍ଶ୍ୱରେ ଜଣେ ଧୋତି ପିନ୍ଧିଥିବା ପୁରୁଷ ଏବଂ ଡାହାଣ ପାର୍ଶ୍ୱରେ ଜଣେ ନାରୀ ରହିଛନ୍ତି । ନାରୀଜଣଙ୍କ ଡାହାଣ ହାତରେ ଶୁକପକ୍ଷୀଟିଏ ଧାରଣ କରିଛନ୍ତି । ତାଙ୍କର ସଜ୍ଜିତ କେଶପାଶର ଉର୍ଧଭାଗରେ ପୁଷ୍ପ ଓ ପତ୍ର ସଜ୍ଜିତ ହୋଇଛି ।

ପଣସ ଗୁମ୍ଫାରେ କଳାର ସଂକେତ କିଛି ନାହିଁ ଏବଂ ଏହାର ସ୍ଥିତି ମଧ ସାଧାରଣ ମନେହୁଏ ।

ଠାକୁରାଣୀ ଗୁମ୍ଫା ଓ ପାତାଳପୁରୀ ଗୁମ୍ଫାରେ ଅଳକାପୁରୀର ଅନୁରୂପ ପକ୍ଷଯୁକ୍ତ ପ୍ରାଣୀଙ୍କର ପରିକଳ୍ପନା ପରିଦୃଷ୍ଟ ହୋଇଥାଏ । ମାତ୍ର ଗୁମ୍ଫା ଦୁଇଟିର କଳା ସେତେ ଉନ୍ନତ ଧରଣର ନୁହେଁ ।

ମପୁରୀ ଗୁମ୍ଫା ଦୁଇ ମହଲା ବିଶିଷ୍ଟ ଗୁହାଘର କେତେକଙ୍କର ମତରେ ଉପର ମହଲାର ନାମ ସ୍ୱର୍ଗପୁରୀ ଏବଂ ତଳ ମହଲାର ନାମ ମପୁରୀ । ଏହି ଗୁମ୍ଫାର ଉପର ମହଲାରେ ଥିବା ଏକ ଅଭିଲେଖରୁ ଜଣାପଡ଼େ ଯେ, ଚକ୍ରବର୍ତ୍ତୀ ସମ୍ରାଟ ଖାରବେଳଙ୍କ ଅଗ୍ରମହିଷୀଙ୍କ ଦ୍ୱାରା କଳିଙ୍ଗର ଶ୍ରମଣ ମାନଙ୍କ ପାଇଁ ଏହି ଗୁମ୍ଫାଟି ଖନନ କରାଯାଇଥିଲା (ପରିଶିଷ୍ଟ-୧ ନଂ.୧) । ତଳ ମହଲାର ଏକ ଅଭିଲେଖରୁ ସ୍ପଷ୍ଟରୂପେ ପ୍ରତିପାଦିତ ହୁଏ ଯେ ଏହା ମହାରାଜା ଆର୍ଯ୍ୟ ମେଘବାହନ କୁଦେପସିରି ଖନନ କରାଇଥିଲେ (ପରିଶିଷ୍ଟ-୧ ନଂ.୨କ) । ସମ୍ଭବତଃ କୁଦେପସିରି କଳିଙ୍ଗରେ ଖାରବେଳଙ୍କ ପରବର୍ତ୍ତୀ ସମ୍ରାଟ । ଏହି ମହଲାରେ କୁମାର ବଡୁଖଙ୍କ ଆଉ ଏକ ଅଭିଲେଖ ରହିଛି (ପରିଶିଷ୍ଟ ୧-ନଂ. ୨ଖ) ।

ମପୁରୀ ଗୁମ୍ଫାର ତଳ ମହଲାରେ କାଳଙ୍ଗଜିନଙ୍କ ପ୍ରତିମା ପିଥୁଣ୍ଡଠାରେ ପ୍ରତିଷ୍ଠା କରାଯାଉଥିବା ଚିତ୍ର ଖୋଦି ହୋଇଥିବାର ଡ଼. ନବୀନ କୁମାର ସାହୁ ମତ ପ୍ରଦାନ କରିଛନ୍ତି । କାଳିଙ୍ଗଜିନଙ୍କ ପ୍ରତିମୂର୍ତ୍ତୀ ସମ୍ମୁଖରେ ରାଜପୁରୋହିତ

ଦଣ୍ଡାୟମାନ ହୋଇ ଅର୍ଚ୍ଚନା କରୁଥିବା ବେଳେ ତାଙ୍କ ପଛରେ ନିଜେ ଖାରବେଳ, ତାପରେ ରାଜମହିଷୀ ଏବଂ ଶେଷରେ ରାଜକୁମାର କୁଦେପସିରି ଦଣ୍ଡାୟମାନ ପୂର୍ବକ ଯୁଗ୍ମ ହସ୍ତରେ କାଳିଙ୍ଗଜିନଙ୍କୁ ଭକ୍ତି ଓ ସମ୍ମାନ ଜଣାଉଛନ୍ତି । ରାଜଛତ୍ର ବିହୀନ ସମ୍ରାଟଙ୍କ ଶିରୋଦେଶରେ ଦୁଇଜଣ ଗଂଧର୍ବ ବାଦ ବଜାଉଥିବା ପ୍ରଦର୍ଶିତ । ରାଜଛତ୍ର ପରି ତାହା ମଧ ରାଜକୀୟ ସଂକେତ ରୂପେ ଗୃହୀତ । ରାଜ କୁମାରଙ୍କ ଶିରୋଦଣ୍ଡରେ ଉଦୀୟମାନ ସୂର୍ଯ୍ୟଙ୍କର ଚିତ୍ର ଅଙ୍କିତ । ରାଜପରିବାର ଯେଉଁ ହସ୍ତୀ ପୃଷ୍ଠରେ ପଥୁଣ୍ଡକୁ ଆସିଥିଲେ ସେହି ଦନ୍ତାବଳଟି ସମସ୍ତଙ୍କର ପଶ୍ଚାତ ଭାଗରେ ଦଣ୍ଡାୟମାନ ହୋଇ କାଳିଙ୍ଗଜିନଙ୍କ ପ୍ରତି ତାହାର ଭକ୍ତି-ଜ୍ଞାପନ କରୁଥିବାର ଦେଖାଯାଏ । ହସ୍ତୀର ଉପରିଭାଗରେ ଜଣେ ବିଦାଧର ପୂଜା ଉପହାର ଘେନି ଆକାଶ ମାର୍ଗରେ ଦ୍ରୁତ ଗତିରେ ଜିନ ପୀଠକୁ ଆସୁଥିବାର ଦେଖାଯାଆନ୍ତି । ଏହି ଶିଳାଙ୍କନଟି କଳା ଓ ଧର୍ମର ଇତିହାସ ଦୃଷ୍ଟିରୁ ଅତୀବ ଗୁରୁତ୍ୱପୂର୍ଣ୍ଣ । ମାତ୍ର ପରିତାପର ବିଷୟ ଯେ କାଳିଙ୍ଗଜିନଙ୍କ ପ୍ରତିମୂର୍ତ୍ତୀ ବହୁ ପରିମାଣରେ ସଂପ୍ରତି ନଷ୍ଟ ହୋଇ ଯାଇଛି । ଶ୍ରୀମତୀ ଦେବଳା ମିତ୍ରଙ୍କ ମତରେ ଖ୍ରୀଷ୍ଟପୂର୍ବ କାଳରେ ଜୈନମାନଙ୍କର ମନୁଷ୍ୟାକୃତି ପ୍ରତିମା ପରିକଳ୍ପିତ ହୋଇନଥିଲା । ସେ ଉଦୟଗିରି ଏବଂ ଖଣ୍ଡଗିରିର ଗୁମ୍ଫା ମାନଙ୍କରେ ସେ କାଳର ଜୈନ ପ୍ରତିମା (ମନୁଷ୍ୟାକୃତି) ଦେଖିବବାକୁ ପାଇ ନଥିବାର ପ୍ରକାଶ କରିଛନ୍ତି । ମାତ୍ର ଖଣ୍ଡଗିରି ଅନନ୍ତ ଗୁମ୍ଫାରେ ମନୁଷ୍ୟାକୃତି ଲକ୍ଷ୍ମୀଙ୍କ ବିଗ୍ରହ ସ୍ପଷ୍ଟରୂପେ ଅଙ୍କିତ ହୋଇଥିବାର ପରିଦୃଷ୍ଟ ହୁଏ । ଡ଼. ସାହୁ କହନ୍ତି, 'ମପୁରୀର ତଳ ମହଲାରେ କାଳିଙ୍ଗଜିନଙ୍କ ପ୍ରତିମୂର୍ତ୍ତୀ ଭାଙ୍ଗି ଯାଇଥିଲେହେଁ ତାହା ଯେ ମୁନଷ୍ୟାକୃତି ବିଶିଷ୍ଟ ତହିଁରେ ସ୍ପଷ୍ଟ ସଙ୍କେତ ସେହି ଭଗ୍ନ ବିଗ୍ରହରୁ ଜଣାପଡ଼େ' ।

ଗଣେଶ ଗୁମ୍ଫାର ଡାହାଣ ପ୍ରକୋଷ୍ଠରେ ଅଭ୍ୟନ୍ତରରେ ଗଣେଶ ବିଗ୍ରହ ଖୋଦିତ ହୋଇଥିବାର ପରିଦୃଷ୍ଟ ହୁଏ । ଏଣୁ ଏହି ଗୁମ୍ଫାକୁ ଗଣେଶ ଗୁମ୍ଫା ନାମରେ ନାମିତ କରାଯାଇଛି । ଭୌମକର ରାଜା ଶାନ୍ତିକର ଦେବଙ୍କ ସମୟର ଏକ ଶିଳାଲେଖ ମଧ ଏଠାରେ ରହିଛି । ଏଥିରୁ ପ୍ରକଟିତ ହୁଏ ଯେ, ଭୌମକର ବଂଶୀୟ ମହାରାଜା ଶାନ୍ତିକରଦେବଙ୍କ ରାଜତ୍ୱ କାଳରେ ବିରଜାନିବାସୀ ଭିଷ୍ଟ (ବୈଦ୍ୟ) ଭୀମଭଟ୍ଟଙ୍କ ପୁତ୍ର ବୈଦ୍ୟ ନନ୍ନଟ୍ଟ ସେଠାରେ ଏକା ପ୍ରସ୍ତ ଧାନ୍ୟ ପ୍ରଦାନ କରିଥିଲେ । ଏହା ଭୌମ ସମ୍ବତ୍ ୯୧ (ଚନ୍ଦ୍ରାଙ୍କ) ଅର୍ଥାତ୍ ଖ୍ରୀ.ପୂ. ୮୨୭(୭୩୬+୯୧) ରେ ସମ୍ପନ୍ନ ହୋଇଥିଲା । ସେହି ସମୟରେ ଗୁମ୍ଫା

ସମ୍ମୁଖରେ ଦୁଇଟି ହସ୍ତୀ ପ୍ରତିମା ସ୍ଥାପନ କରାଯାଇଥିଲା । ଗୁମ୍ଫା ଅଭ୍ୟନ୍ତରରେ ଥିବା ଖୋଦିତ ଚିତ୍ର ରାଣୀଗୁମ୍ଫା ଉପର ମହଲାରେ ଥିବା ଚିତ୍ରାବଳୀର ଅନୁକରଣରେ ପରିକଳ୍ପିତ ହୋଇଥିଲେ ହେଁ ତାହା ଠାରୁ ଭିନ୍ନ ଜଣାପଡ଼େ । ଏଥିରେ କବି ଭାସଙ୍କ ବର୍ଣ୍ଣିତ ଉଦୟନ ଏବଂ ବାସବଦତ୍ତାଙ୍କ ପ୍ରେମ କାହାଣୀ ଅଙ୍କିତ ହୋଇଥିବାର ମନେହୁଏ । ମାତ୍ର ଏସବୁ ଅଙ୍କନରେ ଭୌମକାଳୀନ କଳା ପ୍ରକାଶ ପାଇଥାଏ ।

ଜମ୍ଭେଶ୍ୱର ଗୁମ୍ଫାରେ ଏକ କ୍ଷୁଦ୍ର ବ୍ରାହ୍ମୀ ଅଭିଲେଖ ରହିଛି । (ପରିଶିଷ୍ଟ-୧ ନଂ. ୬) । ଯଦି ଜଣାପଡ଼େ ଯେ, ଏହି ଗୁମ୍ଫାଟି ମହାମନ୍ତ୍ରୀ ନାକୀୟ ଏବଂ ବାରିୟାଙ୍କ ଦ୍ୱାରା ଖନନ କରାଯାଇଥିଲା ।

ବ୍ୟାଘ୍ର ଗୁମ୍ଫାରେ ମଧ ଦୁଇଧାଡ଼ି ବିଶିଷ୍ଟ ଏକ କ୍ଷୁଦ୍ର ବ୍ରାହ୍ମୀ ଅଭିଲେଖ ରହିଛି । (ପରିଶିଷ୍ଟ-କ୍ଷୁଦ୍ରବ୍ରାହ୍ମୀ ଅଭିଲେଖ ୫ ଦ୍ରଷ୍ଟବ୍ୟ) ଏଥିରୁ ପ୍ରକଟିତ ହୁଏଯେ, ନଗର ବିଚାରପତି ଭୂତି ଏହି ଗୁମ୍ଫାଟିକୁ ଖନନ କରାଇଥିଲେ । ଗୁମ୍ଫାଟିର ସମ୍ମୁଖ ଭାଗ ପାଟିମେଲା କରିଥିବା ବାଘମୁଣ୍ଡ ସଦୃଶ ଦେଖାଯାଉଥିବାରୁ ଏହାର ନାମକରଣ ‘ବ୍ୟାଘ୍ରଗୁମ୍ଫା’ କରାଯାଇଛି ।

ଆକୃତିକୁ ନେଇ ଏହି ଗୁମ୍ଫାକୁ ସର୍ପଗୁମ୍ଫା ନାମରେ ନାମିତ କରାଯାଇଛି । ଏହି ଗୁମ୍ଫାରେ ଦୁଇଟି କ୍ଷୁଦ୍ର ଅଭିଲେଖ ରହିଛି । (ପରିଶିଷ୍ଟ-କ୍ଷୁଦ୍ରବ୍ରାହ୍ମୀ ଅଭିଲେଖ-୩ ଦ୍ରଷ୍ଟବ୍ୟ) ପ୍ରଥମଟିରେ ଉଲ୍ଲେଖ ହୋଇଛି ଯେ, ଏହା ଉପକର୍ମ ସଚିବ (ଚୂଲକଂମ)ଙ୍କର ଅଭେଦ୍ୟ ଆବାସ ପ୍ରକୋଷ୍ଠ । ଦ୍ୱିତୀୟ ଅଭିଲେଖର ସଠିକ୍ ପାଠୋଧାର ସମ୍ଭବପର ହୋଇନାହିଁ ।

ହାତୀଗୁମ୍ଫା ଏକ ପ୍ରାକୃତିକ ଗୁମ୍ଫା । ଆକୃତି ଅନୁଯାୟୀ ନାକରଣ କରାଯାଇଛି । ଖାରବେଳଙ୍କ ରାଜତ୍ୱକାଳରେ କାରିଗରୀ କୌଶଳ ପ୍ରୟୋଗ କରି ସମ୍ଭବତଃ ଏଭଳି କରାଯାଇଛି । ଏହି ଗୁମ୍ଫା ଅଭ୍ୟନ୍ତର ଛାତରେ ମହାରାଜ ଖାରବେଳଙ୍କ ଦୀର୍ଘ ପ୍ରସ୍ତର ଲିପି ଖୋଦିତ ହୋଇଛି, ଯାହାର ସଂପୂର୍ଣ୍ଣ ବିବରଣୀ ଏହି ପୁସ୍ତକରେ ଦ୍ୱିତୀୟ ପରିଛେଦରେ ପ୍ରଦତ୍ ।

ହାତୀଗୁମ୍ଫା ଏବଂ ଗଣେଶ ଗୁମ୍ଫା ଦ୍ୱାରଦେଶରେ ଧୋତି, ଚଦର ଓ ପଗଡ଼ିଧରି ପାଦୁକା ବିହୀନ (barefooted) ଜଣେ ପ୍ରହରୀ ଲମ୍ୱଯଷ୍ଟି ଉପରେ ଭରାଦେଇ ଦଣ୍ଡାୟମାନ । ଏହି ଅନୁଚ୍ଚ ଗୁମ୍ଫାଟି ମଧ କଳାଦୃଷ୍ଟିରୁ ବିଶେଷ ଆକର୍ଷଣୀୟ ନୁହେଁ ।

ହାତୀଗୁମ୍ଫାଠାରେ ବାମ ପାର୍ଶ୍ୱରେ ଅଳ୍ପଦୂରରେ ହରିଦାସ ଗୁମ୍ଫା । ସପ୍ତଦଶ ଶତାବ୍ଦୀର ଓଡିଆ ସିଧ ହରିଦାସଙ୍କ ନାମରେ ତାହା ନାମିତ । ଓଡ଼ିଆ କବି ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ବିରଚିତ 'ନାମ ଚିନ୍ତାମଣି' ଗ୍ରନ୍ଥରୁ ଜଣାଯାଏ ଯେ, ବାଦ୍‌ଶାହା ମୁସଲମାନ ଧର୍ମରେ ଦୀକ୍ଷିତ କରିବାକୁ ହରିଦାସଙ୍କୁ ବିଭିନ୍ନ ପ୍ରକାର ଅତ୍ୟାଚାର କରିଥିଲେ । ସମ୍ଭବତଃ ସେହି ବାଦ୍‌ଶାହା ହେଉଛନ୍ତି ମୋଗଲ୍ ସମ୍ରାଟ ଆଉରଙ୍ଗ୍‌ଜେବ୍ । ଗୁମ୍ଫାଟି ଖାରବେଳଙ୍କ ରାଜତ୍ୱ କାଳରୁ ଖୋଦିତ ହୋଇଥିବାର ନିଶ୍ଚିତଭାବେ କୁହାଯାଇପାରେ । କାରଣ ଏଠାରେ ମଧ ଖ୍ରୀ.ପୂ. ପ୍ରଥମ ଶତାବ୍ଦୀରେ ଏକ କ୍ଷୁଦ୍ର ଅଭିଲେଖ (ପରିଶିଷ୍ଟ ୧ ର ନଂ୪ ଦ୍ରଷ୍ଟବ୍ୟ) ରହିଛି ।

ଜଗନ୍ନାଥ ଗୁମ୍ଫାର କାନ୍ଥଦେହରେ ଜଗନ୍ନାଥଙ୍କର ଏକ ରଙ୍ଗୀନ ଚିତ୍ର ଅଙ୍କିତ ହୋଇ ପୂଜିତ ହେଉଥିବା ଯୋଗୁଁ ତାହାର ସେପରି ନାମକରଣ ହୋଇଛି । ସଂପ୍ରତି ଜଗନ୍ନାଥଙ୍କ ଚିତ୍ର ସଂପୂର୍ଣ୍ଣ ଉଭେଇ ଯାଇଛି । ମାତ୍ର ଗୁମ୍ଫାଟିର ଖୋଦିତ ପ୍ରାଚୀନ ଅଳଂକରଣ ଗୁଡ଼ିକ ଅକ୍ଷୁର୍ଣ୍ଣ ରହିଛି । ଏହା ଉଦୟଗିରି ସର୍ବବୃହତ୍ କୃତ୍ରିମ ଗୁମ୍ଫା । ଏହି ଗୁମ୍ଫାରେ ଜଗନ୍ନାଥଙ୍କ ପୂଜା ଚାଲିଥିବା ବେଳେ ପାର୍ଶ୍ୱବର୍ତ୍ତୀ ଛୋଟ ଗୁମ୍ଫାଟିରେ ଭୋଗ ରୋଷେଇ କରାଯାଉଥିଲା । ତେଣୁ ତାହା ରୋଷେଇ ଗୁମ୍ଫା ନାମରେ ପରିଚିତ ।

## ଖଣ୍ଡଗିରିର ଗୁମ୍ଫା-ସମୂହ

ଖଣ୍ଡଗିରିର ତତୁଆ ଗୁମ୍ଫା ଦ୍ୱୟରେ ତୋରଣମାନଙ୍କରେ ଶୁକପକ୍ଷୀ ଅଙ୍କିତ ହୋଇଥିବାରୁ ସମ୍ଭବତଃ ଏହାକୁ ଏଭଳି ନାମକରଣ କରାଯାଇଛି । ପ୍ରଥମ ତତୁଆ ଗୁମ୍ଫାର ଅଳ୍ପ ଉଚ୍ଚରେ ଦ୍ୱିତୀୟ ଗୁମ୍ଫାଟି ଖୋଦିତ । ପ୍ରଥମ ଗୁମ୍ଫାରେ ଦୁଇଟି ଏବଂ ଦ୍ୱିତୀୟଟିରେ ତିନୋଟି ପ୍ରବେଶଦ୍ୱାର ଅଳଂକୃତ ତୋରଣ ଦ୍ୱାର ପରିଶୋଭିତ । ପ୍ରଥମ ଗୁମ୍ଫାର ତୋରଣଦ୍ୱୟ ମଧରେ ଥିବା ଏକ ଅଭିଲେଖରୁ (ପରିଶିଷ୍ଟ ନ. ୧ କ୍ଷୁଦ୍ର ବ୍ରାହ୍ମୀ ଅଭିଲେଖ- ୯ ଦ୍ରଷ୍ଟବ୍ୟ) ଜଣାପଡ଼େ ଯେ ଗୁମ୍ଫାଟି ପାଦମୁଳିକ କୁସୁମଙ୍କ ଦ୍ୱାରା ନିର୍ମିତ । ଏହି ଗୁମ୍ଫାରେ ଧୋତି ଓ ଚଦର ପରିହିତ ଦୁଇଜଣ ଦ୍ୱାରାପାଳ ହାତରେ ଖଣ୍ଡାଧରି ଦଣ୍ଡାୟମାନ ହୋଇଥବାର ଖୋଦିତ ହୋଇଅଛି । ଦ୍ୱିତୀୟ ଗୁମ୍ଫାରେ ନୃତ୍ୟ ଓ ସଂଗୀତର ଏକ ଅଭିନବ ଦୃଶ୍ୟ ଖୋଦିତ, ଯାହାର ବର୍ଣ୍ଣନା ଇତିପୂର୍ବେ ଯଥା ସ୍ଥାନରେ ପ୍ରଦତ୍ ହୋଇ ସାରିଛି । ଏହି ଗୁମ୍ଫାର ଅଭ୍ୟନ୍ତର କାନ୍ଥରେ ବ୍ରାହ୍ମୀ ଲିପିର ବିଭିନ୍ନ ଅକ୍ଷର ଛଅ ଧାଡ଼ିରେ

ଗେରୁଆ ରଂଗରେ ଚିତ୍ରିତ କରାଯାଇଥିବାର ପରିଦୃଷ୍ଟ ହୋଇଥାଏ । ସମ୍ଭବତଃ ପରିବର୍ତ୍ତୀ କାଳରେ କୌଣସି ଏକ ଶିଷ୍ୟ ଲିପିଶିକ୍ଷା ଉଦ୍ଦେଶ୍ୟରେ ଏହା କରିଥିଲେ । ଏହି ଲିପି ଯେ ଖାରବେଳଙ୍କ ସମସାମୟିକ ନୁହେଁ ତାହା ନିଶ୍ଚିତ ଭାବେ କୁହାଯାଇପାରେ ।

ଖଣ୍ଡଗିରି ପାହାଡ଼ଶୀର୍ଷରେ ଥିବା ଅନନ୍ତ ଗୁମ୍ଫା ଧର୍ମୀୟ ଓ ଶିଳ୍ପକଳା ଉଭୟ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଛି । ଗୁମ୍ଫାର ଚାରିଗୋଟି ପ୍ରବେଶପଥ ଅଳଂକୃତ କରିଥିବା ସ୍ତମ୍ଭଗୁଡ଼ିକରୁ ପରେ ତିନିଫଣା ଯୁକ୍ତ ସର୍ପ ଅଙ୍କିତ ଏବଂ ଏହି ସର୍ପ ଲାଞ୍ଛନ ଯୋଗୁଁ ଗୁମ୍ଫାଟି ଅନନ୍ତ ଗୁମ୍ଫା ନାମରେ ଅଭିହିତ ହୋଇଅଛି । (ଫଳକ ନଂ. ୧୫) । ସର୍ପ ହେଉଛି ତୀର୍ଥଙ୍କର ପାର୍ଶ୍ୱନାଥଙ୍କର ଲାଞ୍ଛନ, ତେଣୁ ଅନନ୍ତ ଗୁମ୍ଫା ପାର୍ଶ୍ୱନାଥଙ୍କୁ ଉତ୍ସର୍ଗ କରାଯାଇଥିବାର ଅନୁମତି ହୁଏ । ଗୁମ୍ଫାର ତୋରଣ ଗୁଡ଼ିକ ସୂକ୍ଷ୍ମକାରୁକାର୍ଯ୍ୟ ଦ୍ୱାରା ସୁଶୋଭିତ । ପ୍ରଥମ ତୋରଣ ପୁଷ୍ପମାଲ୍ୟ ଦ୍ୱାରା ଅଳଂକୃତ । ଦ୍ୱିତୀୟ ଏବଂ ତୃତୀୟ ତୋରଣରେ ସିଂହ ଓ ବୃଷଭଙ୍କ ସହିତ ନାଗରିକ ମାନଙ୍କର କୌତୂହଳ ପୂର୍ଣ୍ଣ କ୍ରୀଡ଼ା ପ୍ରଦର୍ଶିତ, ଏବଂ ଚତୁର୍ଥ ତୋରଣରେ ନୀଳୋତ୍ପଳ ଦଳ ଘେନି ଉଡ଼ିଯାଉଥିବା ରାଜହଂସ ପଂକ୍ତି ସୁନ୍ଦର ରୂପେ ଅଙ୍କିତ । ତୋରଣ ଗୁଡ଼ିକର ଅଭ୍ୟନ୍ତରରେ ଥିବା କ୍ଷେତ୍ରରେ ଯେଉଁ ଚିତ୍ରମାନ ଖୋଦିତ ହୋଇଛି ତାହାର ଐତିହାସିକ ଏବଂ ଧାର୍ମିକ ଗୁରୁତ୍ୱ ଯଥେଷ୍ଟ ପରିମାଣରେ ରହିଛି । ପ୍ରଥମ ଚିତ୍ରରେ ଏକ ପୃଥୁଳକାୟ ଚତୁର୍ଦ୍ଦନ୍ତ ହସ୍ତୀ ଦୁଇଗୋଟି ହସ୍ତିନୀଙ୍କ ମଧ୍ୟରେ ଗମ୍ଭୀର ଭାବେ ଦଣ୍ଡାୟମାନ ହୋଇଥିବାର ଦେଖାଯାଏ । ଦ୍ୱିତୀୟ ଚିତ୍ରରେ ଜଣେ ରାଜପୁରୁଷ ଚାରୋଟି ଅଶ୍ୱଯୁକ୍ତ ରଥରେ ବସି ଯାଉଥିବାର ଦୃଶ୍ୟ ଖୋଦିତ । ରାଜପୁରୁଷଙ୍କର ଦୁଇ ପାଖରେ ଚମର ଧାରିଣୀ ଦୁଇଜଣ ନାରୀ ବସିଛନ୍ତି । ରାଜାଙ୍କ ମସ୍ତକ ଉପରେ ରାଜଛତ୍ର ସୁଶୋଭିତ । ଆକାଶରେ ସୂର୍ଯ୍ୟ, ତାରକା ଏବଂ ଚନ୍ଦ୍ର ଅଙ୍କିତ ହୋଇ ସୂଚାଇ ଦେଉଛି ଯେ, ରାଜପୁରୁଷ ଦିବାରାତ୍ର ରଥ ଚାଳନା ପୂର୍ବକ ପରିଭ୍ରମଣ କରନ୍ତି । ରଥର ଗତି ସହ ସମତା ରଖି ଜଣେ ଖର୍ବକାୟ ବ୍ୟକ୍ତି ବାମହସ୍ତରେ ପାଣିପାତ୍ର ଏବଂ ଡ଼ାହାଣ ହସ୍ତରେ ଉଡ଼୍ଡୀୟମାନ ପତାକା ଧରି ଦୌଡ଼ିଥିବାର ପ୍ରଦର୍ଶିତ । ଅନେକ ବିଦ୍ୱାନ ଏହି ଦୃଶ୍ୟର ରାଜପୁରୁଷଙ୍କୁ ସୂର୍ଯ୍ୟ ଦେବତାରୂପେ ପରିଚିହ୍ନିତ କରୁଥିବା ଆଦୌ ଯୁକ୍ତ ସଙ୍ଗ ମନେହୁଏନାହିଁ । ସୂର୍ଯ୍ୟଙ୍କର ରଥ ଚାରୋଟି ଅଶ୍ୱ ବିଶିଷ୍ଟ ନୁହେଁ ଏବଂ ସୂର୍ଯ୍ୟଦେବଙ୍କ ମସ୍ତକ ଉପରେ ରାଜଛତ୍ର ପ୍ରଦର୍ଶିତ ହୁଏ ନାହିଁ । ପୁନଶ୍ଚ ଏହି ଚିତ୍ରାବଳୀରେ ଆକାଶରେ ସୂର୍ଯ୍ୟଙ୍କର ବର୍ତ୍ତୁଳ ଚିତ୍ର

ସ୍ପଷ୍ଟରୂପେ ଅଙ୍କିତ । ଏହାଯେ ମହାମେଘବାହନ ବଂଶର ଜଣେ ରାଜପୁରୁଷ ତାହା ନିଶ୍ଚିତଭାବେ କୁହାଯାଇପାରେ । ତୃତୀୟ ତୋରଣରେ ପଦ୍ମ ହ୍ରଦରେ ଦଣ୍ଡାୟମାନ 'ଶ୍ରୀ' ବା ଲକ୍ଷ୍ମୀଙ୍କର ମନୁଷ୍ୟାକୃତି ଚିତ୍ର ଅଙ୍କିତ। ଦେବୀ ଲକ୍ଷ୍ମୀ ଉଭୟ ହସ୍ତରେ ପଦ୍ମପୁଷ୍ପ ଧାରଣ କରିଛନ୍ତି ଏବଂ ଏହାଙ୍କ ଉଭୟ ପାର୍ଶ୍ୱରେ ଦୁଇଟି ହସ୍ତୀ ପଦ୍ମପୁଷ୍ପ ଦଣ୍ଡାୟମାନ ହୋଇ ଶୁଣ୍ଢ ଉପରକୁ କରି ବାରିବର୍ଷଣ କରୁଛନ୍ତି । ହସ୍ତୀ ଦ୍ୱୟଙ୍କ ପାଶ୍ଚାତ୍ ଭାଗରେ ଦୁଇଗୋଟି ଶକୁପକ୍ଷୀ ମଧ ପ୍ରଦର୍ଶିତ । ଚତୁର୍ଥ ତୋରଣରେ ବୃକ୍ଷ ଦେବତାଙ୍କ ପୁଜନୋତ୍ସବର ଏକ ମନୋରମ ଦୃଶ୍ୟ ଦେଖାଯାଏ । ପବିତ୍ର ବୃକ୍ଷକୁ ରେଲିଂ ମଧରେ ରଖାଯାଇ ଏହାର ଉଭୟ ପାର୍ଶ୍ୱରେ ରାଜା ଏବଂ ରାଣୀ ପୂଜାର୍ଚ୍ଚନା କରୁଥିବାର ପ୍ରଦର୍ଶିତ ହୋଇଛି । ଉଭୟଙ୍କ ପାର୍ଶ୍ୱରେ ଦୁଇଜଣ ଖର୍ବକାୟ ମନୁଷ୍ୟ ମଧ ରହିଛନ୍ତି । ଚିତ୍ର ଗୁଡ଼ିକ ଧର୍ମୀୟ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ । ପ୍ରଥମ ଚିତ୍ରରେ ଚତୁର୍ଦ୍ଦନ୍ତ ହସ୍ତୀ ପ୍ରଦର୍ଶିତ । ଜୈନ ପରମ୍ପରାରୁ ଜଣାପଡ଼େ ଯେ ମହାବୀରଙ୍କ ମାତା କ୍ଷତ୍ରିୟାଣୀ ତ୍ରିଶଳା ତାଙ୍କର ଚତୁର୍ଦ୍ଦଶ ସ୍ୱପ୍ନ ମଧରେ ପ୍ରଥମେ ଚତୁର୍ଦ୍ଦନ୍ତ ହସ୍ତୀଙ୍କୁ ଦେଖିଥିଲେ । ମହାବୀରଙ୍କର ମାତା କ୍ଷତ୍ରିୟାଣୀ ତ୍ରିଶଳାଙ୍କର ଚତୁର୍ଥ ସ୍ୱପ୍ନ ହୋଇଛି ଦୁଇଗୋଟି ହସ୍ତୀ ମଧରେ ପଦ୍ମ ପୁଷ୍ପ ଉପରେ ଉପବିଷ୍ଟା ସୌନ୍ଦର୍ଯ୍ୟର ଦେବୀ 'ଶ୍ରୀ' ଅର୍ଥାତ୍ ଲକ୍ଷ୍ମୀ (ଅବଶ୍ୟ ଏଠାରେ ଦେବୀଲକ୍ଷ୍ମୀ ପଦ୍ମ ପୂଷ୍ପ ଉପରେ ଦଣ୍ଡାୟମାନ) । ଏଣୁ ଏହା ମଧ ଜୈନଧର୍ମର ଏକ ସ୍ମାରକୀ ।

ପ୍ରାଚୀନ ଭାରତର କଳା ଜଗତରେ ରେଲିଂ ମଧରେ ବୃକ୍ଷକୁ ବୌଦ୍ଧ ମାନଙ୍କର ବୋଧଦ୍ରୁମ ଏବଂ ଜୈନଧର୍ମର କଳ୍ପ ବୃକ୍ଷର ପ୍ରତୀକ ରୂପେ ଗ୍ରହଣ କରାଯାଇଛି । ଉଦୟଗିରି-ଖଣ୍ଡଗିରିର ପୃଷ୍ଠଭୂମିରେ ଖାରବେଳଙ୍କ ରାଜତ୍ୱ କାଳର ଏହି ବୃକ୍ଷ ଚୈତ୍ୟଙ୍କର ପୂଜାକୁ ଜୈନଧର୍ମର ସଂକେତ ରୂପେ ଗ୍ରହଣ କରାଯିବା ଅଧିକ ଯୁକ୍ତି ସମ୍ମତ ମନେହୁଏ । ଏଠାରେ ଉଲ୍ଲେଖ ଯୋଗ୍ୟଯେ, ହସ୍ତୀ ଏବଂ ଦେବୀ 'ଶ୍ରୀ' ମଧ ହିନ୍ଦୁ ଏବଂ ବୌଦ୍ଧ ଧର୍ମସହ ସଂପୃକ୍ତ ।

ଅନନ୍ତ ଗୁମ୍ଫାରେ ଜୈନଧର୍ମର ସାଙ୍କେତିକ ଲାଞ୍ଛନ ମାନ ମଧ ପୁଜିତ ହେଉଥିବାର ପ୍ରମାଣ ରହିଛି । ଗୁମ୍ଫାର ଭିତର କାନ୍ଥରେ ସାତଗୋଟି ସାଙ୍କେତିକ ଚିତ୍ର ଗୋଟିଏ ଧାଡ଼ିରେ ଖୋଦିତ ହୋଇଛି (ଫଳକ ନଂ ୧୬ ଦ୍ରଷ୍ଟବ୍ୟ) ମଧ ଭାଗରେ ରହିଛି ନନ୍ଦିପଦ ଓ ତାହାର ଉଭୟ ପାର୍ଶ୍ୱରେ ଯଥାକ୍ରମେ ବୃକ୍ଷ ଚୈତ୍ୟ, ଶ୍ରୀବତ୍ସ ଓ ସ୍ୱସ୍ତିକ ଲାଞ୍ଛନ ଅଙ୍କିତ ହୋଇଛି । ପରବର୍ତ୍ତୀ କାଳରେ

ସେଠାରେ ଏକ ଜୈନ ତୀର୍ଥଙ୍କରଙ୍କ ବିଗ୍ରହ ଖୋଦନ କରିବା ପାଇଁ ଉଦ୍ୟମ କରାଯାଇଥିଲା । ମାତ୍ର ତାହା ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଯାଇଛି । ଏହି ଗୁମ୍ଫାରେ ଥିବା ଅଭିଲେଖ (ପରିଶିଷ୍ଟ ନଂ. ୧ର ନ.୮) ରୁ ଜଣାପଡ଼େ ଯେ ଏହା ଦୋହଦ ଶ୍ରମଣଙ୍କ ନିମନ୍ତେ ଖ୍ରୀ.ପୂ. ପ୍ରଥମ ଶତକରେ ନିର୍ମାଣ କରାଯାଇଥିଲା । ଏଠାରେ ଥିବା ଅନ୍ୟଏକ ଅଭିଲେଖ ସଂପ୍ରତି ଦୁଷ୍ପାଠ୍ୟ । ସାର ଜନ୍ ମାର୍ଶାଲ୍ କଳା ଓ ସ୍ଥାପତ୍ୟ ଦୃଷ୍ଟିରୁ ଏହି ଗୁମ୍ଫାକୁ ପୃଥିବୀର ସର୍ବଶ୍ରେଷ୍ଠ ଗୁମ୍ଫାରୂପେ ଅଭିହିତ କରିଛନ୍ତି ।

ଦ୍ୱିତୀୟ ତତୁଆ ଗୁମ୍ଫାର ବାମପଟରେ ଅଦୂରରେ ତେନ୍ତୁଳି ଗୁମ୍ଫା ଓ ତାହାକୁ ପ୍ରାୟ ଲାଗିରହିଛି ଖଣ୍ଡଗିରି ଗୁମ୍ଫା । ସମ୍ଭବତଃ ଏହି ଗୁମ୍ଫା ନିକଟରେ ପୂର୍ବେ ଏକ ତେନ୍ତୁଳି ବୃକ୍ଷ ରହିଥିବାରୁ ଏହାର ଏପର ନାମକରଣ କରାଯାଇଥିଲା । ଏହି ଗୁମ୍ଫାଦ୍ୱୟ କଳାଦୃଷ୍ଟିରୁ ଉଲ୍ଲେଖ ଯୋଗ୍ୟ ନୁହେଁ । ତେବେ ତେନ୍ତୁଳିଗୁମ୍ଫାର ଗୋଟିଏ ପାର୍ଶ୍ୱରେ ଜଣେ ନାରୀ ଉଭୟ ହସ୍ତରେ ପଦ୍ମକଢ଼ି ଧାରଣ କରିଥିବା ଏବଂଅନ୍ୟ ପାର୍ଶ୍ୱରେ କ୍ରୀଡାରତ ହସ୍ତୀ ପ୍ରଦର୍ଶିତ । ଖଣ୍ଡଗିରି ପାହାଡ଼ର ପାଦଦେଶରୁ ଉପରକୁ ଯାଇଥିବା ପାବଛ ଶ୍ରେଣୀରେ ଉଠିଲେ ପ୍ରଥମେ ଖଣ୍ଡଗିରି ଗୁମ୍ଫାରେ ଉପନୀତ ହେବାକୁ ପଡ଼େ । ଏହି ଗୁମ୍ଫାଟି ଖଣ୍ଡଗିରି ପାହାଡ଼ରୁ ନାମିତ ହୋଇନାହିଁ । ଗୁମ୍ଫାର ସମୁଦାୟ ଅଂଶ ଖଣ୍ଡଖଣ୍ଡ ହୋଇ ଫାଟି ଯାଇଥିବାରୁ ତାହାର ସେଭଳି ନାମକରଣ କରାଯାଇଛି । ଏହି ଗୁମ୍ଫାରେ ଉପରତଳ ହୋଇ ଦୁଇଟି ପ୍ରକୋଷ୍ଠ ରହିଛି । ଉପର ପ୍ରକୋଷ୍ଠରେ ପଛକାନ୍ଥରେ ଓଡ଼ିଶାରେ ଅରାଧ ଦେବତା ଜଗନ୍ନାଥଙ୍କର ଏକ ଚିତ୍ର ରଂଗରେ ଅଙ୍କିତ ହୋଇଛି ।

ଖଣ୍ଡଗିରି ଗୁମ୍ଫାର ବାମପାର୍ଶ୍ୱରେ ଚାରିଗୋଟି ଗୁମ୍ଫା ଦେଖାଯାଏ । ସେଗୁଡ଼ିକ ହେଉଛି - ଧାନଗୁମ୍ଫା, ନବମୁନି ଗୁମ୍ଫା, ବାରଭୁଜୀ ଗୁମ୍ଫା ଏବଂ ତ୍ରିଶୁଳ ଗୁମ୍ଫା ।

ଧାନଗୁମ୍ଫାକୁ କୁହାଯାଏ ଧାନଘର । ତାହାଏକ ସାଧାରଣ ପ୍ରକୋଷ୍ଠ ଭଳି ନିରାଡମ୍ବର ଭାବେ ଖୋଦିତ ।

ନବମୁନି ଗମ୍ଫାର ଅଭ୍ୟନ୍ତରରେ ନଅଟି ତୀର୍ଥଙ୍କରଙ୍କ ପ୍ରତିମା ଖୋଦିତ ହୋଇଅଛି ଏବଂ ସେହି କାରଣରୁ ଗୁମ୍ଫାଟିର ସେଭଳି ନାମରକଣ

କରାଯାଇଛି । ପ୍ରାରମ୍ଭରୁ ନବମୁନି ଗୁମ୍ଫାରେ ଦୁଇଗୋଟି ପ୍ରକୋଷ୍ଠ ଥିଲା ଏବଂ ସମ୍ମୁଖରେ ଏକ ବାରଣ୍ଡା ଥିଲା । ସୋମବଂଶରୀ ରାଜତ୍ୱ କାଳରେ ପ୍ରକୋଷ୍ଠଦ୍ୱୟର ମଧବର୍ତ୍ତୀ ଏବଂ ବାରଣ୍ଡାର କାନ୍ଥକୁ ଭଙ୍ଗାଯାଇ ଗୁମ୍ଫାଟିକୁ ବସ୍ତୃତ କରାଯାଇ ଜୈନଧର୍ମର ପୁଜାପୀଠରେ ପରିଣତ କରାଗଲା । ଏହି ଗୁମ୍ଫାରେ ଥିବା ଏକ ଅଭିଲେଖରୁ ଜଣାପଡ଼େ ଯେ ସୋମବଂଶୀ ରାଜା ଉଦ୍ୟୋତ କେଶରୀଙ୍କ ରାଜତ୍ୱର ଅଷ୍ଟାଦଶ ବର୍ଷରେ (ଖ୍ରୀ. ୧୦୫୮) ଏହି କାର୍ଯ୍ୟ ସମାହିତ ହୋଇଥିଲା । ତାପରେ ଜୈନ ତୀର୍ଥଙ୍କର ମାନଙ୍କର ପ୍ରତିମୂର୍ତ୍ତୀ ଖୋଦିତ ହେଲା । ତୀର୍ଥଙ୍କର ମାନଙ୍କ ମଧରୁ ପଛକାନ୍ଥରେ ୭ ଜଣ ଯୋଗାସନରେ ଉପବିଷ୍ଟ । ସେମାନେ ହେଲେ ଋଷଭନାଥ, ଅଜିତନାଥ, ସମ୍ଭବନାଥ, ଅଭିନନ୍ଦନନାଥ, ବାସୁପୂଜ୍ୟନାଥ, ନେମିନାଥ ଓ ପାର୍ଶ୍ୱନାଥ । ପ୍ରତ୍ୟେକ ତୀର୍ଥଙ୍କରଙ୍କ ମସ୍ତକ ଉପରେ ତ୍ରିଛତ ଓ ଛତ୍ରର ଉଭୟପାର୍ଶ୍ୱରେ କରତାଳ ବାଦନ କରୁଥିବା ଦୁଇଟି ଲେଖାଏଁ ହସ୍ତ ଦେଖାଯାଏ । ପ୍ରତ୍ୟେକଙ୍କ ଉଭୟ ପାର୍ଶ୍ୱରେ ବାମରଧାରୀ ସେବକ ଏବଂ ନିମ୍ନରେ ଶାସନ ଦେବୀଙ୍କର ପ୍ରତିମାମାନ ଖୋଦିତ । ଶାସନ ଦେବୀମାନେ ହେଉଛନ୍ତି, ଯଥାକ୍ରମେ - ଚକ୍ରେଶ୍ୱରୀ, ରୋହିଣୀ, ପଙ୍କପ୍ତି, ବଜ୍ରଶୃଙ୍ଖଳା, ଗାନ୍ଧାରୀ, ପଦ୍ମାବତୀ ଓ ଆମ୍ରା । ଡ଼ାହାଣ କାନ୍ଥରେ ପୂନର୍ବାର ଋଷଭନାଥଙ୍କ ପ୍ରତିମୂର୍ତ୍ତୀ ଖୋଦିତ ହୋଇଥିବା ଦେଖାଯାଏ । ସେ ଦୁହିଁଙ୍କୁ ମିଶାଇ ନବମୁନି ନାମ ଦିଆଯାଇଛି । ବାମ କାନ୍ଥରେ ଚନ୍ଦ୍ରପ୍ରଭାନାଥଙ୍କ ଏକ କ୍ଷୁଦ୍ର ପ୍ରତିମା ଅଙ୍କିତ ହୋଇଛି । ମାତ୍ର ନବମୁନିଙ୍କ ମଧରେ ତାଙ୍କୁ ଗଣନା କରାଯାଇନାହିଁ ।

ବାରଭୁଜୀ ଗୁମ୍ଫାର ବାରଣ୍ଡା କାନ୍ଥର ବାମ ଓ ଡ଼ାହାଣ ଉଭୟ ପଟେ ଦ୍ୱାଦଶ ହସ୍ତ ବିଶିଷ୍ଟ ଦୁଇଟି ଜୈନ ଶାସନ ଦେବୀଙ୍କ ପ୍ରତିମୂର୍ତ୍ତୀ ଖୋଦିତ ହୋଇଛି । ସେହି ହେତୁରୁ ଗୁମ୍ଫାଟି ବାରଭୁଜୀ ନାମରେ ପ୍ରସିଧ । ଡ଼ାହାଣ ପାର୍ଶ୍ୱର ଦେବୀ ହେଉଛନ୍ତି ରୋହିଣୀ, ସେ ତୀର୍ଥଙ୍କର ଅଜିତ ନାଥଙ୍କ ଶାସନ ଦେବୀ ଏବଂ ବାମ ପାର୍ଶ୍ୱରେ ଅଛନ୍ତି ଆଦିନାଥ ଋଷଭଙ୍କର ଶାସନ ଦେବୀ ଚକ୍ରେଶ୍ୱରୀ । ଗୁମ୍ଫାଟି ପ୍ରଶସନ୍ତ ଓ ଆୟତକାର । ତହିଁ ମଧରେ ୨୪ ଜଣ ତୀର୍ଥଙ୍କରଙ୍କ ଯୋଗାସନ ମୂର୍ତ୍ତୀ ପରିଦୃଟେ ହୋଇଥାଏ । ତୀର୍ଥଙ୍କର ମାନଙ୍କର ନିମ୍ନ ଦେଶରେ ପ୍ରତ୍ୟେକଙ୍କର ଶାସନ ଦେବୀଙ୍କ ପ୍ରତିମା ଖୋଦିତ ହୋଇଛି । ପାଠକ ମାନଙ୍କ ଅବଗତି ନିମନ୍ତେ ସମସ୍ତ ତୀର୍ଥଙ୍କର ଏବଂ ଶାସନ ଦେବୀମାନଙ୍କର ନାମ ନିମ୍ନରେ

ପ୍ରଦତ୍ ହେଲା :

| | ତୀର୍ଥଙ୍କର | ବାହନ | ଶାସନ ଦେବୀ |
|---|---|---|---|
| ୧ | ଋଷଭନାଥ | ବୃଷଭ | ଚକ୍ରେଶ୍ୱରୀ |
| ୨ | ଅଜିତନାଥ | ହସ୍ତୀ | ରୋହିଣୀ |
| ୩ | ସମ୍ଭବନାଥ | ଅଶ୍ୱ | ପ୍ରଜ୍ଞପ୍ତି |
| ୪ | ଅଭିନନ୍ଦନନାଥ | ମର୍କଟ | ବ୍ରଜଶୃଙ୍ଖଳା |
| ୫ | ସୁମତି ନାଥ | ସାରସପକ୍ଷୀ | ପୁରୁଷଦତ୍ |
| ୬ | ପଦ୍ମପ୍ରଭ | ପଦ୍ମ | ମନୋବେଗା |
| ୭ | ସୁପାର୍ଶ୍ୱନାଥ | ସ୍ୱସ୍ତିକ | କାଳୀ |
| ୮ | ଚନ୍ଦ୍ରପ୍ରଭା | ଚନ୍ଦ୍ର | ଜ୍ୱାଳାମାଳିନୀ |
| ୯ | ସୁବିଧିନାଥ (ପୃଷ୍ପଦନ୍ତ) | କୁମ୍ଭୀର | ମହାକାଳୀ |
| ୧୦ | ଶୀତଳନାଥ | ଶ୍ରୀବତ୍ସ | ମାନବୀ |
| ୧୧ | ଶ୍ରେୟାଂଶନାଥ | ଗଣ୍ଡାର | ଗୌରୀ |
| ୧୨ | ବସୁପୂଜ୍ୟ | ମହିଷ | ଗାନ୍ଧାରୀ |
| ୧୩ | ବିମଳନାଥ | ବରାହା | ବୈରୋଟୀ |
| ୧୪ | ଅନନ୍ତନାଥ | ଶ୍ୟେନ | ଅନନ୍ତମଣୀ |
| ୧୫ | ଧର୍ମନାଥ | ବଜ୍ର | ମାନସୀ |
| ୧୬ | ଶାନ୍ତିନାଥ | ହରିଣ | ମହାମାନସୀ |
| ୧୭ | କୁନ୍ଥନାଥ | ଛାଗ | ଜ ୟ । (ବିଜୟା) |
| ୧୮ | ଅରନାଥ | ନନ୍ଦ୍ୟାବର୍ତ୍ | ତାରା |
| ୧୯ | ମଲ୍ଲିନାଥ | କଳସ | ଅପରାଜିତା |
| ୨୦ | ମୁନୀସୁବ୍ରତ | କଚ୍ଛପ | ବହୁରୂପିଣୀ |
| ୨୧ | ନମିନାଥ | ନୀଳପଦ୍ମ | ଚାମୁଣ୍ଡୀ |
| ୨୨ | ନେମିନାଥ | ଶଙ୍ଖ | ଆମ୍ରା |
| ୨୩ | ପାର୍ଶ୍ୱନାଥ | ସର୍ପ | ପଦ୍ମାବତୀ |
| ୨୪ | ମହାବୀର | ସିଂହ | ସିଧାୟିକା |

ତ୍ରିଶୂଳ ଗୁମ୍ଫାଟି ମଧ୍ୟ ପ୍ରଥମେ ଜୈନ ଅର୍ହତଙ୍କର ବାସସ୍ଥଳୀରୂପେ ନିର୍ମିତ ହୋଇଥିଲା, ପରିବର୍ତ୍ତୀ କାଳରେ ଜୈନ ଉପାସନା ମନ୍ଦିରରେ ପରିଣତ କରାଯାଇଛି । ଏଠାରେ ମଧ୍ୟ ୨୪ ଜଣ ତୀର୍ଥଙ୍କର ପ୍ରତିମା ଖୋଦିତ । ଏଗୁଡ଼ିକ ବାରଭୁଜୀ ଗୁମ୍ଫାର ମୂର୍ତ୍ତୀ ଅପେକ୍ଷା ଆର୍ବାଚୀନ ଜଣାପଡ଼େ । ସେଗୁଡ଼ିକ ଦିଗମ୍ବର ମୂର୍ତ୍ତୀରୂପେ ପରିକଳ୍ପିତ ଏବଂ କଳା ଦୃଷ୍ଟିରୁ ପଦଶ ଶତାବ୍ଦୀର ପୂର୍ବବର୍ତ୍ତୀ ନୁହେଁ । ଏହି ଗୁମ୍ଫାର ଏଭଳି ନାମକରଣର ତାତ୍ପର୍ଯ୍ୟ ଜଣାପଡ଼େନାହିଁ ।

ତ୍ରିଶୂଳ ଗୁମ୍ଫାଠାରୁ ଦକ୍ଷିଣାଭିମୁଖରେ ଅଗ୍ରସର ହେଲେ ପ୍ରଥମେ ଏକ ଭଗ୍ନ ଗୁମ୍ଫା ଦୃଷ୍ଟିଗୋଚର ହୁଏ । ଗୁମ୍ଫାଟିକୁ କାଟି ନିଶ୍ଚିହ୍ନ କରିଦିଆଯାଇଥିଲେ ସୁଧା ତାହାର କାନ୍ଥରେ ଖୋଦିତ ହୋଇଥିବା ଋଷଭନାଥଙ୍କର ଓ ଅମ୍ବାଦେବୀଙ୍କର ପ୍ରତିମୂର୍ତ୍ତୀ ଦେଖାଯାଏ । ଆମ୍ବାଦେବୀ ଫଳଭରା ଆମ୍ବବୃକ୍ଷ ତଳେ ତ୍ରିଭଙ୍ଗୀଠାଣୀରେ ଦଣ୍ଡାୟମାନ ହୋଇଛନ୍ତି । ତାଙ୍କର ବାମପାର୍ଶ୍ୱ ଭାଙ୍ଗିପଡ଼ିଛି, ମାତ୍ର ମୁଖମଣ୍ଡଳ ଓ ଶିରୋଭୂଷାର ଶୋଭା ଅକ୍ଷୁର୍ଣ୍ଣ ରହିଛି । ସମ୍ଭବତଃ ଆମ୍ବା ବା ଅମ୍ବିକାଙ୍କ ଯୋଗୁଁ ଏହାର ନାମ 'ଅମ୍ବିକାଗୁମ୍ଫା' ହୋଇଛି ।

ତାହାପରେ ଅଛି ଲଲାଟେନ୍ଦୁ କେଶରୀଗୁମ୍ଫା । ଏହି ଗୁମ୍ଫାର ଚଟାଣ ଓ ବାରଣ୍ଡା ସହିତ ପାହାଡ଼ର ବହୁଅଂଶ କଟାହୋଇ ଅନ୍ୟତ୍ର ବୋହି ନିଆଯାଇଛି । ଗୁମ୍ଫା ମଧ୍ୟରେ ଋଷଭନାଥ ଓ ପାର୍ଶ୍ୱନାଥଙ୍କର କାୟୋତ୍ସର୍ଗ ମୁଦ୍ରା ବିଶିଷ୍ଟ ସୁନ୍ଦର ପ୍ରତିମୂର୍ତ୍ତୀ ଦେଖାଯାଏ । ମାତ୍ର ଏହି ଗୁମ୍ଫାରେ ଉତ୍କୀର୍ଣ୍ଣ ସୋମବଂଶୀ ରାଜା ଉଦ୍ୟୋତକେଶରୀଙ୍କ ରାଜତ୍ୱର ପମ ବର୍ଷରେ (ଖ୍ରୀ. ୧୦୪୫ରେ) ଏକ ଅଭିଲେଖର ବିବରଣୀରୁ ଜଣାପଡ଼େଯେ, କୁମାର ପର୍ବତ (ଖଣ୍ଡଗିରି)ରେ ଥିବା ଏକ ଜୀର୍ଣ୍ଣବାପୀ ଓ କେତେକ ପୁରାତନ ଭଗ୍ନମନ୍ଦିରର ସଂସ୍କାର ସାଧନ କରାଯାଇ ୨୪ ତୀର୍ଥଙ୍କର ପ୍ରତିମାମାନ ପ୍ରତିଷ୍ଠା କରାଯାଇଥିଲା (ଅଭିଲେଖର ପୂର୍ଣ୍ଣାଙ୍ଗପାଠ ଏହି ପୁସ୍ତକରେ ପୂର୍ବରୁ ପ୍ରଦତ୍ ହୋଇଛି) । ଉଲ୍ଲେଖଯୋଗ୍ୟ ଯେ, ଏହି ଗୁମ୍ଫା ନିକଟରେ ଆକାଶ ଗଙ୍ଗା ନାମକ ଏକ କ୍ଷୁଦ୍ର ଜଳଭଣ୍ଡାର ସହ ଗୁପ୍ତଗଙ୍ଗା, ଶ୍ୟାମକୁଣ୍ଡ ଓ ରାଧାକୁଣ୍ଡ ନାମରେ ଆଉ ତିନୋଟି ଜଳଭଣ୍ଡାର ରହିଛି । ଏହି ପାହାଡ଼ରେ ବହୁ ଭଗ୍ନ ମନ୍ଦିରର ଆମଳକ ଶିଳା ଓ ଖପୁରୀ ଇତସ୍ତତଃ ପଡ଼ିରହିଛି, ଯାହାକି ଅଭିଲେଖ ବର୍ଣ୍ଣିତ ୨୪ ଜଣ ତୀର୍ଥଙ୍କରଙ୍କର ମନ୍ଦିର ଗୁଡ଼ିକର ଭଗ୍ନାବଶେଷ ପରି ମନେହୁଏ ।

ରାଧାକୁଣ୍ଡ ଜଳଭଣ୍ଡାର ପାଖରେ ଦୁଇଟି ଗୁମ୍ଫା ରହିଛି ମାତ୍ର ଏଗୁଡ଼ିକର

ନମା ଅଜ୍ଞାତ । ଏକାଦଶୀ ଗୁମ୍ଫାରେ ଏକ ଲମ୍ବ ପ୍ରକୋଷ୍ଠ ରହିଛି । ସମ୍ଭବତଃ ଏହା ଜୈନ ଅର୍ହତମାନଙ୍କ ଆବାସସ୍ଥଳୀ ରୂପେ ବ୍ୟବହୃତ ହେଉଥିଲା । ଖଣ୍ଡଗିରି ପାହାଡ଼ରେ ଆଉଏକ ପ୍ରାଚୀନ ଗୁମ୍ଫା ରହିଛି, ତାର ମଧ ନାମ ଅଜ୍ଞାତ ।

ଖଣ୍ଡଗିରି ପାହାଡ଼ର ଅନେକ କୀର୍ତ୍ତୀଯେ ମନୁଷ୍ୟ ହସ୍ତରେ ନଷ୍ଟ ହୋଇଛି ତାହା ନିଶ୍ଚିତଭାବେ କୁହାଯାଇପାରେ । କାରଣ କାନ୍ଥ ଗୁଡ଼ିକରେ ଅଦ୍ୟାପି ନିହାଣ ଚିହ୍ନ ରହିଅଛି । ଏହା ଧର୍ମଧ୍ୱଜୀ ମନୁଷ୍ୟର ଅସହିଷ୍ଣୁ ଭାବରେ ସ୍ପଷ୍ଟନିଦର୍ଶନ । ଯାହାକିଛିବି ଅବଶେଷ ରହିଛି, ସେସବୁ ଆମର ଉନ୍ନତ କଳା ଓ ସୌନ୍ଦର୍ଯ୍ୟ ବୋଧର ପ୍ରାଚୀନ ନିଦର୍ଶନ ।

ଉଦୟଗିରି-ଖଣ୍ଡଗିରି ପାହାଡ଼ର ଗୁମ୍ଫା ଗୁଡ଼ିକରେ ଅଙ୍କିତ ଚିତ୍ରାବଳୀକୁ ଅନୁଧାନ କରି ଶ୍ରୀମତି ଦେବଳାମିତ୍ର ଯଥାର୍ଥରେ କହିଛନ୍ତି, "ଏଠାରେ ଶିଳ୍ପୀଠାରେ ମୂର୍ତ୍ତି ସମ୍ମୁଖଭାଗର ସୌନ୍ଦର୍ଯ୍ୟ ଫୁଟାଇବା ପାଇଁ ଆପ୍ରାଣ ଚେଷ୍ଟା ବା ଗଠିତ ମୂର୍ତ୍ତିର ପ୍ରାକୃତିକତା ସୃଜନର ଅପାରଗତା ଦୃଷ୍ଟିଗୋଚର ହୁଏନାହିଁ, ପରନ୍ତୁ ଯେ କୌଣସି ଅବସ୍ଥାରେ - ସମ୍ମୁଖ, ପଶ୍ଚାତ୍ ଓ ପାର୍ଶ୍ୱଦେଶ-ମୂର୍ତ୍ତି ଗଠନରେ ଦକ୍ଷତା ଅର୍ଜନ କରିସାରିଛି । ମୂର୍ତ୍ତିଗୁଡ଼ିକର ମୁଖମଣ୍ଡଳ ପୂର୍ଣ୍ଣ, ତ୍ରିଚତୁର୍ଥାଂଶ ବା ଅର୍ଧ ଭାବରେ ଖୋଦିତ ହୋଇ ଏଠାରେ ପ୍ରଦର୍ଶିତ ହୋଇଛି । ମୂର୍ତ୍ତିଗୁଡ଼ିକର ଭାବଭଙ୍ଗୀ ପ୍ରାକୃତିକ ସ୍ୱାଛନ୍ଦତାପୂର୍ଣ୍ଣ, ସେଗୁଡ଼ିକର ଗତି ଉତ୍ଫୁଲ୍ଲ, ପ୍ରାଣବନ୍ତ ଓ ଭାବୋଦ୍ୟୋତକ, ଯଥା-ଯନ୍ତ୍ରଣା, ଆନନ୍ଦ, ଭୟଭୀତି, ସଂକଳ୍ପ, ମାନସିକ ଉତେ୍ଜନା ଇତ୍ୟାଦି ଭଲଭାବରେ ଦେଖାଇବା ପାଇଁ ଶିଳ୍ପୀମାନେ ସମର୍ଥ ହୋଇଛନ୍ତି । ଗଠନ ପରିକଳ୍ପନା ସୁନ୍ଦର ଭାବରେ ସାମଞ୍ଜସ୍ୟପୂର୍ଣ୍ଣ ଓ ଚିତ୍ତାକର୍ଷକ । ବିଭିନ୍ନ ମୂର୍ତ୍ତିଗୁଡ଼ିକରେ ପରସ୍ପର ପ୍ରତି ସଂପର୍କ ରହିଛି । ଗୁହାର ଭିତ୍ତିଚିତ୍ରରୁ ଉତ୍ଥିତ ଭାବରେ ଖୋଦିତ ମୂର୍ତ୍ତିଗୁଡ଼ିକରେ ପରିପକ୍ୱତାର ଗାମ୍ଭୀର୍ଯ୍ୟ ଫୁଟି ଉଠିଛି ଓ ତତ୍ସହିତ ଆକୃତିର ଗଠନଶୀଳତା ଓ ଆଦର୍ଶ ଜୀବନ୍ତ ବାସ୍ତବତା ପୂର୍ଣ୍ଣମାତ୍ରାରେ ପ୍ରଦର୍ଶିତ ହୋଇଥିଲାପରି ପ୍ରତୀୟମାନ ହୁଏ ।"

ଏହି ପ୍ରାଚୀନ କାଳର ମୂର୍ତ୍ତିଗୁଡ଼ିକର କେଶସଜ୍ଜା, ପୋଷାକ ଓ ଅଳଙ୍କାର ସବୁ ବିଶେଷ ଉଲ୍ଲେଖଯୋଗ୍ୟ ମନେହୁଏ । ତତ୍କାଳୀନ ଶିଳ୍ପୀ ଏଦିଗରେ ତାହାର ସମସ୍ତ ଦକ୍ଷତା ପ୍ରଚୁର ମାତ୍ରାରେ ଦେଖାଇ ପାରିଛି । ଆମେ ଚିତ୍ର

ଫଳକ ନଂ. ୮ ଏବଂ ନଂ. ୯ ଯଥାକ୍ରମେ ଅଙ୍କାର ଏବଂ କେଶବିନ୍ୟାସର ରେଖାଚିତ୍ର ପାଠକମାନଙ୍କ ଅବଗତି ନିମନ୍ତେ ପ୍ରଦାନ କରିଛୁ ।

ଜୈନକଳାରେ ପ୍ରତୀକର ସ୍ଥାନ ଅତୀବ ଗୁରୁତ୍ୱପୂର୍ଣ୍ଣ । ପ୍ରାଚୀନ ଜୈନମୂର୍ତ୍ତି, ଉପାସନାପୀଠ ଏବଂ ଶିଳାଲେଖରେ ଏସବୁର ବହୁଳ ବ୍ୟବହାର ପରିଦୃଷ୍ଟ ହୋଇଥାଏ । ଅନେକ ବିଦ୍ୱାନଙ୍କ ମତରେ ମୂର୍ତ୍ତିପୂଜାର ପୂର୍ବରୁ ପ୍ରତୀକ ପୂଜାର ପ୍ରଚଳନ ହୋଇଥିଲା । ଖାରବେଳଙ୍କ ଶିଳାଲେଖ ଏବଂ ଶିଳାଙ୍କନରେ ମଧ ନନ୍ଦିପଦ, ଶ୍ରୀବତ୍ସ, ବୃକ୍ଷଚୈତ୍ୟ, ସ୍ୱସ୍ତିକ, ବଧମଙ୍ଗଳ ଅଦି ଲାଞ୍ଛନ ଖୋଦିତ ହୋଇଛି । ଏସବୁ ଜୈନଧର୍ମର ଶୁଭସଂକେତ ରୂପେ ଗୃହୀତ ।

ସ୍ଥୁଳତଃ ଏତିକି କୁହାଯାଇ ପାରେ ଯେ, ଖଣ୍ଡଗିରି-ଉଦୟଗିରିଠାରେ କଳା ଓ ସ୍ଥାପତ୍ୟ ମାଧମରେ କଳିଙ୍ଗ ଶିଳ୍ପୀ ତାର ପ୍ରାଚୀନ ଧର୍ମ ଧାରଣା, ଉନ୍ନତ ସୌନ୍ଦର୍ଯ୍ୟବୋଧ, ଐତିହ୍ୟପୂର୍ଣ ସଂସ୍କୃତି ତଥା ଅସୀମ ବୀରତ୍ୱର ଯୁଗଜୟୀ ଆଲେଖ୍ୟ ଅଙ୍କିତ କରାଯାଇଛି । ଏହି ପାହାଡ଼ର ଶିଳାଲେଖ ତଥା ଶିଳାଙ୍କନ ଆମର ଜାତୀୟ ସଂପଦ, ତାର ସୁରକ୍ଷା ପରମ କର୍ତ୍ତବ୍ୟ ।

***

# ପରିଶିଷ୍ଟ-୪

## ହାତୀ ଗୁମ୍ଫା ଅଭିଲେଖର ଲିପି ଓ ଭାଷା

ଓଡ଼ିଶାର ପ୍ରଖ୍ୟାତ ଲିପିବିଦ୍ ପଦ୍ମଶ୍ରୀ ଡ଼. ସତ୍ୟନାରୟଣ ରାଜଗୁରୁ ତାଙ୍କର 'ଓଡ଼ିଆ ଲିପରି କ୍ରମାବିକାଶ' ପୁସ୍ତକର ପ୍ରଥମ ପୃଷ୍ଠାରେ କହନ୍ତି, "ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ମୌର୍ଯ୍ୟ ବଂଶୀୟ ରାଜା ଅଶୋକ କଳିଙ୍ଗ ଜୟକରି ଓଡ଼ିଶା ଅନ୍ତର୍ଗତ ଧଉଳି ଓ ଜଉଗଡ଼ରେ ତାଙ୍କର ଧର୍ମ ଅନୁଶାସନ ଶିଳାଗାତ୍ରରେ ଖୋଳାଇଥିଲେ । ଆମ୍ଭେ ଜାଣିବାରେ ତାହାହିଁ ଏ ଦେଶର ସର୍ବ ପ୍ରଥମ ଲିପି । ଏହାକୁ ପଣ୍ଡିତମାନେ ପ୍ରାଚୀନ ବ୍ରାହ୍ମୀ ବୋଲି କହୁଛନ୍ତି ।" ରାଜଗୁରୁଙ୍କ ଉପରୋକ୍ତ ମତ ସମ୍ପୂର୍ଣ୍ଣ ଭ୍ରମାତ୍ମକ । ଓଡ଼ିଶାର ପଶ୍ଚିମାଂଚଳ ଅନ୍ତର୍ଗତ ସମ୍ବଲପୁର ଜିଲ୍ଲାର ବିକ୍ରମ ଖୋଲଠାରେ ଏକ ପ୍ରାଗୈତିହାସିକ ଅଭିଲେଖ ଆବିଷ୍କୃତ ହୋଇ ସର୍ବପ୍ରଥମେ କାଶୀପ୍ରସାଦ ଜୟସ୍ୱାଲଙ୍କ ଦ୍ୱାରା ଖ୍ରୀ ୧୯୩୩ରେ (Ind.Ant.LXII) ଏ ସମ୍ବନ୍ଧରେ ଏକ ତଥ୍ୟ ସମ୍ବଳିତ ପ୍ରବଂଧ ପ୍ରକାଶିତ ହୋଇଥିଲା । ଜୟସ୍ୱାଲ୍ ମତ ପ୍ରଦାନ କଲେ ଯେ, "The

writing is not of pictographic nature but has reached syllabary or alphabetic stage". ପରବର୍ତ୍ତୀ କାଳର ବିଦ୍ୱାନ ମାନଙ୍କ ଦ୍ୱାରା ମଧ ଏହି ମତ ସ୍ୱୀକୃତ ହୋଇଛି । ମହୋଞ୍ଜୋଦାର ଏବଂ ହରପ୍ପା ଲିପି ଆବିଷ୍କୃତ ହୋପରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଜଗତରେ ସମସ୍ତ ବିଦ୍ୱାନ ଆଜି ଏକମତ ଯେ, ବ୍ରାହ୍ମୀଲିପିର ବହୁ ପୂର୍ବରୁ ଏ ଦେଶରେ ଲିପିର ପ୍ରଚଳନ ହୋଇସାରିଥିଲା । ମାତ୍ର ବ୍ରାହ୍ମୀ ପୂର୍ବବର୍ତ୍ତୀ ଲିପି ଆଜି ମଧ ରହସ୍ୟାବୃତ୍ ହୋଇ ରହିଛି । ଏହାର ଭାଷା ଅଜ୍ଞାତ ହୋଇଥିବାରୁ ପାଠୋଧାର ସମ୍ଭବ ହୋଇନାହିଁ । ସେ ଯାହହେଉ ବ୍ରାହ୍ମୀଲିପିକୁ ଓଡ଼ିଶାର ପ୍ରାଚୀନତମ ଲିପି ରୂପେ ପ୍ରତିପାଦନ କରିବା ଯେ ହାସ୍ୟାସ୍ପଦ ଉଦ୍ୟମ ତାହା ନିଶ୍ଚିତ ଭାବରେ କୁହାଯାଇପାରେ ।

ପ୍ରାୟ ଏକଶହ ବର୍ଷ ପର୍ଯ୍ୟନ୍ତ ବହୁ ବିଦ୍ୱାନ୍ ଖାରବେଳଙ୍କ ହାତୀଗୁମ୍ଫା ଶିଳାଖେର ସଠିକ ପାଠ ପ୍ରଦାନ କରିବାକୁ ବହୁ ଶ୍ରମ ସ୍ୱୀକାର କରିଛନ୍ତି । ଏହାର ବିବରଣ ପୁସ୍ତକର ଦ୍ୱିତୀୟ ପରିଛେଦର ପ୍ରଦତ୍ ହୋଇସାରିଛି । ଏଠାରେ ଅଭିଲେଖର ଲିପି ଏବଂ ଭାଷା ସମ୍ବନ୍ଧରେ ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିବାର ପ୍ରୟାସ କରାଯାଇଛି ।

ସ୍ଥୁଳତଃ ଏତିକି କୁହାଯାଇପାରେ ଯେ, ସମଗ୍ର ଭାରତ ବର୍ଷରେ ବିଭିନ୍ନ ପ୍ରାନ୍ତରୁ ଆବସ୍କୃତ ହୋଇଥିବା ଅଶୋକଙ୍କ ବ୍ରାହ୍ମୀ ଅଭିଲେଖ ଗୁଡ଼ିକର ଭାଷା ଓ ଲିପି ସମାନ । ସେଥିରେ ପ୍ରାଦେଶିକ ଭେଦ ଖୋଜିବା ନିରର୍ଥକ । ତହିଁର ଭାଷାକୁ ମାଗଧୀ ପ୍ରାକୃତ୍ ଏବଂ ଲିପିକୁ ଅଶୋକ କାଳୀନ ବ୍ରାହ୍ମୀ (Ashokan Bramhi) ରୂପେ ନାମିତ କରାଯାଇଛି । ନିଜ ସାମ୍ରାଜ୍ୟର ଏକତ୍ରୀକରଣ ନିମନ୍ତେ ଅଶୋକ ସମସ୍ତ ଅଭିଲେଖରେ ଗୋଟିଏ ପ୍ରକାରର ଭାଷା ଓ ଲିପି ବ୍ୟବହାର କରିଥିଲେ ।

ସ୍ୱାଧିନଚେତା ସମ୍ରାଟ ଖାରବେଳ ଥିଲେ କଳିଙ୍ଗର ସନ୍ତାନ, କଳିଙ୍ଗର ରାଜନୈତିକ ପରମ୍ପରାର ପୃଷ୍ଟପୋଷକ ତଡା କଳିଙ୍ଗ ସଂସ୍କୃତିର ପୂଜକ । ତେଣୁ ତାଙ୍କରି ଅଭିଲେଖରେ ସର୍ବପ୍ରଥମେ କଳିଙ୍ଗର ଭାଷା ଓ ଲିପି ସ୍ଥାନ ପାଇଲା । ଏହି ଅଭିଲେଖର ଲିପିକୁ ପରବର୍ତ୍ତୀ ବ୍ରାହ୍ମୀଲିପି ରୂପେ ନାମିତ କରାଯିବା ସମୀଚୀନ ମନେହୁଏ ।

ଡ଼. ରାଜଗୁରୁ ତାଙ୍କର 'ଓଡ଼ିଆ ଲିପିର କ୍ରମବିକାଶ' ପୁସ୍ତକରେ ପ୍ରଥମ ଓ ତୃତୀୟ ଚିତ୍ର ଫଳକରେ ଯଥାକ୍ରମେ ଅଶୋକ ଏବଂ ଖାରବେଳଙ୍କ ସମୟର ଲିପିକୁ ପ୍ରଦର୍ଶିତ କରିଛନ୍ତି । ସଂପୃକ୍ତ ଅଭିଲେଖ ଗୁଡ଼ିକର ସହ ତୁଳନାତ୍ମକ ଅଧ୍ୟୟନ କଲେ ଏହା ସ୍ପଷ୍ଟ ଜଣାପଡ଼େ ଯେ, ରାଜଗୁରୁଙ୍କ ଉପରୋକ୍ତ ଚିତ୍ରରେ ପ୍ରଦର୍ଶିତ ଅନେକ ଗୁଡ଼ିଏ ଅକ୍ଷର କଳ୍ପନା ପ୍ରସୂତ । ଉତ୍କୀର୍ଣ୍ଣ ଅଭିଲେଖ ଗୁଡ଼ିକରେ ସେସବୁ ପରିଦୃଷ୍ଟ ହୁଏନାହିଁ । ଏଣୁ ରାଜଗୁରୁ ନିଜପୁସ୍ତକରେ ଖାରବେଳଙ୍କ ହାତୀଗୁମ୍ଫା ଅଭିଲେଖରେ ବ୍ୟବହୃତ ବର୍ଣ୍ଣମାଳାର ଯେଉଁ ନମୁନା ପ୍ରଦର୍ଶିତ କରିନ୍ତି, ତାହା ପାଠକକୁ ବହୁ ପରିମାଣରେ ବିଭ୍ରାନ୍ତ କରିଥାଏ ।

ଏଠରେ ଏକ ଲିପପତ୍ର ପ୍ରସ୍ତୁତ କରି (ଫଳକ ନଂ. ୧୮ ଦ୍ରଷ୍ଟବ୍ୟ ଆମେ ଅଶୋକ ଏବଂ ଖାରବେଳଙ୍କ ସମୟର ବର୍ଣ୍ଣମାଳାକୁ ପ୍ରଦର୍ଶିତ କରିଅଛୁଁ । ଲିପି ପତ୍ରର ନଂ. ୧ ସ୍ତମ୍ଭରେ ଅଧୁନା ପ୍ରଚଳିତ ନାଗରୀଲିପି, ନଂ. ୨ ସ୍ତମ୍ଭରେ ଅଶୋକ କାଳୀନ ଲିପି ଏବଂ ନ. ୩ ସ୍ତମ୍ଭରେ ଖାରବେଳଙ୍କ ହାତୀଗୁମ୍ଫା ଅଭିଲେଖରେ ବ୍ୟବହୃତ ବର୍ଣ୍ଣମାଳା ପ୍ରଦର୍ଶିତ । ଚିତ୍ର ଫଳକ ନଂ. ୧ ରେ ହାତୀଗୁମ୍ଫା ଅଭିଲେଖର ପ୍ରଥମ ୫ଗୋଟି ଫଙ୍କ୍ତିର ଆଦ୍ୟାଂଶ ଏବଂ ଦ୍ୱିତୀୟାଂଶ ପ୍ରଦତ୍ । ଏହାଦ୍ୱାରା ପାଠକ ମାନେ ତତ୍କାଳୀନ ଲିପି ସଂପର୍କରେ ଏକ ଧାରଣା ପାଇପାରିବେ ।

ଫଳକ ନଂ.୧୯ରେ ହାତୀଗୁମ୍ଫା ଅଭିଲେଖରେ ବର୍ଣ୍ଣସହ ହୋଇଥିବା ମାତ୍ରା ପ୍ରୟୋଗକୁ ଦର୍ଶାଯାଇଛି । ହାତୀଗୁମ୍ଫା ଅଭିଲେଖରେ ୫ଗୋଟି ସ୍ୱରବର୍ଣ୍ଣ ଏବଂ ୨୬ ଗୋଟି ବ୍ୟଞ୍ଜନ ବର୍ଣ୍ଣର ବ୍ୟବହାର ପରିଲକ୍ଷିତ ହୋଇଥା, । ଡ଼. ନବୀନ କୁମାର ସାହୁ ୨୮ ଗୋଟି ବ୍ୟଞ୍ଜନ ବର୍ଣ୍ଣ ବ୍ୟବହୃତ ହୋଇଥିବାର ମତ ପ୍ରଦାନ କରିଥାନ୍ତି, ମାତ୍ର ଆମ୍ଭମତରେ ତାହା ଠିକ୍ ନୁହେଁ । ଅଭିଲେଖରେ ସମାନ ସମାନ ଅକ୍ଷରର ଦୁଇ ବା ତତୋଧିକ ସ୍ୱରୂପ ପରିଦୃଷ୍ଟ ହୋଇଥାଏ । ପ୍ରଥମଟି ଅଶୋକ କାଳୀନ ହୋଇଥିବା ସମୟରେ ଅନ୍ୟାନ ପରିବର୍ତ୍ତୀତ ସ୍ୱରୂପ ପ୍ରଦର୍ଶନ କରିଥାନ୍ତି । 'ଖ' 'ମ' ଏବଂ 'ବ' ଅକ୍ଷରର ନିମ୍ନପାର୍ଶ୍ୱ ଅଶୋକଙ୍କ ଲିପିରେ ଗୋଲାପାର ହୋଇଥିବା ସମୟରେ ଖାରବେଳଙ୍କ ଲିପିରେ ସମ୍ପୂର୍ଣ୍ଣରୂପେ ତ୍ରିଭୁଜକାର ଧାରଣ କରିଛି । ସେହିପରି 'ଲ' ଏବଂ 'ହ' ଅକ୍ଷର ଦ୍ୱୟର ନିମ୍ନଭାଗ କୋଣଯୁକ୍ତ ହୋଇଯାଇଛି । ଅଶୋକଙ୍କ ଲିପିରେ ଅନେକତ୍ର 'ଗ' ଅକ୍ଷରରର ଉର୍ଦ୍ଧ୍ୱଭାଗ କୋଣଯୁକ୍ତ, ମାତ୍ର ଖାରବେଳଙ୍କ ଲିପିରେ ତାହା

ହୋଇନାହିଁ । ବର୍ଗ୍ୟ 'ବ' ଅକ୍ଷରଟି କେଉଁଠି ବର୍ଗକ୍ଷେତ୍ର ଏବଂ ଅନ୍ୟକେଉଁଠି ଆୟତକ୍ଷେତ୍ରର ସ୍ୱରୂପ ଗ୍ରହଣ କରିଛି । ଖାରବେଳଙ୍କ ଅଭିଲେଖର 'ଐ' ଅକ୍ଷରଟି ଦୃଷ୍ଟି ଆକର୍ଷଣକାରୀ, କାରଣ ଏପର୍ଯ୍ୟନ୍ତ ସମଗ୍ର ଭାରତ ବର୍ଷରୁ ଆବିଷ୍କୃତ ଅଶୋକାଳୀନ ଯେତେ ଗୁଡ଼ିଏ ଅଭିଲେଖ ମିଳିଛି ତନ୍ମଧ୍ୟରୁ କୌଣସିଥିରେ ଏହି ଅକ୍ଷରଟି ପରିଦୃଷ୍ଟ ହୁଏନାହିଁ ।

ଏହି ପରିଛେଦରେ ଅନ୍ତିମ ଭାଗରେ ଭାଷାର ଅନୁଶୀଳନ କଲା ସମୟରେ ଅକ୍ଷର ଗୁଡ଼ିକର ବ୍ୟବହାର ସମ୍ବନ୍ଧରେ ଆଲୋଚନା କରାଯିବ । ଆମେ ପୂର୍ବରୁ ଉଲ୍ଲେଖ କରିସାରିଛୁ ଯେ, ଧଉଳୀ ଓ ଜଉଗଡ଼ଠାରେ ଉତ୍କୀର୍ଣ୍ଣ ଅଶୋକଙ୍କ ଅନୁଶାସନ ମାଗଧୀ ପ୍ରାକୃତ୍ ଭାଷାରେ ଲିପିବଧ । କେବଳ କଳିଙ୍ଗରେ ନୁହେଁ, ହିନ୍ଦୁକୁଶଠାରୁ ମହୀଶୂ ଯାଏ ଅଶୋକଙ୍କର ଯେତେଗୁଡ଼ିଏ ଶିଳାଲେଖ ମିଳିଛି ସେସବୁ ସେହି ଭାଷାରେ ହିଁ ଲିପିବଧ । ତେବେ ବି ବିଭିନ୍ନ ଅଂଚଳର ଅଭିଲେଖ ଗୁଡ଼ିକରେ ସେହି ସେହି ଅଂଚଳର କଥିତ ଭାଷାଦ୍ୱାରା ମାଗଧିପ୍ରାକୃତ ପ୍ରଭାବିତ ହୋଇଥିଲା । ବିଦ୍ୱାନ୍‌ମାନେ କଳିଙ୍ଗର ଅନୁଶାସନରେ ଏହି ଅଂଚଳର ଭାଷାର ପ୍ରଭାବ କିତ ପରିମାଣରେ ରହିଥିବାର ଦର୍ଶାଇଛନ୍ତି । ମାତ୍ର ଖ୍ରୀ.ପୂ. ପ୍ରଥମ ଶତକର ସମ୍ରାଟ ଖାରବେଳଙ୍କ ହାତୀଗୁମ୍ଫା ଅଭିଲେଖରେ ଯେଉଁ ଉନ୍ନତ ଭାଷା ପରିଲକ୍ଷିତ ହୋଇଥାଏ ତାହା ହେଛି କଳିଙ୍ଗର ନିଜସ୍ୱ ଭାଷା, ଶାସ୍ତ୍ରୀୟ ପାଲି ଭାଷାର ଅତି ନିକଟବର୍ତ୍ତୀ ଏବଂ ଏହାକୁ ଓଡ୍ରପ୍ରାକୃତ୍ ରୂପେ ନାମିତ କରାଯାଇଛି । ଏହି ଭାଷାର ସ୍ୱରୂପ ଆଲୋଚନା କରାଯିବା ପୂର୍ବରୁ ଏ ସମ୍ବନ୍ଧରେ ବିଭିନ୍ନ ବିଦ୍ୱାନ୍‌ମାନେ ଦେଇଥିବା ମତାମତର ସମୀକ୍ଷା କରାଯିବା ଆବଶ୍ୟକ ।

ପାଲି ଗବେଷକ ହର୍‌ମାନ୍ ଓଲ୍‌ଡ୍ରେନ୍‌ବର୍ଗ (H. Oldenburg) ତ୍ରିପିଟକର ସମ୍ପାଦନା କରୁଥିବା ସମୟରେ ପାଲିର ଆଦିଭୂମି ସଂପର୍କରେ ଗବେଷଣା କରିଥିଲେ । ତାଙ୍କ ସଂଙ୍କଳିତ ବିନୟପିଟକର ପ୍ରଥମ ଭାଗରେ ମହାବଗ୍‌ଗ ଗ୍ରନ୍ତ ସମ୍ପାଦାନ ହୋଇଛି ଏବଂ ତାହାର ମୁଖବନ୍ଧରେ ସେ ପାଲି କଳିଙ୍ଗର ଭାଷାବୋଲି ଯୁକ୍ତି ଦର୍ଶାଇଛନ୍ତି । ସେ କହନ୍ତି, "ଯଦି ଭାରତର କେଉଁ ଅଂଚଳରୁ ପାଲି ସିଂହଳକୁ ଯାଇଥାଏ, ତେବେ ତାହା କଳିଙ୍ଗ ବ୍ୟତୀତ ଅନ୍ୟ ଅଂଚଳ ହୋଇ ନପାରେ ।" ଓଲ୍‌ଡ୍ରେନ୍‌ବର୍ଗଙ୍କ ବଳିଷ୍ଠ ଯୁକ୍ତି ଖାରବେଳଙ୍କ ହାତୀଗୁମ୍ଫା ଅଭିଲେଖ ଉପରେ ପ୍ରତିଷ୍ଠିତ । ସେହି ଅଭିଲେଖର ଭାଷା ଶାସ୍ତ୍ରୀୟ

ପାଲିର ଅତି ନିକଟବର୍ତ୍ତୀ । ସେ କହନ୍ତି ଏହି ଅଭିଲେଖ କଳିଙ୍ଗର ଜନସାଧାରଣଙ୍କ ଭାଷାରେ ଲେଖାହୋଇଛି । ଓଲ୍‌ଡ଼େନ୍‌ବର୍ଗଙ୍କ ମତ ପ୍ରକାଶ ପାଇବା ପରେ ବୌଧ ପଣ୍ଡିତ କୀର୍ଣ୍ଣ (H. Kern) ପାଲିକୁ କଳିଙ୍ଗ ଓ ଆନ୍ଧ୍ର ଅଂଚଳର ଭାଷାରୂପେ ଘୋଷଣା କଲେ । ଉଲ୍‌ନର୍ (Woolener) କହିଲେ- "ପାଲି ମଗଧର ଭାଷାନୁହେଁ, ତାହା ଉଜ୍ଜୟିନୀ ନହେଲେ କଳିଙ୍ଗ ଅଂଚଳର ଭାଷାବୋଲି ବିଚାର ଚାଲିଛି, ମୋ ମତରେ ତାହା କଳିଙ୍ଗର ଭାଷା" । ଭଣ୍ଡାର୍‌କର୍ ତାଙ୍କର କାର୍‌ବାଇକେଲ୍ ଭାଷଣରେ ପ୍ରକାଶ କଲେ - "ପାଲି କଳିଙ୍ଗର ଭାଷା ସତ, ମାତ୍ର ମହାରାଷ୍ଟ୍ର ଅଂଚଳରେ ମଧ ତାହାର ପ୍ରଚଳନ ଥିଲା ।

ଉପରୋକ୍ତ ଆଲୋଚନାରୁ ଏହା ସ୍ପଷ୍ଟରୂପେ ପ୍ରତିପାଦିତ ହୁଏ ଯେ, ଶାସ୍ତ୍ରୀୟ ପାଲି ଭାଷାର ଗଠନରେ କଳିଙ୍ଗର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ଅସାମାନ୍ୟ ପଣ୍ଡିତ ବେଣିମାଧବ ବଡ଼ୁଆ ଓଲ୍‌ଡ଼େନ୍‌ବର୍ଗଙ୍କ ଯୁକ୍ତିକୁ ସମର୍ଥନ କଲେ ମଧ କଳିଙ୍ଗକୁ ପାଲିଭାଷାର ଭୂମିରୂପେ ସ୍ୱୀକାର କରନ୍ତିନାହିଁ । ସେ ଖଣ୍ଡଗିରି-ଉଦୟଗିରିଠାରେ ଥିବା ଅଭିଲେଖର ଭାଷାକୁ ପାଲି ଭାଷା ବୋଲି ମାନିବାକୁ ପ୍ରସ୍ତୁତ, ମାତ୍ର ତାହାକୁ କଳିଙ୍ଗର ଲୋକଙ୍କ ଭାଷାରୂପେ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁନ୍ତି । ତାଙ୍କ ମତରେ କଳିଙ୍ଗର ଲୋକେ ଅସଭ୍ୟ ଓ ଅଶିକ୍ଷିତ ଥିଲେ ଏବଂ ସେଭଳି ଏକ ଅନୁନ୍ନତ ଅଂଚଳରେ ପାଲିଭାଷାର ପ୍ରଚଳନ ଆଦୌ ସମ୍ଭବନୁହେଁ । ସେ କହନ୍ତି ଯେ, କଳିଙ୍ଗର କୌଣସି ବ୍ୟକ୍ତି ହାତୀଗୁମ୍ଫା ଅଭିଲେଖ ଲେଖି ନାହାନ୍ତି । କଳିଙ୍ଗରେ ଲେଖକଟିଏ ନପାଇ ଖାରବେଳ ଗୁଜରାଟ୍ ଅଂଚଳରୁ ଜଣେ ଜୈନ ସନ୍ୟାସୀଙ୍କୁ ତାହା ଲେଖିବା ପାଇଁ ଅଣାଇଥିଲେ । ସେ ପ୍ରାଚୀନ କଳିଙ୍ଗ ଓ ଉତ୍କଳର ଲୋକେ ଅଶିକ୍ଷିତ ଥିବାର 'ମଝିମ ନିକାୟ' ଗ୍ରନ୍ଥର ଏକ ଉଧୃତି ପ୍ରଦାନ ପୂର୍ବକ ପ୍ରମାଣ କରିବାର ବସ୍‌ସ (ବସ୍ର) ଓ ଭଞ୍ଜ (ଭଞ୍ଜା) ଏ ଦୁଇ ଜାତିର ଲୋକେ ନତ୍ଥିକବାଦୀ ଓ ଅକିରିଆବାଦୀ ହୋଇଥିବାରୁ ପ୍ରଥମେ ବୁଧଙ୍କ ପ୍ରଚାରିତ ଧର୍ମ ଗ୍ରହଣ କରିନଥିଲେ । ବଡ଼ୁଆ ମହାଶୟ, "ଉକ୍‌କଲ ବସ୍‌ସ ଭଞ୍ଜ"ର ପ୍ରଥମ ଦୁଇଟି ଶବ୍ଦକୁ ଉତ୍କଳବର୍ଷ ଏବଂ ତୃତୀୟ ଶବ୍ଦ "ଭଞ୍ଜ"କୁ ଅସଭ୍ୟ ଭାଷା ରୂପେ ଟାଣି ଓଟାରି ଅର୍ଥାନ୍ତ କରିଛନ୍ତି । ଖ୍ରୀଷ୍ଟୀୟ ପମ ଶତକରେ ବିଖ୍ୟାତ ବୌଧ ପଣ୍ଡିତ ବୁଧଘୋଷ ତାଙ୍କର "ମନୋରଥ ପୁରାଣି" ଗ୍ରନ୍ଥରେ ଉପରୋକ୍ତ "ଉକ୍‌କଲ

ବସ୍‌ସ (ବସ୍ତ୍ର) ଏବଂ ଭଞ୍ଜ (ଭଞ୍ଜୀ) ର ନାମକୁ ବୁଝାଉଥିବାର ଦର୍ଶାଇଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, "ଅଙ୍ଗୁତ୍ତର ନିକାୟ"ର ମଧ ଉପରୋକ୍ତ ବର୍ଣ୍ଣନା ରହିଛି । ବର୍ତମାନ ପ୍ରଶ୍ନହୁଏ ବଡୁଆଙ୍କ ଭଳି ଜଣେ ପଣ୍ଡିତ କିପରି ବୁଧଘୋଷଙ୍କ ଉପରୋକ୍ତ ଟୀକାକୁ ଦେଖିପାରିଲେ ନାହିଁ ? ବଡୁଆ ମହାଶୟ କରିଥିବା କଦର୍ଥ କେବେହେଲେ ଗ୍ରହଣ ଯୋଗ୍ୟ ହେବନାହିଁ, ମାତ୍ର ତାହା ଯେ ଏକ ହାସ୍ୟାସ୍ପଦ ପ୍ରଚେଷ୍ଟା ଏବଂ ଆଂଚଳିକ ଦୋଷଦୁଷ୍ଟଭରା ଏହା ନିଶ୍ଚିତଭାବେ କୁହାଯାଇ ପାରିବ ।

ଲିପିବିଦ୍ ଜୟସ୍ୱାଲ୍ ଏବଂ ବେନର୍ଜି ମଧ ମୁକ୍ତ କଣ୍ଠରେ ହାତୀଗୁମ୍ଫା ଶିଳାଲେଖର ଭାଷାକୁ ଏକ ଉନ୍ନତ ଭାଷାରୂପେ ଗ୍ରହଣ କରି ଏହା ଶାସ୍ତ୍ରୀୟ ପାଲିଭାଷାର ନିକଟବର୍ତ୍ତୀ ହୋଇଥିବାର ମତ ପ୍ରଦାନ କରି ଅଶୋକ କାଳୀନ ମାଗଧୀ ପ୍ରାକୃତ୍‌ଠାରୁ ଏହାର ସ୍ୱାତନ୍ତ୍ର୍ୟକୁ ସ୍ପଷ୍ଟରୂପେ ପ୍ରତିପାଦନ କରିଛନ୍ତି ମାତ୍ର ଏମାନେ ମଧ ବଡୁଆଙ୍କ ସଦୃଶ ହାତୀଗୁମ୍ଫା ଅଭିଲେଖର ଭାଷାକୁ କଳିଙ୍ଗର ଭାଷା ରୂପେ ଗ୍ରହଣ କରିନାହାନ୍ତି । ଏମାନେ କହନ୍ତିଯେ, ଖାରବେଳ ଗୁଜୁରାଟ୍ କିମ୍ବା ମହାରାଷ୍ଟ୍ର ଅଂଚଳରୁ ଜଣେ ଜୈନ ସାଧୁଙ୍କୁ ହାତୀଗୁମ୍ଫା ଅଭିଲେଖ ରଚନା କରିବା ସକାଶେ ଅଣାଇଥିଲେ । ବିଦ୍ୱାନ୍ ଦ୍ୱୟ ଏଥିପାଇଁ ହାତୀଗୁମ୍ଫା ଶିଳାନ୍ତେ ପଂକ୍ତି ନଂ. ୧୬ର ଏକ ପାଠକୁ ଗ୍ରହଣ କରିଥିଲେ, ଯାହାକି ପରବର୍ତ୍ତୀ କାଳରେ ସଂପୂର୍ଣ୍ଣ ଭୁଲ୍‌ବୋଲି ପ୍ରମାଣିତ ହେଲା ।

ହାତୀଗୁମ୍ଫା ଅଭିଲେଖର ଭାଷାକୁ ଗୁଜୁରାତ୍‌ର ତତ୍କାଳୀନ ଭାଷାରୂପେ ପ୍ରମାଣ କରାଯାଇନପାରେ । ଗୁଜ୍‌ରାତ୍ ପୈଶାଚୀ ପ୍ରାକୃତ୍ ଭାଷା ପ୍ରଚଳିତ ଅଂଚଳ ହୋଇଥିବା ବେଳେ କଳିଙ୍ଗ ଥିଲା ଓଡ୍ର ପ୍ରାକୃତର ଭୂମି । ଭରତଙ୍କ ନାଟ୍ୟ ଶାସ୍ତ୍ରରେ (ଖ୍ରୀ. ୧ମ-୨ୟ ଶତାବ୍ଦୀରେ) ଏହି ଓଡ୍ରପ୍ରାକୃତ୍ ଓଡ୍ର ବିଭାଷା ନାମରେ ନାମିତ ହୋଇଛି । ପ୍ରାଚୀନ ସଂସ୍କୃତିର ଆଲୋଚନା କ୍ଷେତ୍ରରେ ଭରତ ଏକ ନୂତନ ଦୃଷ୍ଟିକୋଣ ପ୍ରଦାନ କରିଛନ୍ତି । ସୁତରାଂ ତାଙ୍କର ଅଭିମତ ଏଠାରେ ପ୍ରଣିଧାନ ଯୋଗ୍ୟ । ତାଙ୍କ ପ୍ରଣୀତ ନାଟ୍ୟଶାସ୍ତ୍ରରେ ଭାରତ ଚାରିଗୋଟି ସାଂସ୍କୃତିକ ଅଂଚଳରେ ବିଭକ୍ତ, ଆବନ୍ତି, ଦାକ୍ଷିଣାତ୍ୟ, ଓଡ୍ରମାଗଧୀ ଓ ପାଂଚାଳୀ :

"ଚତୁର୍ବିଧା ପ୍ରବୃତ୍ତିଶ୍ଚ ପ୍ରୋକ୍ତାନାଟ୍ୟ ପ୍ରୟୋକ୍ତିଭିଃ ।
ଆବନ୍ତୀ ଦାକ୍ଷିଣାତ୍ୟ ଚ ପାଂଚାଳୀ ଚୋଡ୍ରମାଗଧୀ ।"

(୧୩-୧୬୦)

ସେହି ଗ୍ରନ୍ଥର ଅନ୍ୟତ୍ର ସେ ଚାରିଗୋଟି ସ୍ଥାନରେ ୫ଗୋଟି ସାଂସ୍କୃତି ଅଂଚଳ ପ୍ରର୍ଦନ କରିଛନ୍ତି :

"ଆବନ୍ତୀ ଦାକ୍ଷିଣାତ୍ୟା ଚ ତଥା ଚୈବୋଡ୍ରମାଗଧୀ ।
ଫାଳୀ ମଧମାଚେତି ବିଜ୍ଞେୟାସ୍ତୁ ପ୍ରବୃତ୍ୟଃ ।।"

(୬-୨୬)

ଭରତ 'ପ୍ରବୃତି'କୁ ବ୍ୟାଖ୍ୟା କରି କହନ୍ତି :

"ନାନା ଦେଶ ବେଶ ଭାଷାଚାର ବାର୍ତ୍ତାଃ" ।

ଅର୍ଥାତ୍ ବିଭିନ୍ନ ଅଂଚଳର ବେଶଭୂଷା, ଭାଷା, ଆଚାର ବ୍ୟବହାର ଆଦିକୁ ସମ୍ମିଳିତ ଭାବେ ପ୍ରବୃତ୍ କୁହାଯାଏ । ଉପରୋକ୍ତ ଉଧୃତିରେ ଆବନ୍ତୀ ପଶ୍ଚିମ ଭାରତୀୟ ସଂସ୍କୃତିକୁ, ଦାକ୍ଷିଣାତ୍ୟା ଦକ୍ଷିଣରେ ଦ୍ରାବିଡ଼ ସଂସ୍କୃତିକୁ, ମଧମା ମଧ ଭାରତୀୟ ସଂସ୍କୃତିକୁ, ଫାଳୀ ଉତ୍ତର ଭାରତୀୟ ସଂସ୍କୃତିକୁ ଏବଂ ଓଡ୍ର ମାଗଧୀ ପୂର୍ବ ଭାରତୀୟ ସଂସ୍କୃତିକୁ ବୁଝାଇଥାଏ । ଉପରୋକ୍ତ ଓଡ୍ର ମାଗଧୀ ସଂସ୍କୃତିର ପରିସୀମାକୁ ଭରତ ସୁଦୂର ବିସ୍ତାରୀ ରୂପେ ବର୍ଣ୍ଣନା କରିଥିବାର ଉତ୍ତରରେ ନେପାଳଠାରୁ ଦକ୍ଷିଣରେ କଳିଙ୍ଗ ପର୍ଯ୍ୟନ୍ତ ଏବଂ ପୂର୍ବରେ ବ୍ରହ୍ମଦେଶଠାରୁ ପଶ୍ଚିମରେ ବତ୍ସରାଜ ପର୍ଯ୍ୟନ୍ତ ନିରୂପଣ କରାଯାଇଛି ।

ତେବେ ବର୍ତ୍ତମାନ ପ୍ରଶ୍ନ ହୁଏ- "ଓଡ୍ର ପ୍ରାକୃତ ଭଳି ଏକ ଉନ୍ନତ ଭାଷାକୁ ଭରତ 'ଓଡ୍ର ବିଭାଷା' ରୂପେ କାହିଁକି ଅଭିହିତ କଲେ ? ଏହି ପ୍ରସଙ୍ଗରେ କୁହାଯାଇପାରେ ଯେ, ଭରତ ଦ୍ରାମିଳ ଦ୍ରାବିଡ଼ ଭାଷାକୁ ମଧ ବିଭାଷା ଆଖ୍ୟା ପ୍ରଦାନ କରୁଛନ୍ତି,ଯଦିଓ ଉକ୍ତ ଭାଷା ଅତି ଉନ୍ନତ ଓ ପ୍ରାଚୀନ ଏଣୁ ଏଠାରେ 'ବିଭାଷା' କୁ ଅନୁନ୍ନତ ଭାଷା ଭାବରେ ଗ୍ରହଣ କରାଯାଇନପାରେ । କାରଣ ଯେଉଁ ସବୁ ଅଂଚଳ ଆର୍ଯ୍ୟ ଅଧ୍ୟୁଷିତ ନୁହେଁ ସେହିସବୁ ଅଂଚଳର ଭାଷା ନାଟ୍ୟଶାସ୍ତ୍ରରେ ବିଭାଷାରୂପେ ବର୍ଣ୍ଣିତ । ହାତୀଗୁମ୍ଫା ଅଭିଲେଖରୁ ସେହିକାଳରେ ଲେଖ, ରୂପ, ଗଣନା, ବ୍ୟବହାର, ବିଧି, ଗାନ୍ଧର୍ବ ବେଦ ଆଦି ସର୍ବବିଦ୍ୟା ଶିକ୍ଷା କଳିଙ୍ଗରେ ପ୍ରଚଳିତ ଥିବାର ସ୍ପଷ୍ଟରୂପେ ପ୍ରମାଣିତ ହୋଇଥାଏ । ଇତି ପୂର୍ବେ ଯଥା ସ୍ଥାନରେ ଏହାର ବିବରଣ ପ୍ରଦତ୍ ହୋଇସାରିଛି । ଖାରବେଳଙ୍କ ସମସାମୟିକ ଉଦୟଗିରି-ଖଣ୍ଡଗିରି ପାହାଡର ଶିଳିଲେଖ ଏବଂ ଶିଳାଙ୍କନ ତତ୍କାଳୀନ କଳିଙ୍ଗର ସୁଉନ୍ନତ ଐତିହ୍ୟମୟ

ସାଂସ୍କୃତିକ ପରମ୍ପରାର ଶ୍ରେଷ୍ଠ ନିଦର୍ଶନ ସ୍ୱରୂପ ଆଜିମଧ ଦଣ୍ଡାୟମାନ । ଏହି ପରିପ୍ରେକ୍ଷୀରେ ଖାରବେଳକାଳୀନ କଳିଙ୍ଗକୁ ଅସଭ୍ୟ ଓ ଅଶିକ୍ଷିତ ରାଜ୍ୟରୂପେ ପ୍ରତିପାଦନ କରିବା ଅର୍ଥ ଇତିହାସକୁ ବିଭ୍ରାନ୍ତ କରିବା । ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖର ଉନ୍ନତ ଭାଷା ହେଉଛି କଳିଙ୍ଗର ନିଜସ୍ୱ ଭାଷା ଏବଂ ତାହା କଳିଙ୍ଗ ସନ୍ତାନ ଦ୍ୱାରା ଯେ ଲିଖିତ, ଏହାକୁ ଖଣ୍ଡନ କରିବା ପାଇଁ କୌଣସି ଐତିହାସିକ ଯୁକ୍ତି ଉପସ୍ଥାପିତ କରାଯାଇନପାରେ ।

ହାତୀଗୁମ୍ଫା ଅଭିଲେଖରେ ବ୍ୟବହୃତ ବହୁ ବିଶେଷତ୍ୱ ପରିଲକ୍ଷିତ ହୋଇଥାଏ । ବିଦ୍ୱାନମାନେ ଏଥିରେ ଅନ୍ତର୍ନିହିତ କାବ୍ୟିକ ଏବଂ ପ୍ରଭାବଶାଳୀ ଗଦ୍ୟଶୈଳୀ ଯୋଗୁଁ ସମଗ୍ର ଭାରତ ବର୍ଷର ପ୍ରାଚୀନ ଅଭିଲେଖ ଗୁଡ଼ିକ ମଧରେ ଏହାକୁ ବିଶିଷ୍ଟ ସ୍ଥାନ ପ୍ରଦାନ କରିଛନ୍ତି । ନିମ୍ନରେ ଖାରବେଳଙ୍କ ଅଭିଲେକରେ ବ୍ୟବହୃତ କେତେକ ପ୍ରାକୃତ ଶବ୍ଦ ଏବଂ ତହିଁରୁ ସଂସ୍କୃତ ରୂପାନ୍ତର ପାଠକ ମାନଙ୍କ ଅବଗତି ନିମନ୍ତେ ପ୍ରଦାନ କରାଗଲା ।

| ପ୍ରାକୃତ | ସଂସ୍କୃତ ରୂପାନ୍ତର |
|---|---|
| ବହସତିମିତ | ବୃହସ୍ପତିମିତ୍ର |
| ରାଜଗହଂ | ରାଜଗୃହଂ |
| ଇସିନଂ | ଋଷିନଂ |
| କପରୁଖ | କଳ୍ପବୃକ୍ଷ |
| ରଥିକ | ରାଷ୍ଟ୍ରିକ |
| ସିରି | ଶ୍ରୀ |
| ଦୁତିୟେ | ତୃତୀୟେ |
| ବେଡୁରିୟ | ବୈଦୁର୍ଯ୍ୟ |
| ଯୋବରାଂଜ | ଯୌବରାଜ୍ୟଂ |
| ମୁରିୟ | ମୌର୍ଯ୍ୟ |
| ତୁରିୟ | ତୌର୍ଯ୍ୟ |
| ବସେ | ବର୍ଷେ |
| ଉବାସଗ | ଉପାସକ |
| ବିଜାଧର | ବିଦ୍ୟାଧର |
| ସବବିଜା | ସର୍ବବିଦ୍ୟା |

| | |
|---|---|
| ପଟିପାଦୟି | ପ୍ରତିପାଦୟିତ |
| ଗୋରଧଗିରି | ଗୋଥଗିରି |
| ରଥ | ରଥ |
| ଉତ୍‌ରାପଧ | ଉତରାପଥ |
| ହଥି | ହସ୍ତୀ |
| ସାତକନି | ସାତକର୍ଣ୍ଣୀ |
| ସେସୟା | ଶୈଶବ |

ହାତୀଗୁମ୍ଫା ଅଭିଲେଖରେ 'ର' କାର, 'ର' କାର ଏବଂ 'ରେଫ୍' ର ବ୍ୟବହାର ଆଦୌ ହୋଇନାହିଁ । ସମସ୍ତ ସ୍ଥାନରେ କେବଳ ଦନ୍ତ୍ୟ 'ସ' ହିଁ ବ୍ୟବହୃତ । ମାତ୍ର ଅଶୋକଙ୍କ ଅଭିଲେଖୀ ଗୁଡ଼ିକରେ ଶ, ଷ ଏବଂ ସ ର ବ୍ୟହାର ପରିଦୃଷ୍ଟ ହୋଇଥାଏ । (ସ ହିଁ ସମସ୍ତ ଅଶୋକଙ୍କ ଅଭିଲେଖରେ ବ୍ୟବହୃତ) । ଯଦିଓ ଣ ଏବଂ ନ ଉଭୟ ଅକ୍ଷର ହାତୀଗୁମ୍ଫା ଅଭିଲେଖରେ ବ୍ୟବହୃତ, ତେବେବି ଣ ସ୍ଥାନରେ ଅନେକତ୍ର ନ କୁ ବ୍ୟବହାର କରାଯାଇଛି । ଅନେକତ୍ର ଧ ଅକ୍ଷରଟି ଥ ର ମଧ ଉଲ୍ଲେଖ ରହିଛି । ସାବଲୀଳ ଉଚ୍ଚାଣ ନିମିତ୍ ଯୁକ୍ତ ବ୍ୟଞ୍ଜନ ବର୍ଣ୍ଣକୁ ପ୍ରାୟ ପରିହାର କରାଯାଇଛି । ସମଗ୍ର ଅଭିଲେଖରେ କେବଳ କନ୍‌ହ ,ବଂ ବାମ୍‌ହଣ ଦୁଇଟିମାତ୍ର ଶବ୍ଦ ବ୍ୟବହୃତ, ଯହିଁରେ 'ହ' କୁ 'ନ' ଏବଂ 'ମ' ସହ ସଂଯୁକ୍ତ କରାଯାଇଛି । ଅନୁସ୍ୱାରର ବହୁଳ ପ୍ରୟୋଗ ହୋଇଥିବା ସ୍ଥଳେ କୌଣସି ସ୍ଥାନରେ ମଧ ବିସର୍ଗର ବ୍ୟହାର ପରିଦୃଷ୍ଟ ହୁଏନାହିଁ । ଉଲ୍ଲେଖଯୋଗ୍ୟ ଯେ, ହାତୀଗୁମ୍ଫା ଅଭିଲେଖର ଅନେକ ଶବ୍ଦ ଅଦ୍ୟାବଧି ଓଡ଼ିଆ ଭାଷାରେ ପ୍ରଚଳିତ ।

ହାତୀଗୁମ୍ଫା ଅଭିଲେଖ କେବଳ ତାର ଭାଷା ଏବଂ ସାହିତ୍ୟକ ମୂଲ୍ୟବୋଧ ଯୋଗୁଁ ଭାରତବର୍ଷରେ ପ୍ରାଧାନ୍ୟଲାଭ କରିନାହିଁ, ଏଥିରେ ଖାରବେଳଙ୍କ ରାଜତ୍ୱର ପ୍ରଥମରୁ ତ୍ରୟୋଦଶ ବର୍ଷ ପର୍ଯ୍ୟନ୍ତ ବର୍ଷାନୁବର୍ଷ ଧାରାବିବରଣୀ ସହ ସେହିକାଳରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ବ୍ୟୟିତ ମୁଦ୍ରାର ପରିଣାମ ମଧ ଦର୍ଶାଇଛନ୍ତି, ଯାହାକି ଭାରତବର୍ଷର ଅନ୍ୟ କୌଣସି ସମସାମୟିକ ଅଭିଲେଖର ଦୁଷ୍ପ୍ରାପ୍ୟ ।

***